ମୁକ୍ତା

ଷ୍ଟାଇନ୍‌ବେକ୍
ନୋବେଲ ପୁରସ୍କାର ପ୍ରାପ୍ତ

Digitized by srujanika@gmail.com

ମୁକ୍ତା

ନୋବେଲ ପୁରସ୍କାରପ୍ରାପ୍ତ

ଜନ୍ ଷ୍ଟାଇନ୍‌ବେକ୍

Digitized by srujanika@gmail.com

THE PEARL

by

JOHN STEINBECK

Copyright 1945 by John Steinbeck

(United States of America)

Original Publisher :

THE VIKING PRESS, INC.

ଓଡ଼ିଆ ଭାଷା ସଂସ୍କରଣ ପ୍ରକାଶନ ସମସ୍ତ
ଜାନୁୟାରୀ, ୧୯୬୫

ଅନୁବାଦ କରିଛନ୍ତି :

ଲାଲ୍ ନଗେନ୍ଦ୍ରକୁମାର ରାୟ

ଛାପିଛନ୍ତି :

ନବଜୀବନ ପ୍ରେସ୍,
ଚାନ୍ଦିନୀଚୌକ, କଟକ-୨

ଓଡ଼ିଆ ଭାଷା ସଂସ୍କରଣ ପ୍ରକାଶ କରିଛନ୍ତି

କଟକ ଟ୍ରେଡ଼ିଂ କମ୍ପାନୀ
ବାଲୁବଜାର, କଟକ -୨

ମୂଲ୍ୟ—ବନ୍ଧାଇ ସହ: ୪୨.୫୦

Digitized by srujanika@gmail.com

ମୁକ୍ତା

ଭୋର୍ ହୋଇ ନ ଥାଏ । ଘୋର ଅନ୍ଧାର ଚାରିଆଡ଼େ । ଆକାଶରେ କେତୋଟି ତାରା ଦପ୍ ଦପ୍ କରୁଥିଲେ । ପୂର୍ବ ଦିଗ୍‌ବଳୟରେ ଈଷତ୍ ମ୍ଳାନ ରକ୍ତିମାଭ ଉଷାର ସୂଚନା ଦେଉଥାଏ । ଏତିକିବେଳେ କନୋର ନିଦ ଭାଙ୍ଗି ଗଲା । କିଛିକ୍ଷଣ ହେଲା କୁକୁଡ଼ା ଡାକ ଶୁଣାଯାଉଥିଲା । ଘୁଷୁରି ଛୁଆ-ଗୁଡ଼ାକ ଇତିମଧ୍ୟରେ ବୁଦା ମୂଳ ଖୋଳି ତାଙ୍କ ଖାଦ୍ୟ ଅନ୍ୱେଷଣ କରିବାକୁ ଲାଗିଗଲେଣି । ବଣବୁଦା ଭିତରେ ବାଡ଼ଘେରା ଝାଟିମାଟି କୁଡ଼ିଆ ଖଣ୍ଡିଏ । ତାହାର ବାହାର ପଟେ ନାନା ପ୍ରକାରର ଛୋଟଛୋଟ ଚଢ଼େଇ ଚେଁ ଚୁଁ କରି ଏପଟୁ ସେପଟ ଉଡ଼ି ଡେଣା ପଟପଟ୍ କରୁଥିଲେ ।

କନୋ ଆଖି ଫିଟେଇ ପ୍ରଥମେ ଆଲୁଅ ଆସୁଥିବା ଚାରିକୋଣିଆ ଦୁଆରକୁ ଚାହିଁଲା । ତା'ପରେ ଅନାଇଲା ଝୁଲାକୁ । ଝୁଲାରେ ଶୋଇଥାଏ ତା' ପୁଅ କପ୍ଲୋଟିଟେ । ଶେଷକୁ ସେ ନିଜ ସ୍ତ୍ରୀ ଜୁଆନା ଆଡ଼କୁ ମୁହଁ ଫେରାଇଲା । ଜୁଆନା ତା'ପାଖରେ ହେଁସ ଉପରେ ମୁଣ୍ଡର ନୀଳରଙ୍ଗର ଓଢ଼ଣା ଶାଲ ଖଣ୍ଡିକ ଦ୍ୱାରା ଛାତି, ପିଠି ଓ ନାକଯାଏ ଘୋଡ଼ି ହୋଇ ଚେଇଁ ଶୋଇଥିଲା । ନିଜ ନିଦ ଭାଙ୍ଗିଲା ପରେ ସ୍ତ୍ରୀକୁ ଶୋଇ ରହିବାର କେବେ ଦେଖିଛି ବୋଲି କନୋର କେବେ ହେଲେ ମନେ ପଡ଼ୁନଥିଲା । ସ୍ତ୍ରୀର ଆଖି ଦୁଇଟି ଛୋଟ ଛୋଟ ତାରା ପରି ଜକଜକ ଦିଶୁଥିଲା । ନିଦ ଭାଙ୍ଗିଲେ ପ୍ରଥମେ ସ୍ୱାମୀକୁ ଅନାଇବା ହେଉଛି ଜୁଆନାର ସଦାଦିନିଆ ଅଭ୍ୟାସ । ଆଜି ବି ତାର ବ୍ୟତିକ୍ରମ ହୋଇ ନାହିଁ ।

ଉପଳମୟ ବେଳାଭୂମିରେ ପ୍ରଶାନ୍ତ ଢେଉ ଭାଙ୍ଗି ପଡ଼ୁଥିବା ଶବ୍ଦ କନୋ ଶୁଣୁଥାଏ । ଏହି ଶବ୍ଦ କନୋକୁ ଖୁବ୍ ଭଲ ଲାଗେ । ଆଖି ବୁଜି ସେ ଢେଉ ଭାଙ୍ଗିବା ଶବ୍ଦରୁ ଏକ ପ୍ରକାର ସଂଗୀତ ଶୁଣିପାରେ । ହୁଏତ କନୋର ଜାତିଭାଇ ସମସ୍ତେ ଏପରି ସଂଗୀତ ଶୁଣିଥାଆନ୍ତି, କନୋର ପୂର୍ବ ପୁରୁଷଙ୍କ

Digitized by srujanika@gmail.com

ଭିତରୁ ଅନେକେ ବଡ଼ ବଡ଼ ଗୀତ ରଚକ ଥିଲେ । ଯାହା ଦେଖୁଥିଲେ, ଶୁଣୁଥିଲେ କିମ୍ବା ଭାବୁଥିଲେ, ସେହି ବିଷୟରେ ସେମାନେ ସଙ୍ଗୀତ ରଚନା କରୁଥିଲେ ।

ଏହା ଅବଶ୍ୟ ବହୁ ପୂର୍ବକାଳର କଥା । ସେମାନେ କେହି ନାହାନ୍ତି; କିନ୍ତୁ ଗୀତଗୁଡ଼ିକ ରହିଛି । ସେଥିମଧ୍ୟରୁ କିନୋ ଅନେକଗୁଡ଼ିଏ ଜାଣେ । ଇଦାନୀଂ ଆଉ କେହି ନୂଆ ଗୀତ ରଚନା କରୁନାହାନ୍ତି । ଯଦି ଅବା କେହି ରଚନା କରୁଥିବେ, ତାହା ତାଙ୍କର ଏକାନ୍ତ ନିଜସ୍ୱ । ସମାଜରେ ତାହା ଅଚଳ । ତେଉ ଭଙ୍ଗା ଶବ୍ଦ ଶୁଣୁ ଶୁଣୁ କିନୋ ମୁଣ୍ଡରେ ଗୋଟିଏ ଗୀତ ଖେଳିଗଲା । ଗୀତର ପ୍ରତ୍ୟେକ କଳି ଯେପରି ସ୍ୱଚ୍ଛ ସେପରି କୋମଳ । ନିଜର ଭାବ ସ୍ପଷ୍ଟ ବ୍ୟକ୍ତ କରିପାରିଥିଲେ କିନୋ ଏହାର ନାମ ଦେଇଥାନ୍ତା— ମୋ ବଂଶ ଗୀତ । ସନ୍‌ସନ୍‌ଆ ପବନ ଦାଉରୁ ରକ୍ଷା ପାଇବାକୁ କିନୋ ନିଜ କମ୍ବଳ ଖଣ୍ଡି ନାକଯାଏ ଘୋଡ଼େଇ ହୋଇଥାଏ । ଟିକିଏ ଖସ୍ ଖସ୍ ଶବ୍ଦଶୁଣି କିନୋ ନିଜ ନିଜ ହାତକୁ ଗୁହାଁଇଲା । ଜୁଆନା ପ୍ରାୟ ନିଃଶବ୍ଦରେ ଉଠିବାକୁ ଚେଷ୍ଟା କରୁଥିଲା । ବିଛଣାରୁ ଉଠି ସେ ଖାଲିଗୋଡ଼ରେ କୟୋଟିଟୋର ଝୁଲା ପାଖକୁ ଗଲା । ଝୁଲା ଉପରେ ନଇଁପଡ଼ି ପୁଅକୁ ଟିକେ ଆଦରକଲା । କ୍ଷଣକ ପାଇଁ କୟୋଟିଟୋ ଆଖି ମେଲାକରି ଗୁହାଁ ପୁଣି ଶୋଇ ପଡ଼ିଲା ।

ଜୁଆନା ଚୂଲିମୁଣ୍ଡକୁ ଗଲା । କୋଇଲା କାଢ଼ିଲା । ଗ୍ରେଟ ଗ୍ରେଟ କାଠ କୁଟା କାଟି ତା ଉପରେ ସଜେଇ ଦେଲା । ପଙ୍ଖା ହଲେଇ ନିଆଁ ଜଳାଇଲା ।

ଏହାପରେ କିନୋ ବିଛଣାରୁ କମ୍ବଳ ଖଣ୍ଡି କାଢ଼ି ଦେହ ମୁଣ୍ଡ ବାନ୍ଧି ଓ ନାକଯାଏ ଘୋଡ଼େଇ ହୋଇପଡ଼ିଲା । ତାପରେ ଚପଲ ଯୋଡ଼ିକ ଗୋଡ଼ରେ ପୂରାଇ ବାହାରିଲା ପ୍ରାତଃ ଶୋଭା ଉପଭୋଗ କରିବାକୁ ।

ଦୁଆରମୁହଁରେ ସେ ପିଣ୍ଡି ମାଡ଼ିବସି କମ୍ବଳ ଖଣ୍ଡିକ ଆଣ୍ଠୁଯାଏ ଟାଣି ନେଲା । ଉପସାଗରରୁ କୁହୁଡ଼ି ସବୁ କୁଣ୍ଡାଉଡ଼ିଲା ପରି ଉପରକୁ ଉଠି ଯାଉଥାଏ କିନୋ ବସି ବସି ସେ ସବୁକୁ ତନ୍ମୟ ହୋଇ ଦେଖୁଥାଏ । ଗୋଟାଏ ଛେଳି ତା ପାଖକୁ ଆସି ନାକ ସଁ ସଁ କରି ନିଜର ହଳଦିଆ ଡୋଳା ତରଟି କିନୋ ଆଡ଼କୁ ଅନାଇ ରହିଲା ।

Digitized by srujanika@gmail.com

ପଚ୍ଛପଟେ କୁଡ଼ିଆ ଭିତରେ ଜୁଆନା ଚୁଲ୍ଲୀ ଲଗାଇ ସାରିଥାଏ। ଅଗ୍ନିଶିଖା ଝାଟିକାନ୍ଥ ଫାଙ୍କ ଦେଇରୁ ବର୍ଲ୍ଲମ ଦାଢ଼ ପରି ଲହ ଲହ ହୋଇ ବାହାରି ଆସୁଥାଏ ପଦାକୁ । ସେଇ ଆଲୁଅରେ ବାହାରପଟ ଝଲମଲ ହୋଇ ଝଟକ ଉଠୁଥାଏ। ବାହାରୁ ଗୋଟାଏ ପୋକ ଭଁ ଭଁ କରି ଭିତରେ ପଶି ଚୁଲୀ ପାଖକୁ ଉଡ଼ିଗଲା। କନୋର ସେଇ ବଂଶ ଗୀତ ଶୁଣାଗଲା ପଚ୍ଛପଟୁ। ସକାଳଖିଆ ରୁଟି ବନାଇବ ବୋଲି ଚକରେ ଗହମ ପେଷିବାକୁ ଲାଗିଲା । ବଂଶଗୀତ ସହିତ ଚକର ଘର୍ଘର ଶବ୍ଦର ସମ୍ପର୍କ ସତେ ଯେପରି ବହୁ ଦିନର। ଶଙ୍ଖ ସାଙ୍ଗକୁ ଗୀତ ଶୁଣିଲେ ମନେହୁଏ ସତେ ଯେପରି ସଂଗୀତ ମୂର୍ଚ୍ଛନା ସାଙ୍ଗକୁ ଚକର ଘର୍ଘର ଶବ୍ଦ ତାଳରେ ତାଳ ମିଶାଇ ଚାଲିଛି ।

ଦେଖୁ ଦେଖୁ ବେଳ ବଢ଼ିବାକୁ ଲାଗିଲା। ପ୍ରଥମେ ଆଲୁଅର ଝଲକ ହୋଇ ଉଠିଲା ସ୍ପଷ୍ଟରୁ ସ୍ପଷ୍ଟତର । ରକ୍ତିମାଭ କ୍ରମେ ଅପସରି ଗଲା। ତା’ପରେ ଦିଗ୍‌ବଳୟର ବୁକୁ ଚିରି ସୂର୍ଯ୍ୟ କ୍ରମେ ମୁଣ୍ଡଉପରକୁ ଆସନ୍ତେ ଗୃହାଙ୍ଗନ ରୂପେଲି ଆଲୋକରେ ହୋଇଉଠିଲା ଉଦ୍‌ଭାସିତ । ଏହି ଆଲୁଅରେ ଆଖି ଝଲସିଉଠିବା ଦେଖି କନୋ ମାଟି ଆଡ଼କୁ ଦୃଷ୍ଟି ଫେରାଇ ନେଲା। କୁଡ଼ିଆ ଭିତରେ ରୋଟି ସେକା ହେଉଥାଏ । ତହିଁର ଆବାଜ ଓ ଉଗ୍ରଗନ୍ଧ ସେଠାକୁ ବି ଭାସି ଚାଲିଥାଏ। ମାଟି ଉପରେ ନାନା ଜାତିର ପିମ୍ପୁଡ଼ି ବ୍ୟସ୍ତଭାବରେ ଚାଲିଥାନ୍ତି ଧାଡ଼ି ବାନ୍ଧି । ସେଥିଭିତରେ କେତେକ ଦେଖିବାକୁ ଜହ୍ନା ପରି କଳା, କେତେ ଚକଚକିଆ, ଧୂସରିଆ। ପୁଣି କେତେଗୁଡ଼ିଏ ଆକାରରେ କ୍ଷୁଦ୍ର ହେଲେ ବି ଚଞ୍ଚଳ ଓ ଦ୍ରୁତଗାମୀ। ଗୋଟିଏ ଶ୍ଲେଟ ପିମ୍ପୁଡ଼ି, ଜହ୍ନା ଖୋଳଥିବା ବାଲି ଖାଲରୁ ଆତ୍ମରକ୍ଷା-କରିବାପାଇଁ କିପରି ମରଣପଣ କରି ଲାଗିପଡ଼ିଛି ; କନୋ ସେଇ ଦୃଶ୍ୟକୁ ଭଗବାନଙ୍କ ପରି ନିର୍ଲିପ୍ତଭାବରେ ଦେଖୁଥାଏ । ଗୋଟାଏ ରୋଗା ଡରକୁଳା କୁକୁର ଧୀରେ ଧୀରେ କନୋ ପାଖରେ ଆସି ଠିଆ ହେଲା। କନୋଠାରୁ ପଦେ କୋମଳ ଆଶ୍ୱାସନା ପାଇ କୁକୁରଟା ତା ଗୋଡ଼ତଳେ କୁଣ୍ଡଳୀ କରି ବସିଲା। ସେ ଲାଙ୍ଗୁଡ଼ଟା ନିଜର ଗୋଡ଼ ଉପରେ ଜାକି ମୁହଁଟି ରଖିଲା କନୋର କମ୍ବଳ ମେଞ୍ଚା ଉପରେ । କୁକୁରଟାର ସର୍ବାଙ୍ଗ କଳା, କେବଳ ଭ୍ରୂ ପାଖରେ ଦୁଇଟା ହଳଦିଆ ଦାଗ।

Digitized by srujanika@gmail.com

ସବୁଜନଗରର ଆଜିର ଏହି ସକାଳ କେତେ ସାଧାରଣ, ଅଥଚ କେତେ ସୁନ୍ଦର । ଝୁଲାରୁ କପ୍ୟୋଟିଟୋକୁ ଜୁଆନା ଉଠାଇ ନେବାରୁ ଦଉଡ଼ିର କଚ୍‌ମଚ୍ ଆବାଜ କିନୋ ଶୁଣିପାରିଲା । ପିଲାଟିର ମୁହଁ ହାତ ଜୁଆନା ଧୋଇ ପରିଷ୍କାର କରିଦେଲା । ନିଜ ଶାଲ୍ ଖଣ୍ଡିକ ବେକରେ ଗୁଡ଼ାଇ ତା ଭିତରେ ପିଲାକୁ ନିଜ ସ୍ତନ ପାଖରେ ଝୁଲାଇଦେଲା । ପଛକୁ ମୁହଁ ନ ବୁଲାଇ ମଧ୍ୟ କିନୋ ଏ ସବୁ ବୁଝିନେଲା । ଜୁଆନା ଅତି ପ୍ରାଚୀନ ଗୋଟିଏ ଗୀତ ଗୁଣୁଗୁଣୁ କରି ଗାଇବାକୁ ଆରମ୍ଭ କଲା । ଗୀତଟିର ମାନେ ବୋଇଲେ କମାରୁ ତନୋଟି । ରହି ରହି ଧୀରେ ଧୀରେ ଜୁଆନା ଗୀତ ଗାଇ ଗ୍ଳୁଥାଏ । ଏହି ଗୀତରେ ମଧ୍ୟ ବଂଶ ଗୀତ ଆଂଶିକ ବିଦ୍ୟମାନ । ଥରେ ଥରେ ଜୁଆନାର କଣ୍ଠସ୍ୱର ଅଟକି ଯାଉଥାଏ ଏବଂ କୌଣସି ଗୋଟିଏ ସୂକ୍ଷ୍ମତନ୍ତ୍ରୀରେ ଉଠାଉଥାଏ ସ୍ୱରର ମୂର୍ଚ୍ଛନା । ଫଳରେ ସେ କିଆକରି ଉପଲବ୍ଧିକରେ ସଂସାରର ନିରାପତ୍ତା ଓ ଆନ୍ତରିକତାର କଥା । ଏସବୁ ମିଶିମିବାଫଳରେ ସୃଷ୍ଟି ଏ ସଂସାରର ସାମଗ୍ରିକ ରୂପର ଏକ ଅଭିନବ ପରିବେଶ ।

କଣ୍ଟାବାଡ଼ର ବାହାର ପାଖରେ ଆହୁରି ଅନେକ ଗୁଡ଼ିଏ କୁଡ଼ିଆ । ସେ ସବୁ ଗୋଷେଇଘରୁ ଧୂଆଁ ଉଠୁଥିଲା ଓ ସମସ୍ତେ ସକାଳୁଆ ଜଳଖିଆ ଖାଉଥିବାର ଆବାଜ ଶୁଭୁଥାଏ; କିନ୍ତୁ ସେଥିରୁ କିନୋର ଆସେ ବା କେତେ କି ଯାଏ ବା କେତେ ? ସେ ସବୁ ଭିନ୍ନ ଗୀତ । ସେମାନଙ୍କ ଘୁଷୁରି ପଲ ମଧ୍ୟ ଭିନ୍ନ ଏବଂ ସବୁଠୁ ବଡ଼କଥା ହେଲା ସେମାନଙ୍କର ସ୍ତ୍ରୀ ମାନେ ଜୁଆନା ପରି ନୁହନ୍ତି । କିନୋ ତରୁଣ । ତାର ମସ୍ତକର କୃଷ୍ଣଘନ କୁନ୍ତଳ ଝୁଲିର ହୋଇ ପଡ଼ୁଥାଏ ତାର ତମ୍ବାଟିଆ କପାଳ ଉପରେ । ଆଖି ଦୁଇଟି ତାର ଉଜ୍ଜ୍ୱଳ ଓ ଆନ୍ତରିକତା ପୂର୍ଣ୍ଣ । ଦୃଷ୍ଟିଭଙ୍ଗୀରୁ ହିଂସା ପ୍ରତିଫଳିତ । ପତଳା ନିଶହାଳକ ଅଯତ୍ନରକ୍ଷିତ । କିନୋ ନାକ ଉପରୁ କମ୍ବଳ ଖସାଇ ଦେଲା । ପବନରେ ସନ୍ତସନ୍ତିଆ ଗନ୍ଧ ଯାଇଥିଲା ଉଭେଇ; ସୂର୍ଯ୍ୟର ସୁନେଲୀ କିରଣ କୁଡ଼ିଆ ଉପରେ ବିଚ୍ଛୁରିତ ହୋଇ ପଡ଼ୁଥାଏ । କଣ୍ଟାବାଡ଼ ମୂଳେ ଦୁଇଟା କୁକୁଡ଼ା ମୁଣ୍ଡ ନୁଆଇଁ ବେକ ଫୁଲାଇ ଡେଣା ଫଡ଼୍‌ଫଡ଼୍ କରି ଲଢ଼ିବା ପାଇଁ ଉଦ୍ୟତ ହେଉଥିଲେ । ସେ ଲଢ଼େଇ କିନ୍ତୁ

Digitized by srujanika@gmail.com

ହେବନାହିଁ, କାରଣ ଲଢ଼ୁଆ ଜାତିର ନୁହଁନ୍ତି । କନୋ ତାଙ୍କୁ କ୍ଷଣେ କାଳ ଚାହିଁ ରହିଲା । ତା ପରେ ଝାଙ୍କେ ବନ୍ୟପାଖି ପାହାଡ଼ ଆଡ଼କୁ ଉଡ଼ଯାଉଥିବାର ଦେଖି ତାଙ୍କ ଆଡ଼କୁ ଆଖିଫେରାଇଲା । ସମସ୍ତେ ଜାଗ୍ରତ, ପୃଥିବୀ ଜାଗ୍ରତ, ସମସ୍ତଙ୍କ ନିଦ ଭାଙ୍ଗି ଯାଇଛି । କନୋ ଉଠି କୁଡ଼ିଆ ଭିତରକୁ ଗଲା ।

ସେ ଭିତରକୁ ଗଲାବେଳେ ଜୁଆନା ଜ୍ୱଳନ୍ତା ଚୁଲ୍ଲୀ ମୁଣ୍ଡରୁ ଉଠି ଠିଆ ହେଲା । କମ୍ପୋଟିଟୋକୁ ଝୁଲାରେ ଶୁଆଇ ସେ ନିଜର ବାଳ କୁଣ୍ଡେଇଲା । ଘନକୃଷ୍ଣ କେଶରେ ଦୁଇଟି ବେଣୀ ପାରି ବେଣୀଅଗରେ ଦୁଇଟି ସବୁଜ ଫିତା ବାନ୍ଧିଲା । କନୋ ଚୁଲ୍ଲୀ ପାଖରେ ବସି ପଡ଼ି ଭୁଟ୍ଟାର ଗରମରୁଟି ଖଣ୍ଡେ ମୋଡ଼ି ଚଟଣୀରେ ବୁଡ଼େଇ ଖାଇବାକୁ ଲାଗିଲା । ତା ସହିତ ପିଇଲା ଅଳ୍ପ ଶସ୍ତା ମଦ । ଏହାହିଁ ହେଲା କନୋର ସବୁଦିନର ସକାଳୁଆ ଜଳଖିଆ । ଅବଶ୍ୟ ପର୍ବ ପର୍ବାଣୀରେ ଏଥିର କିଛି ବ୍ୟତିକ୍ରମ ଘଟିଥାଏ । ଥରେ ଭିନ୍ନ ପ୍ରକାର ଖାଦ୍ୟଖାଇ ସେ ମରଣଦଶା ଭୋଗିଥିଲା । କନୋ ଖାଇ-ସାରିଲା ପରେ ଜୁଆନା ଚୁଲ୍ଲୀ ପାଖକୁ ଆସି ଜଳଖିଆ ଖାଇଲା । ପରେ ସାମାନ୍ୟ ଟିକିଏ କଥାଭାଷା ନିଜ ନିଜ ମଧ୍ୟରେ ହେଲେ । ଅଭ୍ୟାସ ହୋଇଗଲେ ବେଶୀକଥା କହିବାର ଦରକାର ପଡ଼େ ନାହିଁ । କନୋ ହାଇ ମାଇଲା— ତା ମୁଖମଣ୍ଡଳ ପ୍ରଛନ୍ନତାରେ ପରିପୂର୍ଣ୍ଣ । ଏହାହିଁ ହେଲା ସେମାନଙ୍କର କଥାବାର୍ତ୍ତା ।

ଝାଟି ମାଟି କାନ୍ଥ ଫାଙ୍କରୁ ତିର୍ଯ୍ୟକ୍ ଭାବରେ ସୂର୍ଯ୍ୟକିରଣ ଘର ଭିତରେ ପଡ଼ିବାରୁ କୁଟୀର ଭିତର ବେଶ୍ ଗରମ ହୋଇଯାଇଥାଏ । ଆଲୋକର ଗୋଟିଏ ଛଟା କମ୍ପୋଟିଟୋର ଝୁଲା ଓ ଦଉଡ଼ି ଉପରେ ପଡ଼ିଥାଏ । ଝୁଲା ଭିତରେ ସାମାନ୍ୟ ହଲଚଲ ଶବ୍ଦ ହେବାରୁ ଦୁହେଁ ଝୁଲାକୁ ଅନାଇଲେ । କାହାରି ହାତ ଗୋଡ଼ ଚଳିଲା ନାହିଁ । କାରଣ ଘର ଶେଣୀର ଯେଉଁ ଦଉଡ଼ିରେ ଝୁଲା ବନ୍ଧା ହୋଇଥିଲା, ସେହି ଦଉଡ଼ି ଦେଇ ଗୋଟିଏ କଙ୍କଡ଼ା ବିଛା ଧୀରେ ଧୀରେ ତଳକୁ ଆସୁଥିଲା । ବିଛାଟାର ନାହୁଡ଼ି ସିଧା ରହିଥାଏ ସତ, ମାତ୍ର ବଙ୍କେଇବା ତା'ପକ୍ଷରେ ଅତି ସହଜ ।

Digitized by srujanika@gmail.com

କନୋର ନାକପୁଡ଼ା ବାଟେ ସଁ ସଁ ହୋଇ ନିଃଶ୍ୱାସ ବାହାରିଲା । ସେ ଶେଷକୁ ମୁହଁବାଟେ ନିଃଶ୍ୱାସ ନେଲା । କ୍ଷଣକ ପରେ ଭୟ କମିଲା ଏବଂ ଶରୀରର ଜଡ଼ତା ମଧ୍ୟ କଟିଗଲା । ତା ମନରେ ଜାଗ୍ରତ ହେଲା ଗୋଟିଏ ନୂତନ ସଂଗୀତ । ସେ ସଂଗୀତ, ଶୟତାନର ସଂଗୀତ; ଶତ୍ରୁର ସ୍ୱର । ପରିବାରର ଯେ କୌଣସି ଶତ୍ରୁଙ୍କୁ ଧ୍ୱଂସ ଓ ଭୟଙ୍କର ଭାବରେ ନିପାତକରିବା ପାଇଁ ଏହା ଏକ ଗୁପ୍ତ ମାରଣ ମନ୍ତ୍ର । ପରିବାରର ବଂଶଗୀତ ତା ତଳେ ଚାପା ପଡ଼ିଗଲା ମନର ଗଭୀରତା ଭିତରେ— ଅତଳ ତଳେ ।

କଙ୍କଡ଼ାବିଚ୍ଛୁ କ୍ରମଶଃ ଦଉଡ଼ି ଦେଇ ଧୀରେ ଧୀରେ ଝୁଲା ଆଡ଼କୁ ଓହ୍ଲାଇବାକୁ ଲାଗିଲା । ଜୁଆନା ଚାପା ନିଃଶ୍ୱାସ ଛାଡ଼ି ଧୀରେ ଧୀରେ ବହୁକାଳିଆ ଗାରେଡ଼ିମନ୍ତ୍ର ଗୁଣୁ ଗୁଣୁ କରି ଉଚ୍ଚାରଣ କରିବାକୁ ଲାଗିଲା । ସେ ମନ୍ତ୍ର ଏପରି ଶତ୍ରୁ କବଳରୁ, ଶୟତାନ ହାତରୁ ପରିବାରକୁ ରକ୍ଷା କରିଥାଏ । ଦାନ୍ତ ଚିପି ସେ ଥରେ ପବିତ୍ର ମେରିମା'ଙ୍କ ନାମ ମଧ୍ୟ ଉଚ୍ଚାରଣ କଲା । କନୋ ମଧ୍ୟ ଚୁପ୍‌କରି ରହିଥାଏ । ସେ ନିଃଶବ୍ଦରେ ଧୀରେ ଧୀରେ ଝୁଲ ପାଖରେ ଆସି ଠିଆ ହେଲା । ତାର ଦୁଇ ଆଖି କଙ୍କଡ଼ାବିଚ୍ଛୁ ଉପରେ ଲାଖିରହିଥାଏ । ହସ୍ତଦ୍ୱୟ ସମ୍ମୁଖକୁ ପ୍ରସାରିତ । ଝୁଲ ଭିତରେ ଥାଇ କୟୋଟିଟୋ କଙ୍କଡ଼ା ବିଚ୍ଛୁକୁ ଦେଖି ହସି ହସି ତା ଆଡ଼କୁ ହାତ ବଢ଼ାଇଲା, କନୋ ଆଗେଇ ଆସିବାରୁ ବିଚ୍ଛୁଟା ଟିକିଏ ଡରିଗଲା । ଥମିଯାଇ ନାହୁଡ଼ ସହିତ ଲାଞ୍ଜଟା ବଙ୍କେଇ ପିଠି ଉପରକୁ ଟେକିଲା । କଣ୍ଟାଭଳି ବଙ୍କା ନାହୁଡ଼ ଅଗଟା ଚକ୍ ଚକ୍ କରି ଉଠିଲା ।

କନୋ ସମ୍ପୂର୍ଣ୍ଣ ନିଶ୍ଚଳ ହୋଇ ଠିଆ ରହିଲା । ଜୁଆନା ମୁହଁରୁ ଶୟତାନ ଝାଡ଼ିବାର ପୁରୁଣା ମନ୍ତ୍ରର ଚାପା ଉଚ୍ଚାରଣ ପୁଣି ତା' କାନକୁ ଆସିଲା । କଙ୍କଡ଼ାବିଚ୍ଛୁଟା ହଟି ନଯିବା ଯାଏ କନୋ ଝୁଲା ପାଖରୁ ଘୁଞ୍ଚିପାରୁ ନଥାଏ । ବିଚ୍ଛୁଟା ବୁଝି ପାରିଲାଣି ଯେ ତା'ର ମୃତ୍ୟୁ ନିକଟ । କନୋ ଧୀରେ ଧୀରେ ହାତ ପାପୁଲି ବଢ଼ାଇଲା । ହାତ ବଢ଼ାଇବା ଦେଖି ବିଚ୍ଛୁଟା ନାହୁଡ଼ ସମେତ ଲାଞ୍ଜଟା ଉପରକୁ ଟେକିଲା । ଠିକ୍ ଏତିକି ବେଳେ କୟୋଟିଟୋ ପୁଣି ହସି ଉଠିବାରୁ ଦଉଡ଼ିଟା ହଲିଗଲା ଏବଂ

Digitized by srujanika@gmail.com

ବଗୁଲ୍ଟା ଝୁଲାରେ ଖସି ପଡ଼ିଲା । ସଙ୍ଗେ ସଙ୍ଗେ କନୋ ବଗୁଲ୍ଟାକୁ ଧରିବା ପାଇଁ ହାତ ବଢ଼ାଇ ଦେଲା କିନ୍ତୁ ତା ଆଙ୍ଗୁଳି ଫାଙ୍କରେ ବଗୁଲ୍ଟା ଖସିଯାଇ କୟୋଟିଟୋ କାନ୍ଧ ଉପରେ ପଡ଼ି ନାହୁଡ଼ ଫୁଟାଇ ଦେଲା । କ୍ରୁଦ୍ଧ ଭାବରେ ଗର୍ଜନ କରି କନୋ ତାକୁ ଅଙ୍ଗୁଳିରେ ଧରି ହାତ ପାପୁଲିରେ ଚିପି ମେଞ୍ଚା କରି ପକାଇଲା । ପରେ ତାକୁ ତଳେ ପକାଇ ବଧା ମାଡ଼ରେ ନିଶ୍ଚିହ୍ନ କଲା – ପରିବାରର ଶତ୍ରୁର ଶାସ୍ତି ଏହିପରି । ମାଟିର କେତେକ ଅଂଶ ଟିକିଏ ଓଦା ହୋଇ ଉଠିଲା, ବଗୁର ଆଉ କିଛି ଚିହ୍ନ ରହିଲା ନାହିଁ । ଏଣେ ଝୁଲା ଭିତରେ କୟୋଟିଟୋ ଯନ୍ତ୍ରଣାରେ ଚିତ୍କାର କରୁଥାଏ । କନୋର ଆଖି ମୁହଁ ଶତ୍ରୁ ନିଧନ ନିଶାରେ ଦାଉଦାଉ ହେଉଥାଏ । ସେ ଦାନ୍ତ କଡ଼ମଡ଼ କରୁଥାଏ । ତା କାନରେ ଶତ୍ରୁର ଗୀତ ଗରଜୁଥାଏ ।

ଜୁଆନା ପୁଅକୁ କୋଳକୁ ଉଠାଇ ନେଲା । ଇତିମଧ୍ୟରେ କ୍ଷତ ସ୍ଥାନରୁ ରକ୍ତ ବାହାରିବା ଆରମ୍ଭ ହୋଇଥାଏ । ଜୁଆନା କ୍ଷତ ସ୍ଥାନରେ ମୁହଁ ଲଗାଇ ଚୁଷି ରକ୍ତମିଶା ଛେପ ମାଟିରେ ପକାଇବାକୁ ଲାଗିଲା । କୟୋଟିଟୋର ଚିତ୍କାର ସମାନ ଚାଲିଥାଏ ।

କନୋ ଅତି ଅସ୍ଥିର ହୋଇ ଉଠିଲା ।

ଚୁଆର ଚିତ୍କାର ଶୁଣି ବହୁ ପଡ଼ୋଶୀ ନିଜ ନିଜ କୁଡ଼ିଆରୁ ଆସି ରୁଣ୍ଡହୋଇଗଲେ । କନୋର ଭାଇ ଜୁଆନ୍ ଟମାସ୍ ଏବଂ ମୋଟି ଭାଉଜ ଅପାଲୋନିଆ ଚାରିଗୋଟି ପୁଅ ଝିଅ ସଙ୍ଗରେ ଧାଇଁ ଆସି ଏମିତିଭାବରେ ଦୁଆର ମୁହଁରେ ଠିଆ ହେଲା ଯେ, ଆଉ କେହି ଭିତରକୁ ପଶିପାରିଲେ ନାହିଁ । ତାଙ୍କ ପଛରେ ଅନ୍ୟ ଅନେକେ ଛିଡ଼ା ହୋଇ ମୁହଁ ବଢ଼ାଇ ଭିତର ଆଡ଼କୁ ଦେଖିବାକୁ ଚେଷ୍ଟା କଲେ । ଗୋଟିଏ ସାନପିଲା ଅନ୍ୟ-ମାନଙ୍କ ଗୋଡ଼ ଫାଙ୍କରେ ମୁଣ୍ଡ ଗଳାଇ ଭିତର ଆଡ଼କୁ ଗଳି ଅନାଉଥାଏ । ଆଗରେ ଯେଉଁମାନେ ଥିଲେ ସେମାନଙ୍କ ମୁହଁରୁ "କଙ୍କଡ଼ା ବିଛା ପିଲାକୁ କାମୁଡ଼ ଅଛି" କଥାଟା ପଛ ବାଲାଏ ଜାଣି ପାରିଲେ ।

ଜୁଆନା କ୍ଷଣକାଳପାଇଁ କ୍ଷତସ୍ଥାନ ଚୁଷିବା ବନ୍ଦକରିବାରୁ ଦେଖାଗଲା ଯେ କ୍ଷତର ଛିଦ୍ର ଟିକେ ବଢ଼ିଯାଇଛି ଏବଂ ତାହାର ଚାରିପାଖ ଚୁଷିବା ଯୋଗୁ ଧୋବଲା ହୋଇ ଉଠିଛି । ଏହାଛଡ଼ା ଫୁଲାଟା ନାଲି ପଡ଼ି

Digitized by srujanika@gmail.com

ବହୁତ ମାଡ଼ଯାଇଛି । କଙ୍କଡ଼ା ବିଛା କାମୁଡ଼ିଲେ କଅଣ ଘଟେ, ଏହା ସେଠାକାର ସମସ୍ତଙ୍କୁ ଜଣା । ବଡ଼ ମଣିଷ ଏପରି ବିଛା କାମୁଡ଼ାରେ ଖୁବ୍ ଅସୁସ୍ଥ ହୋଇପଡ଼ନ୍ତି ସତ, କିନ୍ତୁ ପିଲାଟା ଏଭଳି ବିଷରେ ନିଶ୍ଚୟ ମରିଯିବା ସ୍ୱାଭାବିକ । ସମସ୍ତଙ୍କୁ ଜଣାଥିଲା ଯେ ପ୍ରଥମରେ କ୍ଷତସ୍ଥାନ ଫୁଲି ଉଠିବ ଓ ସାଙ୍ଗେ ସାଙ୍ଗେ ଜର ଘାରିଯିବ । ଜର ସଙ୍ଗେ ସଙ୍ଗେ ପେଟ କାମୁଡ଼ା ଓ କଣ୍ଠନଳୀ ଶକ୍ତ ହୋଇ ଶ୍ୱାସାବରୋଧ ଦେଖା ଦେବ । ଯଦି ବେଶୀ ବିଷ ଭିତରକୁ ଅନୁପ୍ରବେଶ କରିଥିବ, ତେବେ କୟୋଟିଟୋ ମୃତ୍ୟୁ ହେବା ଅସମ୍ଭବ ନୁହେଁ । କିନ୍ତୁ ଯନ୍ତ୍ରଣାର ପ୍ରଥମ ଡାଉ କମିବା ମନେ ହେଲା, କାରଣ; କୟୋଟିଟୋ ପାଟିକରି ସେତେବେଳେ ଗାଁ ଗାଁ ଶବ୍ଦ କରିବାକୁ ଲାଗିଲା ।

ଜୁଆନାର ଭୀଷଣ ମନବଳ ଦେଖି କିନୋ ବହୁବାର ଅବାକ୍ ହୋଇଯାଇଛି । ଦେଖିବାକୁ ଅତି ଭଙ୍ଗୁର ସେ । ଅଥଚ ତାହାର ସହିଷ୍ଣୁତା ଓ ମନର ବଳ କେତେ ଅସାଧାରଣ । ସବୁବେଳେ ପାଟିରୁ ଟୁଁ ଶବ୍ଦଟି ପର୍ଯ୍ୟନ୍ତ ବାହାରୁନଥିଲା । କିନ୍ତୁ କୌଣସି କାମ କଲାବେଳେ ତାହାର ଉପର ଆପତ୍ତି କିଛି ନଥିଲା କହିଲେ ଚଳେ । ସେ କିନୋ ଅପେକ୍ଷା ବେଶୀ ଦୁଃଖ କଷ୍ଟ-କ୍ଷୁଧା ପିପାସା ସହି ପାରେ ।

କାଠୁଆ ଭିତରେ ଜଣେ ସବଳ ପୁରୁଷ ଭଳି ସେ କାମ କରିପାରେ । ଏବେ ସେ ଯାହାକଲା ତାହା ସବୁଠାରୁ ଆଶ୍ଚର୍ଯ୍ୟ । କହିଲା "ଯାଅ, ଶୀଘ୍ର ଡାକ୍ତରଙ୍କୁ ଡାକିଆଣ ।"

କୁଟୀରର ବାଡ଼ଘେର ଅଗଣାରେ ଯେଉଁସବୁ ପ୍ରତିବେଶୀ ଭିଡ଼ ଜମେଇ ଠିଆ ହୋଇଥିଲେ, ସେକଥା ସେମାନଙ୍କ ମଧ୍ୟରେ ଖେଳିଗଲା । ସେମାନେ କୁହାକୁହି ହେଲେ 'ଶୁଣୁଛ ଜୁଆନା ଡାକ୍ତର ଡାକିବାକୁ କହୁଛି ।' କଥାଟାକୁ ସେମାନେ ନିଜ ନିଜ ଭିତରେ ଆଳାପ ଆଲୋଚନା କରିବାକୁ ଲାଗିଲେ । ଡାକ୍ତରକୁ ଆଣି ପାରିଲେ ଅବଶ୍ୟ ଖୁବ୍ ଭଲକଥା ହେବ, କିନ୍ତୁ ଏମିତିକା ଝାଟି ମାଟି କୁଡ଼ିଆକୁ ଡାକ୍ତର ପାଦ ପକାନ୍ତିନାହିଁ । ସହରର ପଥର କୋଠାଘରେ ରହୁଥିବା ଧନୀ ଲୋକଙ୍କର ଚିକିତ୍ସା କରି କରି ଗରିବର ଭଙ୍ଗା କୁଡ଼ିଆକୁ ରୋଗୀ ଦେଖିଆସିବା ଫୁରସତ କେଉଁଠି ?

Digitized by srujanika@gmail.com

ଅଗଣାରେ ରୁଣ୍ଡ ହୋଇଥିବା ଲୋକେ କୁହାକୁହିହେବାରେ ଲାଗିଲେ "ଏଠାକୁ ଡାକ୍ତର ବାବୁ ଆସିବେ ନାହିଁ ।" ମୁହେଁ ମୁହେଁ ଦୁଆର ଆଗରେ ଭିଡ଼କରିଥିବା ଲୋକଙ୍କ ମଧ୍ୟରେ ବ୍ୟାପିଗଲା ଏବଂ କିନୋ ତାହା ମଧ୍ୟ ବିଶ୍ୱାସ କଲା ।

କିନୋ ଜୁଆନାକୁ କହିଲା "ଡାକ୍ତର ଆସିବେ ନାହିଁ ।"

ଜୁଆନା ମୁଣ୍ଡ ଟେକି ସ୍ୱାମୀକୁ ଚାହିଁଲା—ସେ ଚାହାଁଣୀ ସିଂହୀର ଚାହାଣୀ ପରି କମନୀୟ ଓ ପ୍ରଶାନ୍ତ ।

କୟୋଟିଟୋ ହେଉଛି ଜୁଆନାର ପ୍ରଥମ ସନ୍ତାନ, ବିଶ୍ୱ-ବ୍ରହ୍ମାଣ୍ଡର ଶ୍ରେଷ୍ଠ ବସ୍ତୁ ।

ପୁଅକୁ ଡାକ୍ତର ଦେଖାଇବାର ଦୃଢ଼ ସଂକଳ୍ପ ଜୁଆନାର ମୁହଁରେ ପ୍ରତିଫଳିତ ହେବାର ଦେଖି କିନୋ ମନରେ ଭାବିଲା—ବଂଶଗୀତି ଆଉ କୋମଳ ବୋଧ ନହୋଇ ଇସ୍ପାତପରି କଠିନ ବୋଧହେଉଛି ।

"ତାହେଲେ ଆମେ ଯିବା ଡାକ୍ତର ବାବୁଙ୍କ ପାଖକୁ ।" ଜୁଆନା କହିଲା ତା'ପରେ ଗୋଟିଏ ହାତରେ ଗାଢ଼ ନୀଳ ଶାଲଖଣ୍ଡିକର ଗୋଟିଏ କାନ ମୁଣ୍ଡରେ ଗୁଡ଼ାଇ ଅନ୍ୟ କାନର ଏକ କୋଣରେ ଝୋଲିକରି କାନ୍ଦୁଥିବା ଶିଶୁକୁ ତା ଭିତରେ ରଖିଲା । ପରେ ଶିଶୁର ମୁଣ୍ଡକୁ ଖରାରୁ ରକ୍ଷା କରିବା ଅନ୍ୟ ଅନ୍ୟ କୋଣକୁ ତାଙ୍କି ଦେଲ । ଜୁଆନାର ଯିବା ରାସ୍ତା ପରିଷ୍କାର କରିବା ପାଇଁ ଦୁଆର ମୁହଁରେ ଜମିଥିବା ଲୋକେ ପଛ ବାଲାଙ୍କୁ ଠେଲି ଆଡ଼େଇ ଦେଲେ । କିନୋ ସ୍ତ୍ରୀର ପଛେ ପଛେ ଚାଲିଲା । ଅଗଣା ଦୁଆର ଟପି ଦୁହେଁଯାକ ଶଗଡ଼ ଗୁଳା ପଡ଼ିଥିବା ରାସ୍ତାରେ ପହଞ୍ଚିଲେ । ପ୍ରତିବେଶୀ ବୃନ୍ଦ ତାଙ୍କର ପଶ୍ଚାଦ୍ ଅନୁସରଣ କରିବାକୁ ଲଗିଲେ !

ସେଠା ସ୍ଥାନୀୟ ଲୋକଙ୍କ ନିକଟରେ ଏହା ଗୋଟିଏ ବିଶେଷ-ଘଟଣା ହୋଇ ଦେଖା ଦେଇଥିଲା । ସେମାନେ ଗୋଟିଏ କ୍ଷୁଦ୍ର ଶୋଭା-ଯାତ୍ରାରେ ଦଳବାନ୍ଧି ସହରର ମଧ୍ୟଆଡ଼କୁ ଅଗ୍ରସର ହେଉଥିଲେ । ପ୍ରଥମେ କିନୋ ଆଉ ଜୁଆନା, ତାଙ୍କ ପଛକୁ ଜୁଆନ୍ ଟମାସ୍ ଓ ଆପୋଲୋନିୟା । ଜୋରରେ ଚାଲିବାଯୋଗୁ ତା ପେଟ ଥାଲୁଲୁ ଥାଲୁଲୁ ହେଉଥାଏ, ଏହି ଚାରିଜଣଙ୍କ ପଛକୁ ଅନ୍ୟ ପଡ଼ୋଶୀ ଓ ତାଙ୍କର ପୁଅ

Digitized by srujanika@gmail.com

ଝିଅ ସବୁ ଖେଳୁଥାନ୍ତି । ପଛପଟୁ ସୂର୍ଯ୍ୟର ସୁନେଲି କିରଣ ସେମାନଙ୍କ ଉପରେ ପଡ଼ୁଥାଏ । ଫଳରେ ସେମାନଙ୍କର ଛାଇ ପଡ଼ୁଥାଏ ସାମନାକୁ । ନିଜ ଛାଇ ମାଡ଼ି ସମସ୍ତେ ଖେଳିବାରେ ଲାଗିଥାନ୍ତି ।

ଝାଟି ମାଟି ଲତାପତ୍ର ଘେରା କୁଡ଼ିଆ ପୂର୍ଣ୍ଣ ବସ୍ତି ଟପି ଗ୍ରେଟ ଦଳଟି ସହରର କୋଠାବାଡ଼ି ସୀମାରେ ପହଞ୍ଚିଲେ । ଏଠାରେ ସବୁଯାକ ଘର ଇଟା, ପଥର ଓ ଚୂନପଲସ୍ତରାରେ ତିଆରି । ଘର ଭିତର ଆଡ଼କୁ ସାନ ସାନ ବଗିଚା । ସେଥିରେ ପୁଣି ଠାଏ ଠାଏ ଥଣ୍ଡା ପାଣିର ଝରଣା । କାନ୍ଥଯାକ କୋପେନ ଭିଲି ଲତା ମାଡ଼ିଛି । ଧଳା, ବାଇଗଣୀ, ଗେରୁଆ ପ୍ରଭୃତି ନାନା ରଙ୍ଗରେ ପତ୍ରଫୁଲ ଲତାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟତା କରୁଛି । ବଗିଚା ଚାରି-ପାଖଯାକ ପାଚେରି । ଭିତରପଟୁ ପିଞ୍ଜରାରେ ଥିବା ଚଢ଼େଇମାନଙ୍କର ରବ କାନ୍ଥ ବାହାରକୁ ଶୁଭୁଥାଏ । ଶୋଭାଯାତ୍ରା କ୍ରମେ ଅଗ୍ରସର ହୋଇ ବଜାରର ଜନଗହଳି ଅତିକ୍ରମ କଲା । ବଜାର ପରେ ଗୀର୍ଜା । ଗୀର୍ଜା ଟପି ଏହା ଆଗେଇଲା । ବାଟେ।ଇ ମଧ୍ୟରୁ କାଁ ଭାଁ ଅନେକେ ଏହି ଦଳରେ ମିଶିଲେ । ସେମାନେ ପଚାରି ପଚାରି ସବୁକଥା ବୁଝି ନେଲେ । କାହା ପୁଅ, କିମିତି କଙ୍କଡ଼ା ବିଛା କାମୁଡ଼ିଲା, କେମିତି ମା ବାପା ଡାକ୍ତର ପାଖକୁ ନେଇ ଯାଉଛନ୍ତି ଇତ୍ୟାଦି ।

ବିଶେଷକରି ଗୀର୍ଜା ସାମନାରେ ବସି ରହୁଥିବା କେତେଜଣ ଭିଖାରୀ କନୋ ଆଉ ଜୁଆନାକୁ ଭଲକରି ଦେଖିବାକୁ ଲାଗିଲେ । ଜୀବନର ଅଭିଜ୍ଞତା ସେମାନଙ୍କର ଖୁବ୍ ବେଶୀ । ସୁତରାଂ ସେମାନେ ଲୋକର ପୋଷାକ ପରିଚ୍ଛଦ ଦେଖି ବାହାରକୁ ସେମାନଙ୍କ ଧନ ସମ୍ପଦର ଆନ୍ଦାଜ କରି ନେଇ ପାରନ୍ତି । ଜୁଆନାର ପୁରୁଣା ମଇଳା ପୋଷାକାତ ଶାଳଖଣ୍ଡିକର ରଙ୍ଗ ପଡ଼ିଥିବା ଦାଗ ଅସଂଖ୍ୟ, ବେଣୀବନ୍ଧ । ରକ୍ତ ଓ ସବୁଜ ଫିତା ; କନୋର ପୁରୁଣା କମ୍ବଳ, କରୁ ହୋଇ ହୋଇ କେତେ ଯେ ଜୀର୍ଣ୍ଣ ହୋଇଛି ତାହା କହିବା କଥା ନୁହେଁ । ଏସବୁ ମଧ୍ୟ ସେମାନଙ୍କ ଦୃଷ୍ଟିରେ ଅଛପା ରହିଲା ନାହିଁ । କନୋ ଯେ କେତେ ଗରିବ, ସେମାନେ ତାହା ବୁଝି ନେଲେ । ଏପରି ଗରିବ ଦମ୍ପତି ଡାକ୍ତର ପାଖକୁ ଗଲେ ଯେଉଁ ନାଟକୀୟ ଅବସ୍ଥା ସୃଷ୍ଟି ହେବ, ତାହା ଦେଖିବାକୁ ସେମାନେ ବାହାରିଲେ । ଗୀର୍ଜା ପାଖରେ

Digitized by srujanika@gmail.com

ଯେଉଁ ଗୃହଜଣ ଭିଖାରି କନାକୁ ଦେଖୁଥିଲେ, ସେମାନଙ୍କୁ ସହରର ସବୁକିଛୁ ଜଣା । ତରୁଣୀମାନେ ଯେତେବେଳେ ତାଙ୍କ ସାମନା ଦେଇ ଗୀର୍ଜାକୁ ପାପ ସ୍ୱୀକାର ପାଇଁ ଯାଇ ଫେରନ୍ତି, ସେତେବେଳେ ସେମାନେ ତାଙ୍କ ମୁହଁରୁ ସେମାନଙ୍କର ପାପର ସ୍ୱରୂପ ଅନୁମାନ କରି ପାରନ୍ତି । ସହରର କ୍ଷୁଦ୍ରାତିକ୍ଷୁଦ୍ର ସାମାଜିକକୁତ୍ସାଠାରୁ ଆରମ୍ଭ କରି ବଡ଼ ବଡ଼ ଖୁଣୀ, ଚୋରି ଆଦିର ସବୁ ଖବର ଏହି ଭିକାରି ଗୃହଜଣ ରଖନ୍ତି । ଏମାନେ ଗୀର୍ଜାର ସ୍ତମ୍ଭମାନଙ୍କର ଗୁମ୍ଫାରେ ଶୋଇଥାନ୍ତି, ଏଣୁ ଯିଏ ଯେତେବେଳେ କିଛି ସାନ୍ତ୍ୱନା ପାଇଁ ଗୀର୍ଜାକୁ ଆସନ୍ତି, ଏମାନଙ୍କ ଦୃଷ୍ଟି ଏଡ଼ି ପାରନ୍ତି ନାହିଁ । ଏମାନେ ଡାକ୍ତର ବାବୁଙ୍କୁ ଜାଣନ୍ତି । ଡାକ୍ତର ବାବୁଙ୍କର ଅଜ୍ଞତା, ନିଷ୍ଠୁରତା, ଲୋଭ, ପରଧନ ଲୋଲୁପତା, ବ୍ୟଭିଚାର, ଗର୍ଭପାତ ପ୍ରଭୃତି ଯାବତୀୟ ଅପକର୍ମ ଏମାନଙ୍କୁ ଭଲଭାବରେ ଜଣା । ସହସ୍ରହନ୍ତା ଡାକ୍ତରଙ୍କୁ ବହୁ ରୋଗୀର ମୃତଦେହ କବର ଉଦ୍ଦେଶ୍ୟରେ ଗୀର୍ଜାକୁ ନେବା ବିଷୟ ସମସ୍ତେ ଦେଖିଛନ୍ତି । ଭିଖାରିକୁ ଅଧଲାଏ ବି ପାହୁଲାଏ ଦେବା ବ୍ୟକ୍ତିଗତ ଦାନ ଖଇରାତ କରିବାରେ ତାଙ୍କୁ କେହି ଦେଖିନାହାଁନ୍ତି ।

ସକାଳ ଉପାସନା ପରେ ଗୀର୍ଜାରେ ଭିଡ଼ ଊଣାହୋଇ ଯାଇଥିଲା ବୋଲି ଏହି ଗୃହଜଣ ଭିଖାରି ଗାଉଁଲି ଦଳ ପଛେ ପଛେ ଚାଲିଲେ । ମଣିଷ ସମ୍ବନ୍ଧରେ ସେମାନେ ଯେଉଁ ସବୁ ଅଧିକ ତଥ୍ୟ ଜାଣନ୍ତି, ସେ ଜ୍ଞାନର ଶେଷ ନାହିଁ । କଙ୍କଡ଼ାବିଛା କାମୁଡ଼ିଥିବା ଏହି ଗରିବ ଶିଶୁଟି ସମ୍ବନ୍ଧରେ ଏହି ମୋଟା, ମାଦଳ, କର୍ମକୋଢ଼ିଆ, ଅପଦାର୍ଥ ଡାକ୍ତର ଜଣକ କଅଣ କରିବ, ସେତକ ଜାଣିବା ଦରକାର । ଏଇଥିପାଇଁ ସେମାନେ ଆଗେଇଲେ ।

ଧାଇଁ ଧାଇଁ ଦଳଟି ଅବଶେଷରେ ଡାକ୍ତର ବାବୁଙ୍କ ଫାଟକ ପାଖରେ ପହଞ୍ଚିଗଲା । ଡାକ୍ତରଙ୍କ ବଗିଚା ଭିତରେ ଝରଣାରୁ ଜଳ ପଡ଼ିବାର ଶବ୍ଦ ସେମାନଙ୍କ କାନକୁ ଆସୁଥାଏ । ପଥର ଉପରେ ଝାଡ଼ୁ ବୁଲାଇବା ଶବ୍ଦ ପରି ଏହି ଶବ୍ଦ । ଏହା ସାଙ୍ଗକୁ ଶୁଭୁଥିଲା ପିଞ୍ଜରାରେ ଥିବା ପକ୍ଷୀମାନଙ୍କର କୂଜନ । ଡାକ୍ତରଙ୍କ ରୋଷାଇଘରୁ ଘୁଷୁରି ମାଂସ ଭଜାହେଉଥିବା ଗନ୍ଧ ମଧ୍ୟ ପବନରେ ଭାସି ଆସୁଥିଲା ।

Digitized by srujanika@gmail.com

କନୋ ଟିକଏ ଇତସ୍ତତଃ କଲା । ଡାକ୍ତରବାବୁ ତା' ସମାଜର ଲୋକ ନୁହନ୍ତି । ଯେଉଁ ଜାତିଟା ଗତ ସ୍ମରଣ' ବର୍ଷ ଧରି କନୋର ଜାତିଭାଇଙ୍କୁ ମାରଧର କରିଛନ୍ତି, ଲୁଟପାଟ୍ କରିଛନ୍ତି, ଦାନାକନା ଛଡ଼ାଇ ନେଇ-ଛନ୍ତି, ଭୟଭୀତ ଓ ଘୃଣା କରି ଚରମ ଦୁରବସ୍ଥା ଭିତରକୁ ଠେଲି ଦେଇଛନ୍ତି, ଡାକ୍ତର ବାବୁ ହେଲେ ସେହି ଜାତିର ଜଣେ । ଦେଶର ଆଦିମ ଅଧିବାସୀ ହିସାବରେ କନୋ ଅତି ବିନୀତ ଓ ସନ୍ତ୍ରସ୍ତ ଭାବରେ ଫାଟକ ପାଖକୁ ଆଗେଇ ଗଲା । ଏ ଜାତିର ଲୋକଙ୍କ ସାମନା ସାମନି ହେଲାବେଳେ କନୋ ମନରେ ଯେପରି ଭୟ ଦୁର୍ବଳତା, ସେହିପରି ରାଗ ହେଉଥାଏ । ଏ ଜାତି ଲୋକଙ୍କ ସହିତ କଥାବାର୍ତ୍ତା କରିବାକୁ କନୋର ଯେଉଁ କଷ୍ଟ ହେବା କଥା, ତହୁଁ ଅଧିକ ଅଳ୍ପ ଆୟାସରେ ସେ ତାଙ୍କ ଭିତରୁ କାହାକୁ ହତ୍ୟା କରିପାରେ । ଡାକ୍ତରବାବୁଙ୍କ ଜାତିର ସମସ୍ତେ କନୋ ଜାତିକୁ ଜାନୋୟାର ବୋଲି ମନେ କରନ୍ତି । କନୋ ଫାଟକର ଲୁହାକଡ଼ା ଠକ ଠକ କରିବାକୁ ଡାହାଣ ହାତ ଉଠାଇଲା-ବେଳେ ତା'ର ସାରା ଦେହ ଅସରନ୍ତି ରାଗରେ ଫୁଲିଉଠିଲା । ତା'କାନରେ ଗୁଞ୍ଜରି ଉଠିଲା ଶତ୍ରୁର ସଙ୍ଗୀତ । ସେ ଓଠକୁ ଦାନ୍ତରେ କାମୁଡ଼ି ବାଁ ହାତରେ ମୁଣ୍ଡରୁ ଟୋପି କାଢ଼ିଲା । ଏହା ପରେ କଡ଼ାଟାକୁ ଖୁବ୍ ଜୋର୍‌ରେ ଠକ୍ ଠକ୍ କରି ଅପେକ୍ଷା କଲା । ଜୁଆନା କୋଳରେ ରହି କୟୋଟିଟୋ ମଝିରେ ମଝିରେ ଗଁ ଗଁ କରୁଥାଏ । ଜୁଆନା ଅସ୍ଫୁଟସ୍ୱରରେ ଶିଶୁକୁ ପଦେ ପଦେ ଆଦରର କଥା ଶୁଣାଉଥାଏ । ଶୋଭାଯାତ୍ରାର ସମସ୍ତେ କଅଣ ଘଟିବ, ତାହା ଭଲକରି ଦେଖିବା ଓ ଶୁଣିବାପାଇଁ ଲଗାଲଗି ହୋଇ ଠିଆ ହୋଇଥାନ୍ତି ।

କିଛିକ୍ଷଣ ପରେ ପ୍ରକାଣ୍ଡ ଫାଟକଟା କେତେ ଇଞ୍ଚ ଫାଙ୍କ ହୋଇଗଲା । ସେହି ଫାଙ୍କରେ କନୋ ପ୍ରାଚୀର ଭିତରେ ଡାକ୍ତର-ବାବୁଙ୍କର ସୁନ୍ଦର, ଶୀତଳ, ସବୁଜ ବଗିଚା ଦେଖିଲା ଏବଂ ଝରଣାର ଝର୍ଝର ଶବ୍ଦ ଶୁଣିଲା । ଭିତରୁ ଯେଉଁ ଲୋକ ତା ଆଡ଼କୁ ଅନାଇଲା, ସେ ହେଉଛି କନୋର ଜାତିଭାଇ । କିନୋ ନିଜ ଭାଷାରେ ତାକୁ କହିଲା "ଏଇ ଶିଶୁଟି ହେଉଛି ମୋର ପହିଲି ପୁଅ, ଏହାକୁ କଙ୍କଡ଼ାବିଛା କାମୁଡ଼ିଛି । ଡାକ୍ତର-ବାବୁଙ୍କର ସାହାଯ୍ୟ ଲୋଡ଼ା ।"

Digitized by srujanika@gmail.com

ଶୁକରଙ୍କି ନିଜ ମାତୃଭାଷାରେ ଜବାବ ନ ଦେଇ ଇଂରେଜୀରେ କହିଲା "ଟିକେ ଅପେକ୍ଷା କର । ମୁଁ ଖବର ଦେଉଅଛି ।" ଏହା କହି ଫାଟକ ବନ୍ଦ କରି କଳେଣି ଲଗାଇଦେଲା । ସୂର୍ଯ୍ୟର ପ୍ରଖରରଶ୍ମି, ସମବେତ ସମସ୍ତଙ୍କ ଉପରେ ପଡ଼ିବାରୁ ସେମାନଙ୍କର ଶୁଭ୍ର ବଦନରେ କାଳିମା ସୃଷ୍ଟି କଲା ।

ଡାକ୍ତରବାବୁ ତାଙ୍କ ବୈଠକଖାନାରେ ମୋଟା ଗଦି ଉପରେ ବସିଥାନ୍ତି । ପିନ୍ଧିଥାନ୍ତି ପ୍ୟାରିସ୍ ପ୍ରସ୍ତୁତ ଗୋଟାଏ ଫିକା ଲାଲରଙ୍ଗର ଗାଉନ । ଗାଉନ୍‌ଟା ବର୍ତ୍ତମାନ ଟିକେ ଟ୍ରେଟ ହୋଇଗଲାଣି । ଗୁଡ଼ିଏ ବୋତାମ ବନ୍ଦ କରି ହେଉଅଛି । ଡାକ୍ତରବାବୁଙ୍କ କୋଳରେ ଥୁଆ ହୋଇ ଥାଏ,ଗୋଟାଏ ରୂପାର ଥାଳ ଏବଂ ଥାଳରେ ଥାଏ ରୂପାର ଚକୋଲେଟ୍ ପାତ୍ର ଓ ଏକ ଚୀନା ମାଟିର ଚା ପିଆଲା । ପିଆଲାଟା ଏତେ ପାତଳା ଓ ସୌଖୀନ-ଭାବରେ ତିଆରି ଯେ ଡାକ୍ତରବାବୁ ନିଜ ମୋଟା ଅଙ୍ଗୁଳିରେ ପିଆଲାଟାକୁ ଧରିଲେ ଅତି କୁତ୍ସିତ ଦିଶନ୍ତି । ବୁଢ଼ା ଅଙ୍ଗୁଳି ଆଉ ତର୍ଜନୀ ଟିପରେ ଡାକ୍ତର-ବାବୁ ପିଆଲା ଉଠାନ୍ତି ଏବଂ ବାକୀ ତିନୋଟା ଅଙ୍ଗୁଳି ଅନ୍ୟ ଆଡ଼କୁ ହଟାଇ ରଖନ୍ତି, ଯେପରିକି ତାହା ପିଆଲାରେ ନ ଲାଗେ । ମୁହଁଟା ତାଙ୍କର ଏପରି ମାଂସଳ ଯେ, ମନେ ହୁଏ ଆଖି ଦୁଇଟି ଯେପରି ଖଣ୍ଡିଏ ମାଂସ-ପିଣ୍ଡରେ ଲାଗିଛି । ଅଧିକନ୍ତୁ, ମୁହଁଟାରେ ସବୁବେଳେ ଅସନ୍ତୋଷର ଲକ୍ଷଣ । ଦିନକୁ-ଦିନ ସେ ମୋଟା ହେଉଛନ୍ତି । ମେଦ ମାଂସର ଅତିରିକ୍ତ ସ୍ତୂପ ଯୋଗୁଁ ତାଙ୍କର କଣ୍ଠସ୍ୱର ଅତ୍ୟନ୍ତ କର୍କଶ ହୋଇଉଠିଛି । ପାଖରେ ଥିବା ଖଣ୍ଡିଏ ଟେବୁଲ ଉପରେ ଗୋଟିଏ ପ୍ରାଚ୍ୟଦେଶୀୟ ଘଣ୍ଟା ଏବଂ ସିଗାରେଟ୍‌ପୂର୍ଣ୍ଣ ପାତ୍ର । ଘରଭିତରର ଜିନିଷମାନ ଖୁବ୍ ଭାରି ଓ ମଇଳା । ଛବି କେତେ ଖଣ୍ଡ ଧର୍ମବିଷୟକ । ତାଙ୍କର ମୃତା ସ୍ତ୍ରୀର ଛବି ଖଣ୍ଡିଏ ମଧ୍ୟ ଝୁଲୁଥାଏ । ସ୍ତ୍ରୀ ନାମରେ ଥିବା ସମ୍ପତ୍ତି ଆୟରୁ ଆଜିପର୍ଯ୍ୟନ୍ତ ଯେତେ ଦାନ ଧ୍ୟାନ କରା-ଯାଇଅଛି, ସେଥିରେ ସ୍ତ୍ରୀ ବର୍ତ୍ତମାନ ସ୍ୱର୍ଗରେ ଥିବା କଥା । ଅଳ୍ପ କିଛିକାଳ-ପାଇଁ ଡାକ୍ତରବାବୁ ଥରେ ଇଉରୋପ ଯାଇଥିଲେ । ସେହିଦିନୁ ତାଙ୍କର ସମସ୍ତ ଜୀବନ ସତେ ଯେପରିକି କେତେଦିନ ଦେଖା ଫ୍ରାନ୍‌ସର ସ୍ମୃତି ରୋମନ୍ଥନରେ କଟୁଅଛି । ତାଙ୍କ ତୁଣ୍ଡରୁ ପ୍ରାୟଶଃ ଶୁଣାଯାଏ "ତାହାହିଁ ହେଉଛି ସଭ୍ୟ ଜୀବନଯାତ୍ରା ।" କଥାଟାର ପ୍ରକୃତ ମର୍ମ ହେଉଛି ଯେ,

Digitized by srujanika@gmail.com

ଯତ୍‌ସାମାନ୍ୟ ରୋଜଗାର କରି ମଧ୍ୟ ସେ ଫରାସୀ ଦେଶରେ ଜଣେ ରକ୍ଷିତା ରଖି, ହୋଟେଲରେ ଖାଇ ଦିନ କଟାଇପାରିଥିଲେ । ଡାକ୍ତରବାବୁ ଆଉ ପିଆଲାଏ ଚକୋଲେଟ୍ ଢାଳିଲେ । ଅଙ୍ଗୁଳିରେ ଖଣ୍ଡେ ମିଠା ବିସ୍କୁଟ୍ ଗୁଣ୍ଡା କରିନେଲେ । ଭୃତ୍ୟ ଜଣକ ଫାଟକ ପାଖରୁ ଫେରି ଡ଼ାକ୍ତର-ବାବୁଙ୍କ ଖୋଲା ଦୁଆର ପାଖରେ ତାଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଠିଆ ହେଲା । ମୁହଁ ଫିଟାଇ କିଛି କହିଲା ନାହିଁ ।

ଡାକ୍ତର ବାବୁ ପଚାରିଲେ "କଥା କଅଣ ?"

"ଜଣେ ରେଡ଼୍ ଇଣ୍ଡିଆନ୍ ସାନ ଶିଶୁଟିଏ ନେଇ ଆସିଛି । ଶିଶୁକୁ ଲୁଆଡ଼େ କଙ୍କଡ଼ା ବିଛା କାମୁଡ଼ିଛି ।"

ରାଗ ବଢ଼ିଲେ କାଳେ ପିଆଲାଟି ପଡ଼ି ଭାଙ୍ଗିଯିବ, ଏଥିପାଇଁ ଡ଼ାକ୍ତର ବାବୁ ପ୍ରଥମେ ପିଆଲାଟିକୁ ଥାଳରେ ଥୋଇ କହିଲେ "ରେଡ଼୍ ଇଣ୍ଡିଆନ୍-ମାନଙ୍କର ପୋକ-ଜୋକ କାମୁଡ଼ା ଭଲ କରିବା ଛଡ଼ା ମୋର କଅଣ ଅନ୍ୟ କାମ ନାହିଁ ? ମୁଁ ଡାକ୍ତର, ପଶୁ ଚିକିତ୍ସକ ନୁହେ ।"

ଭୃତ୍ୟ କହିଲା "ହଁ ସାହେବ, ଠିକ୍ କହୁଛନ୍ତି ।"

ଡାକ୍ତରବାବୁ ଜାଣିବାକୁ ଲୋଡ଼ିଲେ "ଆଚ୍ଛା ଲୋକଟାର ଟଙ୍କା ପଇସା ଅଛି ? ନା ? ତା'ଙ୍କ ପାଖରେ କୋଉ ଜନ୍ମରେ ଟଙ୍କା ପଇସା ଥାଏ ନାହିଁ । କେବଳ ମାତ୍ର ମୁଁ, ଏହି ପୃଥିବୀରେ ମାଗଣା ଖଟିବି,ଏହାହିଁ ସମସ୍ତେ ଆଶା କରନ୍ତି । ମୁଁ ହଇରାଣ ହୋଇଗଲଣି । ଆଚ୍ଛା ଦେଖିଲୁ, ତା ପାଖରେ କିଛି ପଇସା ଅଛି କି ନାହିଁ ।"

ଭୃତ୍ୟଟି ଫେରିଆସି ଫାଟକ ଅଳ୍ପ ମେଲା କରି ଅପେକ୍ଷା କରୁଥିବା ଲୋକମାନଙ୍କୁ ଦେଖିଲା । ଏହାପରେ ନିଜର ମାତୃଭାଷାରେ ପଚାରିଲା, "ଚିକିତ୍ସା କରିବାପାଇଁ ଟଙ୍କା ପଇସା ପାଖରେ ଅଛିକି ?"

କିନୋ ଏଥର କମ୍ବଳ ମଧ୍ୟରେ ଗୋଟିଏ ଗୁପ୍ତ ସ୍ଥାନ ଖୋଜି ଲାଗିଲା । କମ୍ବଳ ଭିତରୁ ବହୁ ଭାଞ୍ଜ ହୋଇଥିବା ଖଣ୍ଡେ କାଗଜ କାଢ଼ି ସେ ଭାଞ୍ଜ ପରେ ଭାଞ୍ଜ ଫିଟାଇଲା । ଦେଖାଗଲା, ସେ କାଗଜରେ ରହିଛି ଆଠ ଗୋଟି ଆକାରହୀନ ରୂପ-ଜ୍ୟୋତି ବିହୀନ ଧୂସରିଆ ବର୍ଣ୍ଣୀ ମୁକ୍ତା । ବଜାରରେ ଏହା ମୂଲ୍ୟହୀନ ।

Digitized by srujanika@gmail.com

ମୁକ୍ତାସହ କାଗଜ ଖଣ୍ଡିକ ନେଇ ଗୃହକର୍ତ୍ତା ଫାଟକ ବନ୍ଦ କରି ଭିତରକୁ ଗଲା ଏବଂ ଶୀଘ୍ର ଫେରି ଆସିଲା । ମୁକ୍ତା ଫେରାଇ ଦେବାକୁ ଯେତିକି ଫାଙ୍କ ଲୋଡ଼ା, ଫାଟକ ସେତିକି ମେଲା କରି କହିଲା "ଡାକ୍ତରବାବୁ ଗୋଟାଏ ଜରୁରୀ ରୋଗୀ ଦେଖିବାକୁ ଡାକରା ପାଇ ବାହାରକୁ ଯାଇ ଅଛନ୍ତି ।" ଏତିକି କହି ସେ ଅତି ଲଜ୍ଜାରେ ଫାଟକ ବନ୍ଦ କରିଦେଲା ।

ବର୍ତ୍ତମାନ ଦଳର ସମସ୍ତଙ୍କ ମୁହଁରେ ଏକ ନିଦାରୁଣ ଲଜ୍ଜା ଓ ଅପମାନର ଛାୟା ଫୁଟି ଉଠିଲା । ଲୋକେ ନିଜ ନିଜ ଗନ୍ତବ୍ୟରେ ଚାଲି-ଗଲେ । ଭିଖାରୀମାନେ ଗୀର୍ଜା ପାହାଚକୁ ଓ ଦେଖଣାହାରୀମାନେ ଅନ୍ୟତ୍ର ହଟିଗଲେ । ସମସ୍ତଙ୍କ ସାମନାରେ ଅପମାନ ଓ ଲଜ୍ଜାରୁ ନିଷ୍କୃତି ଦେବାକୁ କିନୋର ପଡ଼ୋଶୀମାନେ ମଧ୍ୟ ଏଣେ ତେଣେ ଖସିଗଲେ ।

ଜୁଆନା ସାଙ୍ଗରେ କିନୋ ବହୁତବେଳ ପର୍ଯ୍ୟନ୍ତ ଫାଟକ ସାମନାରେ ଠିଆ ହୋଇରହିଲା । ଧୀରେ ଧୀରେ ସେ ଟୋପିଟା ପୁଣି ମୁଣ୍ଡରେ ପିନ୍ଧିନେଲା । ଏହାପରେ ହଠାତ୍ ବଜ୍ର ମୁଷ୍ଟିରେ ଫାଟକ ଉପରେ ବିଧାଏ ମାଇଲା । ସେ ଆଘାତରେ ତା ଅଙ୍ଗୁଳି ଗଣ୍ଠି ଫାଟି ରକ୍ତ ବହିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା ।

Digitized by srujanika@gmail.com

ଦୁଇ

ସାଗର ସଙ୍ଗମର ପ୍ରଶସ୍ତ ମୁହାଣ ଉପରେ ସହରଟି ଅବସ୍ଥିତ । ଏଠାକାର ଘରଗୁଡ଼ିକ ବହୁତ ପ୍ରାଚୀନ । କାନ୍ଥରେ ହଳଦିଆ ରଙ୍ଗର ପଲସ୍ତରା । ଘର ଗୁଡ଼ିକ ସତେ ଯେମିତି ବେଳାଭୂମିକୁ ମାଡ଼ି ପଡ଼ୁଛି । ସମୁଦ୍ର-ତଟରେ ନାଲି ଓ ଧଳା ରଙ୍ଗର କେତେଗୁଡ଼ିଏ ପୋତଉ । ଏ ଗୁଡ଼ିକ ନ୍ୟାପୁଲସ୍ ଠାରୁ ଆସିଥିଲା । ପାଣି ନ ପଶି ପାରିବ ଉପରିତଳ ପ୍ରଲେପ ଓ ସବୁ ଉପରେ ବୋଳ ଦିଆଯାଇଥାଏ । କେଉଟମାନେ ପୁରୁଷାନୁକ୍ରମେ ନିଜର ପୋତଉ ଏହିପରି ରକ୍ଷା କରିଥାନ୍ତି । ଏହି ପ୍ରଲେପ ପ୍ରସ୍ତୁତ ପ୍ରଣାଳୀ ଏଠା କେଉଟମାନଙ୍କର ଗୋଟିଏ ନିଜସ୍ୱ ଗୋପନ ଶିଳ୍ପ । ପୋତଉଗୁଡ଼ିକ ଦେଖିବାକୁ ଯେମିତି ଉଚ୍ଚ, ସେମିତି ସୁନ୍ଦର । ତାହାର ଅଗ ମଙ୍ଗ ଯେମିତି ବଙ୍କା, ପଛ ମୁଣ୍ଡ ମଧ୍ୟ ସେହିପରି । ମଧ୍ୟସ୍ଥଳରେ ଦୁଇ ପଟାର ଯୋଡ଼-ଜାଗାରେ ଟିକିଏ ଫାଙ୍କ । ସେହି ଫାଙ୍କରେ ମାସ୍ତୁଲ ଖଞ୍ଜାଯାଏ ଏବଂ ମାସ୍ତୁଲରେ ଟଙ୍ଗା ହୁଏ ଛୋଟ ତିନିକୋଣିଆ ପାଲ ।

ସମଗ୍ର ବେଳାଭୂମି ହଳଦିଆ ବାଲିରେ ପରିପୂର୍ଣ୍ଣ; କେବଳ ପାଣି ପାଖରେ ବାଲି ବଦଳରେ ଗୁଡ଼ାଏ ପଥର ଟେଳା ଓ ସାମୁଦ୍ରିକ ଦଳ । ଛୋଟ ଛୋଟ କଙ୍କଡ଼ାମାନେ ବାଲି ଉପରେ ନିଜ ନିଜ ଗାତକୁ ଅନବରତ ଧାଁ ଧପଡ଼ କରୁଥାନ୍ତି । ପାଣିରେ ବୁଦ୍ ବୁଦ୍ ଭାସି ଉଠୁଥାଏ । ଅଳ୍ପଜଳ ତଳେ ଗାଲଦା-ଚିଙ୍ଗୁଡ଼ି ସବୁ ନିଜର ଗୋଠ ଗୁଣ୍ଡି ବେଳେବେଳେ ଉପରକୁ ଉଠୁଥାଆନ୍ତି । ଏ ଚିଙ୍ଗୁଡ଼ି ଫଳ ଡିମା ପଥର ସନ୍ଧିରେ ରହିଥାନ୍ତି । ସମୁଦ୍ର ତଳ ଦେଶ ନାନା ପ୍ରକାର ସାମୁଦ୍ରିକ ଜୀବଜନ୍ତୁରେ ପୂର୍ଣ୍ଣ । କିଏ ପେଟରେ ଘୁଷୁରୁଛି, କିଏ କୁଦୁଛି, କିଏ ବା ପହଁରୁଛି । ନାନାପ୍ରକାର ଉଦ୍ଭିଦ ମଧ୍ୟ ରହିଛି । ବାଦାମୀ ରଙ୍ଗର ଏକପ୍ରକାର ଘାସ ଅଳ୍ପ ସ୍ରୋତରେ ନଇଁ ବଙ୍କି ହେଉଥାଏ । ସବୁଜ ରଙ୍ଗର ଇଲ୍ ନାମକ ଘାସର ଅଗି ସ୍ରୋତ ଯୋଗୁଁ ଦୋହଲୁ ଥାଏ । ଇଲ୍ ଘାସର ଗଣ୍ଠିରେ ଝୁଲୁଥାନ୍ତି ଛୋଟ ଛୋଟ ପୋଡ଼ାମୁହାଁ ମାଛ । ଇଲ୍ ଘାସ ମୂଳରେ ଅଛନ୍ତି ଏକପ୍ରକାର ବୋଟିଟି

Digitized by srujanika@gmail.com

ନାମକ ଡେଙ୍ଗରଆ, ବିଷାକ୍ତ ମାଛ । ଏମାନଙ୍କ ମୁଣ୍ଡ ଉପରେ କଙ୍କଡ଼ା-ଗୁଡ଼ିକ ପହଁରି ବୁଲୁଥାନ୍ତି । ସହରର ବେୱାରିସ କୁକୁର ଓ ଘୁଷୁରିଗୁଡ଼ାକ ନିର୍ଜଳ ଭୂମିରେ ଖାଦ୍ୟ ଖୋଜିବାରେ ବ୍ୟସ୍ତ । ଜୁଆର ଢେଉରେ ମଲାମାଛ ଓ ଚଟ୍ଟେଇ ପ୍ରଭୃତି ଅନେକ ସମୟରେ ଭାସିଆସିଥାନ୍ତି । ଏମାନେ ତାହାଙ୍କୁ ଖୋଜି ବୁଲୁଛନ୍ତି ।

ଅଳ୍ପ ଆଗରୁ ଭୋର୍ ହୋଇଥିଲେ ମଧ୍ୟ ଏତିକିବେଳୁ ଅସ୍ପଷ୍ଟ ମରୀଚିକା ଦେଖା ଗଲାଣି । ସମଗ୍ର ଉପସାଗର ଉପରେ ଗୋଟାଏ ଧୂମ ବାତାବରଣ ବ୍ୟାପି ଯାଇଥିବାରୁ କିଛି ଦେଖାଯାଉନାହିଁ । କାହିଁ ଛୋଟ ଜିନିଷ ବହୁତ ବଡ଼ ଦେଖାଯାଉଛି; ପୁଣି କାହିଁ ଖୁବ୍ ବଡ଼ ବସ୍ତୁ ଦିଶୁଛି ଅତି କ୍ଷୁଦ୍ର । ସୁତରାଂ ସବୁ ଦୃଶ୍ୟମାନ ବସ୍ତୁ ଅବାସ୍ତବ ପରି ବୋଧହୁଏ । ଏପରି ଅବସ୍ଥାରେ ଆଖିକୁ ବିଶ୍ୱାସ କରିହେବନାହିଁ । ସ୍ଥଳଭାଗ ଓ ଜଳଭାଗର ପାର୍ଥକ୍ୟ ପରିଷ୍କାର ବାରି ହେଉଥିଲେ ମଧ୍ୟ ସାଗର ବୋଇଲେ ଏକ ଅନିଶ୍ଚିତତା, ଏକ ସ୍ୱପ୍ନ ଭଳି ଅସ୍ପଷ୍ଟତା ମନକୁ ଆଚ୍ଛନ୍ନ କରିପକାଏ । ସମ୍ଭବତଃ ଏଇଥିପାଇଁ ଉପସାଗର ତୀରବାସୀ ଲୋକମାନେ କଳ୍ପନାପ୍ରିୟ ଏବଂ ଭାବୁକ ପ୍ରକୃତିର ହୋଇପଡ଼ିଛନ୍ତି । ଯେଉଁଠାରେ ସତେ ଦୃଷ୍ଟିବିଭ୍ରମ ଘଟେ, ଯେଉଁଠାରେ ନିଜ ଆଖିକୁ ବିଶ୍ୱାସ କରିହୁଏ ନାହିଁ, ସେଠାରେ ମଣିଷର ମନ ଅନ୍ତର୍ମୁଖୀ ନ ହେବ ବା କିପରି ? କୌଣସି ବିଶେଷ ବସ୍ତୁର ସ୍ୱରୂପ ବା ସ୍ଥାନର ଦୂରତ୍ୱ ଠିକ୍ ଭାବରେ ନିର୍ଣ୍ଣୟ କରିବା ପାଇଁ ଆଖି ଉପରେ ନିର୍ଭର କଲେ ଏ ସ୍ଥଳେ ଭ୍ରମରେ ପଡ଼ିବାହିଁ ସାର । କାରଣ, ଏଠାରେ ସବୁ କିଛି ଅସ୍ପଷ୍ଟ ଏବଂ ମରୀଚିକାଗ୍ରସ୍ତ । ମୁହାଣର ଅପର ପଟେ ଗୁଡ଼ାଏ ଗଛ ଡାଳ ପତ୍ର ସମେତ—ସହରରୁ ଅତି ପରିଷ୍କାର ଭାବରେ ଦେଖାଯାଏ । ପୁଣି ଗୁଡ଼ାଏ ଗଛ ଆଦୌ ସ୍ପଷ୍ଟ ଦେଖାଯାଏନାହିଁ । ମନେହୁଏ ସତେ ଯେପରି କୃଷ୍ଣାଭ, ହରିତ ବର୍ଣ୍ଣର ଗୋଟାଏ ବୁଦା ଦିଗନ୍ତରେ ମୁଣ୍ଡ ଟେକିଛି । ଦୂରସ୍ଥ ତୀରଭୂମିର କେତେକାଂଶ ସ୍ପଷ୍ଟ ବାରିହୁଏ; ପୁଣି କେତେକାଂଶ ମନେହୁଏ ସତେ ଯେପରି ପାଣିରେ ମିଶିଯାଇଛି । ଏଠାରେ ଆଖି ଉପରେ ମୋଟେ ଭରସା କରିହେବନାହିଁ । ଯେଉଁ ବସ୍ତୁ ଯେଉଁଠାରେ ଯେପରି ଅବସ୍ଥାରେ ଥିବାର ଦିଶୁଛି ତାହା ଯେ ଠିକ୍ ସେଇଠି ସେଇପରି ଅଛି ଏକଥା ଜୋର୍ କରି କହିବା ବା ପ୍ରମାଣ କରିହେବନାହିଁ । ଏଣୁ

Digitized by srujanika@gmail.com

ଉପସାଗର ତଟବାସୀଙ୍କର ଧାରଣା ଯେ, ସମଗ୍ର ପୃଥିବୀଟା ଏମିତିକା ଅନ୍ତତଃ, ଏମିତି ହୋଇଥିଲେ ସେମାନେ ଆଶ୍ଚର୍ଯ୍ୟ ହେବେନାହିଁ । ଉପସାଗର ଜଳ ରାଶି ଉପରେ ଗୋଟାଏ ତମ୍ବାଳିଆ କୁହେଳିକା ମାଡ଼ି ଗଲାପରି ମନେହୁଏ । ପ୍ରଭାତ ତପନର ପ୍ରଖର ରଶ୍ମି ଏହି କୁହେଳିକା ଉପରେ ପଡ଼ୁଥିବାରୁ ମନେହୁଏ ଦିଗନ୍ତଟା କମ୍ପି ଉଠୁଛି । ଅନାଇଲେ ଆଖି ଝଲସି ଉଠେ ।

ସହରର ଡାହାଣ ପଟେ ବେଳାଭୂମି କଡ଼େ କଡ଼େ କେଉଟ-ମାନଙ୍କର ପତ୍ର ଗୁଡ଼ଉଣି, ଝାଟିମାଟିର କୁଡ଼ିଆଗୁଡ଼ିକ । ସେଗୁଡ଼ିକର ସମ୍ମୁଖରୁ ବେଳାଭୂମିରେ ପୋଡ଼ଉଗୁଡ଼ିକ ଧାଡ଼ି ଧାଡ଼ି ଥୁଆ ।

କନୋ ଆଉ ଜୁଆନା ଧୀରେ ଧୀରେ ବେଳାଭୂମି ଆଡ଼କୁ ଆଗେଇ ଆସି ନିଜ ପୋଡ଼ଉ ପାଖରେ ଠିଆହେଲେ । ଏ ଖଣ୍ଡି ହେଉଛି ପୃଥିବୀରେ କନୋର ଏକମାତ୍ର ସମ୍ପତ୍ତି । ଏ ଖଣ୍ଡି ଅତି ପୁରୁଣା । କନୋର ଅଜା ଏହାକୁ ନ୍ୟାୟାରିଟ୍‌ଠାରୁ ଆଣିଥିଲେ । ସେ କନୋ ବାପାକୁ ସେ ଖଣ୍ଡି ଦେଇଯାଇଥିଲେ ଏବଂ ସେହି ଉତ୍ତରାଧିକାରରେ ସେଖଣ୍ଡି କନୋ ପାଇଅଛି । ଏହା ଏକାଧାରେ ସମ୍ପତ୍ତି ଓ ଜୀବିକା । ପୋଡ଼ୁଅ ଖଣ୍ଡେ ଥିଲେ ଘରଜାକୁ ଖୁଆଇପାରିବା ସୁନିଶ୍ଚିତ । ଏଥିରୁ ଖଣ୍ଡେ ଥିଲେ ଅନ୍ନବସ୍ତ୍ରର ଅଭାବ ନଥାଏ । ପ୍ରତିବର୍ଷ କନୋ ବହଳିଆ ଓ ମଜବୁତ୍ କରି ପ୍ରଲେପ ନିଜ ପୋଡ଼ଉରେ ଲଗାଇଥାଏ । ପ୍ରଲେପ ତିଆରିର ଗୁପ୍ତ ବିଦ୍ୟାଟି କନୋ ତା' ବାପାଠାରୁ ଶିଖିଥିଲା ।

ଧୀର ପଦରେ କନୋ ନିଜ ପୋଡ଼ଉ ପାଖକୁ ଆସି ଅନ୍ୟ ଦିନ ପରି ଗଭୀର ମମତାରେ ମଙ୍ଗ ଉପରେ ଗୋଟିଏ ହାତ ରଖିଲା । ଏହାପରେ ଡୁବାରିର ସରଞ୍ଜାମ, ଟୋକେଇ, ଆଉ ଦୁଇଖଣ୍ଡି ଦଉଡ଼ି ପୋଡ଼ଉ ପାଖରେ ବାଲି ଉପରେ ଥୋଇଲା, ପରେ ନିଜ କମ୍ବଳ ଖଣ୍ଡିକ ଚଉତେଇ ପୋଡ଼ଉ ମଙ୍ଗରେ ରଖିଲା ।

ଜୁଆନା କୟୋଟିଟୋକୁ କମ୍ବଳ ଉପରେ ଶୁଆଇ ନିଜ ଗୁଦର ଖଣ୍ଡିକ ଚଉତେଇ ଓଢ଼େଇ ଦେଲା, ଯେପରିକି ଟାଣ ଖରା ପିଲାକୁ ନ ବାଧିବ । କୟୋଟିଟୋ ବର୍ତ୍ତମାନ ଅନେକ ପରିମାଣରେ ଶାନ୍ତ ପଡ଼ିଥାଏ । ତେବେ ତା' କାନ୍ଧର ଫୁଲାଟା ବହୁତ ବଢ଼ିଯାଇ ବେକ ଓ କାନମୂଳପାଏ

Digitized by srujanika@gmail.com

ମାଡ଼ିଯାଇଥାଏ । ମୁହଁଟା ତା'ର ଫଣଫଣ ଓ ଜରୁଆ ଦିଶୁଥାଏ । ଜୁଆନା ପାଣିରେ ପଶି ଖଣ୍ଡେଦୂର ଆଗେଇଲା । ସେ ପାଣି ଭିତରୁ ଖୋଜି ଖୋଜି କେତୋଟି ସାମୁଦ୍ରିକ ଦଳ ଗୋଟାଇ ତାକୁ ଚକଟି ପିଲାଟାର ଫୁଲା ଉପରେ ପୁଲ୍‌ଟିସ୍ ପରି ବୋଳିଦେଲା । ଔଷଧ ହିସାବରେ ଏହା ବାଜେ ଜିନିଷ ନୁହେ ବରଂ ଡାକ୍ତରଙ୍କ ଔଷଧଠାରୁ ସମ୍ଭବତଃ ଅଧିକ ଫଳପ୍ରଦ । ତେବେ ଏହା ପାଇଁ ଦାମ ଲାଗିନାହିଁ । ଏହା ଖୁବ୍ ସୁଲଭ । କିନ୍ତୁ କୌଣସି ଡାକ୍ତର ଏହା ବତାଉନାହାନ୍ତି । କପ୍ପୋଟିଟୋର ପେଟଟେଣା ଆରମ୍ଭ ହୋଇନାହିଁ । ବୋଧହୁଏ କଙ୍କଡ଼ା ବିଛା ନାହୁଡ଼ ମାରି ଯେତିକି ବିଷ ପୂରାଇ ଦେଇଥିଲା, ଜୁଆନା ସେତିକି ବିଷ ଠିକ୍ ସମୟରେ ଚୁଷି କାଢ଼ି ପକାଇଅଛି । ବିଷ ସିନା ଚୁଷି ନେଇଛି; ହେଲେ କଅଣ ହେବ, ପ୍ରଥମ ସନ୍ତାନର ବିପଦ ପାଇଁ ସେ ନିଜ ମନରୁ ଫଶୟ ଓ ଆଶଙ୍କା ଦୂରକରି ପାରିନାହିଁ । ସେ ପୁଅକୁ ଆରୋଗ୍ୟ କରି ଦେବାପାଇଁ ଭଗବାନଙ୍କୁ ପ୍ରାର୍ଥନା ନକରି ଖାଲି କହୁଥାଏ "ହେ ଭଗବାନ୍ ! ଆମକୁ ବଡ଼ ମୁକ୍ତାଟିଏ ଦିଅନ୍ତୁ, ଯେଉଁଥିରୁ କି ଆମେ ଡାକ୍ତରଙ୍କୁ ଫିସ୍ ଦେଇ ପିଲାକୁ ଆରୋଗ୍ୟ କରାଇପାରିବୁ ।" ଠିକ୍ ଉପସାଗରର ମରୀଚିକା ଭଳି ଅସ୍ପଷ୍ଟ ଓ ଅବାସ୍ତବ ହେଉଛି ଏଠା ମଣିଷଗୁଡ଼ିକର ମନୋଭାବ ।

କିନୋ ଆଉ ଜୁଆନା ଦୁହେଁ ମିଳି ପୋଡ଼ଉକୁ ଧୀରେ ଧୀରେ ଠେଲି ଠେଲି ବେଳାଭୂମିରୁ ପାଣିକୁ ନେଇଗଲେ । ପୋଡ଼ଉ ମଙ୍ଗ ପାଣିରେ ଭାସିବାରୁ ଜୁଆନା ମଙ୍ଗ ଉପରକୁ ଉଠିଗଲା । କିନୋ ପାଣିରେ ପଶି ପଛରୁ ପେଲି ପେଲି ପୋଡ଼ଉକୁ ପୂରା ଭସାଇଲା । ସାନ ସାନ ଢେଉରେ ପୋଡ଼ଉଟି ଦୋହଲି ଉଠିଲା । ଏହା ପରେ ଦୁହେଁ ଦିଧାରିଆ ଆହୁଲା ଚଳାଇଲେ । ପୋଡ଼ଉଟି ପାଣିକାଟି ହ୍ୱିସ୍ ହ୍ୱିସ୍ ଶବ୍ଦରେ ଆଗେଇବାକୁ ଲାଗିଲା । ଅନ୍ୟ ମୁକ୍ତା-ସନ୍ଧାନୀ କେଉଟମାନେ ବହୁତ ଆଗରୁ ବାହାରି ପାଇଥିଲେ । କିଛିକ୍ଷଣ ପରେ କିନୋ ଅନ୍ୟସବୁ କେଉଟଙ୍କୁ ଦେଖି-ପାରିଲା । ସେମାନେ ଦୂରରେ ଗୋଟାଏ ଜାଗାରେ ରୁଣ୍ଡ ହୋଇଥିଲେ । କିନୋକୁ ସେମାନେ ଅସ୍ପଷ୍ଟ ଭାବେ ଦେଖାଯାଉଥିଲେ । ତାଙ୍କର ପୋଡ଼ଉ-ଗୁଡ଼ିକ ମୁକ୍ତା ମିଳିବା ସ୍ଥାନରେ ସମୁଦ୍ର ଉପରେ ଭାସୁଥିଲା ।

Digitized by srujanika@gmail.com

ସୂର୍ଯ୍ୟାଲୋକ ପାଣି ଭେଦକରି ତଳକୁ ବୋଲି ପଡ଼ୁଥାଏ । ସମୁଦ୍ରର ସେହି ଅସମତଳ ଦେଶରେ ଥିବା ଫୁଲି ଫୁଲି ସାମୁକାଗୁଡ଼ିକ ଉପରେ ସୂର୍ଯ୍ୟ କିରଣ ପ୍ରତିଫଳିତ । ଏହି ସାମୁକାରୁ ମୁକ୍ତା ମିଳେ । ସମୁଦ୍ର ତଳେ ସର୍ବତ୍ର ଭଙ୍ଗା, ଅଧାଭଙ୍ଗା ସାମୁକା ଖୋଳ ବିଛିହୋଇ ପଡ଼ିଥାଏ । ବହୁ କାଳ ପୂର୍ବେ ସ୍ପେନର ରାଜା ୟୁରୋପରେ ସବୁଠାରୁ ବଡ଼ ଶକ୍ତିଶାଳୀ ହୋଇଉଠିଥିଲେ । ତାହାର ମୂଳରେ ଥିଲା ଏଠାକାର ମୁକ୍ତା । କେତେ ଯେ ମୁକ୍ତା ସେ ଆହରଣ କରିଥିଲେ ତାହାର ଇୟତ୍ତା ନାହିଁ । ସେହି ମୁକ୍ତା-ଦ୍ୱାରା ସେ ନିଜର ଯୁଦ୍ଧଖରଚ ଯୋଗାଇଥିଲେ ଏବଂ ଗୀର୍ଜାଗୁଡ଼ିକ ସଜାଇ ଥିଲେ ବୋଲି ସେସବୁ ଗୀର୍ଜାରେ ତାଙ୍କ ସ୍ୱର୍ଗତ ଆତ୍ମାର ଶାନ୍ତି କାମନା କରାଯାଇଥିଲା । ପାଉଁଶିଆ ରଙ୍ଗର ସାମୁକାଗୁଡ଼ିକର ଧାର କୁଞ୍ଚ କୁଞ୍ଚିଆ । ଗୋଲିଆ ଚଟାଣ ଖୋଳ ବାଲା ସାମୁକାର ଧାରରେ ନାନା ପ୍ରକାର ଶିଉଳି ଲାଗିଥାଏ ଏବଂ ପିଠି ଉପରେ ସାନସାନ କଙ୍କଡ଼ା ଚଢ଼ିଥାନ୍ତି । ଯେ କୌଣସି ସମୟରେ ଏମାନଙ୍କର ବିପଦ ଘଟିପାରେ । ହଠାତ୍ ହୁଏତ ଗୋଟିଏ ବାଲିକଣା ଆସି ପଡ଼ିଲା କାହାର ପେଶୀ ଭିତରେ । ଏହା ଫଳରେ ସାମୁକାର ରଗ ଟାଣିବା ଆରମ୍ଭ ହୋଇଯାଏ । ଏଥିରୁ ରକ୍ଷା ପାଇବାପାଇଁ ସାମୁକାଟି ନିଜର ମାଂସ ସଞ୍ଚାଳନ କରେ । ଏହାପରେ ବାଲି କଣାଟିର ଚାରିପଟେ ସାମୁକାର କ୍ଳେଦଦ୍ୱାରା ଏକ ଆସ୍ତରଣ ସୃଷ୍ଟି ହୁଏ । ଏପରି ହେବା ଥରେ ଆରମ୍ଭ ହେଲେ ଏହି କ୍ଳେଦର ଆସ୍ତରଣ ବଢ଼ିବାକୁ ଲାଗେ । ବେଳେବେଳେ ସାମୁକାର ମାଂସ ସଞ୍ଚାଳନ ଯୋଗୁଁ ବାଲି କଣାଟି ଛିଟିକି ବାହାରିଯାଏ । ବେଳେବେଳେ ସ୍ରୋତର ପ୍ରଖରତାରେ ସାମୁ-କାଟି ମରି ମଧ୍ୟ ଯାଇଥାଏ ।

ବହୁ ଶତାବ୍ଦି ଧରି ଡୁବାଳିମାନେ ଏଠାରୁ ସାମୁକା ସଂଗ୍ରହ କରି ଆସୁଛନ୍ତି । ସେମାନେ ସାମୁକା ଧରି ତାକୁ ଚିରି ଏହି ଆବରଣାବୃତ୍ତ ବାଲିକଣାଟି ସଂଗ୍ରହ କରିଥାନ୍ତି । ମନ୍ଦା ମନ୍ଦା ମାଛ ସମୁଦ୍ର ତଳେ ଏହି ସାମୁକା ପାଖରେ ଥାଆନ୍ତି । ମୁକ୍ତା ସନ୍ଧାନୀମାନେ ସାମୁକା ଚିରି ଫିଙ୍ଗି ଦେଲେ ସେମାନେ ତାହାର ଭିତରପଟେ ଖୁମ୍ପି ଖୁମ୍ପି ଖାଆନ୍ତି । ମୁକ୍ତା ପ୍ରସ୍ତୁତ ହେବା ଯେପରି ଆକସ୍ମିକ, ଭାଗ୍ୟ ସୁପ୍ରସନ୍ନ ନଥିଲେ ମୁକ୍ତା ମିଳିବା

Digitized by srujanika@gmail.com

ମଧ୍ୟ ସେହିପରି ଆକସ୍ମିକ । ପ୍ରକୃତରେ ମୁକ୍ତା ମିଳିବାଟା ଭଗବାନଙ୍କର ଆଶୀର୍ବାଦ ବୋଲି ଧରିବାକୁ ହେବ ।

କନୋର ଦୁଇଖଣ୍ଡି ଦଉଡ଼ି । ଖଣ୍ଡିକରେ ବନ୍ଧାଥାଏ ଗୋଟାଏ ଭାରି ପଥର, ଆଉ ଅନ୍ୟଟିରେ ବନ୍ଧାଥାଏ ଟୋକେଇଟା । କୁରୁତା, ପାଇଜାମା ଓ ଟୋପି ଫିଟାଇ କନୋ ପୋଡ଼ଉ ଭିତରେ ଥୋଇଦେଲା । ସମୁଦ୍ରର ପାଣି ଏକାବେଳେକେ ତେଲପରି ସ୍ନିଗ୍ଧ । କନୋ ପଥର ବନ୍ଧା ଥିବା ଦଉଡ଼ିଟି ଗୋଟିଏ ହାତରେ ଏବଂ ଟୋକେଇଟା ଅନ୍ୟହାତରେ ଧରି ପ୍ରଥମେ ଗୋଡ଼ ଦୁଇଟି ପାଣିରେ ପୂରାଇ ତଳକୁ ଖସିଗଲା । ଭାରି ପଥରଟା ତାକୁ ଏକାବେଳକେ ସମୁଦ୍ର ତଳ ଦେଶକୁ ନେଇଗଲା । ପାଣିରେ ବୁଦ୍ ବୁଦ୍ ଉଠିଲା । କିଛି କ୍ଷଣ ପରେ ସବୁ ସ୍ଥିର ହେବାରୁ ପାଣି ସ୍ୱଚ୍ଛ ହୋଇଗଲା ଏବଂ କନୋ ସ୍ପଷ୍ଟ ଦେଖିପାରିଲା । ପାଣି ଉପରଟା ଏକ ବାସ୍ତବ କାଚପରି ଝକ ଝକ ଉଜ୍ଜ୍ୱଳ । ପୋଡ଼ଉ ଖଣ୍ଡିକର ନିମ୍ନଅଂଶ ସେ ପାଣିତଳୁ ପରିଷ୍କାର ଦେଖିପାରିଲା ।

ପାଣି ଗୋଳିଆ ହୋଇ ଦୃଷ୍ଟି ଯେପରି ଅସ୍ପଷ୍ଟ ନହୁଏ ସେଥିପାଇଁ କନୋ ଖୁବ୍ ସତର୍କ ଭାବରେ ଏପାଖ ସେପାଖ ବୁଲି ଖୋଜିବାକୁ ଲାଗିଲା । ସେ ପଥର ବନ୍ଧା ଦଉଡ଼ି ଫାଶରେ ଗୋଡ଼ ଗଳାଇ ଶୀଘ୍ର ଶୀଘ୍ର ହାତ ବୁଲାଇ ସାମୁକା ସବୁ ଟାଣି ଟୋକେଇରେ ପୂରାଇଲା । କେତେବେଳେ ଗୋଟାଏ ଦୁଇଟା କେତେବେଳେ ବା ପଲେ ଲେଖା । କେତେ ଜାଗାରେ ସାମୁକାମାନେ ପରସ୍ପରକୁ କାମୁଡ଼ି ରହିଥାନ୍ତି ; ଏଣୁ ଗୋଟାଏ ଉଠାଇଲେ ସବୁତକ ଉଠିଆସୁଥିଲେ ।

ପୃଥିବୀରେ ଯାହା କିଛି ହୁଏ ବା ହୋଇଅଛି ସବୁ ବିଷୟରେ କନୋର ଜାତିଭାଇ ଗୀତ ବାନ୍ଧିଛନ୍ତି । ମାଛ ପାଇଁ ଗୀତ, ଉତ୍ତାଳ ସାଗର ସମ୍ବନ୍ଧରେ ଗୀତ, ଶାନ୍ତ ସମୁଦ୍ର ବିଷୟକ ଗୀତ, ଆଲୋକ ଅନ୍ଧାର ସମ୍ପର୍କରେ, ସୂର୍ଯ୍ୟ ଚନ୍ଦ୍ର ପାଇଁ ଗୀତ ; ଏମିତିସବୁ ଦେଖା ଶୁଣା ଓ ଜଣା ବିଷୟରେ ତାଙ୍କର ଗୀତ ରଚିତ । ଏପରି ଯେତେ ଗୀତ ବନ୍ଧା ହୋଇଛି ସବୁତକ କନୋ ଓ ତା'ର ଜାତିଭାଇମାନେ ଜାଣନ୍ତି । କେତେକ ଗୀତ ମଧ୍ୟ ଅନେକେ ଭୁଲି ଯାଇଅଛନ୍ତି । ସାମୁକା ସବୁ ଗୋଟାଇ ଟୋକେଇରେ ଥୋଇଲାବେଳେ କନୋ ମନରେ ନାନା ଗୀତ ଜାଗିଥିଲା ; ପାଣିତଳେ ଦମ

Digitized by srujanika@gmail.com

ବନ୍ଦ ଅବସ୍ଥାରେ ଧୀରେ ଧୀରେ ଅମ୍ଳଜାନ ଶେଷହୋଇ ଯିବାରୁ କନୋର ହୃତ୍‌ସ୍ପନ୍ଦନ ସମ୍ଭବତ ଗୀତର ତାଳପଡ଼ିବାକୁ ଲଗିଲା । ସବୁଜ, ଧୂସର ଜଳରାଶି ଭିତରେ କୁହୁକର ଗଳ୍ପ ଗୀତର ସୁର । କ୍ଷୁଦ୍ର ସାମୁଦ୍ରିକ ଜୀବ ଏବଂ ଚଳନ୍ତ ମାଛ ମନ୍ଦାଗୁଡ଼ିକ ତାହାର ଗୀତର ପରିବେଶ ସୃଷ୍ଟିରେ ସହାୟତା କଲେ । ତେବେ ଏ ଗୀତ ଯେ ସଚେତନ ମନର ଗୀତ, ତା' ନୁହେ । ଗୀତ ଭିତରେ ପୁଣି ଗୀତ ରହିଛି । ତାହା ଗୁପ୍ତ । ଏହା ଅବଚେତନ ମନର ସୂକ୍ଷ୍ମ ସ୍ନାୟୁର ଗୀତ । ବୁଝି ନ ହେଲେ ମଧ୍ୟ ଗୀତ ଚାଲିଥାଏ । ସେ ଗୀତ ହେଉଛି ଯେଉଁ ମୁକ୍ତାଟି ତା ହାତକୁ ଆସିବାର ଆଶା ତାହା ସମ୍ପର୍କରେ ଯେଉଁ ସାମୁକାଗୁଡ଼ିକ ଗୋଟାଇ ସେ ଟୋକେଇରେ ରଖୁଛି ହୁଏତ ସେଥିରେ ଗୋଟାଏ ଲେଖାଁ ମୁକ୍ତା ଥାଇପାରେ । ଅବଶ୍ୟ ମୁକ୍ତା ଥିବାର ସମ୍ଭାବନା ଖୁବ୍ ଊଣା । କିନ୍ତୁ ଭାଗ୍ୟ ପ୍ରସନ୍ନ ଥିଲେ ଏବଂ ଈଶ୍ୱରଙ୍କ ଦୟା ହେଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ । କନୋ ଜାଣେ ଯେ, ମୁଣ୍ଡ ଉପରେ ପୋଡ଼ଉରେ ବସି ଜୁଆନା ଠିକ୍ ଏହିଭଳି ଗୋଟାଏ ଅଲୌକିକ ଘଟଣା ପାଇଁ ପ୍ରାର୍ଥନା କରୁଅଛି । ପ୍ରାର୍ଥନାର ଯାଦୁମନ୍ତ୍ର ଭାଗ୍ୟକୁ ପ୍ରସନ୍ନ କରାଇ ପାରିବ କି ନାହିଁ, ଜଣାନାହିଁ । ଭାଗ୍ୟ ସୁପ୍ରସନ୍ନ କରାଇବାକୁ ହେବ—ଜୋର କରି କରାଇବାକୁ ହେବ ; ବିଧାତାଙ୍କ ହାତ ମୂଠା ମଧ୍ୟରୁ ସୌଭାଗ୍ୟ ଟାଣି ଆଣିବାକୁ ହେବ । କୟୋଟିଟୋର କାନ୍ଧ ଫୁଲ ଭଲ କରିବା ପାଇଁ ଏହା ନୋକାନ୍ତ ଲୋଡ଼ା । ଏହି ବଡ଼ଟ ପ୍ରୟୋଜନ ଏବଂ ଇଚ୍ଛାର ତ‌ଉ଼ନାରେ ଆଜି ସକାଳର ମୁକ୍ତାଲାଭ ଆଶା ଅନ୍ୟ ଦିନ ତୁଳନାରେ ଖରତର ହୋଇଉଠିଲା । ପୋଡ଼ଉ ଉପରିସ୍ଥ ଏପରି ଗୀତର ପ୍ରତ୍ୟେକ ପଦ ସହିତ ସମୁଦ୍ର ତଳ ଗୀତର ପ୍ରତି ପଦ ମିଶିଯାଉଥାଏ ।

କନୋ ବୟସରେ ଯେମିତି ତରୁଣ ସେହିଭଳି ବଳିଷ୍ଠ । ଏଥିପାଇଁ ସେ ଗର୍ବ କରିପାରେ । ସେ ପାଣି ଭିତରେ ଦୁଇମିନିଟରୁ ବେଶୀ ସ୍ୱଚ୍ଛନ୍ଦରେ ରହିପାରେ । ଏଥିଯୋଗୁଁ ସେ ଇଚ୍ଛା କରି ବାଛି ବାଛି ବଡ଼ ବଡ଼ ସାମୁକା ସଂଗ୍ରହ କଲା । ପାଣିରେ ହଲଚଲ ହୋଇଯିବାରୁ ସାମୁକାଗୁଡ଼ିକ ଶକ୍ତ ଭାବରେ ମୁହଁ ବନ୍ଦ କରି ପକାଇଲେ । କନୋର ଅଳ୍ପ ଡାହାଣକୁ ଗୋଟାଏ ଡେମା ପଥରର କୁଦ । ଏହି କୁଦର ଗୁରିପଟେ ବହୁ ସାମୁକା ଲୁଆ । ଏ ଗୁଡ଼ା ଅଦରକାରୀ । ଏହି କୁପଟା ପାଖକୁ କନୋ ଗଲା । ସେ

Digitized by srujanika@gmail.com

ଦେଖିଲା କୁଦର ଉପର ଅଂଶ ଟିକିଏ ଆଗକୁ ବଢ଼ି ରହିଛି ଏବଂ ତାହାର ତଳେ ରହିଛି ଗୋଟାଏ ମାତ୍ର ବଡ଼ ସାମୁକା । ତା' ଆଖପାଖରେ ଆଉ କୌଣସି ସାମୁକା ନାହାନ୍ତି । ଏହି ବଡ଼ ସାମୁକାର ମୁହଁ ଅଧା ମେଲା । ଏଟା ଏକ ବୁଢ଼ା ସାମୁକା । କୁଦଟାର ଆଗକୁ ବଢ଼ିଥିବା ଅଂଶ ତଳେ ରହିଥିବାରୁ ଏହା ଉପରେ କାହାର ନଜର ପଡ଼ି ନାହିଁ । ସାମୁକା ଓଠ ଭିତର ପେଶୀଗୁଡ଼ିକ ଭୂତ ଆଖି ପରି ଜ୍ୱଳଜ୍ୱଳ କରୁଥିଲା । କିନୋକୁ ଦେଖି ସାମୁକା ବନ୍ଦ ହୋଇଗଲା ; କିନୋର ହୃତ୍ପିଣ୍ଡ ଧଡ଼୍‌ଧଡ଼୍ ହେବାକୁ ଲାଗିଲା । ହୁଏତ ଏଥିରେ ମୁକ୍ତା ଅଛି । ମୁକ୍ତାର ସଙ୍ଗୀତ କିନୋର କାନରେ ଧ୍ୱନିତ ହେଲା । ସେ ଆସ୍ତେ ଆସ୍ତେ ସେଇ ସାମୁକାକୁ ଟାଣି ବାହାର କରି ନିଜ ବୁକୁରେ ଖୁବ୍ ଜୋର୍‌ରେ ଗୃପି ଧଇଲା । ଏହା ପରେ ଦଉଡ଼ି ଫାଶରୁ ଗୋଡ଼ କାଢ଼ି ପାଣି କାଟି ଉପରକୁ ଉଠିଲା । ତା'ର କଳାକେଶଗୁଡ଼ିକ ଖରାରେ ଚକ୍ ଚକ୍ କରୁଥାଏ । ସେ ନିଜର ପୋଡ଼ଉର ଗୋଟାଏ ପାଖରେ ପହଞ୍ଚି ସାମୁକାକୁ ତା' ଭିତରେ ଥୋଇଲା ।

ପୋଡ଼ଉରେ ଚଢ଼ିଲା ବେଳେ ଅସୁବିଧା ନହେବ ବୋଲି ଜୁଆନା ତହିଁର ଭାର-ସାମ୍ୟ ରକ୍ଷା କରିଥାଏ । ଉତ୍ତେଜନାରେ କିନୋର ଦୁଇ ଆଖି ଦାଉ ଦାଉ ହେଉଥାଏ । ନିଜକୁ ସଂଯତ କରି ସାରି ସେ ତା'ର ପଥର ଏବଂ ତା'ପରେ ସାମୁକା ଟୋକେଇ ଟାଣି ଉଠେଇ ନେଲା । ଜୁଆନା କିନୋର ଉତ୍ତେଜନା ଲକ୍ଷ୍ୟ କଲେ ମଧ୍ୟ ଯେମିତି କିଛି ଜାଣି ନାହିଁ ଏପରି ଭଙ୍ଗୀ କଲା । କୌଣସି ବସ୍ତୁ ବେଶୀ ଆଶା କରିବା ଭଲ ନୁହେ । ଏଥିରେ ବେଳେ ବେଳେ ଭାଗ୍ୟ ବିମୁଖ ହୋଇ ଉଠେ । ଯେତିକି ଦରକାର ଠିକ୍ ସେତିକି ଲୋଡ଼ିବା ଉଚିତ । ଭଗବାନଙ୍କ ଦୟା ଲାଭକରିବାକୁ ହେଲେ କିଛି କୌଶଳ ମଧ୍ୟ ଲୋଡ଼ା । କିନ୍ତୁ ଜୁଆନାର ନିଃଶ୍ୱାସ ବନ୍ଦ ହୋଇ ଆସୁଥାଏ । ଧୀରେ ଧୀରେ କିନୋ ନିଜର ଶକ୍ତ ଷ୍ଟେଟ ଛୁରି ଖଣ୍ଡିକ ଫିଟାଇଲା । ଏହାପରେ ଅନ୍ଦାଜ କରିବା ପାଇଁ ଟୋକେଇ ଆଡ଼କୁ ଗୃହିଁଲା । ବଡ଼ ସାମୁକାଟାକୁ ସବାଶେଷରେ କାଟିଲେ ବୋଧ ହୁଏ ଭଲ ହେବ । ଟୋକେଇରୁ ସାନ ସାନ ସାମୁକା ଉଠାଇ ନେଇ ତହିଁର ପେଶୀଗୁଡ଼ିକ ଛୁରିରେ କାଟି ମାଂସର ଭାଙ୍ଗ ଭିତରେ ମୁକ୍ତା ଖୋଜିଲା; ତାପରେ ସମୁଦ୍ର ପାଣିକୁ ଫିଙ୍ଗିଦେଲା । ଶେଷରେ ବଡ଼ ସାମୁକାଟା ଉପରେ ଆଖି ପକାଇଲା,

Digitized by srujanika@gmail.com

ଯେମିତି ଏହାକୁ ସେ ପ୍ରଥମଥର ପାଇଁ ଦେଖୁଛି । ସେ ପିଣ୍ଡୁମାଡ଼ି ଯୋଡ଼ିଉ ଭିତରେ ବସି ବଡ଼ ସାମୁକାଟାକୁ ଉଠାଇ କିଛିକ୍ଷଣ ପରୀକ୍ଷା କଲା । ଏହି ସାମୁକାଟିର ରଙ୍ଗ ଭିନ୍ନ ପ୍ରକାର । ଧୂସରଧୂସର କଳାଠାରୁ ଚକଚକିଆ ପିଙ୍ଗଳବର୍ଣ୍ଣ । ସାନସାନ ସାମୁକାଛୁଆ ମଧ୍ୟ ତା ଦେହରେ ବେଶୀ ଲାଗି ନଥାନ୍ତି । ଅଳ୍ପ କେତୋଟି ଖୋଳ ଦେହରେ ଲାଗିଥିଲା । ଏହାକୁ ଫିଟାଇ ଦେଖିବା ପାଇଁ ଜନୋର ଇଚ୍ଛା ହେଉନଥାଏ । ପାଣି ଭିତରେ ସେ ଯାହା ଦେଖିଥିଲା ହୁଏତ ତାହା କୌଣସି ଶ୍ରେଷ୍ଠ ସାମୁକାର ଦୀପ୍ତି ହୋଇପାରେ, ଯାହାକି ଦୈବାତ୍ ଏହି ବଡ଼ ସାମୁକା ଭିତରେ ପଶି ଯାଇଅଛି । ହୁଏତ ତାହାର ଦୃଷ୍ଟିଭ୍ରମ ମଧ୍ୟ ହୋଇପାରେ । ଏହି ଉପସାଗରରେ ଆଲୁଅ ଓ ଛାୟାରେ ସତ୍ୟ ଓ ବାସ୍ତବ ଅପେକ୍ଷା ମିଥ୍ୟା ଓ ଅଳୀକର ଆଧିକ୍ୟ ବହୁତ ବେଶୀ । ଜୁଆନା ବରାବର ସ୍ୱାମୀକୁ ଅନାଇଥାଏ । ସେ ଆଉ ଧୈର୍ଯ୍ୟଧରି ପାରୁନଥାଏ । ଗୃଦର ଢଙ୍କା କୟୋଟିଟୋ ମୁଣ୍ଡ ଉପରେ ଗୋଟିଏ ହାତ ଥୋଇ ବଡ଼ ସାମୁକାଟାକୁ ଇଙ୍ଗିତ କରି ମୃଦୁ ସ୍ୱରରେ କହିଲା, "ସେଟା ଖୋଲ ଦେଖୁନାହିଁ ।"

ଦକ୍ଷତାର ସହିତ ଜନୋ ସାମୁକାର ଗୋଟିଏ ପାଖରୁ ଛୁରୀ ବସାଇଦେଲା ଏପରି କଲାବେଳେ ଜନୋ ବୁଝିପାରିଲା ଯେ ସାମୁକାଟି ନିଜ ପେଶୀ ସଙ୍କୁଚିତ କରିବାକୁ ପ୍ରାଣପଣେ ଚେଷ୍ଟାକରୁଅଛି । ପେଶୀଗୁଡ଼ିକ ଖୁବ୍ ଶକ୍ତ । ସେ ଛୁରୀ ଫଳକଟା ତଳଆଡ଼ୁ ଉପରକୁ ଚଳାଇଲା । ବୁଜିଯାଇଥିବା ପେଶୀଗୁଡ଼ିକ ଛୁରୀ ଧାରରେ ଦୁଇ ଭାଗ ହୋଇଗଲା । କ୍ଷଣକରେ ଖୋଳପା ଦୁଇଟା ମଧ୍ୟ ଦୁଇଭାଗ ହୋଇ ପଡ଼ିଗଲା । ଜନୋ ଖଣ୍ଡିଏ ମାଂସ ଉଠାଇନେଲା । ହେଇଟି ତ ଏହାରି ଭିତରେ ଅଛି ସତକୁ ସତ ଚନ୍ଦ୍ରକାନ୍ତି ସଦୃଶ ଗୋଟିଏ ବଡ଼ ମୁକ୍ତା । ମୁକ୍ତାଟି ଉପରେ ସୂର୍ଯ୍ୟକିରଣ ପଡ଼ି ଚାରିଆଡ଼େ ବିଚ୍ଛୁରିତ ହେଉଅଛି । ରୂପାପରି ଶୁଭ୍ର ଓ ସ୍ୱଚ୍ଛ ତାହାର ଦୀପ୍ତି । ସାମୁଦ୍ରିକ ଗଲର ଅଣ୍ଡାପରି ବଡ଼ ଆକାରର ମୁକ୍ତାଟିଏ । ଏତେ ବଡ଼ ମୁକ୍ତା ପୃଥିବୀରେ ଆଉ ନଥିବ ।

ଉତ୍ତେଜନାରେ ଜୁଆନାର ଦମ୍ ବନ୍ଦ ହୋଇଗଲା । ଅକସ୍ମାତ୍ ନିଃଶ୍ୱାସ ନେବାରୁ ମନେ ହେଲା ସେ ଯେପରି କାତର ହୋଇଗଲାଣି ।

Digitized by srujanika@gmail.com

କନୋ ମନରେ ଏଥର ମୁକ୍ତାର ସଙ୍ଗୀତ କୁହର ଉଠିଲା । ଗୀତଟି ଯେପରି ମନୋହର ସେହିପରି ଆଶାଲୋକରେ ଭାସ୍ୱର । ବିମର୍ଷ ଦେହ ମନ ଉପରେ ଏ ଗୀତ ନୂତନ ପ୍ରାଣବନ୍ୟା ସୃଷ୍ଟି କରିଥାଏ । ବିଜୟୀର ତୃପ୍ତି, ଆନନ୍ଦ ଏବଂ ଉଚ୍ଛଳତାରେ ଗୀତଟିର ପ୍ରତି କଳି ପରିପୂର୍ଣ୍ଣ ; ମୁକ୍ତାଟି ଦେହରେ କନୋ ଯେପରି ଦେଖି ପାରିଲା ଅସଂଖ୍ୟ ସ୍ୱପ୍ନ ମୂର୍ତ୍ତି । ସାମୁକାର ମୃତ ମାଂସ ପିଣ୍ଡ ଭିତରୁ ମୁକ୍ତାଟି କାଢ଼ି ନିଜ ହାତ ପାପୁଲିରେ ବୁଲେଇ ବୁଲେଇ ଭଲ କରି ଦେଖିବାରୁ କନୋ ନିଃସନ୍ଦେହ ହେଲା ଯେ ମୁକ୍ତାଟି ସମ୍ପୂର୍ଣ୍ଣ ନିଖୁଣ । ଜୁଆନା ଟିକିଏ ନିକଟକୁ ଆସି ସ୍ୱାମୀ ହାତ ପାପୁଲି ଉପରେ ଥିବା ମୁକ୍ତାକୁ ଦେଖିବାକୁ ଲାଗିଲା, ଡାକ୍ତର ବାବୁଙ୍କ ଫାଟକରେ ବାଧାମାରି କନୋର ଯେଉଁ ହାତ ଜଖମ ହୋଇଥିଲା ସେହି ହାତ ପାପୁଲିରେ ମୁକ୍ତାଟିକୁ ଧରିଥାଏ । ସମୁଦ୍ର ପାଣିରେ ଭିଜି ଭିଜି ହାତର ଜଖମ ସ୍ଥାନର ମାଂସ ପାଉଁଶିଆ ହୋଇଯାଇଥାଏ ।

ବାପାର କମ୍ବଳ ଉପରେ ଯେଉଁଠି କୟୋଟିଟୋ ଶୋଇଥିଲା — ଜୁଆନା ସେଠାକୁ ଆସିଲା । ସେ ଯେଉଁ ସାମୁଦ୍ରିକ ଶିଉଳର ପ୍ରଲେପ କୟୋଟିଟୋର କାନ୍ଧ ଫୁଲାରେ ବୋଳିଥିଲା, ତାହା କାଢ଼ି ପକାଇ ବଡ଼ ପାଟିରେ ଡାକିଲା "କନୋ ।"

କନୋ ମୁକ୍ତା ଉପରୁ ଦୃଷ୍ଟି ଫେରାଇ ଦେଖିଲା ଯେ କୟୋଟିଟୋର କାନ୍ଧଫୁଲା ଅନେକାଂଶରେ ଊଣା ପଡ଼ିଯାଇଅଛି । ମନେହେଲା ତା ଦେହରୁ ବିଷ ହଟି ଯାଉଅଛି ।

କନୋ ହାତ ମୁଠାରେ ମୁକ୍ତାକୁ ମୁଠେଇ ଧରିଲା । ଆବେଗର ପ୍ରାବଲ୍ୟରେ ସେ ବିହ୍ୱଳ । ମୁଣ୍ଡଟା ପଛପଟକୁ ବଙ୍କାଇ ସେ ଚିତ୍କାର କଲା । ଦୁଇ ଆଖି ତା'ର ଅସ୍ଥିର, ଶରୀର କାଠ ହୋଇ ଗଲାଣି ; ତଥାପି ସେ ଡାକ ହାକ କରୁଥାଏ । କନୋର ଧରଣ ଦେଖି ଆଖ ପାଖ ଡଙ୍ଗାଘରେ ଥିବା ଲୋକେ ଚକିତ ହୋଇ ଉଠିଲେ । ସେମାନେ ଦ୍ରୁତ ଆହ୍ଲାଦ ମାରି କନୋ ଘୋଡ଼ଉ ଆଡ଼କୁ ଧାଇଁଲେ ।

Digitized by srujanika@gmail.com

ତିନି

ସହରଗୁଡ଼ିକ ସତେ ଯେପରି ଗୋଟାଏ ଗୋଟାଏ ·ଔପନିବେଶିକ ଜନ୍ତୁ ପରି ବର୍ଣ୍ଣ୍ୟ । ଜନ୍ତୁ ପରି ସହରଗୁଡ଼ିକର ସ୍ନାୟୁ, ମୁଣ୍ଡ, କାନ୍ଧ, ପାଦ, ସବୁ ଅଛି । କୌଣସି ଦୁଇଟା ବସ୍ତୁ ଯେପରି ଏକରକମ ହୋଇ ନଥାଏ ସେହିପରି କୌଣସି ଦୁଇଟା ସହର ମଧ୍ୟ ଏକ ପ୍ରକାର ନୁହେ । ପ୍ରତ୍ୟେକ ସହରର ଗୋଟିଏ ନିଜସ୍ୱ ଭାବାବେଶ ଅଛି । ସହର ମଧ୍ୟରେ ଖବର ଯେ କିପରି ବ୍ୟାପିଯାଏ ତାହା ଏକ ରହସ୍ୟ । ଏହାକୁ ସହଜରେ ଭେଦ କରି ହେବ ନାହିଁ । ସାନ ସାନ ପିଲା ଦୌଡ଼ାଧାପଡ଼ି କରି ତୁଣ୍ଡେ ତୁଣ୍ଡେ ସମ୍ବାଦ ଯେପରି ଦ୍ରୁତ ପ୍ରଖର କରିଥାନ୍ତି କିମ୍ବା ସ୍ତ୍ରୀଲୋକମାନ ପାଖ ପଡ଼ଶାଙ୍କ ସହିତ ନିଜ ହତାମଧ୍ୟରେ ରହି କଥାବାର୍ତ୍ତା କରି ଯେପରି ଖବର ପ୍ରଚାର କରିଥାନ୍ତି, ତହୁଁ ଦ୍ରୁତଭାବରେ ଶ୍ରେଷ୍ଠ ସହରମାନଙ୍କରେ ଖବର ମାଡ଼ି ଯାଇଥାଏ ।

କିନୋ ଏବଂ ଜୁଆନା ଓ ଅନ୍ୟ କେଉଟମାନେ ଉପସାଗରରୁ ନିଜ କୁଡ଼ିଆକୁ ଫେରିବା ପୂର୍ବରୁ ସାରା ସହରରେ ·ସ୍ପଷ୍ଟ ହୋଇଯାଇଥାଏ ଯେ କିନୋ ଗୋଟିଏ ମୁକ୍ତା ପାଇଅଛି ଓ ସେ ମୁକ୍ତାଟି ପୃଥିବୀରେ ସବୁଠାରୁ ଶ୍ରେଷ୍ଠ ମୁକ୍ତା । ଏଥିପାଇଁ ସହର ତମାମ ଗୋଟାଏ ଚହଳ, ଗୋଟାଏ ହୈଚୈ ପଡ଼ିଯାଇଥାଏ । ସାନ ପିଲାଏ ଧାଇଁ ଧାଇଁ ମା ମାଉସୀଙ୍କୁ ଖବରଦେବା ପୂର୍ବରୁ ସେମାନେ ତାହା ଜାଣି ଯାଇଥିଲେ । କିନୋର ମୁକ୍ତା ପାଇବା ସମ୍ବାଦ ବସ୍ତିର କୁଡ଼ିଆ ଘର ଟପି ସହରର କୋଠା·ଘରେ ବାସ କରୁଥିବା ଧର୍ମ ବଡ଼ଲୋକଙ୍କ କାନରେ ପଡ଼ିଲା । ଧର୍ମଯାଜକ ନିଜ ବଗିଚାରେ ବୁଲୁଥିବା ବେଳେ ଏହି ଖବର ଶୁଣି ଚିନ୍ତାନ୍ୱିତ ହୋଇ ପଡ଼ିଲେ । ଗୀର୍ଜାଘରର କେତେ ଜାଗା ମରାମତି କରିବା ଆବଶ୍ୟକ ବୋଲି ତାଙ୍କର ସ୍ମରଣ ହେଲା । କିନୋର ଏହି ମୁକ୍ତାର ମୂଲ୍ୟ କେତେହୋଇପାରେ, ପୁରୋହିତ ସେ କଥା ଅନୁମାନ କରିବାକୁ ଲାଗିଲେ । ସେ ହେତୁ କରିବାକୁ ଲାଗିଲେ କିନୋର ବାହାଘର ବେଳେ

Digitized by srujanika@gmail.com

ସେ ପୌରୋହିତ୍ୟ କରିଥିଲେ କି ନାହିଁ । କିମ୍ବା କିନୋର ପୁଅର ନାମ-କରଣ ବେଳେ ଭୁଡ଼ି କରାଇଥିଲେ କି ନାହିଁ । ଦୋକାନୀମାନେ ମଧ୍ୟ ସମ୍ବାଦଟା ଶୁଣିଲେ । ସେମାନେ ତାଙ୍କ ଦୋକାନରେ ଅବହୀତ ଭିଖାରି ପୋଷାକ ଥାକକୁ ଚାହିଁ ଆଶା ବାନ୍ଧିଲେ ଏଥର ଗ୍ରାହକ ଜୁଟିବ ।

ଡାକ୍ତର ବାବୁ ନିଜ ବୈଠକଖାନାରେ ଜଣେ ବୁଢ଼ୀର ରୋଗ ପରୀକ୍ଷା କରୁଥିଲେ । ବୁଢ଼ୀର ରୋଗଥିଲା ବାର୍ଦ୍ଧକ୍ୟ ; କିନ୍ତୁ ଡାକ୍ତର ବାବୁ, କି ବୁଢ଼ୀ; କେହି ସ୍ୱୀକାର କରିବାକୁ ନାରାଜ । ଡାକ୍ତର ବାବୁଙ୍କ ପାଖରେ ମଧ୍ୟ ଖବର ପହଞ୍ଚିଗଲା । ସେ ଯେତେବେଳେ କିନୋ କିଏ ବୋଲି ଜାଣିଲେ, ସେତେବେଳେ ତାଙ୍କର ଢଙ୍ଗ ଓ ସ୍ୱର ବଦଳି ଗଲା । କହିଲେ "କିନୋ ଘରେ ତ ମୁଁ ଚିକିତ୍ସା କରିଥାଏ । ହେଲେ ଆଜି ତା' ପିଲାକୁ କଙ୍କଡ଼ା ବିଚ୍ଛା କାମୁଡ଼ା ପାଇଁ ଚିକିତ୍ସା କରିଅଛି ।" କହୁଁ କହୁଁ ତାଙ୍କର ପିଣ୍ଡାକୃତି ଆଖି ଦୁଇଟା ଥାକୁଲା ଚକ୍ଷୁ-କୋଟରରେ ନାଚି ଉଠିଲା । ତାଙ୍କର ମନେ ପଡ଼ିଗଲା ପ୍ୟାରିସକଥା । ସେଠାରେ ସେ ଗୋଟାଏ ସାଧାରଣ ଘରେ କିଛିକାଳ ବାସ କରିଥିଲେ ; କିନ୍ତୁ ସେ ସବୁବେଳେ କହି ହେଉଥିଲେ ଯେ, ତାହା ଏକ ବଡ଼ ପ୍ରମୋଦ ପ୍ରକୋଷ୍ଠ ଥିଲା । ସେଠାରେ ଜଣେ କୁତ୍ସିତଦର୍ଶନା ସ୍ତ୍ରୀଲୋକ ସହିତ ସେ ରାତି କଟାଉ-ଥିଲେ । ତଥାପି ଡାକ୍ତର ବାବୁ ନିଜ କଳ୍ପନାରେ ତା'କୁ ସୁନ୍ଦରୀ, ସହୃଦୟା ଯୁବତୀ ବୋଲି ଭାବି ନେଇଥିଲେ । ବର୍ତ୍ତମାନ ଡାକ୍ତର ବାବୁଙ୍କୁ ନିଜ ଆଗରେ ବସିଥିବା ବୁଢ଼ୀ ଆଉ ଦେଖାଗଲା ନାହିଁ । ତା'ଙ୍କର ମନେ ହେଲା, ସେ ସତେ ଯେପରି ପ୍ୟାରିସର କୌଣସି ଜଳଖିଆ ଦୋକାନରେ ବସି ଅଛନ୍ତି । ସମ୍ମୁଖ ଟେବୁଲ ଉପରେ ମଦର ଗିଲାସ । ହୋଟେଲ ଚାକର ବୋତଲ ଠିପି ଫିଟାଇ ମଦ ଢାଳୁଅଛି ।

ଗୀର୍ଜା ସାମନାରେ ଭିଖାରୀମାନଙ୍କ କାନରେ ମୁକ୍ତାର ଖବର ପହିଲୁ ପହଞ୍ଚିଥାଏ । ଖବରଟା ଶୁଣି ଖୁସୀହୋଇ ସେମାନେ ବଡ଼ ପାଟିରେ ହସିଉଠିଲେ, କାରଣ ସେମାନଙ୍କୁ ଜଣାଥିଲା ଯେ, କୌଣସି ଗରୀବ ଲୋକ ହଠାତ୍ ଧନୀ ପାଲଟି ଗଲେ ଭିକ୍ଷାଦେବା ଓ ଦାନ ଖଇରାତ କରିବାରେ ଦୁନିଆରେ ଅଦ୍ୱିତୀୟ ହୋଇ ପଡ଼େ ।

Digitized by srujanika@gmail.com

ପୃଥିବୀର ଶ୍ରେଷ୍ଠ ମୁକ୍ତାଟି କେନୋର କରଗତ । ସହରର କେତେ ଗୁଡ଼ିଏ ଅଫିସରେ କେତେଜଣ ଲୋକ ରହୁଥିଲେ ଯେଉଁମାନେ କି କେଉଟ ମାନଙ୍କଠାରୁ ମୁକ୍ତା କିଣନ୍ତି । କେଉଟମାନେ ତାଙ୍କ ପାଖକୁ ମୁକ୍ତା ନେଇ ନ ଆସିବା ଯାଏ ସେମାନେ ନିଜ ନିଜ ଚଉକିରେ ବସି ଅପେକ୍ଷା କରିଥାନ୍ତି । ତା'ପରେ ଆରମ୍ଭ କରନ୍ତି ଦର କଷାକଷି, ଧମକ୍ ଚମକ୍ ହଟ୍ଟଗୋଳ, ଯେଉଁଥିରେ କି ନ୍ୟୂନତମ ମୂଲ୍ୟ ନେବାକୁ କେଉଟ ରାଜି ହେବ । ଅବଶ୍ୟ ଏହି ନ୍ୟୂନତମ ମୂଲ୍ୟର ଗୋଟାଏ ସୀମା ଅଛି । ସେମାନେ ତା ତଳକୁ ଯିବାକୁ ସାହସ କରନ୍ତି ନାହିଁ; କାରଣ, ଏପରି ଦେଖାଯାଇଛି ଯେ, ମୂଲ୍ୟ ବହୁତ ଊଣା ଦେଖିଲେ କେଉଟ ହତାଶ ହୋଇ ମୁକ୍ତା ନିକି ଗୀର୍ଜାକୁ ଦାନ କରିଥାଏ । କିଣା ବିକା ପର୍ବ ଶେଷ ହେଲେ ଏହି କ୍ରେତାମାନେ ଏକୁଟିଆ ବସି ଅସ୍ଥିର ଭାବରେ ଅଙ୍ଗୁଳିରେ ମୁକ୍ତାକୁ ଓଲଟାଇ ପାଲଟାଇ ଦେଖନ୍ତି । ସମସ୍ତଙ୍କର କାମନା, ମୁକ୍ତାଗୁଡ଼ିକ ତାଙ୍କର ନିଜସ୍ୱ ସମ୍ପତ୍ତି ହୁଅନ୍ତା କି ! ପ୍ରକୃତରେ କିନ୍ତୁ ବହୁ ମୁକ୍ତା-ବ୍ୟବସାୟୀ ନଥିଲେ । ଜଣେ ମାତ୍ର ବ୍ୟବସାୟୀ ଏହି ଏଜେଣ୍ଟମାନଙ୍କୁ ଭିନ୍ନ ଭିନ୍ନ ଅଫିସଘରେ ବସାଇ ଥିଲା, ଯେପରି କି ଲୋକେ ଜାଣିବେ ବହୁ କିଣାଳି ନିଜଭିତରେ ପ୍ରତିଯୋଗିତା କରୁଅଛନ୍ତି । ମୁକ୍ତାର ଦର ଊଣାକରିବା ପାଇଁ ଏହା ଗୋଟାଏ ଫନ୍ଦି । ଖବରଟା ଯଥା ସମୟରେ ଏହି ଦଲାଲମାନେ ପାଇ-ଥିଲେ । ସେଥିରେ ତାଙ୍କ ଆଖିକୋଣରେ କୁଟିଳତାର ଲକ୍ଷଣ ଫୁଟି ଉଠିଥିଲା । ସମସ୍ତଙ୍କର ଟିପ ଟିକିଏ ଜ୍ୱଳା କଲା । ସମସ୍ତଙ୍କ ମୁଣ୍ଡରେ ଗୋଟାଏ ଚିନ୍ତା ଖେଳିଲା—ମାଲିକ କଅଣ ମରିବ ନାହିଁ—ମାଲିକ ମରିଗଲେ ଆଉ ଜଣେତ କେହି ତାଙ୍କ ସ୍ଥାନ ପୂରଣ କରିବ । ପ୍ରତ୍ୟେକେ ଭାବିବାକୁ ଲାଗିଲେ କିଛି ପାଣ୍ଠି ଯୋଗାଡ଼ କରି ନୂତନ ଜୀବନ ଆରମ୍ଭ କରିବେ ।

ସବୁ କିସମର ଲୋକ ବର୍ତ୍ତମାନ କିନୋ ସମ୍ବନ୍ଧରେ ଏକାନ୍ତ ଆଗ୍ରହଶୀଳ ହୋଇ ଉଠିଲେ ; ଯଥା : ଦୋକାନଦାର ଓ ଅନୁଗ୍ରହପ୍ରାର୍ଥୀ ।

Digitized by srujanika@gmail.com

ପୃଥିବୀର ଶ୍ରେଷ୍ଠ ମୁକ୍ତାଟି ଆଜ କିନୋର କରଗତ । ମୁକ୍ତାର ମହିମା ଏଥର ମଣିଷର ଗୁରିବି କ ଜଟିଳତା ସହିତ ମିଶି ଏକ ରହସ୍ୟ ଘନ ପରିସ୍ଥିତି ସୃଷ୍ଟି କଲା । କିନୋର ମୁକ୍ତା ସହିତ ଅକସ୍ମାତ୍ ପ୍ରତ୍ୟେକ ଲୋକର ଏକ ସମ୍ବନ୍ଧ ଗଢ଼ି ଉଠିଲା । କଏ କିନୋର ମୁକ୍ତାକୁ ସ୍ୱପ୍ନ ଦେଖିଲା, କଏ ତହିଁର ମୂଲ୍ୟ ସମ୍ବନ୍ଧରେ ଅନ୍ଦାଜ କରିବାକୁ ଲାଗିଲା, କଏ ମୁକ୍ତାର ବ୍ୟବହାର ସମ୍ବନ୍ଧରେ ପରିକଳ୍ପନା କଲା । କଏ ବର୍ତ୍ତମାନ, କଏ ଭବିଷ୍ୟତ, କଏ କ୍ଷୁଧା, ଲାଳସା ଇତ୍ୟାଦି ଚିନ୍ତା କଲା । ଧରିବସିଲେ. ସମସ୍ତେ ମୁକ୍ତାଟି ସମ୍ପର୍କରେ ସ୍ଥାନ କାଳପାତ୍ର ନିର୍ବିଶେଷରେ ବ୍ୟସ୍ତ ହୋଇ ଉଠିଲେ । କେବଳ ଜଣେ ମାତ୍ର ଲୋକ ଏହି ମୁକ୍ତା ପ୍ରସଙ୍ଗରେ ଅନ୍ୟ ସମସ୍ତଙ୍କ କାମନାର ଅନ୍ତରାୟ ସେ ହେଉଛି କିନୋ । ସୁତରାଂ, କିନୋ ଏବେ ସମସ୍ତଙ୍କର ଶତ୍ରୁରେ ପରିଣତ ହୋଇଗଲା । ମୁକ୍ତା ମିଳିବା ସମ୍ବାଦଟି ସହରର ସ୍ୱାଭାବିକ ଜୀବନ ଧାରାର ଅନ୍ତରାୟ ହୋଇ ଉଠିଲା । ମଣିଷର ମୀଚତା ଏବଂ ଶତ୍ରୁତାମୀ ପ୍ରବୃତ୍ତି ସାରା ସହରକୁ କଳୁଷିତ କରିଦେଲା । ଏହା ଥିଲା କଙ୍କଡ଼ା ବିଛା ବିଷ ଜ୍ୱାଳାଠାରୁ ଅଧିକ ତୀବ୍ର । ସୁସ୍ୱାଦୁ ଖାଦ୍ୟ ଗନ୍ଧ କାହାର ବା କ୍ଷୁଧା ଉଦ୍ରେକ ନକରେ, ପ୍ରେମ ବଞ୍ଚିତ ମଣିଷ କଅଣ ସଙ୍ଗୀହୀନ ରହିପାରେ ? ଗୁହିଁ ଗୁହିଁ କିନୋ ବିରୁଦ୍ଧରେ ନାନା ଅଭିଯୋଗର ବିଷଧା ସହରରେ ଖେଳିଗଲା ଏବଂ ଏହି ପ୍ରସଙ୍ଗ ବ୍ୟତୀତ ସହରବାସୀଙ୍କର ଆଉ କିଛି ଶୁଣିବାର କି କହିବାର ରହିଲା ନାହିଁ ।

କିନୋ କିମ୍ବା ଜୁଆନା ଏ ବିଷୟ କିଛିମାତ୍ର ଜାଣି ପାରିଲେ ନାହିଁ । ସେମାନେ ସୁଖୀ ଓ ଉତ୍ତେଜିତ ହୋଇଥିବାରୁ ଭାବିନେଲେ ସମସ୍ତେ ତାଙ୍କର ସୁଖରେ ସୁଖୀ ହୋଇ ଅଛନ୍ତି । ଅବଶ୍ୟ ଭାଇର ସୁଖ ସମୃଦ୍ଧିଦେଖି ଜୁଆନ୍ ଟମାସ ଓ ତା' ସ୍ତ୍ରୀ ସୁଖ ଅନୁଭବ କରୁଥିଲେ । ଅପରାହ୍ଣରେ ସୂର୍ଯ୍ୟ ଅସ୍ତ ଯାଉଥାଏ । ଶୀଘ୍ର ପର୍ବତଶ୍ରେଣୀ ଉପରପଟେ ଖସି ସମୁଦ୍ର ତଳେ ଲୁଚି ଯିବ । କିନୋ କୁଟୀର ଭିତରେ ବସିଥାଏ—ପାଖରେ ସ୍ତ୍ରୀ ଜୁଆନା । ପଡ଼ୋଶୀମାନଙ୍କ ଭିଡରେ କିନୋର ଏହି ଝାଟିମାଟି କୁଡ଼ିଆ ଖଣ୍ଡି ଭରିଯାଇଥାଏ । ସେହି ବିରାଟ ମୁକ୍ତାଟି କିନୋ ହାତରେ ଧରିଥାଏ । ମୁକ୍ତାଟି ସତେ ଯେପରି ଜୀବନ୍ତ । କିନୋ ତହିଁର ଉଷ୍ମତା ମଧ୍ୟ ହାତରେ ଅନୁଭବ କରୁଥାଏ । ମୁକ୍ତାର ସଙ୍ଗୀତ ଏଥର ବଂଶର ସଙ୍ଗୀତ ସହିତ ମିଶି

Digitized by srujanika@gmail.com

ଏକାକାର ହୋଇ ଯାଇଥିଲା । ପଡ଼ୋଶୀମାନେ ସମସ୍ତେ କିନୋ ହାତ ପାପୁଲିରେ ମୁକ୍ତାଟିକୁ ଛୁଇଁଥିଲେ ଏବଂ ଏପରି ସୌଭାଗ୍ୟ ମଣିଷକୁ କପରି ମିଳେ ସେହିକଥା ବିସ୍ମୟରେ ଭାବୁଥିଲେ ।

ଜୁଆନ୍ ଟମାସ କିନୋର ବଡ଼ଭାଇ ବୋଲି କିନୋର ଡାହାଣ ପଟେ ବସିଥିଲା । ସେ ପଚାରିଲା "ବର୍ତ୍ତମାନ ତ ତୁମେ ବଡ଼ଲୋକ ହେଲ, ଏବେ କଅଣ କରିବାକୁ ଠିକ୍ କରିଅଛ ?"

କିନୋ ଥରେ ମୁକ୍ତାଟିକୁ ଛୁଇଁଲା । ଜୁଆନା ଦୃଷ୍ଟି ଅବନତ କରି ଶାଲ ଖଣ୍ଡିକ ଏପରିଭାବରେ ମୁହଁ ଉପରକୁ ଟାଣିନେଲା ଯେ, ତଦ୍ଵାରା ତାହାର ମୁହଁ ଆଖି ଢାଙ୍କ ହୋଇଗଲା । ଫଳରେ ତାହାର ଉତ୍ତେଜନା ଅନ୍ୟ ଲୋକଙ୍କୁ ଜଣା ପଡ଼ିଲା ନାହିଁ । ଯେଉଁସବୁ ବିଷୟ ଏଯାବତ୍ ସମ୍ପୂର୍ଣ୍ଣ ଅସମ୍ଭବ ଭାବି କିନୋ ମନରୁ ତାହା ପୋଛିବା ପାଇଁ ଚେଷ୍ଟା କରିଥିଲା, ମୁକ୍ତାର ଜ୍ୟୋତିରେ ସେହି ସ୍ଵପ୍ନଗୁଡ଼ିକ ମୂର୍ତ୍ତିହୋଇ ଉଠିଲା । ମୁକ୍ତାଟି ଭିତରେ କିନୋ ଦେଖିଲା ଯେମିତି ସେ ନିଜେ ଜୁଆନା ଓ କୟୋଟିଟୋ ଗୀର୍ଜାର ଉପାସନା ଜାଗାରେ ଆଣ୍ଠେଇ ପଡ଼ି ପ୍ରାର୍ଥନା କରୁଅଛନ୍ତି । ଯେହେତୁ ବର୍ତ୍ତମାନ ତାହା ପାଖରେ ଖରଚ କରିବା ଏବଂ ଅନ୍ୟ ସବୁ ଦରକାରୀ ଦେୟ ଦେବା ପାଇଁ ପଇସା ହୋଇଅଛି ତେଣୁ ପୁରୋହିତ ଗୀର୍ଜା ଘରେ ରୀତିମତ ଶାସ୍ତ୍ର ପାଠ କରି ତାଙ୍କ ଦୁହିଁଙ୍କର ବିବାହ କାର୍ଯ୍ୟ ସମାଧାନ କରୁଛନ୍ତି "ଆମର ବାହାଘର ଏଥର ଗୀର୍ଜାରେ ହେବ" ସେ ମୃଦୁ ସ୍ଵରରେ କହି ଉଠିଲା । ମୁକ୍ତା ଭିତରେ ଦେଇ ତା'କୁ ଦିଶିଲା ଜୁଆନା ଖଣ୍ଡେ ନୂଆ ଶାଲ, ନୂଆ ଘାଘରା ଏବଂ ଗୋଡ଼ରେ ଜୋତା ପିନ୍ଧିଅଛି । ଏହି ସବୁ ଦୃଶ୍ୟ ମୁକ୍ତା ଭିତରେ ସୂର୍ଯ୍ୟ ରଶ୍ମିରେ ଜ୍ଵଳଜ୍ଵଳ ହୋଇ ଉଠଥାଏ । ସେ ନିଜେ ପିନ୍ଧିଥାଏ ଗୋଟିଏ ନୂଆ ଧଳା ପୋଷାକ—ମୁଣ୍ଡରେ ନଡ଼ା ଟୋପି ବଦଳରେ ଦାମିକା ବନାତ ଟୋପି ଏବଂ ଗୋଡ଼ରେ ଚପଲ ବଦଳରେ ଫିତା ଲଗା ଜୋତା । କୟୋଟିଟୋକୁ ପିନ୍ଧାଇ ଥାଏ ନାବିକର ପୋଷାକ । ଏହା ନୀଳରଙ୍ଗର ଏବଂ ଯୁକ୍ତରାଷ୍ଟ୍ରରୁ ଆମଦାନୀ । ଏହାଛଡ଼ା କୟୋଟିଟୋକୁ ମୁଣ୍ଡରେ ପିନ୍ଧାଇ ଥାଏ ପ୍ରମୋଦବିହାରୀଙ୍କ ଟୋପିପରି ଗୋଟିଏ ଟୋପି । ଏମିତିକା ଟୋପି ସେ ଉପସାଗରକୁ ବିଳାସ ଭ୍ରମଣରେ

Digitized by srujanika@gmail.com

ଆସୁଥିବା ଯାତ୍ରୀଙ୍କ ମୁଣ୍ଡରେ ଦେଖିଥିଲା । ଏହି ସବୁ ଦୃଶ୍ୟ କିନୋ ମୁକ୍ତାର ଉଜ୍ଜ୍ୱଳତା ଭିତରେ ଦେଖିପାରି କହି ଉଠିଲା "ଆମେ ନୂଆ ପୋଷାକ କରିବା ।"

ମୁକ୍ତାର ସଙ୍ଗୀତ କିନୋର ଦୁଇକାନ ଭିତରେ ତୂଳାଭେଖି ମୁକ୍ତାଟିର ପାଉଁଶିଆ ବହିର୍ଦେଶ ଭିତର ଦେଇ ଆହୁରି ଅନେକ ପ୍ରକାର ସାନ ସାନ ଦରକାରୀ ଜିନିସ କିନୋକୁ ଦିଶିଲା । ତାହାର ଗୋଟାଏ ଡେଙ୍ଗା ଦରକାର—ଗତ ବର୍ଷ ତାହାର ଡେଙ୍ଗାଟି ହଜିଯାଇଥିଲା । ଏଥର ସେ କିଣିବ ଖୁବ୍ ମଜବୁତିଆ ଡେଙ୍ଗା । ଡେଙ୍ଗାଟିର ମୁଠାରେ ଥିବା ଗୋଟାଏ ଲୁହାକଡ଼ା । ଏହାଛଡ଼ା ଆଉ ଗୋଟାଏ ଜିନିସ ଦରକାର ଯାହା ସେ କେବେ ଭରସା କରିପାରୁନଥିଲା — ଏଣିକି କଲେ ବାଧା ନାହିଁ; କାରଣ ବର୍ତ୍ତମାନ ସେ ହେଉଛି ଧନୀ । ଏଥିପାଇଁ କେତେଥର ଢୋକ ଗିଳି ସେ ସ୍ଥିର କଲା ଯେ ଗୋଟିଏ ରାଇଫଲ୍ ବନ୍ଧୁକ କିଣିବ । ସେ ମୁକ୍ତା ଭିତରେ ସୁସ୍ପଷ୍ଟ ଦେଖିପାରିଲା ଯେ ସେ ଗୋଟିଏ ଉଇଞ୍ଚେଷ୍ଟର ବନ୍ଧୁକ ହାତରେ ଧରିଅଛି । ତାହାର ବିଚିତ୍ର ଦିବାସ୍ୱପ୍ନ ମଧ୍ୟରୁ ବନ୍ଧୁକର ମଧୁର ସ୍ୱପ୍ନ ଥିଲା ଅନ୍ୟତମ । କଥାଟା ଭାବୁ ଭାବୁ ତା'ର ଓଠ କମ୍ପି ଉଠିଲା । ତଥାପି ସେ ଜୋର୍ କରି କହିଉଠିଲା 'ହଁ ରାଇଫଲ୍; ଗୋଟାଏ ରାଇଫଲ ଏକାନ୍ତ କିଣିବି ।"

ରାଇଫଲ୍ ଗୋଟାଏ ରଖିବା ଅର୍ଥ ହେଉଛି ସମାଜରେ ପଦସ୍ଥ ବିବେଚିତ ହେବା । କିନୋ ପକ୍ଷରେ ଏହା ଅସମ୍ଭବ ଥିଲା; କିନ୍ତୁ ସତକୁ ସତ ଯଦି ସେ ରାଇଫଲ୍‌ଟାଏ ଯୋଗାଡ଼ କରିପାରେ ତେବେ ନିର୍ଘାତ ମନେ ହେବ ଯେ ଦିଗନ୍ତର ଦୂରତମ ପ୍ରାନ୍ତରୁ ସାନବଡ଼ ସମସ୍ତେ ଧାଇଁଆସି ତା' କୁଡ଼ିଆ ଭିତରେ ରୁଣ୍ଡହୋଇଅଛନ୍ତି । ମଣିଷର ତୃପ୍ତିର ଅବସାନ ନାହିଁ, ଏହା ଅତି ପୁରୁଣା କଥା । ମଣିଷକୁ ଯେତେ ଦେବ ତା'ର ଆକାଙ୍କ୍ଷା ସେତେ ବଢ଼ିବ । ହଠାତ୍ ଭାବିଲେ ମନେହେବ କଥାଟା ଭିତରେ ବିରକ୍ତି ଓ ଶ୍ଲାଘା ପରିପୂର୍ଣ୍ଣ । ଅନ୍ୟ ପକ୍ଷରେ, ଏପରି ଚିରନ୍ତନ ଅସୁଖୀ ଓ ଅତୃପ୍ତ ସ୍ୱଭାବଟାହିଁ ହେଉଛି ମଣିଷର ଶ୍ରେଷ୍ଠ ଗୁଣଗୁଡ଼ିକ ଭିତରେ ଅନ୍ୟତମ । ଏହି ଗୁଣ ଯୋଗୁଁ ହିଁ ମଣିଷ ବିଶ୍ୱ ଚରାଚରସ୍ଥ ଅନ୍ୟ ସବୁ ଜୀବଙ୍କ ଅପେକ୍ଷା ଶ୍ରେଷ୍ଠ; କାରଣ, ଅନ୍ୟ ପ୍ରାଣୀ ଯାହା ପାଉଥାନ୍ତି ସେତିକରେ ତୃପ୍ତ ।

Digitized by srujanika@gmail.com

କିନୋର କୁଡ଼ିଆ ଭିତରେ ସମବେତ ପ୍ରତିବେଶୀମାନେ କିନୋର ଏହି ଉଦ୍ଦାମ ପରିକଳ୍ପନା କଥା ଶୁଣି ମୁଣ୍ଡ ହଲାଇ ସମର୍ଥନ ଜଣାଇଲେ । ପଛପଟୁ ଜଣେ କହି ଉଠିଲା, "ହଁ ରାଇଫଲ୍‌ଟାଏ କିନୋ ନିଶ୍ଚୟ କିଣିବ ।"

ମୁକ୍ତାର ସଙ୍ଗୀତରେ କିନୋର ଦେହମାନ ଆଚ୍ଛନ୍ନ ହୋଇଯାଇ-ଥାଏ । ଜୁଆନା ମୁଣ୍ଡ ଟେକି ସ୍ୱାମୀକୁ ଅନାଇଲା । ସେ ସ୍ୱାମୀର ସାହସ ଦେଖି ଆବାକ୍ ହୋଇଗଲା । ତା' ଆଖି ଦୁଇଟି ବିସ୍ଫାରିତ ହୋଇଗଲା । କିନୋର କଳ୍ପନା ଦିଗନ୍ତପ୍ରସାରୀ ହୋଇଯିବାରୁ ତାହା ଦେହରେ ତଡ଼ିତ ଶକ୍ତି ଖେଳି ଉଠିଲା । ମୁକ୍ତା ଭିତରେ ସେ ଦେଖି ପାରିଲା ପୁଅର ଭବିଷ୍ୟତ । ଦେଖିଲା, କୟୋଟିଟୋକୁ ସେ ବିଦ୍ୟାଳୟରେ ଭର୍ତ୍ତି କରାଇଅଛି । ପୁଅ ଗୋଟିଏ ଛୋଟ ଡେସକ୍ ପାଖରେ ବସିଛି । ଥରେ କିନୋ କବାଟ ବାଟେ ଦେଖିଥିଲା ସ୍କୁଲରେ ପିଲାମାନେ ଏମିତି ବସନ୍ତି । କିନୋ ଦେଖିଲା ତା' ପୁଅ ଟେନା ଜ୍ୟାକେଟ୍ ଓ ରେସମର ବେକପଟି ପିନ୍ଧିଛି । ଖଣ୍ଡେ ବଡ଼ କାଗଜରେ କୟୋଟିଟୋ ଲେଖି ଲାଗିଛି । ହଠାତ୍ ମୁହଁରେ ଏକ ଭୟଙ୍କର ଭାବ ପ୍ରକଟକରି କିନୋ ପ୍ରତିବେଶୀମାନଙ୍କୁ ଚାହିଁ ଚିତ୍କାର କଲା, "ମୋ ପୁଅକୁ ମୁଁ ସ୍କୁଲକୁ ପଠାଇବି ।" ସମବେତ ଲୋକେ ତା'କଥା ଶୁଣି ମୌନ ରହିଲେ । ଜୁଆନାର ଦମ୍ ବନ୍ଦ ହୋଇ ଆସିଲା ଉତ୍ତେଜନାର ତୀବ୍ରତାରେ । ସ୍ୱାମୀ ଆଡ଼କୁ ଅନାଇବାରୁ ତା' ଆଖି ଦାଉ ଦାଉ କରି ଉଠିଲା । ମୁହୂର୍ତ୍ତକ ପାଇଁ ସେ ସ୍ୱାମୀକୁ ନ ଚାହିଁ କୋଳରେ ଶୟାନ ଶିଶୁକୁ ଚାହିଁଲା । ଭାବିଲା, "ସତେ କଅଣ ମୋ ପୁଅ ଏତେ ଭାଗ୍ୟବାନ ଜନ୍ମିଛି ।"

କିନୋର ମୁହଁରେ ଭବିଷ୍ୟତ ବାଣୀର ଜ୍ୟୋତି ଫୁଟି ଉଠିଲା । "ମୋ ପୁଅର ବହି ଫିଟାଇ ପଢ଼ିବ, ମୋ ପୁଅ ଲେଖି ଶିଖିବ, ଅଙ୍କ କଷିବ । ଏହି ସବୁ ଶିଖିବା ଫଳରେ ଆମ ଜୀବନରେ ସ୍ୱାଧୀନତା ଦେଖା ଦେବ । କୟୋଟିଟୋ ସବୁ ଜାଣିବ ଓ ଶିଖିବ ଏବଂ ତା'ଠାରୁ ଆମେ ସବୁ ଶିଖି ନେବା ।"

Digitized by srujanika@gmail.com

ମୁକ୍ତାଟି ଭିତରେ କିନୋ ସ୍ପଷ୍ଟ ଦେଖିବାକୁ ପାଇଲା ଯେ କୁଟୀର ମଧ୍ୟରେ ଚୁଲି ମୁଣ୍ଡରେ ସ୍ୱାମୀ ସ୍ତ୍ରୀ ଦୁହେଁ ବସିଛନ୍ତି । ତା'ଙ୍କ ପାଖରେ ଝଣ୍ଟେ ବଡ଼ ବହି ଫିଟାଇ ପୁଅ ପଢ଼ି ଲାଗିଛି । "ମୁକ୍ତା ପ୍ରସାଦରୁ ଏହି ସବୁ ଘଟିବ" ବୋଲି କିନୋ କହିଲା । ମୁକ୍ତାଟି ପାଇବାର ଅଳ୍ପ ସମୟ ଭିତରେ କିନୋ ଯେତେ କଥା କହିଲାଣି ବୋଧହୁଏ ବିଗତ ସମଗ୍ର ଜୀବନରେ ସେତେ କହି ନଥିବ । ଏତେ କଥା କହିବା ଯୋଗୁଁ ହଠାତ୍ ତା'ର ଭୟ ଜାତ ହେଲା । ସେ ମୁକ୍ତାଟିକୁ ମୁଠାଇ ପକାଇଲା । ତେଣୁ, ବାହାର ଆଲୋକ ମୁକ୍ତା ଉପରେ ପଡ଼ିବା ବନ୍ଦ ହେଲା । ସବୁକଥା ନ ଜାଣି ଯେଉଁ ଲୋକେ କିଛି ଗୋଟାଏ ନିଶ୍ଚୟ କରିବେ ବୋଲି ପ୍ରତିଜ୍ଞା କରିପକାନ୍ତି ସେମାନେ ଯେପରି ଭୟ ପାଇଥାନ୍ତି, କିନୋ ସେହିପରି ଭୀତ ହୋଇ ଉଠିଲା ।

କିନୋର ମୁକ୍ତା ପାଇବାଟା ଯେ ସତକୁ ସତ ଏକ ଅସାଧାରଣ ଘଟଣା, ପ୍ରତିବେଶୀମାନେ ସମସ୍ତେ ସେ କଥା ଏଥର ସ୍ପଷ୍ଟ ବୁଝି ପାରିଲେ । କିନୋର ମୁକ୍ତାଟି ବିଶ୍ୱର ଏକ ଯୁଗ ନିର୍ଦ୍ଧାରକ ବସ୍ତୁ ହିସାବରେ ଗଣ୍ୟହେବ, ଆଗାମୀ ଅନେକ ବର୍ଷ ଧରି ଲୋକେ ଏହି ମୁକ୍ତା ପ୍ରସଙ୍ଗ ଆଲୋଚନା କରିବେ । ଏହା ଯଦି ପ୍ରକୃତରେ ଘଟେ, ତା'ହେଲେ ଦେଖା-ଯିବ ଆଜିର ଏହି ଦର୍ଶକମାନେ କିନୋର ଚେହେରା, ଗୃହିଣୀ, କଥାବାର୍ତ୍ତା ଇତ୍ୟାଦି କହି ବୁଲିବେ । ସେମାନେ କହିବେ, "କିନୋ ଆଉ କିନୋ, ହୋଇ ରହିଲା ନାହିଁ । ଏକ ଶକ୍ତି କରାୟତ୍ତ ହେଲାରୁ ତା'ର ଭାଗ୍ୟ ପାଲଟିବାକୁ ଲାଗିଲା । ଆଜି ତା'ର ଯେଉଁ ଗରିମା ଦେଖୁଛ ତାହା ସେଇ ମୁହୂର୍ତ୍ତରୁ ସୁରୁ ହେଲା । ଇଯେତ ଆମ ଆଖି ଆଗରେ ଘଟିଥିବା କଥା ।"

ପରନ୍ତୁ କିନୋର ପରିକଳ୍ପନା ଯଦି ବ୍ୟର୍ଥ ହୋଇଯାଏ, ତା'ହେଲେ ଏହି ପ୍ରତିବେଶୀମାନେ କୁହାକୁହି ହେବେ, "ଭାଗ୍ୟ କିନୋ ପ୍ରତି ସୁପ୍ରସନ୍ନ ହେଲେ ମଧ୍ୟ ନିଜର ନିର୍ବୁଦ୍ଧିତା ଯୋଗୁଁ ସେ ଭାଗ୍ୟର ଆଶୀର୍ବାଦକୁ ଯଥାର୍ଥଭାବେ ବ୍ୟବହାର କରି ପାରିଲା ନାହିଁ । ଖାଲି ବାଜେ କଥା ବକ୍‌ବକ୍ କରୁଥିଲା । ସେ ପୂରାପୂରି ବୋକାମି ଓ ପାଗଳାମି କରିଥିଲା । ଈଶ୍ୱର ଆମକୁ ଏହି ଦୁର୍ଗତିରୁ ରକ୍ଷାକରନ୍ତୁ । ଈଶ୍ୱର କିନୋକୁ ତା' ନିର୍ବୁଦ୍ଧିତା ଯୋଗୁଁ ଶାସ୍ତି ଦେଲେ । ସେ ସ୍ୱାଭାବିକ ଜୀବନଧାରା ନ ମାନି ଚାଲିଲା

Digitized by srujanika@gmail.com

ବୋଲି ଏପରି ଅଧଃପାତକୁ ଗଲା । ସେ ପାଗଳାପରି ବକ୍‌ବକ୍ କଲା ବେଳେ ମୁଁ ପରା ଦେଖିଛି । ସେ ନିଜେ ନିଜ ଅଧଃପତନ ପାଇଁ ଦାୟୀ ।”

କନୋ ଆଖି ବୁଜିଆଣି ନିଜ ମୁଷ୍ଟିବଦ୍ଧ ହାତକୁ ଏବଂ ଅଙ୍ଗାଳି ଗଣ୍ଠିର ଘା ଆଡ଼କୁ ଅନାଇଲା । ସେହି ହାତ ଦେଇ ସେ ଡାକ୍ତରବାବୁଙ୍କ ଫାଟକରେ ବାଧା ମାରିଥିଲା ।

ସନ୍ଧ୍ୟା ଆସନ୍ନ । ଜୁଆନା ନିଜର ଶାଲଖଣ୍ଡିକ ଦ୍ୱାରା କୟୋଟିଟୋକୁ ଗୁଡ଼ାଇ ପକାଇଲା । ପିଲାଟି ତା ପଛପଟେ ଝୁଲି ରହିଲା । ଏହାପରେ ସେ ଚୁଲ୍ଲୀପାଖକୁ ଯାଇ ପାଉଁଶରୁ ନିଆଁ ଟିକିଏ କାଢ଼ି ସେଥିରେ କୁଟାକାଠି ଗୁଞ୍ଜି ପଙ୍ଖାକରି ଚୁଲ୍ଲୀ ଜ୍ୱଳାଇବାକୁ ଚେଷ୍ଟା କଲା । ନିଆଁର ଛୋଟ ଛୋଟ ସ୍ଫୁଲିଙ୍ଗର ଆଭା ପ୍ରତିବେଶୀମାନଙ୍କର ମୁହଁ ଆଖି ଗୃହ ପଟେ ନାଚ କୁଳୁଥାଏ । ଖାଇବା ସମୟ ହେଲେ ମଧ୍ୟ ସେମାନେ ସେ ସ୍ଥାନ ଛାଡ଼ି ନିଜ ନିଜ ଘରକୁ ଯିବାକୁ ନାରାଜ ଥିଲେ । ଅନ୍ଧକାର ଘନ ହୋଇ ଆସୁଥାଏ । ଚୁଲ୍ଲୀ ନିଆଁର ଗୁଇ ଝାଂଟି କାନ୍ଥରେ ପଡ଼ୁଥାଏ । ଏମିତି ସମୟରେ ସମସ୍ତେ ଗୋଟାଏ କଥା ଫୁସ୍ ଫୁସ୍ ହେଲେ । “ଧର୍ମଯାଜକ, ପାଦ୍ରୀସାହେବ ଆସୁ-ଅଛନ୍ତି” ନିଜ ନିଜ ମୁଣ୍ଡରୁ ଟୋପି କାଢ଼ି ପୁରୁଷମାନେ ଦୁଆର ବାହାରେ ଠିଆ ହେଲେ । ସ୍ତ୍ରୀଲୋକମାନେ ନିଜ ନିଜ ଓଢ଼ଣା ଶାଲ ଟାଣି ମୁହଁର କିଛି ଅଂଶ ଘୋଡ଼ାଇ ଆଖି ବୁଜିଆଁ ଦେଲେ । କନୋ ଓ ତାହାର ବଡ଼ଭାଇ ଜୁଆନ୍ ଟମାସ୍ ଉଠି ଠିଆ ହେଲେ । ପୁରୋହିତ ମହାଶୟ ଭିତରକୁ ଆସିଲେ । ତାଙ୍କର ବୟସ ହେଲାଣି, ବାଳ ପାଚି ଆସିଲାଣି । କିନ୍ତୁ ଆଖି ଦୁଇଟି ଏକେବାରେକେ ଢାଲଢାଲ କରୁଛି । ପୁରୋହିତ କନୋ ଏବଂ କନୋର ପ୍ରତିବେଶୀମାନଙ୍କୁ ନିହାତି ଶିଶୁ ମନେ କରନ୍ତି । ଖାଲି ମନେ କରନ୍ତି, ଏମନ୍ତ ନୁହେ ; ସେହିଭଳି ତାଙ୍କ ସହିତ କଥାବାର୍ତ୍ତା ମଧ୍ୟ କରିଥାନ୍ତି ।

ସେ ଧୀରେ ଧୀରେ କହିଲେ “କନୋ, ଜଣେ ମହାପୁରୁଷଙ୍କ ନାମରେ ତୁମ ନାମ ଦିଆ ଯାଇଅଛି । ସେ ଥିଲେ ଗୀର୍ଜାର ଜଣେ ପିତା ।” ପ୍ରାୟ ମନ୍ତ୍ର ଉଚ୍ଚାରଣ ଭଙ୍ଗୀରେ ସେ କହି ଚାଲିଲେ, “ଯାହାଙ୍କ ନାମ ଅନୁସାରେ ତୁମର ନାମକରଣ ହୋଇଛି ସେ ଏହି ବିରାଟ ମରୁପ୍ରାନ୍ତରରେ ସଭ୍ୟତା ସଞ୍ଚାର କରି ଏବଂ ତୁମ ଜାତି ମଣିଷଙ୍କ ମନରୁ ବିଷ ହଟାଇ

Digitized by srujanika@gmail.com

ଅମୃତ ଭରି ଦେଇଥିଲେ—ତୁମେ ଏକଥା ଜାଣିନ୍ତୁ କି ? ଏକଥା ବାଇବଲରେ ଲେଖାଅଛି ।”

କିନୋର ଦୃଷ୍ଟି ତତ୍‌କ୍ଷଣାତ୍ ଜୁଆନାର ପିଠିପଟେ ଝୁଲୁଥିବା କମ୍ବୋଟିଏ ମୁଣ୍ଡ ଉପରେ ପଡ଼ିଲା । ତା’ର ମନେ ହେଲା ଦିନେ ତା ପୁଅ ବାଇବଲରେ ସବୁ କଅଣ ଲେଖାଅଛି, କଅଣ ନାହିଁ—ଜାଣି ପାରିବ । କିନୋ ମନରୁ ସଙ୍ଗୀତର ମୂର୍ଚ୍ଛନା ଲିଭି ଆସୁଥିଲା ; କିନ୍ତୁ ବର୍ତ୍ତମାନ ଅତି ଧୀରେ ଓ କ୍ଷୀଣ ସ୍ୱରରେ ପ୍ରଭାତର ସଙ୍ଗୀତ, ଶତ୍ରୁତାର ସଙ୍ଗୀତ ଏବଂ ଶତ୍ରୁର ସଙ୍ଗୀତ ପୁଣି ଶୁଭିଲା ଉଠିଲା । କିନୋ ତୀକ୍ଷ୍ଣ ଦୃଷ୍ଟିରେ ବୁଝିବାକୁ ଚେଷ୍ଟା କଲା ପ୍ରତିବେଶୀମାନଙ୍କ ଭିତରୁ କିଏ ତା’ର କୁଟୀରରେ ଶତ୍ରୁର ସଙ୍ଗୀତ ପୂରାଇ ଦେଲେ ।

ପୁରୋହିତ ମହାଶୟ ପୁଣି କହିଲେ “ମୁଁ ଶୁଣିଲି, ତୁମ ଭାଗ୍ୟ ବଦଳିଛି, ତୁମେ ଗୋଟିଏ ବଡ଼ ମୁକ୍ତା ପାଇଅଛ ।”

କିନୋ ମୁକ୍ତା ଫିଟାଇ ମୁକ୍ତାଟି ଦେଖାଇଲା । ଚକିତ ହୋଇ ପୁରୋହିତ ମୁକ୍ତାଟି ଦେଖିଲେ । ତାହା କେତେ ବଡ଼ ଓ କି ସୁନ୍ଦର ! ପୁରୋହିତ କହିଲେ, “ପୁଅ, ଯିଏ ତୁମକୁ ଏହି ସମ୍ପତ୍ତି ଦେଉଅଛନ୍ତି, ତୁମେ ନିଶ୍ଚୟ ସେହି ପରମ ପିତାଙ୍କୁ ଧନ୍ୟବାଦ ଦେବ ବୋଲି ମୁଁ ଆଶା କରେ । ତାଙ୍କ ପାଖରେ ଭବିଷ୍ୟତ ନିର୍ଦ୍ଦେଶ ପାଇଁ ମଧ୍ୟ ତୁମେ ପ୍ରାର୍ଥନା କରିବା ଉଚିତ ।”

ପୁରୋହିତଙ୍କ କଥାରେ କିନୋ କିଛି ଜବାବ ଦେଇ ପାରିଲା ନାହିଁ । ମୂକପରି ମୁଣ୍ଡ ହଲାଇଲା । ପୁରୋହିତଙ୍କୁ ଜବାବ ଦେଲା ଜୁଆନା । ସେ ଶାନ୍ତ ସ୍ୱରରେ କହିଲା, “ନିଶ୍ଚୟ ପିତା ! ଆମ୍ଭେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା । ଏହା ଛଡ଼ା ଆମେ ଦୁହେଁ ବର୍ତ୍ତମାନ ଧର୍ମପ୍ରଥା ମତେ ବାହା ହେବା । କିନୋ ଏହା କହି ସାରିଲାଣି ।” ଜୁଆନା ସମର୍ଥନ ପାଇଁ ପ୍ରତିବେଶୀମାନଙ୍କୁ ଅନାଇଲା ଏବଂ ସେମାନେ ମୁଣ୍ଡ ହଲାଇ ଜୁଆନାର ଉକ୍ତିର ସମର୍ଥନ କଲେ ।

ପୁରୋହିତ କହିଲେ, “ତୁମେ ଦୁହେଁ ଯେ ପ୍ରଥମରୁ ସତ୍‌ଚିନ୍ତା କରି- ଅଛ, ଏହା ଖୁବ ଭଲ କଥା । ଫଳରେ, ପରମେଶ୍ୱର ତୁମ୍ଭମାନଙ୍କର ମଙ୍ଗଳ

Digitized by srujanika@gmail.com

କରନ୍ତୁ ।" ଏତିକି କହି ପୁରୋହିତ ପଥକୁ ଫେରିଲେ ଏବଂ ତାଙ୍କୁ ବାଟ ଛାଡ଼ି ଦେବାକୁ ସମସ୍ତେ ହଟିଗଲେ ।

କିନୋ କିନ୍ତୁ ଏଥର ଦୃଢ଼ ମୁଷ୍ଟିରେ ମୁକ୍ତାଟି ଧଇଲା । ତା କାନରେ ଧ୍ୱନିତ ହେଉଥାଏ ଶତ୍ରୁର ସଙ୍ଗୀତ । ତା'ର ସନ୍ଦିଗ୍ଧ ଦୃଷ୍ଟି ସେହି ଶତ୍ରୁକୁ ଖୋଜିବାକୁ ଲାଗିଲା । ମୁକ୍ତାର ସଙ୍ଗୀତକୁ ଟପି ଶତ୍ରୁର ସଙ୍ଗୀତ କିନୋ କାନରେ ତୀବ୍ରତର ହୋଇଥାଏ ।

ପ୍ରତିବେଶୀମାନେ ଜଣ ଜଣ ହୋଇ ନିଜ ନିଜ ଘରକୁ ଚାଲିଗଲେ । ଜୁଆନା ଚୂଲି ପାଖରେ ବସି ମାଟି ହାଣ୍ଡିରେ ସୀମ ସିଝେଇବାକୁ ଲାଗିଲା । କିନୋ ଦୁଆର ବାହାରକୁ ଯାଇ ଚାରି ପାଖ ଭଲକରି ଦେଖିଲା । ଅନ୍ୟ ସମସ୍ତ ପରି କିନୋ ଏହି ଧୂମାଚ୍ଛନ୍ନ ପରିବେଶ ଭିତରେ ମଧ୍ୟ ପ୍ରକୃତ ଅବସ୍ଥା ବୁଝି ପାରିଲା । ଅସ୍ପଷ୍ଟ ବାତାବରଣ ଭିତରେ ସୁଦ୍ଧା ଦୂର ନକ୍ଷତ୍ର-ପୁଞ୍ଜ ସେ ପରିଷ୍କାର ଦେଖି ପାରୁଥିଲା ଏବଂ ନୈଶ ବାୟୁରୁ ସନ୍ତସନ୍ତିଆ ଗନ୍ଧ ବାରିପାରି ତାହା ଏଡ଼ିବାକୁ ନାକ ଢାଙ୍କି ପକାଇଲା । ରୁଗ୍ଣ କୁକୁରଟା ଆଗେଇ ଆସି ନାନା ଅଙ୍ଗଭଙ୍ଗୀ କରି କିନୋକୁ ଅଭିବାଦନ ଜଣାଇଲା । କିନୋ ତା'ଆଡ଼କୁ ଚାହିଁଲା, ମାତ୍ର ଦେଖିଲା ବୋଲି କହି ହେବ ନାହିଁ । ତା'ର ଦୃଷ୍ଟି ଦିଗ୍‌ବଳୟ ବକ୍ଷ ଚିରି ଗୋଟାଏ ଜନମାନବଶୂନ୍ୟ ସ୍ଥାନକୁ ଚାଲିଯାଇଥାଏ । ହଠାତ୍ ସେ ନିଜକୁ ଅତ୍ୟନ୍ତ ଅସହାୟ ଓ ନିଃସଙ୍ଗ ବୋଧକଲା । ଝିଙ୍କାରି, କାଠବେଙ୍ଗ ଓ ଅନ୍ୟ ପୋକଯୋକର ରାବ କିନୋ ମନରେ ଅମଙ୍ଗଳର ଆଭାସ ଜଣାଇ ଦେଲା । ଶୀତରେ ଦେହ ଥରିବାରୁ କମ୍ବଳ ଖଣ୍ଡିକ ଜାକି ନାକଯାଏ ଟାଣିନେଲା । କିନ୍ତୁ ମୁକ୍ତାଟି ସେ ଶକ୍ତ ମୁଠାରେ ଧରିଥାଏ । ମୁକ୍ତାର ମସୃଣତା ଓ ଉଷ୍ଣତା ସେ ନିଜ ଚମଡ଼ାରେ ଅନୁଭବ କରୁଥାଏ ।

ପଛପଟେ ଜୁଆନାର ହାତ ଚାପୁଡ଼ାରେ ରୋଟି ବନାଇବା ଆବାଜ କିନୋ ଶୁଣିଲା । ଟିକିଏ ପରେ ମାଟିର ତାୱାରେ ଜୁଆନା ରୋଟି ସେକିବ । ପରିବାର ମଧ୍ୟରେ ମଣିଷର ଯେଉଁ ନିରାପତ୍ତା ଥାଏ, କିନୋ ଏଥର ତାହା ପ୍ରାଣେ ପ୍ରାଣେ ଅନୁଭବ କଲା । ବଳେଇ ଛୁଆଙ୍କ ଗର୍-ର୍-ର୍ ଶବ୍ଦ ପରି ପରିବାରର ସଙ୍ଗୀତ ତାର ପଛପଟୁ ଘେରେଇ ଘରୁ ଭାସିଆସୁଥାଏ ଓ ସଙ୍ଗୀତ କିନୋର ନିଜର ରଚନା, କାରଣ ଏଣିକ ନିଜର ଭବିଷ୍ୟତ ସେ

Digitized by srujanika@gmail.com

ନିଜେ ଗଢ଼ିବ । ଯେ କୌଣସି ପରିକଳ୍ପନା ରୂପାୟିତ ହୁଏ ମଣିଷର ଅନୁଭୂତିରେ, ସେଠି ତାହା ପ୍ରାୟ ବାସ୍ତବ ଅନ୍ୟ ବସ୍ତୁ ବାସ୍ତବ ସାମଗ୍ରୀ ପରି ଅନୁଭୂତିରେ ଯୋଜନାମାନେ ଜୀବନ୍ତ ହୋଇ ଉଠେ । ଏମିତି ବସ୍ତୁଟାକୁ ସହଜରେ ଆଘାତ କରିହେବ, କିନ୍ତୁ ଧ୍ୱଂସ କରିବା ଅସମ୍ଭବ ଏହି ଦୃଷ୍ଟିରୁ କନୋର ଭବିଷ୍ୟତ ସ୍ୱପ୍ନଗୁଡ଼ିକ ମଧ୍ୟ ବାସ୍ତବ ହୋଇଗଲା । କନୋ ଜାଣିଥିଲା ତା'ର ବାସ୍ତବ ସ୍ୱପ୍ନର ଜନ୍ମ ପ୍ରହରରୁ ଏହାକୁ ଧ୍ୱଂସ କରିବାକୁ ଏଥର ସବୁଆଡ଼ୁ ଆଘାତ ପଡ଼ିବ । ସେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଲା । ସେ ଜାଣିଥିଲା ଯେ ଦେବତାମାନେ ମଣିଷର ପରିକଳ୍ପନାକୁ ପସନ୍ଦ କରନ୍ତି ନାହିଁ କିମ୍ବା ଆକସ୍ମିକ ଦୈବାତ୍ ନ ଘଟିଲେ ସାଫଲ୍ୟକୁ ଭଲ ପାଆନ୍ତି ନାହିଁ । ସେ ଆହୁରି ମଧ୍ୟ ଜାଣିଥିଲା ଯେ ମଣିଷ ନିଜ ଚେଷ୍ଟା ବଳରେ ସାଫଲ୍ୟ ଅର୍ଜନ କଲେ ଦୈବ ତାହାର ପ୍ରତିଶୋଧ ନେଇ ଥାଏ ଏଥିପାଇଁ ପରିକଳ୍ପନା କରିବାକୁ କନୋର ଭୟ ଥିଲା ; ଥରେ ଗୋଟାଏ ପରିକଳ୍ପନା କରି ପକାଇଲେ ତାହା ତ ଆଉ ମୂଳପୋଛ କରି ହେବ ନାହିଁ । ସେହି ପରିକଳ୍ପନା ବିରୁଦ୍ଧରେ ସମଗ୍ର ପୃଥିବୀର ଆକ୍ରମଣ ପ୍ରତିରୋଧ କରିବା ପାଇଁ କନୋ ଏବେଠୁଁ ନିଜକୁ ପ୍ରସ୍ତୁତ କରୁଥିଲା । ବିପଦ ଘଟିବା ପୂର୍ବରୁ ସେ ନିଜର ଆଖି ଆଉ ମନକୁ ସଜାଗ କରି ରଖିଲା ।

ନିଜ ଦୁଆରମୁହଁରେ ଠିଆ ହୋଇ କନୋ ଦେଖିଲା ଯେ ଦୁଇ ଜଣ ଲୋକ ତା'ଆଡ଼କୁ ଆସୁଛନ୍ତି । ଜଣକ ହାତରେ ଗୋଟିଏ ଲଣ୍ଠନ । ଲଣ୍ଠନଆଲୁଅ ଯୋଗୁଁ ଦୁହିଁଙ୍କର ଗୋଡ଼ ଏବଂ ମାଟିରେ କେତେକାଂଶ ଆଲୋକିତ । ସେମାନେ କନୋର ବାଡ଼ ଟପି ଦୁଆରମୁହଁକୁ ଆସିଲେ । କନୋ ଦେଖିଲା ଦୁହିଁଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଡାକ୍ତର ବାବୁ ଏବଂ ଅନ୍ୟ ଜଣକ ତାଙ୍କର ସେହି ଚାକର ଯେ କି ସକାଳେ ଡାକ୍ତରବାବୁଙ୍କ ଫାଟକ ଫିଟାଇଥିଲା । ଦୁହିଁଙ୍କୁ ଚିହ୍ନିବା ସଙ୍ଗେ ସଙ୍ଗେ କନୋର ଛେଚି ହୋଇଥିବା ଡାହାଣ ହାତ ଅଙ୍ଗୁଳି ଗୁଡ଼ିକରୁ ବଡ଼ ଜ୍ୱାଳା ଆରମ୍ଭ ହେଲା ।

ଡାକ୍ତର ବାବୁ କହିଲେ "ଆଜି ସକାଳେ ତୁମେ ଯେତେବେଳେ ମୋ ଘରକୁ ଯାଇଥିଲ, ସେତେବେଳେ ମୁଁ ଘରେ ନ ଥିଲି । ଏଇମାତ୍ର ଘରକୁ ଫେରି ଶୁଣିଲେ ତୁମ ପିଲାକୁ ଦେଖିବାକୁ ଧାଇଁ ଆସିଛି ।"

Digitized by srujanika@gmail.com

କନୋ ଦୁଆରମୁହଁ ଆଗୁଳ ଠିଆ ହୋଇଥିଲା । କ୍ରୋଧ ଏବଂ ଘୃଣାରେ ତାହାର ଆଖି ଜ୍ୱଳି ଉଠିଲା । ଏହା ସହିତ ତା'ର ମନରେ ଗଭୀର ରେଖାପାତ କରିଥିଲା ଶତାବ୍ଦୀ ସଞ୍ଚିତ ପରାଧୀନତାର ଗ୍ଲାନି ଓ ପୁଞ୍ଜୀଭୂତ ଆଶଙ୍କା । ସେ ସଂକ୍ଷେପରେ ଉତ୍ତର ଦେଲା,"ଶିଶୁଟି ପ୍ରାୟ ଭଲ ହୋଇ ଆସିଲାଣି ।"

ଡାକ୍ତରବାବୁ ମୃଦୁହାସ୍ୟ କଲେ । ସେହି ହାସ୍ୟର କୌଣସି ଲକ୍ଷଣ ଓଷ୍ଠରେ ପ୍ରକାଶ ପାଇ ନ ଥିଲା । ତାହା ପୂର୍ବ ପରି ମାଂସଳ ଚକ୍ଷୁ କୋଟର ଭିତରେ ଲୁଚି ରହିଲା ।

ସେ କହିଲେ, "ବନ୍ଧୁ, ଅନେକ ସମୟରେ କଙ୍କଡ଼ା ବିଛା କାମୁଡ଼ାର ପରିଣାମ ଖୁବ୍ ବିଚିତ୍ର ଗତି ଧରିଥାଏ । ବାହ୍ୟଦୃଷ୍ଟିରେ ଜଣାପଡ଼େ ଭଲ ହୋଇଗଲାଣି ; କିନ୍ତୁ ହଠାତ୍—ହୁଁ— ।" ଡାକ୍ତର ବାବୁ କଥାଟା ଆଉ ମୁହଁରେ ବ୍ୟକ୍ତ ନ କରି ନିଜ ଓଠ ଦୁଇଟିର ଏକ ବିଚିତ୍ର ଭଙ୍ଗୀଦ୍ୱାରା ବୁଝାଇବାକୁ ଲାଗିଲେ କେତେ ଶୀଘ୍ର ଓ ଆକସ୍ମିକ ଭାବରେ ସର୍ବନାଶ ଘଟିଯାଏ । ଏହାପରେ ଡାକ୍ତରବାବୁ ନିଜର ବ୍ୟାଗ୍‌ଟି ଟିକିଏ ହଟାଇ ଏପରି ଭାବରେ ଥୋଇଲେ ଯେଉଁଥିରେ କି ଅଳ୍ପ ଆଲୁଅରେ ମଧ୍ୟ ବ୍ୟାଗ୍‌ଟି ପରିଷ୍କାର ଦେଖାଯିବ । ଡାକ୍ତର ବାବୁ ଭଲକରି ଜାଣନ୍ତି ଯେ କନୋ ଓ ତା'ର ଜାତି ଭାଇ ସମସ୍ତେ ଯେ କୌଣସି ବିଦ୍ୟାର ଯନ୍ତ୍ରପାତିକୁ ଅଗାଧ ଶ୍ରଦ୍ଧା ଓ ବିଶ୍ୱାସ କରନ୍ତି । ଡାକ୍ତର ବାବୁ କୋମଳ ସ୍ୱରରେ କହିଲେ, "ଅନେକ ସମୟରେ ଦେଖାଯାଏ ଯେ, କଙ୍କଡ଼ାବିଛା କାମୁଡ଼ାରେ ହୁଏ ତ ଗୋଡ଼ ଫୁଲିଯାଇଛି କିମ୍ବା ଆଖି ଅନ୍ଧ ହୋଇ-ଯାଇଛି କିମ୍ବା ମେରୁଦଣ୍ଡ ବଙ୍କେଇ ଯାଇଛି । କଙ୍କଡ଼ା ବିଛା କାମୁଡ଼ାର ଫଳ ଯେ କଅଣ ହୋଇଥାଏ ମୁଁ ଜାଣେ ବନ୍ଧୁ ଏବଂ ମୁଁ ଏହା ଆରୋଗ୍ୟ କରିପାରେ ।"

କନୋ ମନର ଘୃଣାଭାବ କ୍ରମେ ଭୟରେ ପରିଣତ ହେବାକୁ ଲାଗିଲା । ତାକୁ ତ ଏତେ କଥା ଜଣା ନାହିଁ ଭାବିଲା, ହୁଏତ ଡାକ୍ତର ଏସବୁ ଜାଣନ୍ତି । ଏଣୁ ନିଜର ଅଜ୍ଞତା ଉପରେ ନିର୍ଭର ନ କରି ଡାକ୍ତର ବାବୁଙ୍କ ଜ୍ଞାନ ଉପରେ ନିର୍ଭର କରିବା ଉଚିତ । ସେ ଅତି ସହଜରେ ଡାକ୍ତର ବାବୁଙ୍କ ଖାପଟରେ ପଡ଼ିଗଲା ଯେମିତି ପଡ଼ିଥାନ୍ତି ତା'ର

Digitized by srujanika@gmail.com

ଜାଣିଥାଇ ସମସ୍ତେ । ହଜାର ହେଲେ ମଧ୍ୟ, ବହିରେ ଯେତେବେଳେ ଲେଖାଅଛି, ସେତେବେଳେ ବିଷୟଟାକୁ ଆଉ ଦୈବ ଉପରେ ଛାଡ଼ିବା ଉଚିତ ହେବ ନାହିଁ !

ବିଶେଷ କରି ପୁଅର ଜୀବନ ନେଇ ଏପରି କରିବା ଅସମ୍ଭବ । ହୁଏତ ଡାକ୍ତରଙ୍କ କହିବାମତେ ପୁଅର ମେରୁଦଣ୍ଡ ବଙ୍କା ହୋଇଯାଇ ପାରେ । ସେ ଦୁଆର ମୁହଁରୁ ହଟିଯାଇ ଡାକ୍ତର ବାବୁ ଓ ତାଙ୍କ ଚାକରକୁ କୁଡ଼ିଆ ଭିତରକୁ ପଶିବାକୁ ବାଟ ଛାଡ଼ିଦେଲା ।

ଡାକ୍ତର ବାବୁଙ୍କୁ କୁଡ଼ିଆ ଭିତରେ ପଶିବା ଦେଖି ଜୁଆନା ଚୁଲି ମୁଣ୍ଡରୁ ଉଠିଆସି କୟୋଟିଟୋ ପାଖକୁ ଯାଇ ତା' ମୁହଁକୁ ନିଜ ପଣତରେ ଢାଙ୍କି ରଖିଲା । ଡାକ୍ତର ବାବୁ ଆଗେଇ ଆସି ଜୁଆନା ଆଡ଼କୁ ହାତ ବଢ଼ାଇଲେ । ଜୁଆନା ପୁଅକୁ ଶକ୍ତ ଭାବରେ କୁଣ୍ଢାଇ ଚୁଲି ନିଆଁ ଆଲୁଅରେ କିନୋର ମୁହଁ ଯେତିକି ଦେଖାଯାଉଥିଲା ତାହିଁ ପ୍ରତି ଜିଜ୍ଞାସୁ-ଦୃଷ୍ଟିରେ ଚାହିଁଲା ।

କିନୋ ମୁଣ୍ଡ ହଲାଇ ସମ୍ମତି ଜଣାଇଲାରୁ ସେ ଡାକ୍ତର ବାବୁଙ୍କୁ ପୁଅକୁ ଦେଲା । ଡାକ୍ତର ବାବୁ ନିଜ ଚାକରକୁ ଆଦେଶ ଦେଲେ "ଲଣ୍ଠନଟା ଟେକ ।" ଚାକର ସେପରି କଲାରୁ ଡାକ୍ତର ବାବୁ ପିଲାର କାନ୍ଧ ଘା'ଟା ଦେଖିବାକୁ ଲାଗିଲେ । ମୁହୂର୍ତ୍ତେ ଚିନ୍ତା କରି ସେ କୟୋଟିଟୋର ଆଖିପତା ଉଠାଇ ପରୀକ୍ଷା କଲେ । କୟୋଟିଟୋ ଗୋଡ଼ହାତ ଛାଟୁଥାଏ ।

ଡାକ୍ତରବାବୁ କହିଲେ,"ମୁଁ ଯାହା ଭାବିଥିଲି ତାହାହିଁ । ବିଷଟା ତା' ଶରୀର ଭିତରକୁ ପଶିଯାଇଛି ଏବଂ ଶୀଘ୍ର ବିପଦ ଘଟାଇବ । ଏଇଠିକି ଆସି ତୁମେ ନିଜେ ଦେଖ ଆଖି ଡୋଳା କିପରି ନୀଳ ହୋଇଗଲାଣି ।" ଡାକ୍ତରବାବୁଙ୍କ କଥା ଶୁଣି କିନୋ ଶଙ୍କିତ ହୋଇ ଆଗେଇ ଆସି ଦେଖିଲେ ଯେ ଡାକ୍ତର ଯାହା କହିଲେ ତାହା ଘଟିଛି । ଅଥଚ କିନୋକୁ ଜଣା ନ ଥାଏ, କାହାର ଆଖି ଡୋଳାର ରଙ୍ଗ ନୀଳାଭ, ନା ଆଉ କିଛି, କିନୋ ଫାନ୍ଦରେ ପଡ଼ିଗଲା । ପୁଅ ଜୀବନ ନେଇ ତ ଖେଳ ହେବ ନାହିଁ !

Digitized by srujanika@gmail.com

ଡାକ୍ତରବାବୁଙ୍କ ଆଖି ଦପ୍ ଦପ୍ ହେଲା । ସେ କହିଲେ "ବିଷଟାକୁ ବାହାର କରି ଦେବା ପାଇଁ ମୁଁ ଗୋଟାଏ ଔଷଧ ଦେବି ।" ସେ ଶିଶୁକୁ କନୋ ହାତରେ ଦେଲେ ।

ତା'ପରେ ସେ ତା'ଙ୍କର ବ୍ୟାଗ୍‌ରୁ ଗୋଟିଏ ଧଳା ଭୁରୁକଥିବା ଶିଶି ଏବଂ କଲାଟିନ୍‌ର ଏକକୋଷ ବାହାର କଲେ । ସେହି କୋଷରେ ଉକ୍ତ ଭୁରୁକ ଟିକେ ପୂରାଇ ବନ୍ଦ କଲେ । ଏହା ପରେ କ୍ଷିପ୍ର ଭାବରେ ପିଲାର ଓଠ ଚିପି ତା' ମୁହଁ ମେଲାଇ ଉକ୍ତ ଔଷଧକୁ ପିଲା ତଣ୍ଟିଆଡ଼କୁ ଠେଲି ଦେଲେ ଯେପରିକି ପିଲା ତାହା ବାନ୍ତି କରି ପକାଇବ ନାହିଁ । ଏହାପରେ ମାଠିଆରୁ ପାଣି ନେଇ କପୋୖଟିଟାକୁ ପିଆଇଲେ । ଆଉଥରେ ପିଲାର ଆଖିଡୋଳା ପରୀକ୍ଷା କରି ଓଠ ଲମ୍ବାଇ କିଛିକ୍ଷଣ ଚିନ୍ତା କଲେ ।

ଶେଷକୁ ସେ ପିଲାକୁ ଜୁଆନା ହାତକୁ ଦେଇ କନୋକୁ କହିଲେ "ଘଣ୍ଟାକ ଭିତରେ ବିଷର କ୍ରିୟା ଆରମ୍ଭ ହେବ । ଏହି ଔଷଧ ପିଲାକୁ ବିପଦରୁ ରକ୍ଷା କରିବ । ମୁଁ ଠିକ୍ ସମୟରେ ଆସି ପହଞ୍ଚିଗଲି ବୋଲି ରକ୍ଷା । ଯାହା ହେଉ ମୁଁ ପୁଣି ଘଣ୍ଟାକ ପରେ ଆସିବି ।" ଡାକ୍ତରବାବୁ ଦୀର୍ଘନିଃଶ୍ୱାସ ମାରି କୁଡ଼ିଆରୁ ବାହାରିଗଲେ ଏବଂ ତାଙ୍କର ଗୁଜରାଟି ଲଣ୍ଠନ ଧରି ପଛେ ପଛେ ଗଲା ।

ଜୁଆନା ପିଲାକୁ ନିଜ ଶାଲ ଘୋଡ଼ାଇ ଆତଙ୍କ ଓ ଉଦ୍‌ବେଗରେ ଗୁହାଁ ରହିଲା । କିନୋ ତା'ପାଖକୁ ଆସି ଶାଲ ଟେକି ପିଲାକୁ ଦେଖିଲା । ପିଲାର ଆଖି ପରୀକ୍ଷା କରିବାକୁ ହାତ ବଢ଼ାଇଲା ବେଳେ କିନୋ ଜାଣି ପାରିଲା ଯେ ମୁକ୍ତାଟି ତା' ହାତ ମୁଠାରେ ରହିଅଛି । କିନୋ କାନ୍ଥରେ ଝୁଲୁଥିବା ଗୋଟିଏ ବ୍ୟାଗ୍‌ରୁ ଖଣ୍ଡେ କନା କାଢ଼ି ସେଥିରେ ମୁକ୍ତାକୁ ଗୁଡ଼ାଇ କୁଡ଼ିଆର ଗୋଟିଏ କୋଣରେ ଆଙ୍ଗୁଳିରେ ମାଟି ଖୋଳି ପୋତି ଦେଲା । ଏତକ କରି ସାରି ସେ ଚୁଲି ମୁଣ୍ଡରେ ଜୁଆନା ପାଖକୁ ଗଲା । ଜୁଆନା ମାଟିରେ ବସି ପିଲା ମୁହଁକୁ ଲକ୍ଷ୍ୟ କରିଥାଏ ।

ନିଜ ଘରକୁ ଫେରି ଡାକ୍ତର ବାବୁ ଚଉକିରେ ବସି ଘଣ୍ଟା ଦେଖିଲେ । ତା'ଙ୍କର ପରିଜନମାନେ ତାଙ୍କୁ କିଛି ଚକୋଲେଟ, ମିଠାପିଠା

Digitized by srujanika@gmail.com

ଏବଂ ଫଳ କୈଶ ଭୋଜନ ପାଇଁ ଦେଇଗଲେ । ସେ ଅଗ୍ନିର ତାତ୍ରରେ ଖାଦ୍ୟକୁ ତଗତି ରହିଲେ ।

ପଡ଼ୋଶୀମାନେ ଆପଣା ଆପଣା ଘରେ ବସି ଯେଉଁ କଥା ବହୁକାଳ ଯାଏ ଶୁଣିବ ତାହାର ସୂତ୍ରପାତ କଲେ । ସେ କଥାଟି ହେଲା ମୁକ୍ତାଟି କେତେବଡ଼ । ପରସ୍ପର ନିଜ ନିଜ ବୃଦ୍ଧାଙ୍ଗୁଷ୍ଠଦ୍ୱାରା ମୁକ୍ତାର ଆକାର ନିର୍ଣ୍ଣୟ କରିବାକୁ ଲାଗିଲେ । ମୁକ୍ତାଟି କେତେ ସୁନ୍ଦର ସେ କଥା ମଧ୍ୟ ଆଦରରେ କୁହାକୁହି ହେଲେ । ବର୍ତ୍ତମାନ କିନୋ ଓ ଜୁଆନା ବଡ଼ଲୋକ ହେଲାପରେ ମୁଣ୍ଡ ଠିକ୍ ରଖିପାରିବେ କି ନାହିଁ, ତାହା ଭଲ ଭାବରେ ଦେଖିବା ପାଇଁ ସେମାନେ ସ୍ଥିର କଲେ । ଡାକ୍ତର ବାବୁ ଯେ କାହିଁକି ଆସିଲେ ଏହା ସମସ୍ତେ ବୁଝିଗଲେ । ସେ ଯେ ମନୋଭାବ ଭଲ କରି ଲୁଚାଇ ପାରନ୍ତି ନାହିଁ । ଏହା ସମସ୍ତଙ୍କୁ ଜଣା ।

ମୁହାଣରେ ଅସଂଖ୍ୟ କ୍ଷୁଦ୍ର ମାଛ ପାଣିରେ ପଠ୍ ପାଠ୍ ହେଉଥାନ୍ତି । ଦଳେ ବଡ଼ ମାଛ ତା'ଙ୍କୁ ଖାଇବାକୁ ଗୋଡ଼ାଇ ପାଣିକୁ ଦୁଇଭାଗ କରୁଥାନ୍ତି । କୁଡ଼ିଆ ଭିତରେ ବସି ଲୋକେ ସାନ ଓ ବଡ଼ ମାଛର ଝଟାପଟାରେ ପାଣି ଦ୍ୱିଭାଗ ହେଉଥିବା ଆବାଜ ଶୁଣୁଥାନ୍ତି । ଉପସାଗର ଆଡ଼ୁ ଶୀକର ଉଠି ଝୋପ ଝଟା ଗଛ ଲତା ପତ୍ର ନାଗଫେଣୀ ସବୁର ଉପରେ ଲବଣାକ୍ତ ଜଳକଣା ଛିଞ୍ଚି ଦେଉଥାଏ । ରାତିରେ ଚୂଟିଆ ମୂଷା-ଗୁଡ଼ିକ ଗାତରୁ ବାହାରି ପଦାରେ ଚଲାବୁଲା କରୁଥିଲେ ଏବଂ ପେଞ୍ଚାଣ-ମାନେ ତା'ଙ୍କୁ ନୀରବରେ ଧରି ଖାଉଥିଲେ ।

କଳା କୁକୁରଛୁଆଟା ଆଖି ଜଳଜଳ କରି କିନୋ ଦୁଆରକୁ ଆସି ଭିତରକୁ ଅନାଇଲା । କିନୋ ତାକୁ ଚାହିଁଲା ମାତ୍ରକେ ତା'ର ପଛ ଗୋଡ଼ ଦୁଇଟା ଥରି ଉଠିଲା ଏବଂ କିନୋ ଅନାଇ ଥିବାଯାଏ ଥରିବା ବନ୍ଦ ହେଲା ନାହିଁ । କୁକୁର ଛୁଆଟା ଘର ଭିତରେ ପଶି ନଥିଲା, ତେବେ କିନୋ ମାଟି ଥାଳିରେ ସିମସିଝା ଖାଇଲା ବେଳେ ଅତି ସନ୍ତୁଷ୍ଟ ଭାବରେ ନଜର କରୁଥାଏ । କିନୋ ଖାଇସାରି ଖଣ୍ଡେ ପିଠା ଥାଳିରେ ପୋଛି ଖାଇଲା ଏବଂ ପରେ ଅଳ୍ପ ଶସ୍ତା ମଦ ପିଇ ସବୁ ଗଳାଧଃକରଣ କଲା ।

Digitized by srujanika@gmail.com

କନୋ ଖିଆ ପିଆ ସାରି ପିକାଟାଏ ବଲ୍ଟୁଥାଏ । ଏତିକିବେଳେ ଜୁଆନା ତା'କୁ ଡାକିଲା "କନୋ" । ତାହାର ଭୟାର୍ତ୍ତ ଆଖିକୁ ଦେଖିଲା-କ୍ଷଣି କନୋ ତା'ପାଖରେ ଯାଇ ଠିଆହେଲା । ଜୁଆନା ଉପରେ ଝୁଙ୍କି ପଡ଼ି ସେ ପୁଅକୁ ଗୁହିଁଲା ; ମାତ୍ର ଅନ୍ଧାରରେ କିଛି ଦେଖି ପାରିଲା ନାହିଁ । ସେ ଗୋଡ଼ରେ ଠେଲି କିଛି କାଠିକୁଟା ଚୁଲିରେ ପୂରାଇ ନିଆଁ ଜଳାଇଲା । ସେହି ଚୁଲି ନିଆଁରେ ସେ କୟୋଟିଟୋ ମୁହଁକୁ ଦେଖି ପାରିଲା । କୟୋଟିଟୋ ମୁହଁ ଲାଲ ପଡିଯାଇଛି, ଗଳା ବନ୍ଦ ହୋଇ ଉଠୁଛି, ମୁହଁରୁ ଫେଣ ବାହାରୁଛି ଏବଂ ପେଟର ଶିରା ସବୁ ଦୃଶି ହେଲାଭଳି ଦିଶୁଛି । ପିଲାଟି ଭାରି ଅସୁସ୍ଥ ।

କନୋ ସ୍ତ୍ରୀ ପାଖରେ ଆଣ୍ଠେଇ ପଡ଼ି କହି ପକାଇଲା "ଡାକ୍ତର ବାବୁ ତା ହେଲେ ଠିକ୍ ବୁଝିଥିଲେ ।" କଥାଟା ନିଜକୁ ଓ ସ୍ତ୍ରୀକୁ ଶୁଣାଇ ସେ କହିଲା ସତ;ତେବେ ଡାକ୍ତର ବାବୁ ଯେଉଁ ଧଳା ଗୁଣ୍ଡକ ଖୁଆଇ ଦେଇଗଲେ ସେଥିରେ କନୋ ମନରେ କିଛି ସନ୍ଦେହ ଜାତହେଲା । ମା' କୋଳରେ ରହି କୟୋଟିଟୋ ଯନ୍ତ୍ରଣାରେ ମୋଡ଼ିହୋଇ ବାନ୍ତି କରିବାକୁ ଲାଗିଲା । ଜୁଆନା ଝୁଲି ଝୁଲି ପିଲାକୁ ସାନ୍ତ୍ୱନା ଦେଉଥାଏ ଏବଂ ଗୁଣୁ ଗୁଣୁ ହୋଇ ବଂଶର ଗୀତଟି ଗାଉଥାଏ । ତା' ମନରେ ଭରସା ଯେ ଏଥିରେ ପିଲାର ବିପଦ ଏଡ଼ାଇ ହେବ । କନୋ ମନରେ ଏଥର ଅନିଶ୍ଚିତ ଭାବ ଖେଳିଗଲା ଏବଂ ତା' କାନରେ ଗୁଞ୍ଜରି ଉଠିଲା ଶତ୍ରୁର ସଙ୍ଗୀତ ।

ଡାକ୍ତର ବାବୁ ଖିଆ ପିଆ ସାରି ଗାମୁଛାରେ ହାତ ପୋଛି ଘଡ଼ି ଦେଖିଲେ । ତା'ପରେ ନିଜର ସାନ ବ୍ୟାଗ୍‌ଟି ଧରି ବାହାରିଲେ ।

କ୍ଷୁଧା ଚଳକୁ ବେମାରି ହେଉଛି ଗରିବମାନଙ୍କର ସବୁଠାରୁ ବଡ଼ ଶତ୍ରୁ । ହଠାତ୍ କୟୋଟିଟୋ ଅସୁସ୍ଥ ହୋଇ ପଡ଼ିବା ଖବର ଅଳ୍ପ ସମୟ ମଧ୍ୟରେ ସାହି ଭିତରେ ରହିଗଲା । ସେମାନେ ନାକ ଘୋଡ଼ାଇ ଅନ୍ଧାରରେ ଧାଇଁ ଆସି କନୋ କୁଡ଼ିଆରେ ରୁଣ୍ଡହୋଇଗଲେ । କେହି ଜଣେ ଆସ୍ତେ ଆସ୍ତେ ମନ୍ତବ୍ୟ କଲା, "ସୌଭାଗ୍ୟ ସଙ୍ଗେ ସଙ୍ଗେ ଖ୍ରାପଣ ଶତ୍ରୁ ମଧ୍ୟ ଆସିଥାଏ ।" ଅନ୍ୟମାନେ କୁହାକୁହି ହେଲେ, "ସବୁ ଭଗବାନଙ୍କ ଇଚ୍ଛା ।" ସୁଖ ବେଳେ ମଧ୍ୟ ଏମିତି ଦୁଃଖ ଆସିଥାଏ । ବୁଢ଼ୀ ମାଇପିମାନେ ଜୁଆନାକୁ ଯେରି ସାଧ୍ୟମତେ ସାନ୍ତ୍ୱନା ଦେବାକୁ ଲାଗିଲେ ।

Digitized by srujanika@gmail.com

ଏହାପରେ ଡାକ୍ତରବାବୁ ନିଜ ଗୃହକର ସହିତ ଆସି ପହଞ୍ଚିଗଲେ । ସେ ବୁଢ଼ୀମାନଙ୍କୁ ହଟାଇ ଦେଇ କୟୋଟିଟୋକୁ ଟେକ ନେଇ ପରୀକ୍ଷା କଲେ ; ପିଲାର ମୁଣ୍ଡ ସ୍ପର୍ଶ କରି କହିଲେ "ଏହା ବିଷ ନିସ୍ୟାର ଲକ୍ଷଣ । ମୁଁ ଏହାକୁ ହଟାଇ ପାରିବି । ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି ।" ଡାକ୍ତରବାବୁ ଟିକିଏ ପାଣି ମାଗିଲେ, ଏକ ପିଆଲା ପାଣିରେ ସେ ତିନି ବିନ୍ଦୁ ନଶାଦଳ ମିଶାଇ ପିଲାର ମୁହଁ ମେଲା କରି ପାଟିରେ ଢାଳି ଦେଲେ । କୟୋଟିଟୋ କେତେଥର ଥୁ ଥୁ କରି ଛଟ୍‌ପଟ ହେବାକୁ ଲାଗିଲା । ଜୁଆନା ସଭୟରେ ତା'କୁ ଅନାଇଥାଏ । କୟୋଟିଟୋକୁ ଔଷଧ ଖୁଆଉ ଖୁଆଉ ଡାକ୍ତର ବାବୁ କହିଲେ, "ଭାଗ୍ୟକୁ କଙ୍କଡ଼ା ବିଛା ବିଷ ଝାଡ଼ିବା ଔଷଧ ମୋତେ ଜଣା, ନହୁବା କ'ଣ ଯେ ଘଟିଥାନ୍ତା ।"

କିନ୍ତୁ କିନୋ ମନରେ ଘୋର ସନ୍ଦେହ । ସେ ଡାକ୍ତର ବାବୁଙ୍କ ବ୍ୟାଗ୍ ଭିତରେ ଥିବା ଧଳା ଭୁରୁକ ଶିଶି ଉପରୁ ଦୃଷ୍ଟି ଫେରାଇ ପାରୁ ନ ଥିଲା । କ୍ରମେ ଶିଶୁର ଛଟପଟ ଊଣା ହୋଇ ଆସିଲା ଏବଂ ସେ ଡାକ୍ତର ବାବୁଙ୍କ କୋଳରେ ଟିକିଏ ଶାନ୍ତ ହେଲା । ବହୁତ ବାନ୍ତି କରି ଶିଶୁଟି କ୍ଲାନ୍ତ ହୋଇଥିବାରୁ ଜୋର ଜୋର ନିଃଶ୍ୱାସ ନେଇ ଶୋଇ ପଡ଼ିଲା ।

ଡାକ୍ତର ବାବୁ ଜୁଆନା କୋଳରେ ଶିଶୁକୁ ଦେଇ କହିଲେ, "ମୁଁ ଜିତିଛି । ଏଥର ସେ ଭଲ ହୋଇଯିବ ।" ଜୁଆନା ଶ୍ରଦ୍ଧାରେ ଡାକ୍ତର ବାବୁଙ୍କ ମୁହଁକୁ ଅନାଇଲା ।

ଡାକ୍ତର ବାବୁ ନିଜ ବ୍ୟାଗ୍ ବନ୍ଦ କରୁ କରୁ ଟିକିଏ ସଦୟ ସ୍ୱରରେ ପଚାରିଲେ, "ଏହି ଚିକିତ୍ସାର ଫିସ୍ କେବେ ଦେଇ ପାରିବ ?"

କିନୋ ଜବାବ୍ ଦେଲା, "ମୁକ୍ତାଟି ବିକ୍ରୀକଲା ସଙ୍ଗେ ସଙ୍ଗେ ଦେଇ ଦେବି ।"

ଆଗ୍ରହର ସହିତ ଡାକ୍ତର ବାବୁ ପଚାରିଲେ "ତୁମର ମୁକ୍ତା ଅଛି ନା କଅଣ ? ଭଲ ମୁକ୍ତା କି ?"

ଏଥର ସମବେତ ପ୍ରତିବେଶୀମାନଙ୍କ ମିଳିତ କଣ୍ଠରେ ସ୍ଥାନଟି ମୁଖରିତ ହୋଇ ଉଠିଲା । ସେମାନେ କହିଲେ କିନୋ ଯେଉଁ ମୁକ୍ତା ପାଇଅଛି ତାହା ପୃଥିବୀର ସବୁଠାରୁ ଶ୍ରେଷ୍ଠ ମୁକ୍ତା । ଏହା କହି ସେମାନେ

Digitized by srujanika@gmail.com

ନିଜ ନିଜ ଅଙ୍ଗୁଳି ମାପରେ ମୁକ୍ତାର ଆକାରର ଅନ୍ଦାଜ ଦେବାକୁ ଲାଗିଲେ । କେହି କେହି ବଡ଼ ପାଟିରେ କହି ପକାଇଲେ "ଏଥର କିନୋ ବଡ଼ ଲୋକ ହୋଇଯିବ । ଏପରି ମୁକ୍ତା କେହି କେବେ ଦେଖି ନାହାଁନ୍ତି ।"

ବିସ୍ମିତ ହେଲାପରି ଡାକ୍ତରବାବୁ କହିଲେ "ମୁଁ ତ ଏ କଥା ଶୁଣି ନାହିଁ । ହେଉ ମୁକ୍ତାଟି ଖୁବ୍ ନିରାପଦ ଯାଗାରେ ରଖିଛ ତ ? ଇଚ୍ଛା ଥିଲେ ମୋତେ ଦିଅ ମୁଁ ମୋ ସିନ୍ଦୁକରେ ରଖିଦେବି ।"

କିନୋ ଆଖିବୁଜି ଦୃଢ଼ତାର ସହିତ କହିଲା "ନା କିଛି ଦରକାର ନାହିଁ । ମୁଁ ମୁକ୍ତାଟି ନିରାପଦ ଜାଗାରେ ରଖିଛି ଏବଂ କାଲି ତାହା ବିକ୍ରୀ କରି ଆପଣଙ୍କ ଫିସ୍ ଦେଇ ଆସିବି ।"

ଡାକ୍ତର ବାବୁ କହିଲେ, "ବିକ୍ରୀ କରିବା ପୂର୍ବରୁ ମୁକ୍ତାଟି ଚୋରି ହୋଇଗଲେ ଭାରି ଲଜ୍ଜାର କଥା ହେବ ।" ଏହିକଥା କହିଲାବେଳେ ସେ କିନୋ ଆଖି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଏପରି ରଖିବା ଉଦ୍ଦେଶ୍ୟ ହେଲା କିନୋ ତାଙ୍କ କଥା ଶୁଣି ଆଉ କେଉଁ ଆଡ଼କୁ ଅନାଉଛି କି ନା, ତାହା ଜାଣିବା ଦରକାର । କାରଣ ସେ ଭଲକରି ଜାଣିଥିଲେ ଯେ ଘର ଭିତରେ କେଉଁଠି ହେଲେ ସେ ମୁକ୍ତା ପୋତି ରଖିଥିବ । ସେ ଦେଖିଲେ ଯେ କୁଡ଼ିଆର ଗୋଟିଏ ଖୁଣ୍ଟପାଖ ମେଜିଆକୁ କିନୋ ନିଜ ଅଜ୍ଞାତ ସାରରେ ଅନାଉଅଛି ।

ଡାକ୍ତର ବାବୁ ଯିବା ପରେ ପ୍ରତିବେଶୀଗଣ ନିଜ ନିଜ କୁଡ଼ିଆକୁ ଫେରିଗଲେ; କିନୋ ଚୁଲି ମୁଣ୍ଡରେ ଗୋଡ଼ଲମ୍ବାଇ ବସିପଡ଼ି ରାତିପବନରେ ଭାସି ଆସୁଥିବା ନାନା ପ୍ରକାରର ଧ୍ୱନି କାନ ଡେରି ଶୁଣିଲା । ଉପସାଗର କୂଳରେ ଗ୍ରେଟ ଗ୍ରେଟ ଢେଉ ଭାଙ୍ଗିପଡ଼ୁଥିଲା । ଦୂରରୁ କେତେଗୁଡ଼ିଏ କୁକୁର ଭ୍ୟାଉ ଭ୍ୟାଉ କରି ଭୁକୁଥିଲେ; ଜଳବାଟେ ପବନ ସାଁ ସାଁ କରି ବୋହି ଆସୁଥିଲା । ନିଜ ନିଜ କୁଡ଼ିଆ ଘରେ ବସି ପ୍ରତିବେଶୀଗଣ ଧୀରେ ଧୀରେ ବାକ୍ୟାଳାପ କରୁଥିଲେ । ଏହି ପଡ଼ୋଶୀମାନଙ୍କୁ ମୋଟେ ସୁନିଦ୍ରା ହୁଏ ନାହିଁ । ସେମାନେ କିଛି ସମୟ ଶୋଇଲାପରେ ଚେଇଁପଡ଼ି କଥାବାର୍ତ୍ତା କରନ୍ତି ଓ ପୁଣି ଶୋଇପଡ଼ନ୍ତି ଗାଢ଼ ନିଦ୍ରାରେ । ଏପରିଭାବରେ ସେମାନଙ୍କର ରାତିକଟେ । କିନୋ ଏହି ସବୁ କଥା ଶୁଣି ପାରୁଥିଲା । କିଛି

Digitized by srujanika@gmail.com

ସମୟ ପରେ ସେ ବସିଲା ଜାଗାରୁ ଉଠି କୁଡ଼ିଆ ଦୁଆରକୁ ଗଲା । ସେ ପବନର ଗନ୍ଧ ବାରିଲା; କେଉଁଠି କେହି ବସି ଗୁପ୍ତ ମନ୍ତ୍ରଣା କରୁଛି କି ନା, ପୁଣି ବା କେହି ଲୁଚି ଲୁଚିକା ଅନ୍ଧାରରେ ଆସୁଛି କି ନା, ତାହା ଦେଖିବାକୁ ଓ ବୁଝିବାକୁ ଚେଷ୍ଟାକଲା; କାରଣ ତା ମୁଣ୍ଡରେ ଖେଳୁଥିଲା ଶୟତାନର ଗୀତ; ହଠାତ୍ ମୁହଁଟା ଉପୁଙ୍କର ଭାବ ଧାରଣ କଲା । ସେ ଘରର ପରିବେଶ ଭଲଭାବରେ ବୁଝିନେଇ ଯେଉଁ ଖୁଣ୍ଟ ମୂଳେ ମୁକ୍ତାଟି ପୋତିଥିଲା ଧୀରେ ଧୀରେ ସେଠାକୁ ଗଲା । ସେଠାରୁ ମାଟି ଖୋଳି ମୁକ୍ତାଟିକୁ ବାହାରକରି ନିଜ ଶୋଇବା ହେଁସ ପାଖକୁ ଆଣିଲା । ହେଁସ ତଳେ ଆଉ ଗୋଟିଏ ଗାତ ଖୋଳି ମୁକ୍ତାଟିକୁ ପୋତି ଦେଇ ମାଟି ମଡ଼ାଇ ଦେଲା ।

ଜୁଆନା ଚୁଲି ମୁଣ୍ଡରେ ବସି କିନୋର କାର୍ଯ୍ୟକୁ ସନ୍ଧାନୀ ଦୃଷ୍ଟିରେ ଦେଖୁଥିଲା । ମୁକ୍ତା ପୋତି ସାରିଲାପରେ ପଚାରିଲା, "ଭୟ କରୁଛ କାହାକୁ ?"

ଯଥାର୍ଥ ଜବାବ ଦେବାକୁ ଯାଇ କିଛି ସମୟ ଭାବି ଭାବି କିନୋ କହିଲା "ଭୟ ସମସ୍ତଙ୍କୁ ।" ଏତିକି କହି ସେ ନୀରବ ହୋଇଗଲା ।

କିଛିକ୍ଷଣ ପରେ ଦୁହେଁ ହେଁସରେ ଶୋଇ ପଡ଼ିଲେ । ଜୁଆନା ଶିଶୁକୁ ଝୁଲାରେ ନ ଶୁଆଇ ନିଜ କୋଳରେ ପୁରାଇ ଶୋଇଲା । ନିଜ ଶାଲରେ ଘୋଡ଼େଇ ଦେଲା ଶିଶୁକୁ । ଚୁଲିର କାଠଖଣ୍ଡିକ ଜଳି ଜଳି ଶେଷ ହୋଇ ଆସିଲା ।

କିନୋ ବିଛଣାରେ ପଡ଼ି ରହିଲା ସତ । ଆଖିକୁ ନିଦ ଆସିଲା ନାହିଁ । ମୁଣ୍ଡ ଗରମ ହୋଇ ଉଠିଲା । ଇତିମଧ୍ୟରେ ସେ ଦେଖିଲା ସ୍ୱପ୍ନ । ସ୍ୱପ୍ନଟି ହେଉଛି ଶିଶୁକୁ କେନ୍ଦ୍ର କରି । ସେ ଦେଖିଲା ତା' ପୁଅ ବହି ପଢ଼ୁଛି । ଅନେକ ମୋଟା ମୋଟା ବହି । ବଡ଼ ଗୁଡ଼ାକ ସେପରି ବଡ଼ ବଡ଼; ତା ତୁଳନାରେ ଅକ୍ଷର ଗୁଡ଼ିକ ମଧ୍ୟ ତଦ୍ରୂପ । ଅନ୍ଧାରରେ ହଠାତ୍ ବହିଟି ଉଭେଇ ଗଲା । ସେହି ଅନ୍ଧାରରେ ପୁଣି ସେହି ଶୟତାନୀ ସଙ୍ଗୀତ ତାର କର୍ଣ୍ଣଗହ୍ୱରରେ ଝଙ୍କୃତ ହେବାକୁ ଲାଗିଲା । ନିଦରେ ମଧ୍ୟ ସେ ଚମକି ପଡ଼ିଲା । କିନୋର ଖଡ଼ ଖଡ଼ ଶବ୍ଦ ଶୁଣି ଜୁଆନା ମଧ୍ୟ ଅନ୍ଧାରରେ ଆଖି ମେଲାଇଲା । ଏହାପରେ ଚେଇଁ ଉଠିଲା କିନୋ । ତା କାନରେ ମଧ୍ୟ ସେହି ଶୟତାନୀ ସଙ୍ଗୀତ । ଅନ୍ଧାରରେ ସେ କାନ ପାରି ରହିଲା ।

Digitized by srujanika@gmail.com

କୁଡ଼ିଆର ଗୋଟିଏ କୋଣରୁ ଅତି କ୍ଷୀଣ ଶବ୍ଦ କନୋ ଶୁଣି ପାରିଲା । ହୁଏତ ତାହା କାଳ୍ପନିକ ଶବ୍ଦ କମ୍ୱା କାହାର ସତର୍କ ଓ ସନ୍ତର୍ପଣର ଶବ୍ଦ । ସେ ଶବ୍ଦ ନିଃଶ୍ୱାସ ପ୍ରଶ୍ୱାସର ମଧ୍ୟ ହୋଇପାରେ । ଶବ୍ଦ ସାଙ୍ଗେ ସାଙ୍ଗେ ବନ୍ଦ ହୋଇଗଲା । କନୋ ଦମ୍ ବନ୍ଦ କରି କାନ ଡେରି ରହିଲା । କିଛି ସମୟ ପରେ ବୁଝିଲା ଘର ଅନ୍ଧାରରେ ଯିଏ ପଶିଛି, ସେ ମଧ୍ୟ କାନ ଡେରି ରହିଛି ଶୁଣିବାଲାଗି । କିଛିକ୍ଷଣ ପାଇଁ କୁଡ଼ିଆ କୋଣରୁ ଆଉ କୌଣସି ଶବ୍ଦ ଶୁଣିବାକୁ ମିଳିଲା ନାହିଁ । କନୋ ହୁଏତ ଏସବୁ ତାହାର କଳ୍ପନା ବୋଲି ଭାବିଥାଆନ୍ତା । କିନ୍ତୁ ହଠାତ୍ ଜୁଆନା ହାତ ବଢ଼ାଇ ତାକୁ ଛୁଇଁ ତାଗିଦ୍ କଲା । ଜଣାଗଲା, କୌଣସି ଲୋକ କୁଡ଼ିଆ ଭିତରେ ଶୁଖିଲା ପତ୍ରଉପରେ ଗୋଡ଼ଚପି ଚଲାବୁଲା କରୁଛି ଏବଂ ମାଟିକୁ ଆଙ୍ଗୁଳରେ ଘଷିବାର ଲାଗିଛି ।

ବର୍ତ୍ତମାନ ଭୟରେ କନୋ ତଟସ୍ଥ ହୋଇ ପଡ଼ିଲା । ସଦାବେଳେ ଯେପରି ଘଟେ, ଏ କ୍ଷେତ୍ରରେ ମଧ୍ୟ ତାର ବ୍ୟତିକ୍ରମ ହେଲା ନାହିଁ । ଭୟ ପଛେ ପଛେ ରାଗ ଆସି ମନରେ ତାର ଆସନ ଜମେଇ ଦେଲା । କନୋ ନିଜ ଗ୍ରୀବା ଉପରେ ଖଣ୍ଡେ ଡୋରରେ ଛୁରୀଟିକୁ ଝୁଲେଇ ରଖିଥାଏ । ସେହି ଛୁରୀ ଖଣ୍ଡିକୁ ହାତରେ ଧରି କନୋ ଉଠି ପଡ଼ିଲା । ଚଟ୍‌କରି ଉଠି ବସି ଶବ୍ଦ ଅନୁସରି ସେ ଛୁରୀ ଚଳାଇଲା । କାହାର ଲୁଗା ତା, ଦେହରେ ବାଜିବାରୁ ସେହି ଲୁଗା ଉପରେ ଛୁରୀ ମାରିଲା ସତ, କିନ୍ତୁ ଲକ୍ଷ୍ୟଭ୍ରଷ୍ଟ ହେଲା । ପୁଣି ଥରେ ଛୁରୀ ଚଳାଇବାରୁ ଲୁଗାଟା ଚିରିଗଲା । ତା'ପରେ ବଜ୍ର ପଡ଼ିଲା ପରି ମାଡ଼ ଗୋଟିଏରେ କନୋର ମୁଣ୍ଡ ବେଦନାରେ ଅସ୍ଥିର ହୋଇ ଉଠିଲା । ତହିଁ ଉତ୍ତାରୁ କେତେଜଣ ଲୋକ ପଳାଇ ଯିବାର ଖସ୍ ଖସ୍ ପଦଶବ୍ଦ ସ୍ପଷ୍ଟରୁ ସ୍ପଷ୍ଟତର ହେବାକୁ ଲାଗିଲା, ତା'ପରେ ବିରାଜକଲା ନିରାଟ ନିସ୍ତବ୍ଧତା ।

କନୋ ତାର କପାଳ ଫାଟି ଉଷ୍ମରକ୍ତ ବୋହି ପଡ଼ିବାକଥା ଜାଣି ପାରିଲା ।

ତା' ପରେ ଶୁଣି ପାରିଲା "କିନୋ, କିନୋ" ବୋଲି ଡାକ ଛାଡ଼ୁଥିବା ଜୁଆନାର ଉଦ୍‌ଭ୍ରାନ୍ତ କାତର ଆହ୍ୱାନ । ଯେତେ ସହସା ସେ ରାଗରେ ତାତି ଉଠିଥିଲା, ସେ ରାଗ ତାର ବେଶୀ ସମୟ ରହିଲା ନାହିଁ ।

Digitized by srujanika@gmail.com

କ୍ରମେ ଶାନ୍ତ ହୋଇ କହିଲା "ମୁଁ ଠିକ୍ ଅଛି । ଯାହା ଆସିଥିଲା ପଳାଇଲାଣି ।"

ଅନ୍ଧାର ଅନ୍ଧାର ସେ ହେଁସ ପାଖକୁ ଗଲା । ଜୁଆନା ଚୁଲ୍ଲୀ ଜଳେଇବାରେ ବ୍ୟସ୍ତ । ସେ ପାଉଁଶରୁ ଖଣ୍ଡେ ଜ୍ୱଳନ୍ତା ଅଙ୍ଗାର କାଢ଼ି ନଡ଼ା ଗେଞ୍ଜି ଫୁଙ୍କିବାରୁ ନଡ଼ା ଜଳି ଉଠିଲା । ସେହି ଜ୍ୱଳନ୍ତା ନଡ଼ା ଶିଖାରୁ ଜୁଆନା ମହମବତି ଖଣ୍ଡିଏ ଲଗାଇ ପଥର ଫାପରୁଖା ଉପରେ ଥୋଇଲା । ଅତି କ୍ଷିପ୍ର ଭାବରେ ସେ ନିଜ ଓଢ଼ଣାର ଗୋଟିଏ କାନି ପାଣିରେ ବୁଡ଼ାଇ କନୋ କପାଳରୁ ରକ୍ତ ପୋଛି ଦେଲା । କନୋ କହୁଥାଏ "ଏଥା କିଛି ନୁହେଁ ।" କିନ୍ତୁ ତାର ଆଖି ଓ ସ୍ୱର ଅତି କଠିଣ ଓ ନିର୍ମମ ହୋଇ ଯାଇଥାଏ । ପ୍ରାଣ ଭିତରେ କୁହୁକୁ ଥାଏ ପ୍ରତିହିଂସାର ପୁଂଜିଭୂତ-ବହ୍ନି । ଜୁଆନା ମନଭିତରେ ଯେଉଁ ଉଦ୍‌ବେଗ ଗୁମୁରୁଥିଲା ହଠାତ୍ ତାହା ଭାଷାରେ ରୂପାନ୍ତରିତ ହେଲା । ଜୁଆନା କହିଲା, "ଏ ମୁକ୍ତାଟି ଗୋଟିଏ ଅଭିଶାପ । ଏହା ଏକ କୁଗ୍ରହ । ଏହା ଆମକୁ ଜାଳି ପୋଡ଼ି ଧ୍ୱଂସ କରିଦେବ । ଏହାକୁ ଫିଙ୍ଗିଦିଅ । ନହେବା ଗୁଳି ପଥରରେ ଏଥାକୁ ପିଟି ଖଣ୍ଡ ବିଖଣ୍ଡ କରିଦେବା, ନଚେତ୍ କେଉଁଠି ଗାତ ଖୋଳି ଏହାକୁ ପୋତି ପକାଇବା, ନୋହିଲେ ସମୁଦ୍ରର ଅତଳ ଜଳରେ ଏହାକୁ ଫିଙ୍ଗି ଦେବା । ଏହା ଆମର ଅନିଷ୍ଟ ଘଟାଇଲାଣି; ମୋ କଥା ମାନ, ଏହା ଆମକୁ ଶେଷ କରିଦେବ ।" ଚୁଲ୍ଲୀ ଆଲୁଅରେ ଜୁଆନାର ଆଖି ଓ ଓଠରେ ବିଭୀଷିକାର ତରଙ୍ଗ ଉପରେ ତରଙ୍ଗ ଉଠି ଦୋହଲେଇ ଦେଉଥାଏ ।

କନୋର ମନ-ପ୍ରାଣ ସୁକଠୋର । ସେ କହିଲା, "ଏହାହିଁ ହେଲା ଆମର ଏକମାତ୍ର ସୁଯୋଗ । ଆମ ପୁଅକୁ ସ୍କୁଲକୁ ପଠାଇବା । ସେ ଆମ ଦୁଃଖର ଅବସାନ ଘଟାଇବ ଓ ଏହି କ୍ଷୁଦ୍ର ସଂକୀର୍ଣ୍ଣ ପରିସରରୁ ବାହାରି ମୁଣ୍ଡ ଟେକି ଠିଆ ହେବ ।"

ଜୁଆନା ଚିତ୍କାର କଲା "ନା, ନା, ସେପରି କୁହ ନାହିଁ । ଏହା ତୁମକୁ, ମୋତେ ଓ ପୁଅକୁ ମଧ୍ୟ ଧ୍ୱଂସ କରିଦେବ ।"

କନୋ କହିଲା "ଚୁପ୍ କର, ଆଉ କିଛି କହନା । ସକାଳ ପାହିଲେ ଆମେ ଏହାକୁ ବିକିଦେବା । ତା ବଦଳରେ ଆମର ଦୁର୍ଭାଗ୍ୟ ଦୂରହୋଇ କଲ୍ୟାଣଚକ୍ର ଚାଲିବ । ଏବେ ଚୁପ୍ ହୋଇଯାଅ । କନୋ ଆଖିତରାଟି

Digitized by srujanika@gmail.com

ସେହି କ୍ଷୁଦ୍ର ଅଗ୍ନିକୁ ଚାହିଁଲା ବେଳେ ପଞ୍ଚୁଲକର ବୁଝିଲା, ଯେ ଛୁରୀଟା ତା ହାତରେ ରହିଅଛି । ସେ ଛୁରୀ ଦାଢ଼କୁ ଟେକି ଚାହିଁ ଦେଖିଲା—ରକ୍ତର ଦାଗ ଲାଗିଛି । ପ୍ରଥମେ ସେ ନିଜ ପାଇଜାମାରେ ଛୁରୀଟାକୁ ପୋଛିବ ବୋଲି ଭାବିଲା । ମାତ୍ର କଅଣ ଭାବି ମାଟିରେ ଭୁଷି ଦେଇ ସେ ରକ୍ତର ଦାଗ ପୋଛି ପକାଇଲା ।

ଦୂରରୁ ଶୁଭିଲା କୁକୁଡ଼ାର ଡାକ, ପବନ ଲେଉଟିଲା; ରାତି ପାହିଲା ଉପରେ; ପ୍ରଭାତ ପବନରେ ମୁହାଣର ଜଳ ଉଚ୍ଛ୍ୱସିତ ହୋଇ ଉଠିଲା । ତୋଠା ଭିତରୁ ସାଁ ସାଁ ଆବାଜ ଶୁଭିଲା । ସାନ ସାନ ଢେଉ-ଗୁଡ଼ିକ କ୍ରମେ ଅଧିକ ଜୋରରେ ଉପକୂଳମୟ ବେଳାଭୂମିରେ ଆଘାତ କଲେ । କନୋ ନିଜ ଶୋଇଲା ହେଁସ ଘୁଞ୍ଚାଇ ମାଟି କାଢ଼ି ମୁକ୍ତାଟିକୁ ବାହାର କଲା । ସେ ତାକୁ ଆଗରେ ଥୋଇ ଅନାଇଲା ।

ମୁକ୍ତାର ସୌନ୍ଦର୍ଯ୍ୟ ବତି ଆଲୋକରେ ଚକ୍‌ମକ୍‌ କରିବାରୁ କନୋର ବୁଦ୍ଧି ଭ୍ରଂଶ ଘଟାଇଲା । ସେ ଦେଖିଲା ମୁକ୍ତାଟି ଯେମିତି କୋମଳ ସେପରି ସୁନ୍ଦର ଓ ସେପରି ମସୃଣ ଏବଂ ସେପରି ସଙ୍ଗୀତମୁଖର । ସେ ସଙ୍ଗୀତରେ ନାଚି ଉଠେ ନିରାପତ୍ତାର ଉଜ୍ଜ୍ୱଳ ବାଧାବନ୍ଧହୀନ ଜଞ୍ଜାଳଶୂନ୍ୟ ଜୀବନର ସୁନିଶ୍ଚିତ ପ୍ରତିଶ୍ରୁତି । ମୁକ୍ତାର ଉଷ୍ମପ୍ରଭ ବ୍ୟାଧିର ମହୌଷଧ, ଅପମାନର ଦୁର୍ଭେଦ୍ୟ ପ୍ରାଚୀର ଓ କ୍ଷୁଧାର ପ୍ରତିରୋଧକ । ମୁକ୍ତାକୁ ଅନାଇ ଅନାଇ କନୋର ଆଖି ମୁଖ କୋମଳ ହୋଇ ଉଠିଲା । ସେହି କ୍ଷୁଦ୍ର ମହମବତୀର କ୍ଷୀଣ ଶିଖା ମୁକ୍ତାରେ ପ୍ରତିଫଳିତ ହେଉଥାଏ । ତା କାନରେ ପୁଣି ଶୁଭିଲା ସାଗର ତଳର ମଧୁର ସଙ୍ଗୀତ ଏବଂ ସବୁଜ ଦୀପ୍ତିର ସୁର । ଜୁଆନା ଲୁଚେଇ ଲୁଚେଇ କନୋକୁ ଦେଖିଲା; କିନୋ ଓଠରେ ମୃଦୁ ହସ । ଦୁହେଁ ଅନେକ ପରିମାଣରେ ଏକମନ ଓ ଏକପ୍ରାଣ ଥିବାରୁ ଜୁଆନାର ମୁହଁରେ ଖେଳିଗଲା ହସର ଅପୂର୍ବ ତରଙ୍ଗ ।

ପୁଣି ନୂତନ ଆଶା ଘେନି ଦୁହେଁ ଜୀବନ ଆରମ୍ଭ କଲେ । ସାନ ସହରଗୁଡ଼ିକର ଜୀବନଯାତ୍ରା ପ୍ରଣାଳୀ ବିସ୍ମୟଜନକ । ସାନବଡ଼, ବୁଢ଼ା ବୁଢ଼ୀ, ପିଲା ଶିଶୁ ପ୍ରତ୍ୟେକ ଯେଝା କାମ ଏକ ନିର୍ଦ୍ଦିଷ୍ଟ ରୀତିରେ କରି-ଥାଆନ୍ତି । ସେଥିରେ ପାର୍ଥକ୍ୟ ବାଧାବିଘ୍ନ ବା ଭେଦାଭେଦ କିଛି ନଥାଏ । କିନ୍ତୁ କେହି ଯଦି ହଠାତ୍ ପ୍ରଚଳିତ ପଥ ଛାଡ଼ି ଅନ୍ୟପଥ ବା ଅନ୍ୟ ରୀତି

Digitized by srujanika@gmail.com

ଅବଲମ୍ବନ କରେ, ତେବେ ଆଉ ରକ୍ଷାରକ୍ଷଣ ନାହିଁ । କ୍ରମେ ଦେଖାଯିବ ଯେ, ସମଗ୍ର ସହରର ସ୍ନାୟୁବିକ ସଂଗଠନରେ ଏକ ବିରାଟ ଅଦଳ ବଦଳ ଘଟି ଯାଇଛି । ସେତେବେଳେ ଗୋଟିକ ସହିତ ଅନ୍ୟଟିର ଅବା ସମଗ୍ରଟି ସହରର ଜୀବନଯାତ୍ରା ସହିତ ଓତପ୍ରୋତ ଭାବରେ ମିଶିଥାଏ ।

ଏହି କାରଣରୁ ଲପାଜ ନାମକ କ୍ଷୁଦ୍ର ସହରଟିରେ ସକାଳ ହେଲାକ୍ଷଣି ସମସ୍ତେ ଜାଣିଲେ ଯେ, କେନୋ ଆଜି ତା ମୁକ୍ତାଟି ବିକିବ । କୁଟୀରବାସୀ ସାଧାରଣ ଗୃହସ୍ଥଠାରୁ ଆରମ୍ଭକରି ମୁକ୍ତାସନ୍ଧାନୀ କୈବର୍ତ୍ତ, ଚିହ୍ନା ଦୋକାନୀ, ଗୀର୍ଜାର ଲୋକବାକ, ଏପରିକି ଲଫଙ୍ଗା ଟୋକାଗୁଡ଼ାକ ମଧ୍ୟ ଏ ଖବର ଜାଣିଲେ । ସବୁଏ ଏହି ମୁକ୍ତା ବିକ୍ରୀ ଖବର ନେଇ ପରସ୍ପର ମଧ୍ୟରେ ଫୁସ୍ ଫାସ୍ ହେବାରେ ଲାଗିଲେ । ମଠର ସନ୍ୟାସିମାନେ ଏବଂ ଗୀର୍ଜା ପାଖର ଭିଖାରିମାନେ ମଧ୍ୟ ଏ ଖବର ପାଇ ଉତ୍ଫୁଲ୍ଲ ହୋଇ ଉଠିଲେ । ସାନ ସାନ ପିଲାଙ୍କର ଉତ୍ତେଜନାର ସୀମା ରହିଲାନାହିଁ । ସବୁଠାରୁ ଅଧିକ ମାତି ଉଠିଲେ ମୁକ୍ତା ବ୍ୟବସାୟୀଗଣ । ସେମାନେ ନିଜ ନିଜ ଅଫିସ ଘରେ ବସି କଳ୍ପନା କଲେ, କିନୋ ତାଙ୍କ ପାଖକୁ ଆସିଲେ କଳା ଭେଲଭେଟ ଥାଳରେ ମୁକ୍ତାଟି ଥୋଇ ଆଙ୍ଗୁଳି ଅଗରେ ତାକୁ ଓଲଟ ପାଲଟକରି କିପରି ଦରଦାମ୍ କରିବେ ।

ଏକ ସମୟରେ ମୁକ୍ତା ବ୍ୟବସାୟୀଗଣ ପ୍ରତ୍ୟେକେ ସ୍ୱାଧୀନ ଭାବରେ କାରବାର କରୁଥିଲେ । କେଉଟମାନେ ତାଙ୍କ ପାଖକୁ ମୁକ୍ତା ଆଣିବାରୁ ସେମାନେ ଜିଦାଜିଦିରେ ଦାମ ବଢ଼ାଉଥିଲେ । ଏହାଦ୍ୱାରା କେବଳ ସମୟ ଯେ ଅଯଥା ନଷ୍ଟ ହେଉଥିଲା ତା ନୁହେଁ, କେଉଟମାନେ ମଧ୍ୟ ବେଶୀ ଦାମ ପାଇ ପାରୁ ଥିଲେ । ଏହି କୁପ୍ରଥା ଦୂର କରିବାପାଇଁ କିଛି-କାଳ ହେଲା ଏହି ସହରରେ ଜଣେମାତ୍ର ସ୍ୱାଧୀନ ମୁକ୍ତା-ବ୍ୟବସାୟୀ କାରବାର ଚଳାଇ ଅଛନ୍ତି । ଅନ୍ୟମାନେ ତା'ଙ୍କର ଏଜେଣ୍ଟ ବା ଦଲାଲ । ଖାଲି ବାହାରକୁ ଦେଖାଇବା ପାଇଁ ପ୍ରତ୍ୟେକେ ସ୍ୱାଧୀନ ଭାବରେ ଅଫିସ ଫିଟାଇ ଅଛନ୍ତି । ଏହା ଫଳରେ କେନୋ ମୁକ୍ତାଟି ବିକିବାକୁ ଆଣିଲେ କେତେ ଦାମ ଦେବେ କିପରି ଦରଦସ୍ତୁର କରିବେ ସେକଥା ସେମାନଙ୍କୁ ଭଲଭାବରେ ଜଣା । ନିର୍ଦ୍ଧାରିତ ଦରମା ଛଡ଼ା ଅନ୍ୟକିଛି ଲାଭ ପାଉଁ ନଥିଲେ ମଧ୍ୟ ଏହି ସବୁ ବ୍ୟବସାୟୀ ଖୁବ୍ ଉତ୍ତେଜିତ ହୋଇ ଉଠିଥିଲେ ।

Digitized by srujanika@gmail.com

କାରଣ ଦରଦସ୍ତୁର କରିବାରେ ସୁଦ୍ଧା ଉଦ୍ଦୀପନା ଅଛି । ଯଦି ଦାମ ଉଣା କରି କେହି କିଣିପାରେ ତେବେ ତହିଁରେ ମଧ୍ୟ ସନ୍ତୋଷ ଓ ଆନନ୍ଦ ରହିଅଛି । ନିଜର ମତାମତ ଯାହା ଥାଉନା କାହିଁକି, ପ୍ରତ୍ୟେକ ଲୋକ ଦୁନିଆରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାନ୍ତି । କୌଣସି ପୁରସ୍କାର, ପ୍ରଶଂସା କିମ୍ବା ପଦୋନ୍ନତି କଥା ଛାଡ଼ି ଦେଲେ, ଜୀବନର ଅନ୍ୟ ସବୁକ୍ଷେତ୍ର ପରି ମୁକ୍ତା କିଣିବା ସମୟରେ ମଧ୍ୟ ପୂର୍ବୋକ୍ତ ନୀତିର କୌଣସି ବ୍ୟତିକ୍ରମ ହୁଏ ନାହିଁ । ପ୍ରତ୍ୟେକ କ୍ରେତା ସାଧ୍ୟ ମତେ ଚେଷ୍ଟାକରେ କିପରି ସେ ନ୍ୟୂନତମ ମୂଲ୍ୟରେ ମୁକ୍ତା କିଣିବ । ଏଥିରେହିଁ ତା'ର ଚରମ ସୁଖ ।

ସକାଳୁଆ ସୂର୍ଯ୍ୟ କିରଣ ସୁନେଲି ରଙ୍ଗର ଥିଲା ଏବଂ ମୁହାଣପର ଉପସାଗରର ପବନରେ ଜଳକଣା ଭରିଥିଲା । ଏହା ଭିତର ଦେଇ ସୂର୍ଯ୍ୟ କିରଣ ଆସୁଥିବାରୁ ପରିବେଶ ଅନେକ ପରିମାଣରେ ଝାପ୍‌ସା ହୋଇ ଉଠିଥାଏ । ହଠାତ୍ ଦେଖିଲେ ମନେ ହେବ ଏହି ପବନ, ମାଟି ଓ ପାଣି ଗୁଡ଼ିକ ଛୁ ଉପରେ ଝୁଲି ରହିଛି । ସହରର ଉତ୍ତର ଦିଗକୁ ଏକ ବିଚିତ୍ର ଦୃଶ୍ୟ ଆଖିରେ ପଡ଼େ । ପ୍ରାୟ ଦୁଇଶତ ମାଇଲ ଦୂରରେ ଗୋଟାଏ ପାହାଡ଼ । ପାହାଡ଼ ନାସିରେ ଅସଂଖ୍ୟ ଦେବଦାରୁ ଗଛ । ଏତେ ଦୂରରୁ ଗଛଗୁଡ଼ିକ ଅସ୍ପଷ୍ଟ ଏବଂ ପାହାଡ଼କୁ ଗୋଟିଏ ଆବରଣରେ ଢ଼ାଙ୍କି ରଖିଛି । ଗଛର ସୀମାରେଖା ଉପରକୁ ପର୍ବତର ପଥୁରିଆ ଶୃଙ୍ଗ ଦଣ୍ଡାୟମାନ ।

ଆଜି ସକାଳଓଳି କେଉଟମାନଙ୍କର ପୋଲୁଅ ସବୁ ବେଳାଭୂମିରେ ଧାଡ଼ି ଧାଡ଼ି ହୋଇ ଥୁଆ ହୋଇଅଛି । ସେମାନେ ଆଜି ମୁକ୍ତା ସଂଗ୍ରହରେ ଯାଇ ନାହାନ୍ତି । କିନୋ ତା ମୁକ୍ତାଟି ବିକିବାକୁ ଗଲେ କଅଣ ଘଟିବ ତାହା ଦେଖିବାକୁ ସମସ୍ତେ ଉଦ୍‌ଗ୍ରୀବ, ସହର ତମାମ ଉତ୍ତେଜନାରେ ଚଞ୍ଚଳ ।

ସମୁଦ୍ର ତୀରରେ କୁଡ଼ିଆ ଘରେ କିନୋର ପ୍ରତିବେଶୀଗଣ ସକାଳୁଆ ଜଳଖିଆ ଖାଉଥିଲାବେଳେ ହଟ୍ଟଗୋଳ ଆରମ୍ଭ କରିଦେଇଛନ୍ତି । ସେମାନେ ମୁକ୍ତାଟି ପାଇଲେ କଅଣ କରନ୍ତେ; ସେହି କଥାନେଇ ମାତି ଯାଇଛନ୍ତି । ଜଣେ କହିଲା, "ମୁଁ ମୁକ୍ତା ପାଇଥିଲେ ରୋମର ମହାମହିମ ପୋପଙ୍କୁ ଉପହାର ଦେଇଥାନ୍ତି ।" ଆଉ ଜଣେ କହିଲା, "ମୁଁ ପାଇଥିଲେ ମୋ

Digitized by srujanika@gmail.com

ପରିବାରର ଆତ୍ମାର ମୁକ୍ତିପାଇଁ ହଜାର ହଜାର ବର୍ଷ ନିମିତ୍ତ ପ୍ରାର୍ଥନା ଖର୍ଚ୍ଚ ଖଞ୍ଜି ହଅନ୍ତି ।" ଆଉ ଜଣେ କହିଲା "ମୁଁ ପାଇଥିଲେ ଖାଲି ଦୁଇ ହାତରେ ସହରର ଗରିବ ଦୁଃଖୀଙ୍କୁ ଦାନ କରନ୍ତି ଯେପରିକି ଆଉ କେହି ଜଣେ ହେଲେ ଗରିବ ହୋଇ ରହନ୍ତେ ନାହିଁ ।"

ଚତୁର୍ଥ ବ୍ୟକ୍ତି କହିଲା, "ମୁକ୍ତା ବିକଲେ ଯେଉଁ ଟଙ୍କା ମିଳିବ ସେଥିରେ ଅବା କଅଣ କରି ନହେବ ? ଭଲ ଭଲ କାମ, ଦାନଖଇରାତ, ବିପଦରେ ସାହାଯ୍ୟ ଦେବା ଇତ୍ୟାଦି ସବୁକ୍ଷେତ୍ର ବଳରେ କରି ହେବ ।" କିନୋର ଦଶା କଅଣ ହେବ, ସେ କଥା ମଧ୍ୟ ଅନେକେ ଚର୍ଚ୍ଚା କଲେ । ହଠାତ୍ ବଡ଼ଲୋକ ହେଲେ କିନୋର ଅହଙ୍କାର ବେଶୀ ହେବ ସିନା ? ତା ମନରେ ଲୋଭ ଘୃଣା ଏବଂ ଜାଣିସୁ ଉଦାସୀନତା ଉପୁଜିବ ନାହିଁ ତ ? ଏପରି ନହେବାପାଇଁ ସମସ୍ତେ କାମନା କଲେ,କାରଣ ସମସ୍ତେ କିନୋକୁ ଭଲ ପାଉଥିଲେ । ମୁକ୍ତା ଯୋଗୁ କିନୋ ବଦଳିଗଲେ ଅତ୍ୟନ୍ତ କ୍ଷୋଭର ବିଷୟ ହେବ । ଆଉ ଜୁଆନା ? ସେ ବଡ଼ ନିରଭିମାନୀ ଓ ସରଳ ବୋହୂଟିଏ । ତା'ସାଙ୍ଗକୁ ସୁନ୍ଦର ଶିଶୁ କୟୋଟିଟୋ ଏବଂ ପରେ ଯେଉଁ ପିଲାପିଲି ଜନ୍ମିବେ—ମୁକ୍ତା ଗରିମାରେ ଯଦି କିନୋ ବିଗିଡ଼ି ଯାଏ ତେବେ ଏମାନେ ସମସ୍ତେ ନଷ୍ଟ ହୋଇ ଯିବେ, ଭଗବାନ ଏହା ନ ଘଟାନ୍ତୁ ।

କିନୋ ଓ ଜୁଆନା ପକ୍ଷରେ ଆଜିକା ପ୍ରଭାତ ସହିତ କେବଳ ସେହି ଦିନ ପ୍ରଭାତର କିଛି ତୁଳନା କରି ହେବ ଯେଉଁଦିନ ତାଙ୍କର ପ୍ରଥମ ସନ୍ତାନ ଜନ୍ମିଥିଲା । ଆଜିର ଏହି ଦିନଟାହିଁ ଭବିଷ୍ୟତ ଦିନଗୁଡ଼ିକର ନିୟାମକ ହେବ । କୌଣସି ଦିନର ତାରିଖ କହିବାକୁ ଗଲେ ସେମାନେ କହିବେ, 'ଯେଉଁଦିନ ମୁକ୍ତାଟି ମିଳିଥିଲା ତହିଁର ଦୁଇବର୍ଷ ଆଗର କଥା', ବା 'ମୁକ୍ତା ମିଳିବାର ୬ ସପ୍ତାହ ପରେ ଏପରି ଘଟଣା ଘଟିଥିଲା ।' ବିଷୟଟା ବିଚାରକରି ଜୁଆନା ନିଜର, ପୁଅର ଓ ସ୍ୱାମୀର ପୋଷାକ ପରିଚ୍ଛଦ ଠିକ କଲା । ଟଙ୍କା ହେଲେ ଖ୍ରୀଷ୍ଟଧର୍ମରେ ନାମକରଣ ବୁଡ଼ କରାଇବାକୁ ସେ କୟୋଟିଟୋ ପାଇଁ ଯେଉଁ ଲୁଗାପଟା କରିଥିଲା ତାହା ପିନ୍ଧାଇଲା । ନିଜେ ପିନ୍ଧିଲା ବାହାଘରର ବେଳର ଘାଘରା ଖଣ୍ଡି । ବାଳ କୁଣ୍ଡାଇ ଦୁଇଟି ବେଣୀ ବାନ୍ଧିଲା ଏବଂ ବେଣୀ ଅଗରେ ନାଲି ଫିତା ଖୋସିଲା । ବେଳ ପ୍ରାୟ ୮ଘଣ୍ଟା

Digitized by srujanika@gmail.com

ହୋଇପାଇଥାଏ । କନୋର ପୋଷାକଟା ପୁରୁଣା ହେଲେ ମଧ୍ୟ ପରିଷ୍କାର ଥିଲା । କେବଳ ଆଜ ଦିନକ ସେ ଦରିଦ୍ର । କାଲିଠାରୁ କମ୍ବା ଆଜି ଉପରଓଳି ସେ ନୂଆ ପୋଷାକ କରିବ ।

ପ୍ରତିବେଶୀମାନେ ବାଡ଼ଫାଙ୍କ ବାଟେ କନୋ ଦୁଆରକୁ ଅନାଇଥିଲେ । ସେମାନେ ଲୁଗାପଟା ପିନ୍ଧି ପ୍ରସ୍ତୁତ ହୋଇ ରହିଥିଲେ । ସମସ୍ତେ କନୋ ଓ ଜୁଆନା ସାଙ୍ଗରେ ମୁକ୍ତା ବିକିବାକୁ ଯିବେ । ଏଥିପାଇଁ କାହାକୁ ନିମନ୍ତ୍ରଣ କରିବା ବାହୁଲ୍ୟମାତ୍ର । ଏହି ମୁକ୍ତା ବିକ୍ରୀ ଏକ ଐତିହାସିକ ଘଟଣାରେ ପରିଣତ ହେବ । ଏଥିରେ ଯୋଗ ନଦେବାଟା ହିଁ ପାଗଳାମି ଏବଂ ବନ୍ଧୁତ୍ୱର ଅଭାବର ସୂଚନା ।

ଜୁଆନା ନିଜର ଓଢ଼ଣା ଶାଲ ଖଣ୍ଡିକୁ ମୁଣ୍ଡରେ ଗୁଡ଼ାଇ ଦେଲା । ଓଢ଼ଣାର ଅନ୍ୟ ମୁଣ୍ଡଟି ଡାହାଣ କହୁଣୀ ତଳକୁ ଖସାଇ ବାନ୍ଧିଦେଲେ ଗୋଟାଏ ପ୍ରକାରର ଛୋଟ ଝୁଲା ବନାଇ କଯୋଟିଟୋକୁ ସେଥିରେ ଶୁଆଇଲା । ତାହାର ମୁହଁ ଓ ଆଖିପାଖ ଖୋଲା ରଖା ଯାଇଥିଲା ଯେପରି ସେ ସବୁ ଦେଖିପାରିବ ଏବଂ ହୁଏତ କିଛି ହେଲେ ମନେ ରଖିପାରିବ । କନୋ ମୁଣ୍ଡରେ ହାଲୁକା ସୋଲ ଟୋପି ପିନ୍ଧି ତାହା ଠିକ୍ ଭାବରେ ରହିଲା କି ନାହିଁ ବାଁ ହାତ ଦେଇ ଦେଖି ନେଲା । ଯେମିତି ଉପରେ ଟୋପି ଟିକିଏ ସାମନାକୁ ବଙ୍କାଇ ପିନ୍ଧିଥାନ୍ତି ଗ୍ରାମର ପୁରୁଖାଲୋକେ ନିଜର ଔଦ୍ଧତ୍ୟ, ଗାମ୍ଭୀର୍ଯ୍ୟ ଓ ସାମର୍ଥ୍ୟ ପ୍ରକାଶ କରିବାପାଇଁ, କନୋ ସେପରି କଲା । ଏହାପରେ ଚପଲ ପିନ୍ଧି ପଚ୍ଛପଟ ଗୋଇଠି ଉପରକୁ ଉଠାଇ ଦେଲା । ଖଣ୍ଡିଏ ନରମ ହରିଣ ଚମରେ ମୁକ୍ତାକୁ ଗୁଡ଼ାଇ ତାହା ଗୋଟିଏ ଚମଡ଼ା ଥଳିରେ ପୂରାଇଲା ଏବଂ ଥଳିଟି ନିଜ କମିଜ ପକେଟରେ ରଖିଲା । କମ୍ବଳ ଖଣ୍ଡିକ ପରିପାଟି କରି ତଉଡାଇ କାନ୍ଧ ଉପରେ ଥୋଇଲା । ବର୍ତ୍ତମାନ ସେ ବାହାରିବା ପାଇଁ ପ୍ରସ୍ତୁତ ।

ଗାମ୍ଭୀର୍ଯ୍ୟ ସହିତ କନୋ ଘରୁ ବାହାରି ପଡ଼ିଲା । କୟୋଟିଟୋକୁ ନେଇ ଜୁଆନା ତା ପଛେ ପଛେ ଅନୁସରଣ କଲା । ଜୁଆରିବଧୌତ ଗଳିରାସ୍ତାଦେଇ ସେମାନେ ଗୁହୁଁ ଗୁହୁଁ ଆଗେଇଲେ ସହର ଆଡ଼କୁ । ଆଗେଇଲାବେଳେ ନିଜ ନିଜ କୁଡ଼ିଆରୁ ବାହାରି ପ୍ରତିବେଶୀମାନେ ତାଙ୍କ

Digitized by srujanika@gmail.com

ସଙ୍ଗରେ ମିଶିଲେ । ଏପରି ଭାବରେ ପିଲା, ବୁଢ଼ା, ପୁରୁଷ, ସ୍ତ୍ରୀ ଦଳ ଦଳ ହୋଇ ନିଜ ନିଜର ଘରୁ ଆସି ଦଳରେ ଯୋଗଦେଲେ । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେବଳମାତ୍ର କିନୋର ବଡ଼ଭାଇ ଜୁଆନ ଟମାସ ତା କଡ଼େ କଡ଼େ ଗୁଲିଲା ।

ଜୁଆନ ଟମାସ ଭାଇକୁ ତାକିଦ୍ କରି କହିଲା "ଖୁବ୍ ସାବଧାନ, ତୁମକୁ ଯେପରି ସେମାନେ ଠକି ନ ଦିଅନ୍ତି ।" କିନୋ କହିଲା "ନିଶ୍ଚୟ, ନିଶ୍ଚୟ ।"

ଜୁଆନ ଟମାସ କହିଲା "ନ୍ୟାଯ୍ୟ ମୂଲ୍ୟ କେତେ ହେବ କହିବା ମୁସ୍କିଲ । କାରଣ, ଅପର ବଜାରରେ ମୁକ୍ତାର ଭାଉ କେତେ ତାହା ଆମକୁ ଅଗୋଚର । ମୁକ୍ତା ଗ୍ରାହକଗଣ କେତେ ମୂଲ୍ୟ ଦେଇ ମୁକ୍ତା କିଣନ୍ତି ତାହା ଆମକୁ ଜଣାନାହିଁ ।" କିନୋ ଜବାବ ଦେଲା, "ସେ କଥା ସତ । ଆମେ ସବୁବେଳେ ଏଠି ରହୁଛୁ । ଅନ୍ୟ ସ୍ଥାନର ଭାଉ ବୁଝିବା ଆମ ପକ୍ଷରେ ଦୁରୂହ ।"

ସେମାନେ ସହର ଆଡ଼କୁ ଆଗେଇଲେ । ତାଙ୍କ ଦଳ ମଧ୍ୟ ସଂଖ୍ୟାରେ ବଢ଼ିବାକୁ ଲାଗିଲା । ଜଆନ୍ ଟମାସ ସସ୍ତ୍ରଭାବେ କହିଲା, "ବୁଝିଲ ନାହିଁ କିନୋ ! ତୁମ ଜନ୍ମ ହେବା ପୂର୍ବରୁ ତୁମ ବାପ ଅଜା ଥରେ ଅଧିକ ମୂଲ୍ୟରେ ବିକିବା ପାଇଁ ଜଣେ ଦଲାଲମାର୍ଫତ ସମସ୍ତଙ୍କ ମୁକ୍ତା ସହରକୁ ପଠାଇବା ସ୍ଥିରକଲେ । ସ୍ଥିର କରିଦେଲେ ଦଲାଲକୁ ଲାଭର ଗୋଟାଏ ଅଂଶ ଦିଆଯିବାର ସ୍ଥିର କରିଥିଲେ ।

କିନୋ ମୁଣ୍ଡ ଟୁଙ୍ଗାରି କହିଲା "ମୁଁ ଜାଣେ ବ୍ୟବସ୍ଥାଟି ଭଲ ।" ଜୁଆନ ଟମାସ କହିଲେ, "ସେମାନେ ଜଣେ ଲୋକ ପାଇଲେ । ସମସ୍ତଙ୍କ ମୁକ୍ତା ଏକାଠି କରି ସେ ଲୋକ ସହରକୁ ବିକିବାକୁ ଗଲା, କିନ୍ତୁ ଆଉ ଫେରିଲା ନାହିଁ । ମୁକ୍ତାତକ ଗଲା । ଏହାପରେ ଆଉ ଜଣେ ଲୋକ ମାର୍ଫତ ମୁକ୍ତା ପଠାଇଥିଲେ, ସେ ମଧ୍ୟ ନିରୁଦ୍ଦେଶ ହୋଇଗଲା । ସୁତରାଂ ସେମାନେ ଏହି ବ୍ୟବସ୍ଥା ପରିତ୍ୟାଗ କରି ସେହି ପୁରୁଣା ରୀତିକୁ ଅନୁସରଣ କରିବା ସ୍ଥିରକଲେ ।"

Digitized by srujanika@gmail.com

କନୋ କହିଲା, "ମୁଁ ସବୁ ଜାଣେ । ବାପାଙ୍କ ମୁହଁରୁ ମୁଁ ଏହା ଶୁଣିଥିଲି । ବ୍ୟବସ୍ଥାଟି ଖୁବ୍ ଭଲ ହେଲେ କ'ଣ ହେବ ଏହା ଧର୍ମ ସହିବ ନାହିଁ ବୋଲି ପାଦ୍ରୀ ସାହେବ କହିଥିଲେ । ଯେଉଁମାନେ ନିଜମତ ଛାଡ଼ି ଭିନ୍ନ ଖିଅ ଧରିଥିଲେ ତାଙ୍କୁ ଦୈବଦଣ୍ଡ ମିଳିଲା ; ତେଣୁ ମୁକ୍ତାତକ ଗଲା । ପାଦ୍ରୀ ଆହୁରି କହୁଥିଲେ ଯେ ପୃଥିବୀରେ ପୁରୁଷର ଜୀବନ ବହୁ ପରିମାଣରେ ସୈନିକ ଜୀବନ ଭଳି । ତାହାର କର୍ତ୍ତବ୍ୟ ହେଲା ସଂସାର ଦୁର୍ଗକୁ ପ୍ରହରୀ ପରି ରକ୍ଷା କରିବା । ସେଥିମଧ୍ୟରୁ କାହାର କର୍ତ୍ତବ୍ୟ ହେଲା ଦୁର୍ଗର ସମ୍ମୁଖ ଭାଗରେ ପ୍ରହରୀ ଦେବା ଆଉ ବା କାହାର କାମ ହେଲା ଦୁର୍ଗର ପଛପଟ ଜଗିରହିବା । କିନ୍ତୁ ସ୍ୱ ସ୍ୱ ସ୍ଥାନରେ ରହି ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିବା ହେଲା ପ୍ରତ୍ୟେକଙ୍କର ଧର୍ମ ଓ କର୍ତ୍ତବ୍ୟ । କାହାର ସ୍ଥାନଚ୍ୟୁତ ହେବା ଉଚିତ ନୁହେଁ । ସ୍ଥାନଚ୍ୟୁତ ହେଲେ ଏବଂ ନିଜର ସ୍ଥାନ ଛାଡ଼ି ଚାଲିଗଲେ ସଂସାରରୂପ ଦୁର୍ଗ ନରକମୟ ହୋଇଯିବ ।"

ଜଆନ ଟମାସ୍ କହିଲା, "ହଁ, ପାଦ୍ରୀଙ୍କ ମୁହଁରୁ ଏଭଳି ବକ୍ତୃତା ମୁଁ ବହୁଥର ଶୁଣିଛି । ସେ ସବୁବର୍ଷ ଏଇକଥା ହିଁ କହନ୍ତି ।"

ଦୁଇ ଭାଇ ରାସ୍ତାରେ ଚାଲୁ ଚାଲୁ ଏପାଖ ସେପାଖ ଚାହିଁ ଚାହିଁକା ଯାଉଥିଲେ । ତାଙ୍କର ବାପ ଅଜା ପୂର୍ବ ପୁରୁଷମାନେ ମଧ୍ୟ ଏଥିରେ ଅଭ୍ୟସ୍ତ । ଅନ୍ତତଃ ବିଗତ ଚାରିଶ ବର୍ଷ ଧରି ସେମାନେ ଏପରି କରି ଆସୁଛନ୍ତି । ୪ ଶତ ବର୍ଷ ପୂର୍ବେ ପହିଲି କରି ବିଦେଶୀମାନେ ଆସି ଯୁକ୍ତି-ତର୍କ କରି କ୍ଷମତାବଳରେ ଗୋଳାବାରୁଦ ଭୟ ଦେଖାଇ ଏମାନଙ୍କୁ ହଟେଇ ଦେଇଥିଲେ । ଏମାନଙ୍କ ଉପରେ ଅକଥ୍ୟ ଦମନଲୀଳା ଚଳାଇ-ଛନ୍ତି । ଏ ଚାରିଶ ବର୍ଷ ଧରି କନୋର ଜାତିଭାଇମାନେ କେବଳ ଅସହାୟ ଭାବରେ ଓଠ କାମୋଡ଼ି, ଆଖିମଳି ପଛକୁ ହଟିଯିବା ହିଁ ଶିଖିଛନ୍ତି । ତଥାପି ସେମାନେ ନିଜର ସ୍ୱାତନ୍ତ୍ର୍ୟ ପ୍ରାଚୀର ଛାଡ଼ିନାହାନ୍ତି । ଏ ସ୍ୱାତନ୍ତ୍ର୍ୟର ପ୍ରାଚୀର କେବେହେଲେ ଭୂଶୁଡ଼ି ପଡ଼ିବ ନାହିଁ । ଏହା ମଧ୍ୟରେ ଅକ୍ଷୁଣ୍ଣ ରହିବ ସେମାନଙ୍କର ସତ୍ତା ।

ଦିନଟିର ଗୁରୁତ୍ୱ ସମ୍ବନ୍ଧରେ ଶୋଭାଯାତ୍ରୀ ଦଳ କାହାର ହେଲେ କୌଣସି ସନ୍ଦେହର ଅବକାଶ ନଥିଲା । ସୁତରାଂ ଶୋଭାଯାତ୍ରା ଗୁରୁଗମ୍ଭୀର ଭାବରେ ଅଗ୍ରସର ହେଉଥାଏ । ସମସ୍ତଙ୍କ ମୁହଁରେ ଗାମ୍ଭୀର୍ଯ୍ୟ,

Digitized by srujanika@gmail.com

ଓ ଦୃଢ଼ତାର ଲକ୍ଷଣ ପ୍ରଶସ୍ତ । ଶ୍ରେଷ୍ଠ ଶ୍ରେଷ୍ଠ ପିଲାମାନେ ମଧ୍ୟ ପାଟିତୁଣ୍ଡ କରିପାରୁନଥିଲେ କିମ୍ବା ଦୁଷ୍ଟାମି କରିବାର ଚେଷ୍ଟାକଲେ ବଡ଼ମାନେ ତାଙ୍କୁ "ସ୍ ସ୍ ସ୍" ଶବ୍ଦକରି ଚୁପ୍‌କରାଇ ଦେଉଥିଲେ । ଦିନଟିର ଗୁରୁତ୍ୱ ଏତେ ବେଶୀ ଥିଲା ଯେ, ଜଣେ ଅସମର୍ଥକ ବୁଢା ତା ପୁତୁରାର କାନ୍ଧରେ ବସି ଆସୁଥିଲେ । କୁଡ଼ିଆ ଭରା ବସ୍ତି ଗୁଡ଼ି ଶୋଭାଯାତ୍ରା ଏଥର ପଥର ପଲସ୍ତରା ତିଆରି କୋଠାଥିବା ·ସହରର ପ୍ରଶସ୍ତତର ରାସ୍ତାରେ ପହଞ୍ଚିଲା । ରାସ୍ତାର ଦୁଇ ପାଖରେ ଅଣଓସାରିଆ ଫୁଟପାଥ ଗୀର୍ଜା ପାଖରେ ଗଳିଭିଳି ଆଗପରି ଭିକାରୀଦଳ ଏଥିରେ ମିଶିଲେ । ରାସ୍ତାର ଦୁଇ ପାଖରେ ଥିବା ଦୋକାନୀଯାକ ମୁଣ୍ଡବଢ଼ାଇ ଶୋଭାଯାତ୍ରା ଦେଖୁଥାନ୍ତି । ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନରୁ ଗ୍ରାହକଗଣ ଶୋଭାଯାତ୍ରାରେ କମିଯିବାରୁ ଦୋକାନୀ ସବୁ ନିଜ ନିଜର ଦୋକାନ ବନ୍ଦ କରି ସେମାନଙ୍କ ସ୍ଥାନ ପୂରଣକଲେ । ଖରା କ୍ରମେ ଟାଣ ହେବାକୁ ଲାଗିଲା । ସବୁରି ଛାଇ ପଡ଼ୁଥାଏ ରାସ୍ତା ଉପରେ ।

ଶୋଭାଯାତ୍ରା ଆସିବା ଖବର ତାହା ଆଗେ ଆଗେ ମାଡ଼ି ଯାଉଥାଏ । ନିଜ ନିଜର ଅନ୍ଧାରିଆ ଅଫିସ ଘରେ ବସି ମୁକ୍ତାବେପାରିମାନେ ଗୁଞ୍ଜିଲା ଏଡ଼ି ସତର୍କ ହେଉଥାନ୍ତି । ସେମାନେ ଖାତାପତ୍ର କାଢ଼ି ମେଜ ଉପରେ ରଖିଦେଲେ । କେହି ଆସି ଦେଖୁ, ସେମାନେ କାମରେ ବ୍ୟସ୍ତ । ନିଜ ମୁକ୍ତାଗୁଡ଼ିକ ସେମାନେ ବାକ୍‌ସରେ ବନ୍ଦ କରିପକାଇଲେ, କାରଣ ସବୁଠାରୁ ସୁନ୍ଦର ମୁକ୍ତା ପାଖରେ ଏପରି ନିକୃଷ୍ଟ ମୁକ୍ତା ରହିବା ଭଲ ନୁହେ । ସେମାନେ କେହି ପାଇଥିବା ମୁକ୍ତାଟିର ସୌନ୍ଦର୍ଯ୍ୟ କଥା ଜାଣିପାରିଥିଲେ । ଗୋଟିଏ ଅପ୍ରଶସ୍ତ ଗଳି ରାସ୍ତାରେ ମୁକ୍ତାବେପାରିମାନଙ୍କର ଅଫିସସବୁ ଅବସ୍ଥିତ । ଅଫିସଗୁଡ଼ିକର ଝିଡ଼କି ଭିତରପଟୁ ବନ୍ଦ ହୋଇଥାଏ, ତେଣୁ ତାହା ଭିତରକୁ ସୂର୍ଯ୍ୟାଲୋକ ଯାଏନାହିଁ ।

ଜଣେ ବଳିଷ୍ଠ ଏବଂ ଅଳସୁଆ ମୁକ୍ତା ବେପାରୀ ନିଜ ଅଫିସ ସଜାଇ ଅପେକ୍ଷା କରି ବସିଥିଲା । ତା'ର ମୁହଁରେ ବାତ୍ସଲ୍ୟ ଓ ସହୃଦୟତାଭରା ଆଖିରେ ବନ୍ଧୁତ୍ୱ ଚମକୁଥାଏ । ଲୋକଙ୍କୁ ଦେଖିଲେ ସେ ପ୍ରାତଃପ୍ରଣାମ ଏବଂ ଭଦ୍ରଭାବରେ କରମର୍ଦ୍ଦନ ମଧ୍ୟ କରିଥାଏ । ସେ ଭାରି ହସଖୁସିଆ ଏବଂ ନକଲିଆ ଲୋକ । ସେ ଥଟ୍ଟା ତାମସା ଭିତରେ ମଧ୍ୟ ତୁମରି ମଉସା ମାଉସୀଙ୍କ ମୃତ୍ୟୁ ପାଇଁ ଗଭୀର ଦୁଃଖ ପ୍ରକାଶ କରିଥାଏ ଏବଂ କାନ୍ଧ

Digitized by srujanika@gmail.com

ଫନ୍ଦାଉଥାଏ । ଏକ କଥାରେ ସେ ଲୋକଙ୍କୁ ଆପଣାର କରି ଭୁଲାଇବାରେ ସିଦ୍ଧହସ୍ତ । ଆଜି ସକାଳେ ସେ ନିଜ ମେଜଉପରେ ଫୁଲଦାନୀରେ ଫୁଲଖଞ୍ଜି ତାହାକୁ ଭେଲ୍‌ଭେଟ୍‌ର ମୁକ୍ତା ରଖିବା ଥାଳି ପାଖରେ ଥୋଇଥିଲା । ସେ ଖୁବ୍ ଚକ୍‌କଣ କରି ଦାଢି କ୍ଷୌର ହୋଇ ହାତ ନଖ ପ୍ରଭୃତି ଅତି ପରିଷ୍କାର ରଖିଥିଲା । ସକାଳୁ ସେ ଦୁଆର ଫିଟାଇ ମନେ ମନେ ଗୁଣୁଗୁଣୁ ହେଉଥିଲା ଓ ଡାହାଣ ହାତରେ ହାତ ସଫେଇ କୌଶଳ ଅଭ୍ୟାସ କରୁଥିଲା । ଗୋଟିଏ ଟଙ୍କା ଧରି ସେ ହାତ ମୁଠାକୁ ନେଇ ତାହାକୁ ଅଦୃଶ୍ୟ କରୁଥିଲା, ପୁଣି କାଢ଼ୁଥିଲା । ଟଙ୍କାଟି ଚରଖି ପରି ବୁଲି ଯାଉଥିଲା, ଦ୍ରୁତ ଅଦୃଶ୍ୟ ହେଉଥିଲା ପୁଣି ସାଙ୍ଗେ ସାଙ୍ଗେ ହାତକୁ ଆସି ଯାଉଥିଲା । ଯନ୍ତ୍ର ପରି ତା'ର ହାତ ଏହା କରୁଥିଲା, ଅଥଚ ସେ ନିଜେ ନିର୍ଲିପ୍ତ ଥିଲା । ଶୋଭାଯାତ୍ରା ପଦ ଶବ୍ଦ ସେ ଦୁଆର ମୁହଁରେ ଠିଆ ହୋଇ ଶୁଣିପାରିଲା । ତା'ର ଅଙ୍ଗୁଳି ଅଧିକ କ୍ଷିପ୍ର ଭାବରେ ସଞ୍ଚାଳିତ ହୋଇ ଉଠିଲା । କିନୋ ଆସି ଦୁଆର ମୁହଁରେ ପହଞ୍ଚିଲା ବେଳକୁ ତା'ର ହାତରୁ ଟଙ୍କା ଅଦୃଶ୍ୟ ହୋଇଗଲା । ସେ କହିଲା, "ନମସ୍କାର ବନ୍ଧୁ, କଅଣ ଦରକାର କହନ୍ତୁ ।"

କିନୋ ତା'ର ଛୋଟ ଅନ୍ଧାରିଆ ଅଫିସ ଘର ଭିତରକୁ ଅନାଇଲା, କାରଣ ଖରା ତେଜରେ ତା' ଆଖି ଝଲସି ଯାଇଥିଲା । ମୁକ୍ତା ବେପାରିର ମୁହଁରେ ଅଭିବାଦନର ସ୍ମିତହାସ୍ୟ । ତା'ର ଚକ୍ଷୁ ଅପଲକ, କୁଟିଳ; ସ୍ଥିର ଏବଂ ଛଞ୍ଚାଣର ଦୃଷ୍ଟିସମ୍ପନ୍ନ । ଅଥଚ ପଛ ପଟେ ଦକ୍ଷିଣ ହାତରେ ସେ ଟଙ୍କା ଉଭେଇବା ହାତ ସଫେଇ କୌଶଳ ଅନୁଶୀଳନ କରୁଥାଏ ।

କିନୋ କହିଲା, "ମୋର ଗୋଟିଏ ମୁକ୍ତା ଅଛି ।" ଜୁଆନ୍ ଟମାସ୍ କିନୋ ପାଖରେ ଥିଲା । ତା'ର ମନେ ହେଲା କିନୋ କଥାଟାକୁ ହାଲୁକା କରି କହୁଛି । ପ୍ରତିବେଶୀମାନେ ଦୁଆର ମୁହଁ ପାଖରେ ଉଙ୍କି ମାରି ଦେଖିବାକୁ ଲାଗିଲେ । ସାନପିଲା ଦଳଟି ଝିଡ଼କି ଫାନ୍ଦଯାଏ ଚଢ଼ି ଅନାଇଲେ । କେତେଗୁଡ଼ାଏ ପିଲା ଆଣ୍ଠେଇ ପଡ଼ି କିନୋର ଗୋଡ଼ ସନ୍ଧିଦେଇ ଦେଖିବାକୁ ଲାଗିଲେ । ବେପାରି କହିଲା "ଆପଣଙ୍କର ତ ଗୋଟିଏ ମୁକ୍ତା, ବେଳେ ବେଳେ କେହି କେହି ମୋ ପାଖକୁ ଡଜନ ଡଜନ ମୁକ୍ତା ଆଣିଥାନ୍ତି । ଆଚ୍ଛା, ଦେଖାନ୍ତୁତ ଆପଣଙ୍କ ମୁକ୍ତାଟି । ମୁକ୍ତା ଦେଖିଲେ,

Digitized by srujanika@gmail.com

ଦରଦାମ କରିବା । ମୁଁ ନିଶ୍ଚୟ ସବୁଠାରୁ ଭଲ ଦାମ ଦେବି ।” ଏଣେ ହାତ ସଫେଇ ଅଭ୍ୟାସ ଚାଲିଥାଏ ।

କିନୋ ତତ୍‌କ୍ଷଣାତ୍ ସ୍ୱଭାବତଃ ନିଜର ନାଟକୀୟ ପଦ୍ଧତିର ପ୍ରତିକ୍ରିୟା ବୁଝି ପାରିଲା । ସେ ପକେଟରୁ ଚମଡ଼ା ଥଳିଟି ଫିଟାଇ ତା’ ଭିତରୁ ପୁଡ଼ିଆଟି ଧୀରେ ଧୀରେ ଫିଟାଇଲା । ଏହାପରେ ସେହି ବିରାଟ ମୁକ୍ତାଟିକୁ ତା’ର ଭେଲ୍‌ଭେଟ୍ ଥାଳିରେ ଗଡ଼ାଇ ଦେଇ ବେପାରି ମୁହଁକୁ ଚାହିଁ ରହିଲା । ବେପାରିର ମୁହଁ କିମ୍ବା ଆଖିରେ ଅଣୁମାତ୍ର ପରିବର୍ତ୍ତନ ସେ ଲକ୍ଷ୍ୟ କଲା ନାହିଁ ; କିନ୍ତୁ ତାର ସେହି ଡାହାଣ ହାତଟିର କ୍ରିୟା ଟେବୁଲ ତଳେ ବନ୍ଦ ହୋଇଗଲା । ଟଙ୍କାଟି ହାତରୁ ଖସି ତା’ କୋଳରେ ପଡ଼ିଗଲା । ତା’ଅଙ୍ଗୁଳି ମୁଠା ହୋଇଗଲା । ସେ ଡାହାଣହାତ ବାହାର କରି ମୁକ୍ତାଟିକୁ ଗଡ଼ାଇଲା । ତା’ପରେ ଉଠାଇନେଇ ଆଖି ପାଖକୁ ଆଣି ଘୁରେଇ ବୁଲେଇ ପରୀକ୍ଷା କରିବାକୁ ଲାଗିଲା ।

କିନୋ ଓ ତା’ର ପ୍ରତିବେଶୀମାନେ ରୁଦ୍ଧ ଶ୍ୱାସରେ ଚାହିଁଥାନ୍ତି । ନିଜ ଭିତରେ ଫୁସ୍ ଫୁସ୍ ହୋଇ କହୁଥାନ୍ତି, “ମହାଜନ ମୁକ୍ତା ପରୀକ୍ଷା କରୁଛନ୍ତି, ଏତେବେଳଯାଏ ଦରଦାମ କଥା ପଡ଼ିନାହିଁ ।”

ଏହାପରେ ବେପାରି ମୁକ୍ତାଟିକୁ ଥାଳିରେ ପକାଇ ଠେଲିଦେଲା । ତା’ ମୁହଁରେ ଏକ ତାଚ୍ଛଲ୍ୟ ଏବଂ ବିଷାଦଗ୍ରସ୍ତ ଖେଳି ଉଠିଲା । ଅବଜ୍ଞାର ଭଙ୍ଗୀରେ ସେ କହିଲା, “ବନ୍ଧୁ, ମୁଁ ବଡ଼ ଦୁଃଖିତ । ଏହି ମୁକ୍ତାଟିର ଗୋଟାଏ ଅସୁବିଧା ଅଛି । ମୁଁ କଅଣ କରିବି ?” ତା’ କଥାର ମର୍ମ ହେଉଛି, ସେଟା ସେପରି ଦାମିକା ବସ୍ତୁ ନୁହେଁ ।

କିନୋ କହିଲା “ଏଟି ଯେ ଏକ ବିରାଟ ମୁକ୍ତା !”

ବେପାରି କହିଲା, “ତୁମେ ବୋଧହୁଏ ନିର୍ବୋଧଙ୍କ ଧନ କଥା ଶୁଣିଥିବ । ଏଟା ସେ ଭଳି । ଏହା ଆକାରରେ ଅତି ବଡ଼;ଏତେବଡ଼ ମୁକ୍ତା କିଣିବ କିଏ ? ଏହାର ହେତୁ କାହିଁ ? ତୁମେ ଭାବୁଛ ଏହା ଖୁବ୍ ମୂଲ୍ୟବାନ ; କିନ୍ତୁ ତା’ ନୁହେଁ । ହୁଏତ ଏହା ଯାଦୁଘରେ ରଖିବା ଜିନିଷ ହିସାବରେ କାମ ଦେବ ।”

କିନୋର ମୁଖରେ ଆଶଙ୍କା ଓ ବିଭ୍ରାନ୍ତ ଦେଖାଦେଲା । ସେ କହିଲା, “ଆପଣ କଅଣ କହୁଛନ୍ତି ? ଏହା ପୃଥିବୀର ଶ୍ରେଷ୍ଠତମ ମୁକ୍ତା । ଏତେବଡ଼ ମୁକ୍ତା କେହି କେବେ ଦେଖିଛନ୍ତି ?”

Digitized by srujanika@gmail.com

ବେପାରି ଜବାବ ଦେଲା "ଅନ୍ୟ ପକ୍ଷରେ, ଏହି ମୁକ୍ତାଟି ବହୁତ ବଡ଼ ଓ ଅସୁବିଧାଜନକ ବସ୍ତୁ । ଯାଦୁଘରେ ରଖିବା ଛଡ଼ା ଏହାର ଅନ୍ୟ କିଛି ମୂଲ୍ୟ ନାହିଁ । ଯାଦୁଘର ବାଲାଏ ଏହାକୁ ସାମୁଦ୍ରିକ ସଂଗ୍ରହାଳୟରେ ପ୍ରଦର୍ଶନୀ ନିମିତ୍ତ ହୁଏତ କିଣି ପାରନ୍ତି ; ମାତ୍ର ଦାମ୍ ବେଶୀ ଦେବେନାହିଁ । ଯାହା ହେଉ ମୁଁ ଏହା ପାଇଁ ହଜାରେ ପେଶୋ (୩ ହଜାର ଟଙ୍କା) ଦେଇପାରେ ।"

କିନୋର ଆଖି ମୁହଁ ଗମ୍ଭୀର ଓ ଭୟଂକର ହୋଇଉଠିଲା । ସେ କହିଲା, "ବୁଝିଲି, ଆପଣ ମୋତେ ଠକିବାକୁ ଚହାନ୍ତି । ଏହାର ଦାମ୍ ଅନ୍ତତଃ ପଚିଶ ହଜାର ପେଶୋ ହୋଇପାରେ, ଏହା ଆପଣ ଜାଣିଥିବେ ।"

କିନୋ ମୁକ୍ତାଟି ପାଇଁ ଯେଉଁ ଦାମ୍ କହିଲା ସେ କଥା ଶୁଣିଲାକ୍ଷଣି ସମବେତ ଲୋକେ ବିସ୍ମୟ ଧ୍ୱନି ପ୍ରକାଶ କଲେ । ବେପାରି ମଧ୍ୟ ଭୀତ ହୋଇ ଉଠିଲା । ଏତେ ଟଂକା ତା'ର କଳ୍ପନାତୀତ ।"

ବେପାରି କହିଲା, "ମୋତେ ଦୋଷ ଦେବନାହିଁ । ମୁଁ ସିନା ଗୋଟାଏ ଦାମ୍ କହିଲି । ଏଠାରେ ଅନେକ ବେପାରି ଅଛନ୍ତି । ତୁମେ ସେମାନଙ୍କୁ ପଚାରିପାର । ନୁହେତ ଆଉ ୧୦।୫ ଜଣ ବେପାରିଙ୍କୁ ମୋର ଏଠାକୁ ଡକାଇ ଆଣିବା । ତୁମ ସାମନାରେ ସବୁକଥା ହେବ । ତୁମେ ଜାଣିବ ଯେ, ଆମେମାନେ ଏକଜୁଟ ହୋଇ ପରାମର୍ଶ କରି କିଛି କରୁନାହୁଁ ।" ଏହା କହି ସେ ନିଜ ଚାକରକୁ ଡାକିଲା । ଚାକର ଆସିବାରୁ କହିଲା, "ତୁମେ ଅମୁକ ଅମୁକ ବେପାରିଙ୍କୁ ଯାଇ ମୋର ଏଠାକୁ ଡାକିଆଣ, କୌଣସି କାରଣ କହିବ ନାହିଁ । ଖାଲି କହିବ, ମୁଁ ଡାକୁଛି ।" ଏହା କହି ଡାହାଣ ହାତରେ ପକେଟରୁ ପୁଣି ଗୋଟିଏ ଟଂକା କାଢ଼ି ଟେବୁଲ ତଳେ ନିଜର ହାତ ସଫେଇ କୌଶଳ ଅଭ୍ୟାସ କରିବାକୁ ଲାଗିଲା ।

କିନୋର ପ୍ରତିବେଶୀମାନେ ନିଜ ଭିତରେ ଫୁସ୍ ଫାସ୍ ଆରମ୍ଭ କରିଦେଲେ । ସେମାନେ ଏମିତି ଗୋଟାଏ କିଛି ଆଶଙ୍କା କରୁଥିଲେ । ମୁକ୍ତାଟି ଖାଲି ଆକାରରେ ବଡ଼ ନୁହେ, ତାହାର ରଙ୍ଗ ମଧ୍ୟ ବିଚିତ୍ର । ପ୍ରଥମରୁ ହିଁ ଏହି ମୁକ୍ତାଟିର ମୂଲ୍ୟ ସମ୍ପର୍କରେ ସେମାନଙ୍କର କିଛି ସଂଶୟ

Digitized by srujanika@gmail.com

ଥିଲା । ଏକ ହଜାର ପେଶୋ କଛି ଊଣା ଟଙ୍କା ନୁହେଁ । ଯେକୌଣସି ମଧ୍ୟବିତ୍ତ ଶ୍ରେଣୀର ଲୋକ ପକ୍ଷରେ ଏହା ବହୁତ ବେଶୀ ଧନ । କନୋ ଯଦି ଏହିକ୍ଷଣି ଏକ ହଜାର ପେଶୋ ପାଏ ତେବେ ମନ୍ଦ କଅଣ ? ଗତ କାଲି ତ ସେ ନିଃସ୍ୱ ଥିଲା ।

କନୋ ଭିତରେ ଭିତରେ ବେଶ୍ ଟିକିଏ ଶକ୍ତ ହୋଇ ଉଠୁଥାଏ । ତା'ର ଧାରଣା, ଏଟା ହେଉଛି ଭାଗ୍ୟର ପରିହାସ । ରକ୍ତଲୋଲୁପ ହେଟା ସତେ ଯେପରି ତା' ଗୃହପଟେ କିଲ୍‌ବିଲ କରୁଛନ୍ତି ଏବଂ ଦଳ ଦଳ ସାର୍ଗୁଣା ତା' ମୁଣ୍ଡଉପରେ ଚକର୍ ଦେଉଛନ୍ତି । ଅମଙ୍ଗଳ ସତେ ଯେପରି ଘନୀଭୂତ ହୋଇ ଉଠୁଛି । ଆତ୍ମରକ୍ଷା କରିବାରେ ସେ ନିଜକୁ ଅସହାୟ ବୋଧ କଲା । ସମୁଦ୍ରଗାନର ସଙ୍ଗୀତ ତା' କାନରେ କୁହରି ଉଠିଲା । କଳା ଭେଲ୍‌ଭେଟ୍ ଥାଳି ଉପରେ ମୁକ୍ତାଟି ଚକ୍ ମକ୍ କରୁଥାଏ ଏବଂ ବେପାରି ଆଖି ସେଠି ଲାଖି ରହିଥାଏ ।

ଆଉ ତିନିଜଣ ମୁକ୍ତା ବେପାରି ଆସିବା ଦେଖି ଦୁଆରେ ଭିଡ଼ କରି ଥିବା ଲୋକେ ବାଟ ଛାଡ଼ିଦେଲେ । ହଟ୍ଟଗୋଳ କଲେ ହୁଏତ ବେପାରିଙ୍କ କଥାବାର୍ତ୍ତା କିମ୍ବା ମୁଖଭଙ୍ଗୀ ଜାଣିପାରିବେ ନାହିଁ, ଏହି ଭୟରେ ସମସ୍ତେ ଚୁପ୍ ହୋଇଗଲେ । କନୋ ନୀରବରେ ଲକ୍ଷ୍ୟ କରିଥାଏ । ସେ କାଠପରି ଠିଆ ହୋଇ ଥିଲା । ତା'ର ବେକ ଟଣଟଣ ହେବାରୁ ସେ ବୁଲିପଡ଼ି ଜୁଆନାକୁ ଚାହିଁଲା । ତା' ମନରେ ଏକ ନୂତନ ବଳ ଆସିଲା ।

ବେପାରିମାନେ ପରସ୍ପରକୁ କିମ୍ବା ମୁକ୍ତାଟିକୁ ଥରେ ହେଲେ ଚାହିଁଲେ ନାହିଁ । ପ୍ରଥମ ବେପାରି ଜଣକ ସେମାନଙ୍କୁ ସମ୍ବୋଧନକରି କହିଲା, "ମୁଁ ଏହି ମୁକ୍ତାଟିର ଗୋଟାଏ ଦାମ କହିଛି । ମାଲିକ ତାହା ନ୍ୟାଯ୍ୟ ମନେକରୁ ନାହିଁ । ଆପଣମାନେ ଏହାକୁ ପରୀକ୍ଷା କରି କହନ୍ତୁ ଏହାର ନ୍ୟାଯ୍ୟ ଦାମ କେତେ ହେବ ।" ଏହାପରେ କନୋକୁ ଉଦ୍ଦେଶ୍ୟ କରି କହିଲେ, "ଦେଖୁଛ, ମୁଁ କେତେ ଦାମ ଦେବାକୁ କହିଥିଲି, ତାହା ଏମାନଙ୍କୁ ଜାଣିବାକୁ ଦେଲିନାହିଁ ।"

ଆଗନ୍ତୁକ ବେପାରିଙ୍କ ଭିତରୁ ପ୍ରଥମଜଣକ ବର୍ତ୍ତମାନ ମୁକ୍ତାଟି ଆଡ଼କୁ ଆଖି ଫେରାଇଲା । ଲୋକଟିର ଆଖି ମୁହଁ ଶୁଷ୍କ । ମନେ ହେବ ଲୋକଟି ସତେ ଯେପରି ମୁକ୍ତାଟି ଦେଖି ନିରାଶ ହୋଇପଡ଼ିଛି । ଥାଳିରୁ

Digitized by srujanika@gmail.com

ସେ ମୁକ୍ତାଟି ଉଠାଇ ନେଇ ଅଙ୍ଗୁଳି ଅଗରେ କେତେ ଓଲଟ ପାଲଟ କରି ତାଚ୍ଛଲ୍ୟ ଭଙ୍ଗୀରେ ପୁଣି ତାକୁ ଥାଳିରେ ଗଡ଼ାଇ ଦେଇ ବିରକ୍ତଭାବ ଦେଖାଇ କହିଲା, "ମୁଁ ଏହି କାରବାର ଭିତରେ ରହିବିନାହିଁ । ମୁଁ ଏହାପାଇଁ କିଛି ଦାମ ଦେବାକୁ ରାଜି ନୁହେଁ । ମୋର ଏହା ଦରକାର ନାହିଁ । ଏହା ମୁକ୍ତା ନୁହେ, ଗୋଟାଏ ଚମତ୍କାର ଚକମାକାର ବସ୍ତୁ ।" ତା'ର ପତଳା ଅଧର ଟିକିଏ କୁଞ୍ଚିତ ହୋଇଗଲା ।

ଦ୍ୱିତୀୟ ବେପାରିଜଣକ ବାଙ୍ଗରା ଲୋକ । ତା' କଣ୍ଠସ୍ୱର ସରୁ ଓ କୋମଳ । ସେ ମୁକ୍ତାଟି ଉଠାଇ ନେଇ ଯତ୍ନର ସହିତ ପରୀକ୍ଷା କଲା । ତା'ପରେ ପକେଟରୁ ଯବକାଚ କାଢ଼ି ଭଲ କରି ଦେଇ ଧୀରେ ଧୀରେ ହସି ହସି କହିଲା, "ଏଟା କଅଣ ମୁକ୍ତା ହୋଇପାରେ ? ମୁଁ ଏ ଜାତିକା ବସ୍ତୁ ଦେଖିଛି । ଏହା ଭିନ୍ନ ଜିନିଷ, ଦେଖିବାକୁ ମୁକ୍ତା ପରି ହେଲେହେଁ ଅସଲ ମୁକ୍ତା ନୁହେ । ଏହାର ରଙ୍ଗ ଓ ଚିକଚିକା ୨।୩ ମାସ ପରେ ଛାଡ଼ି ଯିବ । ଆପଣ ନିଜେ ଦେଖନ୍ତୁ ।" ଏହା କହି କିନୋ ହାତରେ ଯବକାଚ ଖଣ୍ଡିକ ନେଇ ତହିଁର ବ୍ୟବହାର କୌଶଳ ଶିଖାଇ ଦେଲା । କିନୋ ଇତିପୂର୍ବେ କେବେହେଲେ ଏପରି କାଚ ଦେଖିନଥିଲା । ମୁକ୍ତାର ବହିର୍ଭାଗ ଏପରି କାଚଦ୍ୱାରା ଦେଖିଲେ କିପରି ଦିଶେ କିନୋର ଧାରଣା ନଥିଲା । ଖାଲି ଆଖିରେ ଜିନିଷ ସବୁ ଯେପରି ଦିଶେ, ଯବକାଚ ଭିତରେ ସେ ସବୁ ବହୁତ ବଡ଼ ଦିଶେ ଏ କଥା କିନୋକୁ ଅଜଣା । ମୁକ୍ତାଟି ଯବ କାଚ ଭିତରେ ଅତ୍ୟନ୍ତ ବିଶ୍ରୀ ଦିଶିବାରୁ କିନୋ ଅବାକ ହୋଇଗଲା ।

ତୃତୀୟ ବେପାରି ଜଣକ କିନୋ ହାତରୁ ମୁକ୍ତାଟି ନେଇ କହିଲା, "ଏଭଳି ମୁକ୍ତା ପାଇଁ ମୋ ହାତରେ ଗ୍ରାହକ ଅଛନ୍ତି । ମୁଁ ତୁମକୁ ଏହି ମୁକ୍ତା ପାଇଁ ପାଞ୍ଚଶ' ପେଶୋ ଦେବି । ଆଶା କରୁଛି ମୋ ଗ୍ରାହକକୁ ଛଅ ପେଶୋ ଲାଭରେ ବିକିବି ।"

କିନୋ ଦ୍ରୁତ ହାତ ବଢ଼ାଇ ତା' ହାତରୁ ମୁକ୍ତାଟି ନେଇ ହରିଣ ଚମରେ ଗୁଡ଼ାଇ କମିଜ ପକେଟରେ ରଖିଦେଲା ।

ସର୍ବପ୍ରଥମେ ଯାହାକୁ ମୁକ୍ତାଟି ଦେଖାଇଥିଲା ସେ କହିଲା, "ହଉ, ଯା ହେବାର ହେଲାଣି, ଲୋକସାନ ହେଲେ ହେବ । ମୁଁ ସେତେବେଳେ

Digitized by srujanika@gmail.com

ଏକ ହଜାର ପେଶୋ ଦେବାକୁ କହିଛି, ତାହାହିଁ ଦେବ । ଇଏ୍ଁ କଅଣ କରୁଛ ?” ସେତେବେଳକୁ କିନୋ ମୁକ୍ତାଟି ଥଳରେ ପୂରାଇ ସାରିଲାଣି ।

କିନୋ ରାଗିଯାଇ କହି ଉଠିଲା, “ଏମାନେ ମୋତେ ଠକିବାକୁ ବସି ଅଛନ୍ତି ! ମୁଁ ଏଠାରେ ମୁକ୍ତା ବିକିବି ନାହିଁ । ଦରକାର ପଡ଼ିଲେ ରାଜଧାନୀକୁ ଯିବି ।”

ବେପାରୀମାନେ ପରସ୍ପରକୁ ଚାହାଁ ଚାହିଁ ହେଲେ । ସେମାନେ ଜାଣନ୍ତି ଯେ ସେମାନେ ବଡ଼ ଅଳ୍ପ ଦାମ ହାକିଁ ଅଛନ୍ତି । ତଥାପି ନିଜର ଅସାଫଲ୍ୟରେ ବିଭ୍ରାନ୍ତ ହେଲେ ଚଳିବ ନାହିଁ । ଏଣୁ ମେଜ ପାଖରେ ଥିବା ସେହି ପ୍ରଥମ ବେପାରୀ ଶୀଘ୍ର ପ୍ରକାଶ କଲେ ଯେ, ପନ୍ଦରଶ’ ପେଶୋ ଦେବାକୁ ସେ ପ୍ରସ୍ତୁତ ।

କିନୋ ଭିଡ଼ ଠେଲି ପଦାକୁ ବାହାରି ଗଲା । ସେ କାହାରି କଥାରେ କର୍ଣ୍ଣପାତ କଲା ନାହିଁ । ସେମାନଙ୍କର କଥାବାର୍ତ୍ତା ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ତା’ କାନରେ ପଡ଼ୁଥାଏ । ରାଗରେ ତା’ର କାନ ମୁଣ୍ଡା ରକ୍ତାଭ ହୋଇଗଲା । ସେ ଠେଲି ପେଲି ଚାଲିଗଲା ଏବଂ ଜୁଆନା ତା’ପଛେ ପଛେ ଗଲା ।

ସନ୍ଧ୍ୟାବେଳକୁ ପ୍ରତିବେଶୀମାନେ ନିଜ ନିଜ କୁଡ଼ିଆରେ ବସି ରୋଟି ଓ ସିମ ସିଝା ଖାଉଥିଲାବେଳେ ସକାଳର ପ୍ରସଙ୍ଗ ଆଲୋଚନା କରୁଥିଲେ । ଏଭଳି ମୁକ୍ତା ପୂର୍ବେ କେବେ କେହି ଦେଖି ନଥିଲେ ମଧ୍ୟ ଏହା ଯେ ଖୁବ୍ ମୂଲ୍ୟବାନ ମୁକ୍ତା ସେମାନେ ଜାଣି ନଥିଲେ । କିଏ କହିଲା, “ଏତେ ବଡ଼ ମୁକ୍ତାର ନେତା ମିଳିବା ସମ୍ଭବ ନୁହେ ।” କିଏ କହିଲା, “ଏହାର କିଛି ମୂଲ୍ୟ ନାହିଁ । ବାଜେ ଜିନିଷ । ଦେଖୁ ନାହିଁ, ସେହି ବେପାରୀମାନେ ଏହି ମୁକ୍ତା କଥା ଆଲୋଚନା କରିବାକୁ ରାଜି ହେଲେ ନାହିଁ । ତିନି ଜଣ ଯାକ ଏକମତ ଯେ, ଏ ମୁକ୍ତାଟିର ସେପରି କିଛି ମୂଲ୍ୟ ନାହିଁ ।”

ଜଣେ କହିଲା, “ଧର, ଏପରିତ ହୋଇପାରେ ଯେ ତିନିଜଣଯାକ ଆଗରୁ ପରାମର୍ଶ କରି ଏପରି କଲେ, ତେବେ ?”

ଆଉ ଜଣେ ଜବାବ ଦେଲା, “ଯଦି ଏକଥା ସତ୍ୟ ହୁଏ, ତେବେ ଆମେ ସମସ୍ତେ ସାରାଜୀବନ ଠକାମିରେ ପଡ଼ିଅଛୁ ।”

Digitized by srujanika@gmail.com

କେହି ଜଣେ କହିଲା, "ଦେଢ଼ହଜାର ପେଶୋ ନେଇ ମୁକ୍ତାଟି ବିକଥିଲେ କନୋ ଭଲ କରିଥାନ୍ତା । ଦେଢ଼ ହଜାର ପେଶୋ କିଛି ଊଣା କଥା ନୁହେ । ସାରା ଜୀବନରେ କନୋ ଦେଢ଼ ହଜାର ପେଶୋ ଦେଖି ନାହିଁ ।" କିଏ ଭାବିଲା, "କନୋ ଗୋଟାଏ ଓଲୁଙ୍କ ବୋକଚ୍ଛୁହା । ଧର, ଯଦି ରାଜଧାନୀରେ ମୁକ୍ତାର ଖରିଦଦାର ନପାଏ ତେବେ ସେ ଆଘାତ କନୋ ସହ୍ୟ କରି ପାରିବ ତ ?"

ଅନ୍ୟ କେତେ କହିଲେ, "ଅବସ୍ଥାଟା କି ଭୟଙ୍କର ହେଲା, ଥରେ ଭାବି ଦେଖିଛ ? ଏତେଗୁଡ଼ିଏ ବେପାରିଙ୍କ କଥା କନୋ ଏଡ଼ିଦେଲା । ଏଥିରେ ଯଦି ସବୁ ବେପାରି କହନ୍ତି ଯେ ସେମାନେ ମୁକ୍ତା ନେବେନାହିଁ, ତେବେ କନୋର ଦଶା କଅଣ ହେବ ? ବିଚରା ତା'ହେଲେ ହାଣକୁରାଢ଼ୀ ବେକକୁ ନେଲା ନାହିଁ କି ?"

ଆଉ ଦଳେ କହି ଉଠିଲେ,"କନୋ ଜଣେ ସାହସୀ ଓ ଭୟଙ୍କର ବ୍ୟକ୍ତି । ସେ ଠିକ୍ କରିଅଛି । ତା' ସାହସ ଯୋଗୁଁ ଆମେ ସମସ୍ତେ ଲାଭବାନ୍ ହେବା ।" ଏମାନେ କନୋ ପାଇଁ ଗର୍ବ ବୋଧ କଲେ ।

ନିଜ କୁଡ଼ିଆକୁ ଯାଇ ହେଁସ ଉପରେ ବସି କନୋ ଚିନ୍ତା କରିବାକୁ ଲାଗିଲା । ଚୁଲି ମୁଣ୍ଡରେ ଗୋଟାଏ ଗାତ ଖୋଳି ମୁକ୍ତାଟି ପୋତି ତା' ଉପରେ ପଥର ଚାପା ଦେଲା । ଶୋଇବା ହେଁସର ବୁଣା ନକ୍ସା ଆଡ଼େ ଚାହିଁ ଚାହିଁ ରାଜଧାନୀ ଯିବାର କଳ୍ପନା ତା' ମୁଣ୍ଡରେ ନାଚି ଉଠିଲା । ଗୋଟାଏ ପୃଥିବୀ ହଜି ଯାଇଛି, କିନ୍ତୁ ଆଉ ଗୋଟାଏ ପୃଥିବୀରୁ ସନ୍ଧାନ ତ ପାଇନାହିଁ । ଘର ଛାଡ଼ି ସେ କେବେହେଲେ ଦୂରକୁ ଯାଇନାହିଁ । ନୂତନ ସ୍ଥାନ ଓ ନୂତନ ଲୋକ ସମ୍ପର୍କରେ ତା'ର ଏକ ସ୍ୱାଭାବିକ ଭୀତି । ରାଜଧାନୀ ବୋଲି ଯାହାକୁ କହନ୍ତି ସେହି ଅଜ୍ଞାତ ଦାନବଟିର କଥା ଭାବି ସେ ସନ୍ତ୍ରସ୍ତ ହୋଇଉଠିଲା । ସମ୍ମୁଖସ୍ଥ ଜଳରାଶି, ପାହାଡ଼ ପର୍ବତର ଅପର ପାର୍ଶ୍ୱରେ ପ୍ରାୟ ହଜାରେ ମାଇଲ ଦୂରରେ ରାଜଧାନୀ ଅବସ୍ଥିତ । ଏହି ହଜାର ମାଇଲର ପ୍ରତି ମାଇଲ ତା'ପକ୍ଷରେ ଅଜଣା ଓ ଭୟଙ୍କର । କିନ୍ତୁ ତା'ର ପୁରୁଣା ପୃଥିବୀ ହଜିଲାଣି, ନୂଆ ପୃଥିବୀ ଖୋଜି ନ କାଢ଼ିଲେ ନଚଳେ । କନୋ ଭାବିବାକୁ ଲାଗିଲା, ତା'ର ଭବିଷ୍ୟତର ସ୍ୱପ୍ନ ଅବାସ୍ତବ ନୁହେ । ତାକୁ ନଷ୍ଟ କରିଲେ ଚଳିବନାହିଁ । ଅବଶେଷରେ ସେ ଦୃଢ଼ କଣ୍ଠରେ କହି

Digitized by srujanika@gmail.com

ଉଠିଲା, "ହଁ, ମୁଁ ରାଜଧାନୀକୁ ଯିବି ।" ଏହା ମିଛ ସ୍ୱପ୍ନ ନୁହେ । ଯିବାର ଏହି ଦୃଢ଼ ସଂକଳ୍ପ ବାସ୍ତବରେ ଅର୍ଦ୍ଧପଥ ଆଗେଇବା ସଙ୍ଗେ ସମାନ କହିଲେ ଚଳେ । ଜୁଆନା ନିଜ ପୁଅକୁ ସଫା ସୁତୁରା କରି ଦୁଧ ପିଆଉଥିଲା ବେଳେ ସ୍ୱାମୀର ଚିନ୍ତାକ୍ଲିଷ୍ଟ ମୁହଁ ଉପରେ ନଜର ରଖିଥିଲା ଏବଂ ମୁକ୍ତାଟି ଲୁଚାଇବା ଦେଖିଥିଲା ।

ଜୁଆନ୍ ଟମାସ୍ ଆସି ଭାଇ ପାଖରେ ବସିଲା । ବହୁ ସମୟ ମୌନରହି କିନୋ ପଚାରିଲା, "ସେମାନେ ସମସ୍ତେ ଠକ । ଏହାଛଡ଼ା ମୁଁ ଆଉ କଅଣ କରିଥାନ୍ତି ?"

ଜୁଆନ ଟମାସ୍ ଗମ୍ଭୀର ଭାବରେ ମୁଣ୍ଡ ହଲାଇଲା । ସେ ବଡ଼ ଭାଇ ବୋଲି କିନୋ ତା'ର ପରାମର୍ଶ ଲୋଡ଼ିଥିଲା । ସେ କହିଲା, "ତୁମ କଥାର ଜବାବ ଦେବା ସହଜ ନୁହେ । ଜନ୍ମଠାରୁ ମରିବାଯାଏ ଲୋକେ ଆମକୁ ଠକି ଆସୁଛନ୍ତି । ତଥାପି ଆମେ ବଞ୍ଚି ରହିଛୁ । ତୁମେ ତ କେବଳ ମୁକ୍ତା ବେପାରିଙ୍କୁ ନୁହେ ବରଂ ସବୁ ସଙ୍ଗଠନ ଓ ଜୀବନଧାରାକୁ ବେଖାତିର କରିଅଛ । ଏଥିପାଇଁ ମୋର ଭୟ ।" କିନୋ ପଚାରିଲା, "ଉପାସ ଛଡ଼ା ଆଉ କଅଣ ପାଇଁ ଭୟ, ଭାଇ ?"

ଜୁଆନ୍ ଟମାସ୍ ଧୀରେ ଧୀରେ ମୁଣ୍ଡ ହଲାଇ ଜବାବଦେଲା, "ହଁ ଭୟର କାରଣ ନିଶ୍ଚୟ ଅଛି । ଧର, ତୁମ ଧାରଣା ଯଦି ସତ୍ୟ ହୁଏ, ଅର୍ଥାତ୍ ମୁକ୍ତାଟି ଯଦି ବହୁମୂଲ୍ୟ ହୁଏ, ତେବେ ତାହା କଅଣ ଭୟର କଥା ନୁହେ ? କଥାଟା ଏତିକରେ ସରିବ ନାହିଁ ।"

କିନୋ କହିଲା "ଭାଇ, ତୁମ କଥାର ମର୍ମ କଅଣ ?"

ଜୁଆନ୍ ଟମାସ୍ ଉତ୍ତର ଦେଲା "ମୁଁ ନିଜେ ଜାଣେ ନାହିଁ, କିନ୍ତୁ ତୁମ ପାଇଁ ମୋର ଡର । ତୁମେ ନୂଆ ଜାଗାକୁ ଯିବ, ବାଟଘାଟ ତୁମକୁ ଅଜଣା ।"

ଜୁଆନ୍ ଟମାସ୍ ଏକଥା ସମର୍ଥନ କରି ପୁଣି କହିଲା, "କିନ୍ତୁ ରାଜଧାନୀରେ ମଧ ଠକ ବେପାରି ଥିବେ । ତା'ଛଡ଼ା ଏଠାରେ ଆମେ ସମସ୍ତେ ତୁମ ଚାରିପାଖରେ ଅଛୁ । ତୁମେ ବନ୍ଧୁ ଭାଇ ମେଳରେ ଅଛ । ରାଜଧାନୀରେ ତୁମେ ଏକାବେଳକେ ନିଃସଙ୍ଗ ହୋଇପଡ଼ିବ ।"

Digitized by srujanika@gmail.com

କିନୋ କହିଲା "ଆଉ ଉପାୟ କଅଣ ଅଛି ? ଏଠାରେ ତ ଏହି ଗମ୍ଭୀର ଚକ୍ରାନ୍ତ ! ମୋ ପୁଅଟାର ଭବିଷ୍ୟତ କଥା ତ ଭାବିବ । ସେମାନେ ତାହା ରୋକିବାକୁ ଚାହାନ୍ତି । ମୋ ବନ୍ଧୁ ବାନ୍ଧବମାନେ ମୋତେ ନିଶ୍ଚୟ ରକ୍ଷା କରିବେ ।"

ଜୁଆନ୍ ଟମାସ୍ କହିଲା "ବନ୍ଧୁବାନ୍ଧବ ତୁମକୁ ରକ୍ଷା କରିବେ, କିନ୍ତୁ କେତେବେଳଯାଏ, ଭାବିଛ ? ଯେତେବେଳଯାଏ ତାଙ୍କ ନିଜ ଉପରେ ବିପଦ ନ ଘଟେ କିମ୍ବା ସେମାନେ ଅଡୁଆରେ ନ ପଡ଼ନ୍ତି, ସେତିକିବେଳ-ଯାଏ ! ହଉ, ଯାଅ, ଭଗବାନ ତୁମର ସହାୟ ହୁଅନ୍ତୁ ।" ଏତିକି କହି ସେ ଉଠିଗଲା ।

କିନୋ ମୁଣ୍ଡ ଟେକି ଭାଇକୁ ଅନାଇ ପାରିଲାନାହିଁ । "ଭଗବାନ ସହାୟ ହୁଅନ୍ତୁ" କଥା କେତୋଟିରେ ସେ ଭୟର ଆଭାସ ପାଇଲା ।

ଜୁଆନ୍ ଟମାସ ଯିବାର ବହୁକ୍ଷଣ ପର୍ଯ୍ୟନ୍ତ କିନୋ ହେଁସ ଉପରେ ବସି ବସି ଭାବିବାକୁ ଲାଗିଲା । ହଠାତ୍ ଜଡ଼ତା ଏବଂ ପୁରୁଣା ନୈରାଶ୍ୟ ତା'କୁ ଘୋଟିଗଲା । ତା'ର ମନେ ହେଲା, ସତେ ଯେପରି ସବୁ ପଥ ବନ୍ଦ ହୋଇଯାଇଅଛି । ତା' ମସ୍ତିଷ୍କରେ ଖେଳି ଉଠିଲା—ଶତ୍ରୁର ସେହି ସଙ୍ଗୀତ । ତା'ର ସମସ୍ତ ସ୍ନାୟୁ ଥରକୁ ଥର ଜ୍ୱଳା କରି ଉଠିଲା । ଆବାଲ୍ୟ ଯେଉଁମାନଙ୍କ ସହିତ କଟାଇଅଛି ସେମାନଙ୍କର ପ୍ରତ୍ୟେକ କଥା ପ୍ରତ୍ୟେକ ସାହାଯ୍ୟ ତା'ମନରେ ଗଭୀର ଭାବରେ ଅଙ୍କିତ ହୋଇଗଲା । ନୈଶ ନିସ୍ତବ୍ଧତା ଭେଦ କରି ଆଖ ପାଖର ନାନା ପ୍ରକାର ଶବ୍ଦ କିନୋ ଶୁଣିଲା । ଅର୍ଦ୍ଧସୁପ୍ତ ପକ୍ଷୀଙ୍କର ପକ୍ଷ ସଞ୍ଚାଳନ ମାର୍ଜାର ଦମ୍ପତିର ପ୍ରେମକଳହ, ସାଗରତଟରେ ସାନ ସାନ ଢେଉ ଭାଙ୍ଗିବା, ଅପସରିଯିବା ଏବଂ ଦୂରରୁ ଆସୁଥିବା ସାଁ ସାଁ ଧ୍ୱନି । ନିଜ କୁଟୀରରେ ବସି ସେ ଆଘ୍ରାଣ କଲା ସାଗର ଉଚ୍ଛାଟରେ ଭାସି ଯାଉଥିବା ଲତା ଗୁଳ୍ମର ପଚା ଗନ୍ଧ । ହେଁସ ଖଣ୍ଡିକ ଉପରେ ଚୁଲି ନିଆଁର ଛାଇ ପଡ଼ୁଥାଏ ଏବଂ ତହିଁରେ ସେ ଯେମିତି ଉନ୍ମନା ହୋଇ ଦେଖୁଥାଏ, କିଛି ଗୋଟାଏ ଇଙ୍ଗିତ ।

ଜୁଆନା ବିବ୍ରତ ହୋଇ ସ୍ୱାମୀକୁ ଅନାଇଥାଏ । ସ୍ୱାମୀକୁ ସେ ଭଲ କରି ଜାଣେ । ସେ ଜାଣେ, ସ୍ୱାମୀ ନିକଟରେ ମୌନ ହୋଇ ରହିଲେ ସ୍ୱାମୀ ସାହସ ପାଇବ । ତା'କାନରେ ମଧ୍ୟ ଶତ୍ରୁତାନର ସଙ୍ଗୀତ ଗୁଞ୍ଜରି

Digitized by srujanika@gmail.com

ଉଠୁଥିଲା ବୋଲି ସେ ବଂଶର ସଙ୍ଗୀତ ଗାଇ ଏଇ ଶତ୍ରୁର ସଙ୍ଗୀତକୁ ସ୍ତବ୍ଧ କରିବାକୁ ବସିଲା। କପ୍ୟୋଟିଟୋ ତା'କୋଳରେ । ତା'କୁ ଶୁଆଇବା ପାଇଁ ମଧ୍ୟ ତା'ର ଏହି ସଙ୍ଗୀତର ଆବୃତ୍ତି । ସେ ଭଲକରି ଜାଣେ ତା'ର ସେହି ଗୀତ ଶତ୍ରୁମାନଙ୍କୁ ଦୂରକୁ ହଟାଇ ନେବ ପରିବାରକୁ ନିରାପଦ କରିବ ଓ ଭବିଷ୍ୟତକୁ ନିରଙ୍କୁଶ କରିବ ।

କିନୋ ବସିଥାଏ, ଖାଇବାକୁ ମାଗୁ ନଥାଏ । ଜୁଆନା ଜାଣେ, ଇଚ୍ଛା ହେଲେ, ସେ ବଳେ ଖାଇବାକୁ ମାଗିବ । କିନୋର ଦୁଇ ଆଖିରେ ମନ୍ତ୍ରମୁଗ୍ଧ ଭାବ । ବାଡ଼ ଆରପଟେ ଏକପ୍ରକାର ଅମଙ୍ଗଳର ଗୁପ୍ତ ସେ ଅନୁଭବ କଲା । ଗୁପ୍ତଟି ସତେ ଯେପରି ତା'କୁ ବାହାରକୁ ଯିବାକୁ ଡାକୁଛି, କହୁଛି, "ଆ, ଯଦି ସାହସ ଅଛି, ମୋ ପାଖକୁ ଆ ।" କିନୋ ଡାହାଣ ହାତ କମିଜ ପକେଟରେ ପୂରାଇ ଛୁରୀଟା ଧରିଲା । ଏହାପରେ ଆଖି ତରାଟି ଠିଆ ହେଲା ଏବଂ ଦୁଆରମୁହଁକୁ ଚାଲିଗଲା ।

ଜୁଆନାର ଇଚ୍ଛା ହେଉଥିଲା ସ୍ୱାମୀକୁ ଅଟକାଇବ । ସେ ବାଧା ଦେବାକୁ ହାତ ଟେକିଲା । ଦାରୁଣ ଭୟରେ ସେ ତଟସ୍ଥ ହୋଇ ପଡ଼ିଲା । କିନୋ ଅନେକକ୍ଷଣ ଅନ୍ଧାରରେ ଚାହିଁ ଚାହିଁ ବାହାରିଗଲା । ଜୁଆନା ଶୁଣିଲା ଅନେକ ରକମର ଶବ୍ଦ, ଧସ୍ତା ଧସ୍ତି, ଗୁମ୍ ଗୁମ୍ ବାଧା ଏବଂ ଗଁ ଗଁ ଧ୍ୱନି । ଭୟରେ କ୍ଷଣକପାଇଁ ତା' ରକ୍ତ ଜମାଟ୍ ବାନ୍ଧିଗଲା । ତା'ପରେ ମାର୍ଜାରପରି ଓଠ କାମୁଡ଼ି ସେ କପ୍ୟୋଟିଟୋକୁ ତଳେ ଶୁଆଇଦେଲା । ସେ ଚୁଲି ମୁଣ୍ଡରୁ ଗୋଟାଏ ପଥର ଉଠାଇ ପଦାକୁ ବାହାରି ପଡ଼ିଲା, କିନ୍ତୁ ଏତେବେଳକୁ ବାହାରର ସେହି ଧସ୍ତାଧସ୍ତି ସବୁ ବନ୍ଦ ହୋଇ ଗଲାଣି । କିନୋ ମାଟି ଉପରେ ପଡ଼ି ଉଠିବାକୁ ଚେଷ୍ଟା କରୁଛି, ତା' ପାଖରେ କେହି ନାହାଁନ୍ତି । କେବଳ ଦୂରରୁ କେତେଗୁଡ଼ାଏ ଗୁପ୍ତର ଫୁସଫାସ୍ ଆବାଜ୍‌ରେ ସମୁଦ୍ରର ଗର୍ଜନ ଏବଂ ସାଁ ସାଁ ଶବ୍ଦ ଶୁଣାଯାଉଅଛି । ଚାରିଆଡ଼େ ଶଯ୍ୟତାନ । କଣ୍ଟାବାଡ଼ର ପଛପଟେ କୁଡ଼ିଆ ଘରର ଆଡ଼ୁଆଳରେ ଶୟତାନ ଯେପରି ଠାକି ବସିଛି, ଯେମିତି ପବନରେ ଉଡ଼ି ବୁଲୁଛି ।

ପଥରଟା ଫିଙ୍ଗି ଦେଇ ଜୁଆନା କିନୋକୁ ଧରି ଉଠାଇଲା । କିନୋର ମୁଣ୍ଡ ଆଉ ଗାଲ ପାଖରୁ ରକ୍ତ ବହୁଥାଏ, ଗାଲ ମୁଣ୍ଡ ଫାଟି

Digitized by srujanika@gmail.com

ବଫାଳ । କନୋ ପ୍ରାପ୍ୟ ଅଚେତନ । ସେ ଖାଲି ଏପାଖରୁ ସେ ପାଖକୁ ମୁଣ୍ଡ ହଲାଇ ଯନ୍ତ୍ରଣାରେ ଛଟପଟ ହେଉଥାଏ । ତା' କମିଜ ଚିରି ଖଣ୍ଡଖଣ୍ଡ; ଲୁଗାପଟା ଫୁଙ୍ଗୁଳା । ଜୁଆନା ଧରାଧରିକରି କନୋକୁ କୁଡ଼ିଆ ଭିତରକୁ ଆଣି ଅତି ସନ୍ତର୍ପଣରେ ଶୋଇବା ହେଁସରେ ବସାଇଲା ଓ ନିଜ ଘାଘରା କାନିଦେଇ ଜମାଟ ରକ୍ତ ତା' ମୁହଁରୁ ପୋଛି ପକାଇଲା । ତା'ପରେ ଗୋଟିଏ ଠେକିରେ ଅଳ୍ପ ମଦ ଆଣି କନୋକୁ ପିଇବାକୁ ଦେଲା । ସେତେବେଳଯାଏ କନୋ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ହୋଇନଥାଏ । ଜୁଆନା ପଚାରିଲା, "କିଏ ଏମିତି ଭାବରେ ତୁମକୁ ମାଇଲା ?"

କନୋ କହିଲା "ଠିକ୍ ଦେଖି ପାରିନାହିଁ ।"

ଗୋଟିଏ ମାଟି ପାତ୍ରରେ ଜୁଆନା ଥଣ୍ଡା ପାଣି ଆଣି କନୋର କ୍ଷତସ୍ଥାନସବୁ ଧୋଇ ଦେଲା । କନୋ ଭକୁଆ ହୋଇ ଖାଲି ଚାହିଁଥାଏ, କିଛି ଭାବିପାରୁ ନଥାଏ ।

ଜୁଆନା କରୁଣ ସ୍ୱରରେ କହିଲା, "ହେଇଟି, ମୋ କଥା ଶୁଣି ପାରୁଛ ତ ?" କନୋ ବିହ୍ୱଳଭାବରେ ମୁଣ୍ଡ ହଲାଇ କହିଲା; 'ହଁ, ଶୁଣୁଛି ।"

ଜୁଆନା କହିଲା, "କନୋ, ଏହି ମୁକ୍ତାଟି ବଡ଼ ଅଲକ୍ଷଣିଆ । ଆମକୁ ସେ ଧ୍ୱଂସ କରିବା ପୂର୍ବରୁ ଆମେ ତାକୁ ନଷ୍ଟ କରିଦେବା ଉଚିତ । ଦୁଇପଥର ମଧ୍ୟରେ ରଖି ତା'କୁ ଗୁଣ୍ଡା କରିବା କିମ୍ବା ଯେଉଁ ସମୁଦ୍ରତଳୁ ତା'କୁ ଆଣିଥିଲେ ସେଇଠାରେ ଫିଙ୍ଗି ଦେବା, ଚାଲ । ଏହା ଗୋଟାଏ ଜୀବନ୍ତ ଶୟତାନ ।"

ସ୍ତ୍ରୀର କଥା ଶୁଣୁ ଶୁଣୁ କନୋ ନିଜର ସମ୍ବିତ୍ ଫେରିପାଇଲା । ତା'ର ଶିରାପ୍ରଶିରାରେ ଶକ୍ତି, ବୁକୁରେ ସାହସ ଏବଂ ଚକ୍ଷୁରେ ଦୀପ୍ତି ଫେରି ଆସିଲା । ସେ ମନେ ମନେ କଠିଣ ହୋଇଗଲା ।

ସେ କହିଲା, "ଶୟତାନ ହଉ, କି ଯାହା ହଉ, ମୁଁ ତା' ସଙ୍ଗେ ଲଢ଼ିବି ଏବଂ ତା'କୁ ଜିଣିବି । ମୁଁ ନିଜ ଭାଗ୍ୟ ବଦଳାଇବି ।" ଏହା କହି ହେଁସ ଉପରେ ବିଧାଏ ମାଇଲା । ପୁଣି କହିଲା, "ଆମ ସୌଭାଗ୍ୟ ଅନ୍ୟ କେହି ଆମ ପାଖରୁ ଛଡ଼ାଇ ନେଇ ପାରିବ ନାହିଁ ।" ଏହା ପରେ ସେ ଦୃଷ୍ଟିକୁ କୋମଳ କରି ଜୁଆନା କାନ୍ଧରେ ହାତ ରଖି କହିଲା, "ତୁମେ ମୋତେ ବିଶ୍ୱାସ କର । ମୁଁ ପୁରୁଷ ।" କନୋର ମୁହଁରେ ଚତୁରତାର

Digitized by srujanika@gmail.com

ଚିହ୍ନ ଦେଖାଗଲା । "କାଲି ସକାଳେ ଆମେ ଘୋଡ଼ାଉପରେ ବସି ସମୁଦ୍ର ପଥରେ ପାହାଡ଼ ଟପି ରାଜଧାନୀକୁ ଯାତ୍ରା କରିବା । କେହି ଆଉ ଆମକୁ ଠକି ପାରିବ ନାହିଁ । ଯେତେହେଲେ ମୁଁ ପୁରୁଷ ।"

ଜୁଆନା ଶୁଷ୍କ କଣ୍ଠରେ ଜବାବ ଦେଲା, "କିନୋ ମୋତେ ଡର ମାଡ଼ୁଛି । ଜିଇଁବା ମରିବା କଥାରେ ପୁରୁଷ ବା ସ୍ତ୍ରୀ ସମାନ । ମୁକ୍ତାଟିକୁ ସମୁଦ୍ରରେ ଫିଙ୍ଗିଦିଅ ।"

କିନୋ ଧମକ ଦେଇ କହିଲା, "ଚୁପ୍, ମୁଁ ପୁରୁଷ, ନା କଅଣ ? ଚୁପ୍ କର ।" ତା'ର ହୁକୁମ ଭଳି ସ୍ୱର ଶୁଣି ଜୁଆନା ଚୁପ୍ ହୋଇଗଲା । କିନୋ କହିଲା, "ଆସ କିଛି ସମୟ ଶୋଇ ପଡ଼ିବା । ଫରର ଫାଟିବା ସଙ୍ଗେ ସଙ୍ଗେ ଘୋଡ଼ାଉ ଭସାଇବା । ମୋ ସାଙ୍ଗରେ ଯିବାକୁ ତ ତୁମକୁ ଡର ଲାଗିବ ନାହିଁ ?"

ଜୁଆନା କହିଲା "ନା, ନା, କେବେ ନୁହେଁ ।"

କିନୋର ଦୃଷ୍ଟି କୋମଳ ହୋଇ ଉଠିଲା । ଧୀରେ ଧୀରେ ସେ ଗୋଟିଏ ହାତ ସ୍ତ୍ରୀର ଗାଲ ଉପରେ ରଖିଲା, ତା' ଆଖିପତା ବୁଜା ହୋଇଥାଏ । ସେ ମୃଦୁସ୍ୱରରେ ଆଉ ଥରେ କହିଲା "ଆସ, ଘଡ଼ିଏ ଶୋଇ ପଡ଼ିବା ।"

Digitized by srujanika@gmail.com

ପାଞ୍ଚ

ରାତି ପାହିବା ବେଳକୁ ଜହ୍ନ ଉଇଁଲା । ସେତେବେଳକୁ କୁକୁଡ଼ା ଡାକିବା ସମୟ ହୋଇ ଆସିଥାଏ । ସେହି ଅନ୍ଧକାରରେ କନୋର ନିଦ ଭାଙ୍ଗିଗଲା । ତା'ର ମନେହେଲା କୁଡ଼ିଆ ଭିତରେ କିଏ ଯେପରି ଚଳ-ବୁଲ କରୁଅଛି । ସେ ନିଶ୍ଚଳଭାବରେ ଶୋଇ ରହି ଅନ୍ଧାରକୁ ଚାହିଁ ଚାହିଁ ଦେଖୁଥାଏ । କୁଡ଼ିଆ ଝାଟି କାନ୍ଥ ଫାଙ୍କ ଦେଇ ଯେଉଁ ମ୍ଳାନ ଜ୍ୟୋତ୍ସ୍ନା ଘର ଭିତରେ ପଡ଼ୁଥିଲା, ସେଥିରେ କନୋ ବୁଝିଲା ଯେ କେହି ବାହାର ଲୋକ ନୁହେ । ଜୁଆନା ସନ୍ତର୍ପଣରେ ତା' ପାଖରୁ ଉଠି ଚୁଲୀ ମୁଣ୍ଡକୁ ଯାଉଅଛି । ଜୁଆନା ଚୁଲୀ ମୁଣ୍ଡ ପଥରଟା ହଟାଇବାର ଅତି କ୍ଷୀଣ ଶବ୍ଦ କନୋ ଶୁଣି ପାରିଲା । ଏହାପରେ ଚାଲି ପରି ସେ ନିଃଶବ୍ଦରେ ବାହାରକୁ ଚାଲିଗଲା । ଗଲାବେଳେ କୟୋଟିଟୋ ଝୁଲା ପାଖରେ ମୁହୂର୍ତ୍ତକ ପାଇଁ ଠିଆ ହୋଇଥିଲା ।

କନୋ ରାଗରେ ନିଆଁ ହୋଇଗଲା । ସତର୍କଭାବରେ ସେ ବିଛଣାରୁ ଉଠି ନିଃଶବ୍ଦରେ ଧୀର ଅନୁସରଣ କଲା । ଜୁଆନା ସମୁଦ୍ରକୂଳକୁ ଦ୍ରୁତପଦରେ ଯାଉଥିଲା । ସେ ନିଃଶବ୍ଦରେ ଧୀର ଅନୁସରଣ କରୁଥିଲେ ମଧ୍ୟ ତା' ମଗଜ ଭିତରେ ପ୍ରଚଣ୍ଡ ରାଗ । କଣ୍ଟିବୁଦା ଟପି ଜୁଆନା ବେଳାଭୂମିର ପଥର ଝୁଣ୍ଟି ପ୍ରାୟ ପାଣି ପାଖରେ ପହଞ୍ଚିଲାବେଳକୁ କନୋର ପଦ ଶବ୍ଦ ଶୁଣି ପାରି ଦୌଡ଼ିଲା । ସେ ହାତ ଉଠାଇ ଯେତେବେଳେ ସମୁଦ୍ର ପାଣିରେ ମୁକ୍ତାଟି ଫିଙ୍ଗି ଦେବାକୁ ଉଦ୍ୟତ, ଠିକ୍ ସେତିକବେଳେ କନୋ ତା' ଉପରକୁ କୁଦାମାରି ହାତଟି ଧରି ପକାଇ ମୁକ୍ତାଟି ଛଡ଼ାଇ ନେଲା । କନୋ ହାତ ମୁଠା କରି ଜୁଆନା ଗାଲରେ ବେଶ୍ କରି ଏକ ଚାପୁଡ଼ା ମାଇଲା । ଜୁଆନା ବେଳାଭୂମିର ପଥର ଉପରେ ପଡ଼ିଗଲା । କନୋ ତା'କୁ ଦୁଇଚାରି ଗୋଇଠା କସିଦେଲା । ଗୋଇଠା ମାଡ଼ରେ ଜୁଆନା ଏକବାରକେ ପାଣି ପାଖକୁ ଖସିଗଲା । ଚନ୍ଦ୍ରର ମ୍ଳାନ ଆଲୋକରେ କନୋ ଦେଖିଲା ଯେ ସାନ ସାନ ଢେଉ ଜୁଆନା ଉପରେ ମାଡ଼ି ଯାଉ

Digitized by srujanika@gmail.com

ତା’ ଘାଘରାକୁ ଭସାଇ ଦେଉଅଛି ଏବଂ ତେଜ ଫେଟିଗଲେ ଘାଘରା ତା’ ଗୋଡ଼ରେ ଆଣ୍ଠି ହୋଇ ଯାଉଅଛି । କନୋ ଦାନ୍ତ କଟମଟ କରି ସ୍ତ୍ରୀକୁ ଅନାଇ ପ୍ରଚଣ୍ଡ ରାଗରେ ସାପ ପରି ଫଁ ଫଁ ହେଉଥାଏ । ଜୁଆନା ବୁଝିଗଲା, ତା’ ସ୍ୱାମୀ ମୁଣ୍ଡରେ ଖୁଣ୍ ସବାର ହୋଇଅଛି । କାଂସାଇ ଆଗରେ ମେଣ୍ଢା ପରି ସେ ଘାଉଁ ନ ହୋଇ କେବଳ ବଡ଼ ବଡ଼ ଆଖି କରି ଚାହିଁ ରହିଲା । ଯାହା ହେଉଛି ହେଉ । ସେ ନୀରବରେ ମାଡ଼ ଖାଇଲା କିଛି ବାଧା ଦେଲା ନାହିଁ କି ପ୍ରତିବାଦ କଲାନାହିଁ । ସ୍ୱାମୀ ଯାହା କରୁଛନ୍ତି ତାହା ଠିକ୍ । ମାରି ମାରି କନୋ ଥକିଗଲା, ତା’ ରାଗ ମଧ୍ୟ ଥଣ୍ଡା ପଡ଼ିଗଲା ଏବଂ ମନରେ ଜାତ ହେଲା ବିରକ୍ତି । ସେ ସ୍ତ୍ରୀକୁ ଛାଡ଼ି ସମୁଦ୍ର କୂଳରୁ ବୁଦା ଆଡ଼କୁ ଚାଲିଗଲା । ଉତ୍ତେଜନାବଶତଃ ତା’ର ଇନ୍ଦ୍ରିୟ-ଗୁଡ଼ିକ ଅବଶ ହୋଇଥାଏ ।

ନିକଟରେ ହଠାତ୍ କନୋ କଅଣ ଗୋଟାଏ ଶବ୍ଦ ଶୁଣିଲା । କଣ୍ଟିବୁଦା ଆଡ଼େଇ ଯେପରି କେତେଜଣ ଲୋକ ତା’ଆଡ଼କୁ ଆସୁଛନ୍ତି । ମୁହୂର୍ତ୍ତକ ମଧ୍ୟରେ ଛୁରୀ କାଢ଼ି ପ୍ରସ୍ତୁତ ହୋଇଗଲା । ଅସ୍ପଷ୍ଟ ଚନ୍ଦ୍ରାଲୋକରେ ଗୋଟାଏ ଲୋକର ଛାଇ ତା’କୁ ଦେଖାଗଲା । ସେହି ଲୋକ ଦେହରେ ସେ ଛୁରୀ ଭୁଷି ଦେଲା । ଛୁରୀ ସେ ଠିକ୍ ଦେହରେ ପଶିଲା ଏହା ସେ ଜାଣିପାରିଲା । ସଙ୍ଗେ ସଙ୍ଗେ ପ୍ରତିଆକ୍ରମଣ ଘଟିଲା । ଏକାଧିକ ଲୋକ ତା’ ଉପରକୁ ଡେଇଁ ପଡ଼ିଲେ । ଏହି ଲୋଲୁପ ବ୍ୟକ୍ତିମାନେ ତା’ର ପକେଟ୍, ଅଣ୍ଟି ପ୍ରଭୃତି ନାନା ଜାଗା ଖୋଜିବାକୁ ଲାଗିଲେ । କନୋ ଗଡ଼ପଡ଼ ଉଠୁଥାଏ ଓ ପୁଣି ପଡ଼ୁଥାଏ । ଏପରି ଧସ୍ତାଧସ୍ତିରେ ମୁକ୍ତାଟି ତା’ ହାତ ମୁଠାରୁ ଛିଟିକି ଗୋଟିଏ ଗ୍ରେଟ ପଥର କଡ଼ରେ ପଡ଼ି ଚିକ୍ ଚିକ କରୁଥାଏ ।

ପାଣିକୂଳ ପଥର ଉପରୁ ଅତିକଷ୍ଟରେ ଜୁଆନା ଉଠି ଠିଆ ହେଲା । ମୁହଁଟା ତା’ର ଯନ୍ତ୍ରଣାରେ ବିକୃତ । ଅଣ୍ଟା ପିଠିରେ ବଡ଼ ବ୍ୟଥା । ସେ ପ୍ରଥମେ କିଛିକ୍ଷଣ ଆଣ୍ଠେଇ ରହି ଲୁଗାପଟା ସମ୍ଭାଳିଲା । କନୋ ଉପରେ ତା’ର ଚିଳେମାତ୍ର ରାଗ ନଥାଏ । କନୋ କହିଥିଲା, “ମୁଁ ଜଣେ ପୁରୁଷ ।” ଏକଥାର ମର୍ମ ଜୁଆନା ପାଖରେ ବହୁତ ବେଶୀ । ଏହାର ଅର୍ଥ ହେଉଛି ସେ ଅଧା ପାଗଳ ଓ ଅଧା ଦେବତା । ଏହାର ଅର୍ଥ ହେଉଛି, ସେ

Digitized by srujanika@gmail.com

ପର୍ବତ ବିରୁଦ୍ଧରେ ମଧ୍ୟ ବଳପ୍ରୟୋଗ କରିବ ଏବଂ ସମୁଦ୍ର ପାଣି ବିରୁଦ୍ଧରେ ମଧ୍ୟ ମୁଣ୍ଡ ଟେକିବ । ସ୍ତ୍ରୀ ବୁଦ୍ଧିରେ ଜୁଆନା ଜାଣିଥାଏ ଯେ ମଣିଷ ପର୍ବତ ବିରୁଦ୍ଧରେ ବଳ ପ୍ରୟୋଗ କରି ପର୍ବତର ରୋମ ବଙ୍କା କରିପାରିବ ନାହିଁ, ନିଜେ ଧ୍ୱଂସ ପାଇବ, ସେହିପରି ସମୁଦ୍ରପାଣିକୁ ରୋଧ କରିବାକୁ ଯାଇ ସାଗରର ଅତଳ ତଳେ ଲୀନ ହେବ । ତଥାପି ଏହି ଅଧା ପାଗଳାମି ଓ ଅଧା ଦେବତ୍ୱର ସମିଶ୍ରଣରେ ପୁରୁଷ ଗଢ଼ା ଏବଂ ଏମିତି ଜଣେ ପୁରୁଷ ଜୁଆନା ପାଇଁ ଆବଶ୍ୟକ । ଏପରି ପୁରୁଷ ବିନା ସେ ବଞ୍ଚି ପାରିବ ନାହିଁ । ପୁରୁଷ ଓ ନାରୀ ମଧ୍ୟରେ ଏପରି ପାର୍ଥକ୍ୟ ଦେଖି ଜୁଆନା ବିଭ୍ରାନ୍ତ ବୋଧ କଲେ ମଧ୍ୟ, ସେ ଏହା ସ୍ୱୀକାର କରି ନେଇଥାଏ ଏବଂ ନିଶ୍ଚିନ୍ତଭାବରେ ଏହା ଉପରେ ଭରସା କରିଥାଏ । ସେ ଯେ ସ୍ୱାମୀର ସବୁ କଥା ମାନିଯିବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ବେଳେ ବେଳେ ସ୍ତ୍ରୀର ଗୁଣ, ଯୁକ୍ତି, ସତର୍କତା ଏବଂ ଆତ୍ମରକ୍ଷା ପ୍ରବୃତ୍ତି ସ୍ୱାମୀର ପୌରୁଷକୁ ଲଂଘନ କରିଥାଏ; ମାତ୍ର ତାହା ଦୁହିଁଙ୍କର ରକ୍ଷା ନିମିତ୍ତ । ଜୁଆନା ଅତି କଷ୍ଟରେ ଉଠି ଠିଆ ହେବାକୁ ଚେଷ୍ଟା କଲା; ସେ ଅଞ୍ଜଳି ଅଞ୍ଜଳି ସମୁଦ୍ର ପାଣି ନେଇ ମୁହଁର କ୍ଷତସ୍ଥାନ ସବୁ ଧୋଇଲା । ସେହି ଲୁଣି ପାଣିରେ ଖଣ୍ଡିଆ ଜାଗାଗୁଡ଼ିକ ବଡ଼ ପୋଡ଼ୁଥାଏ; ଏହାପରେ ସେ ଧୂସର ଧୂସର ବେଳାଭୂମିରୁ ଉଠି କିନୋର ପଛେ ପଛେ ଗଲା ।

ଆକାଶରେ ଖଣ୍ଡେ ଖଣ୍ଡେ ମେଘ ଦକ୍ଷିଣରୁ ଭାସିଯାଉଥାଏ । ଏଥି-ଯୋଗୁଁ ଜହ୍ନ ଢାଙ୍କି ହୋଇଯାଉଥାଏ । ଜୁଆନା ଏହି ଅନ୍ଧାର ଓ ଆଲୁଅ ଭିତରେ ଚାଲିବାକୁ ଲାଗିଲା । ପିଠି ଓ ମୁଣ୍ଡରେ ତା'ର ଦାରୁଣ ଯନ୍ତ୍ରଣା । ସେ କଣ୍ଟାବୁଦା ଭିତରକୁ ଗଲାବେଳେ ଜହ୍ନକୁ ମେଘ ଘୋଡ଼ାଇଥିବାରୁ ଅନ୍ଧକାର ଘୋଟିଥିଲା । ମେଘ ହଟି କିଛି ଆଲୁଅ ହେଲାରୁ ସେ ପଥର-କଡ଼ରେ ବାଟ ଉପରେ ସେହି ବିରାଟ ମୁକ୍ତାଟି ଚକ୍ ଚକ୍ କରୁଥିବାର ଦେଖିପାରିଲା । ସେ ଆଣ୍ଠେଇ ପଡ଼ି ମୁକ୍ତାଟି ଉଠାଇନେଲା ଏବଂ ଠିକ୍ ଏତିକିବେଳେ ମେଘ ଜହ୍ନକୁ ଢାଙ୍କିବାରୁ ପୁଣି ଅନ୍ଧାର ଘୋଟିଗଲା । ଜୁଆନା ସେମିତି ଆଣ୍ଠେଇପଡ଼ି ଭାବିଲା, ସମୁଦ୍ର କୂଳକୁ ଫେରିଯାଇ ମୁକ୍ତାଟିକୁ ପାଣିକୁ ଫିଙ୍ଗି ଦେବା ଉଚିତ ହେବ କି ନାହିଁ । ହଠାତ୍ ମେଘ ହଟିଯିବାରୁ ସେ ଚନ୍ଦ୍ରାଲୋକରେ ଦେଖିଲା ସମ୍ମୁଖରେ ବାଟ ଉପରେ

Digitized by srujanika@gmail.com

ଦୁଇଟା ଲୋକ ପଡ଼ିଛନ୍ତି । ସେ ଆଗକୁ କୁଦାମାରି ଦେଖିଲା ସେଥିମଧ୍ୟରୁ ଜଣେ ହେଉଛି କିନୋ ଏବଂ ଅନ୍ୟ ଜଣକ ଅପରିଚିତ । ସେ ଲୋକଟିର ତଣ୍ଟିକଟା ଏବଂ କଟା ଜାଗାରୁ ତଟକା ରକ୍ତ ବହୁଛି ।

କିନୋ ଅଥର୍ବ ପରି ହାତଗୋଡ଼ ହଲାଇବାର ଚେଷ୍ଟା କଲା । ତା'ମୁହଁରୁ ଫେଣ ବାହାରୁଥାଏ । ମୁହୂର୍ତ୍ତକ ମଧ୍ୟରେ ଜୁଆନା ଜାଣିଲା ଯେ ତା'ର ସୁଖ ଓ ଶାନ୍ତିର ଜୀବନଧାରା ଚିରକାଳପାଇଁ ଚାଲି ଯାଇଛି, ଆଉ ଫେରିବ ନାହିଁ । ବାଟରେ ପଡ଼ିଛି ଜଣେ ତଣ୍ଟିକଟା ଲୋକ, ତା'ବେକରେ କିନୋର ଛୁରୀ ଖଣ୍ଡ ଦେଖି ଜୁଆନା ମନ ସ୍ଥିର କରି ପକାଇଲା । ମୁକ୍ତା ମିଳିବା ପୂର୍ବରୁ ସେମାନଙ୍କର ଯେଉଁ ସୁଖଶାନ୍ତି ଥିଲା, ତାହା ଫେରାଇବା ପାଇଁ ଜୁଆନା ବରାବର ଚେଷ୍ଟା କରୁଥିଲା; କିନ୍ତୁ ଏବେ ସେ ସବୁ ଅଣବାହୁଡ଼ା । ଏତିକି ବୁଝିପାରି ସେ ତତ୍‌କ୍ଷଣାତ୍ ଅତୀତକୁ ପାଶୋରି ଦେଲା । ପଲକ ଭିତରେ ସେ ନିଜର କର୍ତ୍ତବ୍ୟ ଅବଧାରଣ କରିନେଲା । ତାହା ହେଉଛି ଆତ୍ମରକ୍ଷା ।

ଜୁଆନାର ଶାରୀରିକ ଯନ୍ତ୍ରଣା ଓ ଶ୍ଳଥଭାବ ଏକ ପଲକରେ ଉଭେଇ ଏକ ବିରାଟ କର୍ମଯୋଜନା ରୂପାନ୍ତରିତ ହେଲା । ଅତି ଦ୍ରୁତରେ ସେ ମଲା ଲୋକଟିକୁ ବାଟ ଉପରୁ ଟାଣି ଟାଣି ବୁଦା ଭିତରକୁ ନେଇଗଲା । ଏହା ପରେ କିନୋ ପାଖକୁ ଯାଇ ନିଜ ଘାଘରା କାନି ଓଦା କରି କିନୋ ମୁହଁ ପୋଛିବାକୁ ଲାଗିଲା । ଧୀରେ ଧୀରେ କିନୋର ଜ୍ଞାନ ଫେରି ଆସୁଥାଏ ।

ଜ୍ଞାନ ହେଲାକ୍ଷଣି କିନୋ ବିଳାପ କଲା, "ସେମାନେ ମୁକ୍ତାଟି ନେଇ ଯାଇଛନ୍ତି । ମୋର ସର୍ବସ୍ୱ ଗଲା । ସବୁ ଶେଷ ହେଲା ।"

ସାନ ରୁଗଣ ଶିଶୁକୁ ସ୍ତ୍ରୀଲୋକମାନେ ଯେପରି ସାନ୍ତ୍ୱନା ଦେଇଥାନ୍ତି ସେହିପରି ଜୁଆନା ସ୍ୱାମୀକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରି କହିଲା, "ହଉ, ଚୁପ୍ କର । ହେଇ ନିଅ ତୁମ ମୁକ୍ତା । ଏହା ବାଟରେ ପଡ଼ିଥିଲା, ମୁଁ ପାଇଲି । ମୋ କଥା ଶୁଣି ପାରୁଛ ତ ? ହେଇ ଦେଖ ତୁମ ମୁକ୍ତା । ତୁମେ ବୁଝି ପାରୁଛ ନା ତୁମେ ଜଣେ ମଣିଷ ହତ୍ୟା କରିଅଛ । ଆମକୁ ପଳାଇ ଯିବାକୁ ହେବ । ସେମାନେ ଆମକୁ ଧରିବାକୁ ଆସିବେ । ତା'ଙ୍କ ଆସିବା ଆଗରୁ ରାତି ନ ପାହୁଣୁ ଆମକୁ ପଳାଇବାକୁ ପଡ଼ିବ ।"

Digitized by srujanika@gmail.com

କନୋ ବିଚଳିତ ହୋଇ କହିଲା, "ସେମାନେ ମୋତେ ଆକ୍ରମଣ କଲେ । ମୁଁ ଯାହା କରିଛି ତାହା ଆତ୍ମରକ୍ଷା ପାଇଁ ।"

ଜୁଆନା ପଚାରିଲା, "କାଲିକା କଥା କ'ଣ ମନେ ନାହିଁ ? ତୁମ କୈଫିୟତ କିଏ ବିଶ୍ୱାସ କରିବ ? ସହର ଲୋକଙ୍କୁ ତୁମେ ଚିହ୍ନି ନାହିଁ । ତୁମ କଥାରେ କିଛି ଫଳ ହେବ ନାହିଁ ।"

କନୋ ଏକ ଦୀର୍ଘ-ନିଃଶ୍ୱାସ ଟାଣି ସମସ୍ତ ଅବସାଦ ଓ ଦୁର୍ବଳତା ପରିହରି କହିଲା, "ହଁ, ଯାହା କହୁଛ ତାହା ଯଥାର୍ଥ ।" ଏହାପରେ ସେ ନିଜର ମନୋବଳ ଏବଂ ପୌରୁଷରେ ଉଦ୍‌ଭାସିତ ହୋଇ କହିଲା, "ଘରକୁ ଯାଇ କୟୋଟିଟୋ ଏବଂ ସବୁତକ ଗହଣା ନେଇ ଆସ । ମୁଁ ପୋଡ଼ଉକୁ ପାଣିକୁ ଟାଣି ନେବ । ଆମେ ଗୁଳିଯିବା ।"

କନୋ ନିଜ ଛୁରୀ ଖଣ୍ଡିକ ଉଠାଇନେଇ ଗୋଡ଼ ଘୋସାରି ଘୋସାରି ସମୁଦ୍ର କୂଳରେ ନିଜ ପୋଡ଼ଉ ପାଖକୁ ଗଲା । ମେଘ ହଟିଯିବାରୁ ସେ ଚନ୍ଦ୍ରାଲୋକରେ ଦେଖିଲା ତା' ପୋଡ଼ଉର ତଳଦେଶରେ କେହି ଗୋଟିଏ ମସ୍ତବଡ଼ ଛିଦ୍ର କରି ଦେଇଅଛି । ପ୍ରଚଣ୍ଡ ରାଗରେ ସେ ନିଜର ଶକ୍ତି ଫେରି ପାଇଲା । ବର୍ତ୍ତମାନ ତା' ପରିବାରକୁ ଘୋଟି ଆସୁଛି ଜମାଟ ଅନ୍ଧକାର । ଏଠି ସେଠି, ବୃକ୍ଷ ଚୂଡ଼ାରେ ସମୁଦ୍ରର ଢେଉରେ, ଗଗନ ପବନରେ ସବୁଠି ଖେଳଯାଇଛି ଶୟତାନର ଘୃଣ୍ୟ ଓ ଶତ୍ରୁର କରାଳତା । ବିଗତ କେତେ ପୁରୁଷ ଧରି ଯେଉଁ ପୋଡ଼ଉ ଖଣ୍ଡିକ ତା'ର ଯଥା ସର୍ବସ୍ୱ ଥିଲା, ତା'ର ଦାନାପାଣିର ସମ୍ବଳ ଥିଲା, ଯାହାକୁ ସେ ବର୍ଷକୁ ବର୍ଷ ରଙ୍ଗ ଓ ଚୂନଟୁଣି ଲେପି ରକ୍ଷା କରୁଥିଲା, ତାହାର ଆଜି ଏହି ପରିଣାମ । ଏପରି ଦୁର୍ଗତି ତା'ର କଳ୍ପନାତୀତ ଥିଲା । ପୋଡ଼ଉକୁ ଧ୍ୱଂସ କରିବା ତୁଳନାରେ ମଣିଷ ହତ୍ୟା କରିବା ଅଧିକ ଜଘନ୍ୟ ନୁହେ । ପୋଡ଼ଉ ନିଃସହାୟ, ସେ ଆତ୍ମରକ୍ଷା କରିବାକୁ ଅସମର୍ଥ ଏବଂ ଭାଙ୍ଗିଗଲେ ମରାମତି ହୋଇପାରେ ନାହିଁ । କନୋର ରାଗରେ ଗଭୀର ବିଷାଦର କାଳିମା ଥିଲେ ମଧ୍ୟ ପୋଡ଼ଉ ଖଣ୍ଡିକର ଦୁରବସ୍ଥା ତା'କୁ ସହ୍ୟର ଶେଷ ସୀମାକୁ ନେଇଗଲା । ସେଥିରେ ମ୍ରିୟମାଣ ନହୋଇ ସେ ପ୍ରବଳ ଜିଦ୍‌ରେ ମାତି ଉଠିଲା । ସେ ପଶୁ ପାଲଟିଗଲା । ତା'ର ଏକମାତ୍ର ଲକ୍ଷ୍ୟ ହେଲା ଲୁଚିବା, ଆକ୍ରମଣ କରିବା, ନିଜକୁ ଓ ନିଜ ପରିବାରକୁ ବଞ୍ଚାଇବା ।

Digitized by srujanika@gmail.com

ସେ ନିଜ ମୁଣ୍ଡର ସବୁ ଜ୍ୱାଳା ଯନ୍ତ୍ରଣା ଭୁଲିଗଲା । ସେ ବେଳାଭୂମିରୁ ଡେଇଁ ଡେଇଁ କଣ୍ଟାବୁଦା ଟପି ନିଜ କୁଡ଼ିଆକୁ ଧାଇଁଲା । ବେଳାଭୂମିରେ ଥିବା କୌଣସି ପ୍ରତିବେଶୀର ପୋଡ଼ଙ୍ଗ ନେଇ ପଳାଇ ଯିବା କଳ୍ପନା ସୁଦ୍ଧା ତା' ମନରେ ଆସିଲା ନାହିଁ । ତା'ପକ୍ଷରେ ପୋଡ଼ଙ୍ଗ ଭାଙ୍ଗିଦେବା କିମ୍ବା ଚୋରାଇ ନେବା ଏକାକଥା ।

କୁଡ଼ିଆ ଭିତରୁ କୁକୁଡ଼ାଗୁଡ଼ିକ ବୋବେଇବାକୁ ଆରମ୍ଭ କରି ଥାଆନ୍ତି । ଭୋର ହେବାର ଆଉ ବିଳମ୍ବ ନାହିଁ । କେତେ କୁଡ଼ିଆରୁ ସକାଳର ଖାଦ୍ୟ ରନ୍ଧା ହେବାର ଧୂଆଁ ଉଠିଲାଣି ଏବଂ ରୋଟି ସେକାର ଗନ୍ଧ ବାହାରୁ ଥାଏ । ବୁଦା ଓ ଗଛ ଉପରେ ପକ୍ଷୀମାନେ କୂଜନ ଆରମ୍ଭ କରିଥାନ୍ତି । କ୍ଷୀଣଚନ୍ଦ୍ର ଅସ୍ପଷ୍ଟ ହୋଇଯାଉଛି ଏବଂ ବାଦଲିଆ ମେଘ ଦକ୍ଷିଣ ଦିଗରୁ ଘୋଟି ଆସୁଛି । ହଠାତ୍ ଗୋଟାଏ ଦମକା ବତାସ ମୁହାଣ ଆଡ଼କୁ ପ୍ରବାହିତ ହେଲା ; ଏଥିରେ ଝଡ଼ର ସଙ୍କେତ ନିହିତ । ପବନରେ ପରିବର୍ତ୍ତନ ଓ ଅଶାନ୍ତର ଭାବ ।

ଦ୍ରୁତଗତିରେ କୁଡ଼ିଆ ଆଡ଼େ ଧାଇଁଲାବେଳେ କନୋର ଛାତି ଦୁଲୁକୁ ଥାଏ । ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସେ ବର୍ତ୍ତମାନ ନିଃସନ୍ଦେହ, ଦ୍ୱିଧାହୀନ । ତା'ର ବର୍ତ୍ତମାନ ଗୋଟିଏ ମାତ୍ର କରଣୀୟ କାମ । ସେ ପକେଟରେ ହାତ ପୂରାଇ ମୁକ୍ତାଟି ସ୍ପର୍ଶ କଲା, ତା'ପରେ ନିଜ ଛୁରୀ ଖଣ୍ଡିକ ଛୁଇଁ ଦେଖିଲା । ସେଖଣ୍ଡି କମିଜ ତଳେ ଝୁଲୁଥାଏ ।

ସମ୍ମୁଖରେ ଗୋଟାଏ ଆଲୋକର ଆଭା କନୋ ଦୃଷ୍ଟିରେ ପଡ଼ିଲା । ଦେଖୁ ଦେଖୁ ଆଭାଟି ଏକ ବିରାଟ ଅଗ୍ନିଶିଖାରେ ପରିଣତ ହୋଇ ଗଲା—ଯେପରି ଗୋଟାଏ ଆଲୋକ ସ୍ତମ୍ଭ ମାଟିରୁ ଉପରକୁ ଉଠି ଯାଉଛି । ଠୋ ଠୋ ବାଉଁଶ ଫୁଟିବା ଆବାଜ ମଧ୍ୟ ସେ ଶୁଣିଲା । ରାସ୍ତାଘାଟ ସବୁ ଆଲୋକମୟ । ନିଆଁ ଯେ ତା' କୁଡ଼ିଆରେ ଲାଗିଛି, ଏକଥା ଜାଣି କନୋ ଦୌଡ଼ିଲା, ହାଲୁକା କାଠ କୁଟୀରେ ତିଆରି ଏହି ଲହମାକରେ ଭସ୍ମୀଭୂତ ହୋଇଯିବ । ସେ ଊର୍ଦ୍ଧ୍ୱଶ୍ୱାସରେ ଘରଆଡ଼କୁ ଧାଇଁଲାବେଳେ ଦେଖିଲା ଟେଣେ କିଏ ଜଣେ ତା' ଆଡ଼କୁ ଦୌଡ଼ୁଛି । ସେ ହେଉଛି ଜୁଆନା, କୋଳରେ ତା'ର କୟୋଟିଟୋ ଏବଂ ହାତରେ ମୁଠେଇଛି କନୋର ଘୋଡ଼ହେବା କମ୍ବଳ । ଶିଶୁଟି ଆତଙ୍କରେ ଚିତ୍କାର

Digitized by srujanika@gmail.com

କରୁଅଛି, ଜୁଆନାର ଦୁଇ ଆଖି ଉପରେ ବିସ୍ମାରିତ ହୋଇଯାଉଛି । କିନୋ ଦେଖିଲା ତା'ର କୁଡ଼ିଆ ଖଣ୍ଡିକ ଭସ୍ମୀଭୂତ । ସେ ଜୁଆନାକୁ କୌଣସି ପ୍ରଶ୍ନ କଲା ନାହିଁ । ଜୁଆନା ନିଜେ କହିଲା, "କେହି ଆମ କୁଡ଼ିଆ ଘରି ଲଣ୍ଡ ଭଣ୍ଡ କରି ଦେଇଛି, ଘର ଭିତରଟା ଚଷି ପକାଇଛି ଏପରିକି କମ୍ପୋଟିଚୋର ଝୁଲଟା ମଧ୍ୟ ଓଲଟାଇ ଦେଇଛି । ଏହା ପରେ ମୋ ଆଖି ସାମନାରେ ସେମାନେ କୁଡ଼ିଆରେ ନିଆଁ ଲଗାଇଦେଲେ ।"

ଜ୍ୱଳନ୍ତ କୁଟୀରର ଅଗ୍ନିଶିଖାରେ କିନୋର ମୁଖାବୟବ ଦାଉ ଦାଉ ହୋଇ ଉଠିଲା । ସେ ପଚାରିଲା, "କିଏ ଲଗାଇଲା ?" ଜୁଆନା କହିଲା, "ମୁଁ ଚିହ୍ନେ ନାହିଁ, ସେହି କଳା ଲୋକ ଗୁଡ଼ାକ ।"

ପ୍ରତିବେଶୀମାନେ ସବୁ କୁଡ଼ିଆରୁ ବାହାରିପଡ଼ି ଅଗ୍ନିଲିଙ୍ଗରୁ ନିଜ ନିଜ କୁଡ଼ିଆ ରକ୍ଷା କରିବାକୁ ଲାଗିଗଲେ । ହଠାତ୍ ଏକ ନିଦାରୁଣ ଭୟରେ କିନୋର ମୁଖ ବିକୃତ ହୋଇଗଲା । ଅଗ୍ନିଶିଖାର ଆଲୁଅଟାକୁହିଁ ତା'ର ଯେତେ ଭୟ । ତା'ର ମନେ ପଡ଼ିଗଲା ବାଟ ଉପରେ ବୁଦା ପାଖରେ ପଡ଼ିଥିବା ସେ ମୃତ ମଣିଷଟା । ସେ ଜୁଆନାର ହାତଧରି ଆଲୁଅ ନ ପଡ଼ିଥିବା ଅନ୍ୟ ଗୋଟାଏ କୁଡ଼ିଆ ଆଡ଼ୁଆଳକୁ ନେଇଗଲା । ଆଲୁଅଟା ହିଁ ତା'ର ବିପଦ । ଅଳ୍ପକ୍ଷଣ ଚିନ୍ତା କରି ସେ ସେଇପରି ଛାଇରେ ନିଜ ଭାଇ ଜୁଆନ୍ ଟମାସ୍ ଘରକୁ ଆସି ସସ୍ତ୍ରୀକ ଭିତରେ ପଶିଗଲା । ଏଣେ କୁଡ଼ିଆ ବାହାରେ ପ୍ରତିବେଶୀ ପିଲା ବୁଢ଼ା ଚିତ୍କାର କରୁଥାନ୍ତି । ତା'ର ବନ୍ଧୁମାନେ ଭାବି ନେଇଥାନ୍ତି ଯେ, ଘରେ ନିଆଁ ଲାଗିଲାବେଳେ କିନୋ ଓ ଜୁଆନା ନିଭୃତି ଭିତରେ ଥିଲେ ।

ଜୁଆନ୍ ଟମାସ୍‌ର ଏବଂ ଅନ୍ୟ ପ୍ରତିବେଶୀମାନଙ୍କର କୁଡ଼ିଆ ସବୁ କିନୋର କୁଡ଼ିଆ ପରି ଝାଟିମାଟିରେ ନିର୍ମିତ । ସବୁଥିରେ କାନ୍ଥ ଫାଟକରେ ଓ ଫାଙ୍କରେ ଆଲୁଅ ଓ ପବନ ଚଳାଚଳ ହୋଇଥାଏ । କାନ୍ଥ ପାଖରେ ବସିଲେ ବାହାରର ସବୁ କିଛି ଦେଖାଯାଏ । ଭାଇର କୁଡ଼ିଆ ଭିତରେ ସ୍ତ୍ରୀସହିତ ବସି କିନୋ ଊର୍ଦ୍ଧ୍ୱମୁଖୀ ଅଗ୍ନିଶିଖାକୁ ଦେଖୁଥାଏ । ତା' ଆଖି ସାମନାରେ ନିଜର ପ୍ରିୟ କୁଟୀରଖଣ୍ଡିକ ଭସ୍ମ ହୋଇଯାଉଅଛି । ପ୍ରତିବେଶୀ, ବନ୍ଧୁବାନ୍ଧବ ଏବଂ ଜୁଆନ୍ ଟମାସ୍‌ର ସ୍ତ୍ରୀ ଆପୋଲୋନିଆର ଶୋକାର୍ତ୍ତ ଆକ୍ଷେପ ସେ ଶୁଣିବାକୁ ପାଇଲା ।

Digitized by srujanika@gmail.com

ନିକଟତମ ସମ୍ପର୍କ ଥିବାରୁ ଆପୋଲୋନିଆ ବିଅର ପରିବାରର ମୃତ୍ୟୁରେ କୋଣି ସମ୍ଭାଳି ପାରୁ ନଥାଏ ।

କାନ୍ଦୁ କାନ୍ଦୁ ଆପୋଲୋନିଆ ବୁଝିପାରିଲା ଯେ, ସେ ଖଣ୍ଡେ ପୁରୁଣା ଓଢ଼ଣା ମୁଣ୍ଡରେ ଦେଇଅଛି । ନୂଆ ଓଢ଼ଣା ଖଣ୍ଡିକ ଆଣିବ ବୋଲି ସେ ନିଜ କୁଡ଼ିଆକୁ ଧାଇଁ ଯାଇ ବାକ୍ସ ଫିଟାଇଲା । ସେତିକିବେଳେ କିନୋ ଖୁବ୍ ଆସ୍ତେ ଆସ୍ତେ କହିଲା "ଭଉଜବୋହୂ, କାନ୍ଦ ନାହିଁ । ଆମ୍ଭେ ଭଲ ଅଛୁ ।"

ସେ ପଚାରିଲା "ତୁମେ ଏଠାକୁ କିପରି ଆସିଲ ? କିନୋ କହିଲା, "ସେ କଥା ପରେ ଶୁଣିବ । ଆଗେ ଯାଇ ଭାଇଙ୍କୁ ଡାକି ଆଣ । ଆଉ କାହାକୁ କିଛି କହିବ ନାହିଁ । ଏହା ବଡ଼ ଗୋପନୀୟ, ଭଉଜବୋହୂ ।"

ସେ କିଛିକ୍ଷଣ ଚିନ୍ତା କରି ଜବାବ ଦେଲା, "ହଁ, ମୁଁ ଏହିକ୍ଷଣି ଡାକି ଆଣୁଛି । କିଛି ଚିନ୍ତା କରନାହିଁ ।"

କିଛିକ୍ଷଣ ପରେ ଜୁଆନ୍ ଟମାସ୍ ସ୍ତ୍ରୀ ସହିତ ଫେରିଆସିଲା । ସେ ଗୋଟିଏ ମହମବତୀ ଜଳାଇ ଜାକିଜୁକି ହୋଇ ବସିଥିବେ । କିନୋ ପାଖକୁ ଆସିଲା । ସ୍ତ୍ରୀକୁ କହିଲା, "କବାଟ ବନ୍ଦ କର, କାହାକୁ ଭିତରକୁ ଛାଡ଼ିବ ନାହିଁ ।" ଜୁଆନ୍ ଟମାସ୍ ବୟସରେ ବଡ଼, ଏଣୁ କର୍ତ୍ତା ଢଙ୍ଗରେ ପଚାରିଲା, "କଥା କଅଣ ?"

କିନୋ କହିଲା "ସେମାନେ ମୋତେ ଅନ୍ଧାରରେ ଆକ୍ରମଣ କଲେ ଏବଂ ସେହି ଝଟାପଟାରେ ମୁଁ ଜଣକୁ ମାରି ପକାଇଅଛି ।"

"କାହାକୁ ମାରିଛ, କେଉଁମାନେ ଆକ୍ରମଣ କଲେ ?" ଏକ ନିଃଶ୍ୱାସରେ ଜୁଆନ୍ ଟମାସ୍ ପଚାରିଲା ।

କିନୋ କହିଲା, "ସେ କଥା କହିପାରିବି ନାହିଁ । ଚାରିଆଡ଼େ କଟିକଟି ଅନ୍ଧାର । କାହାକୁ ଚିହ୍ନି ପାରିନାହିଁ ।"

ଜୁଆନ ଟମାସ୍ କହିଲା,"ଏହି ମୁକ୍ତାଟା ହିଁ ସବୁ ଅନର୍ଥର ମୂଳ । ଏହାକୁ ବିକି ଦେଇ ବିପଦ ଏଡ଼ି ପାରିଥାଆନ୍ତ । ହୁଏତ ବର୍ତ୍ତମାନ ବିକିଦେଲେ ରକ୍ଷା ପାଇଯିବ । ଘରେ ଶାନ୍ତ ବିରାଜିବ ।"

କିନୋ କହିଲା, "ଭାଇ, ମୋ ଜୀବନ ଅପେକ୍ଷା ଅଧିକ ଅପମାନ ମୁଁ ପାଇଅଛି । ସମୁଦ୍ର କୂଳରେ ମୋ ପୋଡ଼ଉଟି କିଏ ଭାଙ୍ଗିଦେଇଅଛି ।

Digitized by srujanika@gmail.com

ମୋ ଘରେ ନିଆଁ ଲଗାଇଦେଇଅଛି । ତେଣେ ବୁଢ଼ା ଭିତରେ ମୂର୍ଚ୍ଛାର ପଡ଼ିଛି । ମୋର ପଳାଇବାର ସବୁ ବାଟ ବନ୍ଦ । ତୁମେ ମୋତେ, ଭାଇ ! ଲୁଚାଇ ରଖ ।"

ମିନତି ସ୍ୱରରେ ଏତିକି କଥା କହି କନୋ ବଡ଼ଭାଇ ମୁହଁକୁ ଚାହିଁଲା । ବଡ଼ଭାଇ ମୁହଁରେ ଚିନ୍ତା ଓ ଆଶଙ୍କାର ଚିହ୍ନ ଦେଖି ସେ ଭାବିଲା, ଭାଇ ହୁଏତ ରାଜି ହେବ ନାହିଁ । ତେଣୁ ପୁଣି କହିଲା, "ଭୟ ନାହିଁ, "ଭାଇ ! ମୁଁ ବେଶୀ ଦିନ ରହିବି ନାହିଁ । କେବଳ ଏ ଦିନଟି ଶେଷ ହୋଇ ରାତି ଆସିଲେ ମୁଁ ଅନ୍ଧାରରେ ଚାଲିଯିବି ।"

ଜୁଆନ ଟମାସ କହିଲା "ମୁଁ ତୁମମାନଙ୍କୁ ଲୁଚାଇ ରଖିବି ।" କନୋ କହିଲା, "ମୁଁ ତୁମକୁ ବିପଦରେ ପକାଇବାକୁ ଚାହେଁ ନାହିଁ । ମୁଁ ବର୍ତ୍ତମାନ କୁଷ୍ଠ ରୋଗୀ ପରି ଅସ୍ପୃଶ୍ୟ । ରାତି ହେଲାକ୍ଷଣି ମୁଁ ଚାଲିଯିବି, ତୁମେ ନିରାପଦ ହୋଇଯିବ ।"

ଜୁଆନ୍ ଟମାସ୍ କହିଲା, "କିଛି ଚିନ୍ତା ନାହିଁ, ମୁଁ ତୁମମାନଙ୍କୁ ରକ୍ଷା କରିବି ।" ଏହାପରେ ସେ ନିଜ ସ୍ତ୍ରୀକୁ କହିଲା, "ମନେରଖ ଆପଲୋନିଆ ! କନୋ ଏଠାରେ ଅଛି, ଏକଥା କାହାକୁ ଜଣାଇବ ନାହିଁ ।" କନୋ, ଜୁଆନା କୟୋଟିଟୋକୁ ନେଇ ସେହି ଅନ୍ଧାର ଘର କୋଣରେ ନୀରବରେ ଲୁଚି ରହିଲା । ପ୍ରତିବେଶୀମାନେ ତାଙ୍କର କଥା ଆଲୋଚନାକରୁଥିବା ସେ ସ୍ପଷ୍ଟ ଶୁଣି ପାରିଲା । ତା' ନିଜ କୁଡ଼ିଆଘର ପୋଡ଼ା ପାଉଁଶ ଖେଳାଇ ସେମାନେ ତାର ଦଗ୍ଧ ବା ଅର୍ଦ୍ଧଦଗ୍ଧ ଦେହ କିମ୍ବା ହାଡ଼ ଗୋଡ଼ ଖୋଜୁଥିବା କନୋ ବାଡ଼ ଫାଙ୍କବାଟେ ଦେଖିଲା । କନୋର ପୋଡ଼ିଉ ଖଣ୍ଡିକ କିଏ କଣା କରି ଦେଇଅଛି, ଏ ଖବର ଶୁଣି ସମସ୍ତେ ଅବାକ୍ ହେଉଛନ୍ତି ବୋଲି କନୋ ଜାଣିପାରିଲା । ସମସ୍ତଙ୍କ ସନ୍ଦେହକୁ ଅନ୍ୟମନସ୍କ କରିଦେବା ନିମିତ୍ତ ଜୁଆନ୍ ଟମାସ୍ ଭିଡ଼ ଭିତରକୁ ଯାଇ କନୋ, ଜୁଆନା ଓ କୟୋଟିଟୋର କଅଣ ଘଟି ଥାଇପାରେ ଗବେଷଣା କରି ସେ କଥା କହିବାକୁ ଲାଗିଲା । ଜଣକୁ କହିଲା, "ମୁଁ ଭାବୁଛି, କନୋ ସ୍ତ୍ରୀ ପୁଅ ନେଇ ସମୁଦ୍ର କୂଳେ କୂଳେ ଦକ୍ଷିଣ ଦିଗକୁ ପଳାଇଯାଇଛି । ଯେଉଁ ଶଇତାନ ତା'ଙ୍କ ପଛରେ ଲାଗିଛି, ସେଥିରେ ଦେଶତ୍ୟାଗୀ ହେବାଛଡ଼ା ଆଉ କି ଉପାୟ ଅଛି ?" ଆଉ

Digitized by srujanika@gmail.com

ଜଣକୁ କହିଲା, "କେନୋ ସମୁଦ୍ର ଛଡ଼ା ବଞ୍ଚି ପାରିବ ନାହିଁ । ସମ୍ଭବତଃ ସେ ଆଜି ଖଣ୍ଡିଏ ପୋଡ଼ିଜ ନେଇ ଚାଲିଯାଇଅଛି । ଏଣେ ବିଚାରି ଆପଲୋନିଆ ଦୁଃଖରେ କନ୍ଦାକଟା କରୁଅଛି ।

ସେ ଦିନ ସାରା, ଉଦ୍ଦାମ ପବନ ପ୍ରବାହିତ ହେଲା । ପବନରେ ଉଡ଼ିଯାଉଥିବା କାଠିକୁଟା ପରି ସବୁ ଢେଉ ଉପରେ ପଡ଼ି ଉବେଇ-ଟୁବେଇ ହେବାକୁ ଲାଗିଲା । ସମୁଦ୍ରର ଯେଉଁ ଅବସ୍ଥା, ଢେଉର ଯେଉଁ ଜୋର୍, ସେଥିରେ କୌଣସି ପୋତ ଅ ସମୁଦ୍ର ବକ୍ଷରେ ତିଷ୍ଠି ନ ପାରେ ! ଜୁଆନ୍ ଟମାସ୍ ପ୍ରତିବେଶୀମାନଙ୍କୁ କହିଲା, "କେନୋ ତ ଗଲା । ଯଦି ସମୁଦ୍ର ବାଟେ ଯାଇଥାଏ, ତେବେ ନିଶ୍ଚୟ ବୁଡ଼ି ମରିଥିବଣି ।" ଏମିତି ବୁଲିବୁଲି ପ୍ରତିବେଶୀମାନଙ୍କୁ ଥରକୁଥର ନାନା କଥା କହିଲା ଏବଂ ପ୍ରତିଥର ସେ ସ୍ତ୍ରୀ ତା' ପାଖରୁ କିଛି ଦରକାରୀ ଜିନିଷ ଧାର କରି ଆଣିଲା । ସେ ଗୋଟିଏ କାଇଞ୍ଚ ମୁଣିରେ ନାଲି ସିମ ଓ ଲାଉତୁମ୍ବାରେ ଗହମ ଏବଂ ଗିନାଏ ଶୁଖିଲା ମରିଚ ଲୁଣ ଓ ଖଣ୍ଡେ ଦେଢ଼ଫୁଟିଆ କଟୁରି ଆଣିଲା । କିଛି ଯନ୍ତ୍ରପାତି ହାତ ହତିଆର ମଧ୍ୟ ଆଣିଲା । କେନୋ କଟୁରି ଖଣ୍ଡିକ ଦେଖିଲା ମାତ୍ରେ ଉତ୍ଫୁଲ୍ଲ ହୋଇ ବୁଢ଼ା ଆଙ୍ଗୁଠିରେ ତାହାଁର ଧାର ପରୀକ୍ଷା କଲା ।

ଏଣେ ସମୁଦ୍ର ଉପରେ ପବନ ସାଁ ସାଁ ଗରଜୁଥାଏ ଏବଂ ଫେଣରେ ସମୁଦ୍ର ପାଣି ଧଳା କରି ଦେଉଥାଏ । ଗଛଗୁଡ଼ିକ ଏମିତି ନଇଁ ପଡ଼ୁଥାଆନ୍ତି ଯେ ମନେ ହେବ ମାଟିରେ ମିଶିଯିବେ । ଧୂଳି ସ୍ଥଳ ଦିଗରୁ ଉଡ଼ିଆସି ସମୁଦ୍ର ଉପରଟା ଧୂମାଳି କରି ପକାଉଥାଏ । ଆକାଶ ପୁଞ୍ଜୀଭୂତ ମେଘ ପବନରେ ଦୂରକୁ ବିକ୍ଷିପ୍ତ ହୋଇ ପଡ଼ିବାରୁ ଆକାଶ ପରିଷ୍କାର । ବାଲିସବୁ ପବନରେ ତୁଷାରକଣା ପରି ଚକ୍ ଚକ୍ କରୁଥାଏ ।

ସନ୍ଧ୍ୟା ହୋଇଗଲାରୁ ଜୁଆନ ଟମାସ୍ ଭାଇକୁ ପଚାରିଲା, "ଏବେ କୁଆଡ଼େ ଯିବା ଠିକ୍ କଲ ?"

କେନୋ ଜବାବ୍ ଦେଲା, "ଉତ୍ତର ଦିଗକୁ ଯିବି ବୋଲି ଭାବୁଛି । ଶୁଣିଛି ସେଆଡ଼େ ଅନେକ ସହର ଅଛି ।"

ଜୁଆନ୍ ଟମାସ୍ କହିଲା, "ପଡ଼ାରୁ ଶୁଣି ଆସିଲି ତୁମକୁ ଖୋଜିବା ପାଇଁ ଦଳେ ଲୋକ ସମୁଦ୍ର କୂଳେ କୂଳେ ଶୀଘ୍ର ବାହାରିବେ । ସମୁଦ୍ର-

Digitized by srujanika@gmail.com

କୂଳକୁ ଯିବ ନାହିଁ । ସହରରେ ଭୟ ଉଣା । ମୁକ୍ତାଟି କଅଣ ବର୍ତ୍ତମାନ ପାଖରେ ଅଛି ?"

କିନୋ କହିଲା, "ହଁ ଅଛି, ଏବଂ ମୁଁ ତା'କୁ ରଖିବ । ମୁଁ ହୁଏତ ସେଟା କାହାକୁ ଦାନ କରିଥାନ୍ତି କିନ୍ତୁ ବର୍ତ୍ତମାନ ଏତେ ଦୁର୍ଗତି ଦେଖିଲା ସତ୍ତ୍ୱେ ଏବଂ ନିଜ ଜୀବନ ନେଇ ଟଣାଓଟରା ବେଳେ ଆଉ କାହାକୁ ଦେବ ନାହିଁ ।" କହୁ କହୁ କିନୋର ଆଖି ମୁହଁର ଚେହେରା ଯେମିତି କଠିନ, ସେମିତି ଭୀଷଣ ଏବଂ ସେମିତି ତିକ୍ତ ହୋଇ ଉଠିଲା ।

କୟୋଟିଟୋ ବେଳେବେଳେ କାନ୍ଦି ଉଠିଲେ ଜୁଆନା ନାନା-ଭାବରେ ଅଥଚ ନିଃଶବ୍ଦରେ ତା'କୁ ଚୁପ କରାଉ ଥାଏ । ସେ ତାକୁ ମନ୍ତ୍ର ପଢ଼ି ଝାଡ଼ି ଦେଉଥାଏ ।

ଜୁଆନ୍ ଟମାସ୍ କହିଲା, "ପବନ ଖୁବ ଭଲ । କିଛି ପଦ ଚିହ୍ନ ରହିବ ନାହିଁ ।"

ଜହ୍ନ ଉଇଁବା ପୂର୍ବରୁ ସେମାନେ ଅନ୍ଧାରରେ ନିଃଶବ୍ଦରେ ବାହାରି ଗଲେ । ପରିବାରର ସମସ୍ତେ ଥରେ ଜୁଆନ୍ ଟମାସ୍ ଘରେ ଏକତ୍ର ଠିଆ ହେଲେ । କୟୋଟିଟୋକୁ ଜୁଆନା ପିଠିରେ ବାନ୍ଧି ଓଢ଼ଣା ଘୋଡ଼ାଇ ଥାଏ । ଶିଶୁ ମା କାନ୍ଧରେ ଗାଲ ରଖି ଶୋଇପଡ଼ିଥାଏ । ଓଢ଼ଣାର କୋଣଟିଏ କାନି ମୁଣ୍ଡ ଉପରେ ଦେଇ ଜୁଆନା ନିଜ ନାକ ଯାଏ ଢାଙ୍କିଥାଏ, ଯେପରିକି ରାତିର ଥଣ୍ଡାରୁ ରକ୍ଷାପାଇବ । ଜୁଆନ୍ ଟମାସ୍ ଭାଇକୁ ଗାଢ଼ ଆଲିଙ୍ଗନ କରି ଦୁଇଗାଲରେ ଚୁମା ଦେଇ କହିଲା "ଯାଅ, ଭଗବାନ ଭରସା । ସାବଧାନରେ ଯିବ । ମୁକ୍ତାଟି ତା'ହେଲେ କୌଣସି ମତେ କରିଛଡ଼ା କର ନାହିଁ ।"

କିନୋ କହିଲା, "ମୁକ୍ତାଟି ମୋର ପ୍ରାଣ, ମୋର ଯଥାସର୍ବସ୍ୱ, ତା'କୁ ଛାଡ଼ିଲେ ମୋ ପ୍ରାଣ ମଧ୍ୟ ଛାଡ଼ିଯିବ । ଭଗବାନ ତୁମର ମଧ୍ୟ ସାହା ରହନ୍ତୁ ।"

Digitized by srujanika@gmail.com

ଛଅ

ସାଇଁ ସାଇଁ ଶବ୍ଦରେ ପ୍ରବଳ ପବନ ବହୁଥାଏ । ଧୂଳି, ବାଲି, କାଠ କୁଟା ସାନ ସାନ ଗୋଡ଼ି ସବୁ ପବନବେଗରେ ଉଡ଼ି ଆସି ତା'ଙ୍କ ଦେହରେ ବାଜୁଥାଏ । କିନୋ ଆଉ ଜୁଆନା ନିଜର ଲୁଗାପଟା ଦେହରେ ଜାକି କରି ପିନ୍ଧି ନାକ ପର୍ଯ୍ୟନ୍ତ ଢାଙ୍କି ଯିବା ଆରମ୍ଭ କଲେ । ଆକାଶ ନିର୍ମେଘ, କିନ୍ତୁ କୃଷ୍ଣ ଗଗନରେ ତାରା ଗୁଡ଼ିକ ବଡ଼ ମ୍ଳାନ । ସେ ଦୁହେଁ ଖୁବ୍ ସତର୍କଭାବରେ ଅଗ୍ରସର ହେଲେ । ସେମାନେ ସହରର କେନ୍ଦ୍ର ଅଞ୍ଚଳ ଏଡ଼ାଇଗଲେ ; କାରଣ ହୁଏତ ବାରଣ୍ଡାରେ ଶୋଇଥିବା କୌଣସି ବ୍ୟକ୍ତିର ହାବୁଡ଼ରେ ପଡ଼ିଯିବେ । ରାତିରେ ସହରରେ ଲୋକ ଚଳାଚଳ ବନ୍ଦ ଥାଏ; ଏଣୁ ଅନ୍ଧାରରେ କେହି ଗଲେ ଧରାପଡ଼ିଯିବାର କଥା । କିନୋ ସହରର ସୀମା ଧରି ଯାଇ ଯାଇ ଉତ୍ତରକୁ ବୁଲିଲା । ତାରା ଦେଖି ସେ ଦିଗ୍ ନିର୍ଣ୍ଣୟ କଲା । ସେ ଅନ୍ଧାରରେ ସହରର ବାଲିଆ ରାସ୍ତାଟି ପାଇଲା । ଏହି ରାସ୍ତାଟି ବଣବୁଦା ଦେଇ ଲୋରେଟୋ ଆଡ଼କୁ ଯାଇଛି । ସେହିଠାରେ ମେରୀ ମାତାଙ୍କର ମନ୍ଦିର ଆଶ୍ରମ । ପବନ ତୋଡ଼ରେ ବାଲିକଣା ସବୁ କିନୋର ବଳାଗଣ୍ଠିରେ ଆଘାତ କରୁଥାଏ । କିନୋ ଖୁସୀ ହେଲା ; କାରଣ, ସେ ଜାଣିଲା ଯେ ବାଲି ଉଡ଼ି ଉଡ଼ି ତାଙ୍କର ପାଦଚିହ୍ନ ଲୋପ କରି ପକାଇବ । ନକ୍ଷତ୍ରମାନଙ୍କର କ୍ଷୀଣ ଆଲୋକରେ ସେ ବଣବୁଦା ଭିତରେ ସଂକୀର୍ଣ୍ଣ ପଥଟି ଠଉରେଇ ପାରୁଥିଲା । ତା'ପଛରେ ଜୁଆନା ଚାଲୁଥିବାର ପଦ-ଶବ୍ଦ ସେ ଶୁଣୁଥିଲା । କିନୋ ଚୁପଚୁପ୍ ଦ୍ରୁତ ଯାଉଥିଲା ଏବଂ ଜୁଆନା ଏକ ପ୍ରକାର ଦଉଡ଼ୁଥିଲା କହିଲେ ଚଳେ ।

କିଛି ପୁରୁଣା କଥା କିନୋ ମନରେ ଖେଳିଗଲା । ଅନ୍ଧକାର ଏବଂ ନିର୍ଜନତା ଯୋଗୁଁ ତା'ମନରେ ଭୟ ଜାତ ହୋଇଥିଲେ ମଧ୍ୟ, ସେ ଟିକିଏ ଉତ୍ଫୁଲ୍ଲ ଅନୁଭବ କରୁଥାଏ । ତେବେ ମନରେ ଗୋଟାଏ ପଶୁ ପ୍ରବୃତ୍ତି ମଧ୍ୟ ସଜାଗ, ସେଥିଯୋଗୁଁ ସେ ସାବଧାନ ଓ ଭୟଙ୍କର ହୋଇ ଉଠିଥାଏ । ପୂର୍ବପୁରୁଷମାନଙ୍କର ସହକର୍ମର ଏକ ପ୍ରଭାବ ମଧ୍ୟ ତା

Digitized by srujanika@gmail.com

ଅନ୍ତରରେ ସର୍ବିସୃ ଥାଏ । ପଛରେ ତାକୁ ଠେଲୁଥାଏ । ପବନର ସମ୍ମୁଖରେ ବାଟ ଦେଖାଉ ଥାଏ, ତାରାମାନଙ୍କର ରଶ୍ମି । ପବନ ଅନବରତ ବୃକ୍ଷଲତାରେ ସାଁ ସାଁ ଆବାଜ୍ କରୁଥାଏ, ଘଣ୍ଟା ପରେ ଘଣ୍ଟା ଧରି ସେମାନେ କାହାକୁ ଦେଖିଲେ ନାହିଁ କିମ୍ବା କାହାକୁ ଅତିକ୍ରମ କଲେ ନାହିଁ । ଅବଶେଷରେ ତା'ଙ୍କ ଡାହାଣ ପଟେ କୃଷ୍ଣପକ୍ଷ ଚନ୍ଦ୍ର ଉଇଁଲା ଏବଂ ସଙ୍ଗେ ସଙ୍ଗେ ପବନ ବନ୍ଦ ହୋଇଗଲା ଏବଂ ସ୍ଥଳଭାଗ ନିଃଶବ୍ଦ ହୋଇ ଉଠିଲା ।

ବର୍ତ୍ତମାନ ସମ୍ମୁଖରେ ବାଲି ଭରା ଶଗଡ଼ଗୁଳା ପଥଟି ସେମାନେ ଦେଖି ପାରିଲେ । ବତାସ ବନ୍ଦ ହେବାରୁ ତା'ଙ୍କ ପାଦଚିହ୍ନ ତ ଆଉ ଲିଭିବ ନାହିଁ । ତେବେ ସେମାନେ ସହରରୁ ଅନେକ ଦୂର ଆସିଯାଇ-ଥାନ୍ତି । ହୁଏତ ତାଙ୍କ ପାଦଚିହ୍ନ କେହି ବାରି ପାରିବ ନାହିଁ । କିନୋ ଅତି ସାବଧାନରେ ଶଗଡ଼ଗୁଳା ଭିତରେ ଚାଲିଲା ଏବଂ ଜୁଆନା ତା' ପଛେ ପଛେ ଗଲା । ସକାଳେ କୌଣସି ଶଗଡ଼ ସହର ଆଡ଼କୁ ଯିବ ଯାଏ, ତେବେ ତାଙ୍କର ପାଦଚିହ୍ନ ଲିଭାଇ ଦେଇ ଯିବ ବୋଲି ସେ ଆଶାନ୍ୱିତ ହେଲା ।

ସାରାରାତି ସେମାନେ ସମାନଭାବରେ ଚାଲିଲେ । ଥରେ ମାତ୍ର କୟୋଟିଟୋର ନିଦ ଭାଙ୍ଗିଯାଇଥିଲା । ଜୁଆନା ତା'କୁ ପିଠିପଟୁ ସମ୍ମୁଖକୁ ଆଣି ଝୁଲାଇ ଆଦର କରିବାରୁ ସେ ପୁଣି ଶୋଇଗଲା । ତାଙ୍କୁ ଘେରି ରହିଥାଏ ନୈଶ ବିଭୀଷିକା । ହେଟା ବାଘ ବଣ ଭିତରୁ ବୋବାଇଲା । ମୁଣ୍ଡ ଉପରେ ପେଚାମାନେ ହୁସ୍ ହୁସ୍ କରି ଉଡ଼ିଗଲେ ଏବଂ ଥରଟିଏ ଗୋଟାଏ ବଡ଼ ବଣ ଜନ୍ତୁର ଭାରି ପଦଶବ୍ଦ ସେମାନେ ଶୁଣିଲେ । ଜନ୍ତୁଟାର ପାଦ ଚାପରେ ବୁଦାମାନ ଭାଙ୍ଗି ପଡୁଥିଲା । କିନୋ ନିଜର ବଡ଼ କଟୁରି ମୂଠା ଧରି କେତେକାଂଶରେ ନିର୍ଭୟ ହେଲା ।

କିନୋ ମୁଣ୍ଡରେ ସବୁଠାରୁ ବଡ଼ ଚିନ୍ତା ମୁକ୍ତାଟି । ସେ ମନେକଲା ମୁକ୍ତାଟି ସହିତ ତା' ପରିବାରଟିର ଭାଗ୍ୟ ସମ୍ପୂର୍ଣ୍ଣ ବିଜଡ଼ିତ । ସେମାନଙ୍କର ଚପଲ ପିନ୍ଧା ପାଦର କୋମଳ ପଟ୍‌ପଟ୍ ଶବ୍ଦ ଅନ୍ଧାରରେ ସମାନ ତାଳରେ ଶୁଭୁଥାଏ । ସେମାନେ ରାତିସାରା ପଥ ଚାଲିଲେ । ଭୋର ହେଲାକ୍ଷଣି କିନୋ ରାସ୍ତା ପାଖରେ ଗୋଟିଏ ଲୁଚିବା ସ୍ଥାନ ଖୋଜିପକାଇଲା । ସେଥିରେ

Digitized by srujanika@gmail.com

ଦିନମାନ ଲୁଚିରହିବ । ରାସ୍ତା ନିକଟରେ ସେ ଏପରି ଗୋଟିଏ ସ୍ଥାନ ପାଇଲା । ସ୍ଥାନଟି ଦେଖି ସେ ଭାବିଲା, ହୁଏତ ତାହା ହରିଣମାନଙ୍କର ରହିବାଜାଗା । ଜାଗାଟିର ଚାରିପଟେ ଘନ ବୁଦା ଝୋପର ବଣ । ନିବିଡ଼ ବୃକ୍ଷ ସମାବେଶରୁ ବାହାରକୁ କିଛି ଦେଖାଯାଉନଥାଏ । ସେହିଠାରେ ଜୁଆନା ପୁଅକୁ ଠିକେ ଭଲଭାବରେ ଦୁଧ ପିଆଇବ ବୋଲି ବସି ପଡ଼ିଲା ଏବଂ କିନୋ ରାସ୍ତା ଉପରକୁ ଫେରିଗଲା । ସେ ଖଣ୍ଡିଏ ଡାଳ କାଟି ତାହାର ରାସ୍ତା ଉପରୁ ତାଙ୍କର ପାଦ ଚିହ୍ନ ଲିଭାଇ ଦେଲା । ପ୍ରଭାତର ଆଲୋକରେ ସେ ଗୋଟାଏ ଗାଡ଼ିର କେଁ କଟର ଆବାଜ ଶୁଣିପାରି ଲୁଚିବାସ୍ଥାନରୁ ମୁଣ୍ଡଟେକ ଅନାଇଲା । ଦେଖିଲା ଗୋଟାଏ ଦୁଇ ଚକିଆ ବଡ଼ ବଳଦଗାଡ଼ି ଯାଉଅଛି । ଗାଡ଼ିଟା ଚାଲିଗଲା ପରେ ସେ ରାସ୍ତାକୁ ଫେରିଆସି ଦେଖିଲା ଯେ, ଧୂଳା ଭିତରେ ତାଙ୍କର ପାଦଚିହ୍ନ ଏଥର ସତକୁସତ ଲିଭିଯାଇଅଛି । ପୁଣି ଗୋଟାଏ ଡାଳ ଭାଙ୍ଗି ସେ ନିଜର ପାଦ ଦାଗ ଝାଡ଼ି ଲିଭାଇ ଲୁଚିବା ସ୍ଥାନକୁ ଫେରିଗଲା ।

ଆପୋଲୋନିଆ ଯେଉଁ ନରମ ମକା ରୋଟି ବାନ୍ଧିଦେଇଥିଲା ଜୁଆନା ସେହି ବୁଜୁଳା ଫିଟାଇ କିନୋକୁ ଖାଇବାକୁ ଦେଲା । ଏହାପରେ ସେ ସେଠାରେ ଲମ୍ବ ହୋଇ ଶୋଇ ପଡ଼ିଲା । କିନୋ ଖିଆ ପିଆ ଶେଷକରି ବସି ରହି ପହରା ଦେବାକୁ ଲାଗିଲା । ସେ ଦେଖିଲା ମାଟି ଉପରେ ତା'-ଗୋଡ଼ ପାଖରେ ପିମ୍ପୁଡ଼ି ଧାର ଲାଗିଛି । ସେ ପିମ୍ପୁଡ଼ି ଧାର ଆଗକୁ ନିଜ ଗୋଡ଼ ଲମ୍ବାଇ ଦେଲା, କିନ୍ତୁ ପିମ୍ପୁଡ଼ିମାନେ ନ ଅଟକି ତା ପାଦ ଉପରେ ଚଢ଼ି ଆଗେଇଲେ । କିନୋ ଗୋଡ଼ ନ ହଲାଇ ପିମ୍ପୁଡ଼ିଙ୍କର ଗତିବିଧି ଲକ୍ଷ୍ୟ କରୁଥାଏ ।

ଦିନ ବଢ଼ିବାକୁ ଲାଗିଲା । ସେମାନେ ବର୍ତ୍ତମାନ ଉପସାଗର-ଠାରୁ ଦୂରକୁ ଆସିଯାଇଥାନ୍ତି । ପବନ ଏଠାରେ ଏକାବେଳକେ ଶୁଷ୍କ ଏବଂ ତପ୍ତ । ଏଥିଯୋଗୁ ଗଛର ଡାଳ ସବୁ ମଚ୍‌ମଚ୍‌ ହେଉଥାଏ ଏବଂ ଏକ ପ୍ରକାର ଝୁଣାର ଗନ୍ଧ ବାହାରୁଥାଏ । ଜୁଆନାର ନିଦ ଭାଙ୍ଗିଲା ସୂର୍ଯ୍ୟ ମୁଣ୍ଡ ଉପରେ ହେଲା ବେଳକୁ । କିନୋ ତାଙ୍କୁ ନାନା କଥା କହିଲା ; ଅଥଚ ସେ ସବୁ କଥା ଜୁଆନା ଜାଣେ । କିନୋ କହୁଥାଏ, "ଦେଖ ହୁସିଆର ହେବ, ଅମୁକ ଗଛ ଛୁଇଁବ ନାହିଁ, ଛୁଇଁଲେ ଅନ୍ଧ

Digitized by srujanika@gmail.com

ହୋଇଯିବ । ଆଉ ଆଗର ସେହି ଗଛଟା ଛୁଇଁଲେ ସ୍ୱର୍ଗୀୟ ସ୍ୱରୂପ ହୋଇ ଉଠିବ । ସେ ଗଛ ଡାଳ ଭାଙ୍ଗିଲେ ନାଲି କ୍ଷୀର ବାହାରେ ।" ଜୁଆନା ମୁରୁକି ହସି କହେ "ହଁ, ହଁ ମୁଁ ଜାଣେ ।"

ଜୁଆନା ପଚାରିଲା, "ଆଚ୍ଛା, ସେମାନେ କଅଣ ଆମକୁ ଖୋଜିବାକୁ ଆମ ପିଛା ନେବେ ?"

କିନୋ ଜବାବ ଦେଲା, "ନିଶ୍ଚୟ ସେମାନେ ଆମକୁ ଖୋଜିବେ ଏବଂ ଆମକୁ ଧରି ପାରିଲେ, ମୁକ୍ତାଟି ଛଡ଼ାଇନେବେ ।"

ଜୁଆନା ପୁଣି କହିଲା. "ଆଚ୍ଛା, ବେପାରୀମାନେ ଯାହା କହୁଥିଲେ ଯେ ମୁକ୍ତାଟିର ପ୍ରକୃତରେ କିଛି ମୂଲ୍ୟ ନାହିଁ, ସେ କଥା ସତ୍ୟ ହୋଇ-ପାରେ । ତା'ହେଲେ ତ ଆମର ମରୀଚିକା ପଛରେ ଧାଇଁବା ସାର ହେବ ।"

କିନୋ ପକେଟରେ ହାତ ପୁରାଇ ମୁକ୍ତାଟି କାଢ଼ି ଖରାରେ ଥୋଇଲା । ତହିଁରେ ପ୍ରତିଫଳିତ ସୂର୍ଯ୍ୟ କିରଣ କିନୋର ଆଖି ଝଲସାଇ ଦେଲା । ସେ କହିଲା, "ନା-ତା ନୁହେଁ, ଯଦି ମୁକ୍ତାଟି ଦାମିକା ହୋଇ ନଥାନ୍ତା ତେବେ ତା'କୁ ଚୋରି କରିବାକୁ ଆସନ୍ତେ କାହିଁକି ?"

"ତୁମକୁ କିଏ ଆକ୍ରମଣ କଲା ଜାଣିଛ ? ସେହି ବେପାରୀମାନେ ନୁହେଁ ତ ?" କିନୋ କହିଲା "ମୁଁ ଜାଣେ ନାହିଁ । ମୁଁ ତା'ଙ୍କୁ ଦେଖି ନାହିଁ ।"

କିନୋ ମୁକ୍ତାଟିକୁ ଭଲଭାବରେ ଦେଖିବାକୁ ଲାଗିଲା । ତା'ପରେ କହିଲା, "ମୁକ୍ତାଟି ବିକିବା ପରେ ମୁଁ ଗୋଟାଏ ରାଇଫଲ କିଣିବି ।" ଏହାପରେ ମୁକ୍ତାର ଚକଚକରେ ସେ ରାଇଫଲ୍ ଦେଖିବାର କଳ୍ପନା କଲା । କିନ୍ତୁ କେବଳ ଦେଖିଲା ଗୋଟାଏ ଅସ୍ପଷ୍ଟ ମଣିଷର ମୂର୍ତ୍ତି । ଲୋକଟାର ତଣ୍ଟି କଟା ହୋଇ ଥିବାରୁ ରକ୍ତଧାର ବହୁଛି । ସେ ଶୀଘ୍ର କହି ପକାଇଲା, "ଆମେ ଗୋଟାଏ ବଡ଼ ଗୀର୍ଜାକୁ ଯାଇ ବାହାହେବା ।" ମୁକ୍ତା ଭିତରେ ସେ ଦେଖିଲା ମାଡ଼ଖିଆଟରେ ଜୁଆନାର କ୍ଷତବିକ୍ଷତ ମୁହଁ । ସେ ରାତିରେ ଟଳଟଳ ଗୁରୁଣ୍ଡି ଗୁରୁଣ୍ଡି ଘରକୁ ଯାଉଅଛି । କିନୋ ପୁଣି ଉନ୍ମାଦ ଭଙ୍ଗୀରେ କହି ଉଠିଲା, "ପୁଅକୁ ପାଠ ପଢ଼ାଇବାକୁ ହେବ ।" ମୁକ୍ତା ଭିତରେ ସେ କଳ୍ପନାରେ ଦେଖିପାରିଲା ଜ୍ୱରରେ ଫୁଲି ଉଠିଥିବା କୟୋଟିଟୋର ମୁଖ ।

Digitized by srujanika@gmail.com

କେନୋ ମୁକ୍ତାଟି ପୁଣି ପକେଟରେ ପୂରାଇ ଦେଲା । ମୁକ୍ତାର ସଙ୍ଗୀତ ଯେପରି ଥରକୁ ଥର କଣ୍ଟା ପରି ତା’ ଦେହରେ ଫୋଡ଼ି ହୋଇ ଯାଉଥାଏ ଏବଂ ଶତ୍ରୁଗାନର ସଙ୍ଗୀତ ମଧ୍ୟ ତା’ସହିତ ଧ୍ୱନିତ ହେଉଥାଏ ।

ଖରା ଟାଣ ହୋଇ ଉଠିବାରୁ କେନୋ ଓ ଜୁଆନା ଗଛ ଛାଇକୁ ହଟିଗଲେ । ମାଟିରେ ବସି ଧୂସରିଆ ପକ୍ଷୀ ଗୁଡ଼ାଏ କିଚିରି ମିଚିରି କରୁଥାନ୍ତି । ଗରମ ଅଧିକ ହେବାରୁ କେନୋ କ୍ଳାନ୍ତ ବୋଧ କରି ମୁଣ୍ଡର ଟୋପିକୁ ଆଖି ଉପରକୁ ଟାଣି ନେଇ ମୁହଁରେ କମ୍ବଳ ଘୋଡ଼ାଇ ମାଟିରେ ଶୋଇଲା ଏବଂ ସଙ୍ଗେ ସଙ୍ଗେ ତା’କୁ ନିଦ ଲାଗିଗଲା ।

ଜୁଆନା ନ ଶୋଇ ପଥର ମୂର୍ତ୍ତିପରି ନିଶ୍ଚଳ ବସିଥାଏ । ମୁହଁରେ ତା’ର ପ୍ରଶାନ୍ତ ଓ ଦୃଢ଼ତା । ଗତକାଲି ସକାଳ ବେଳେ ସ୍ୱାମୀଠାରୁ ମାଡ଼ଖାଇ ତା’ମୁହଁରେ ଯେଉଁ ଜାଗା କ୍ଷତ ହୋଇଥିଲା ସେସବୁ ଜାଗା ଫୁଲି ଯାଇଥାଏ । ମାଛି ସବୁ ଭଣ ଭଣ ହୋଇ ସେହି ଘା ଉପରେ ବସୁଥାନ୍ତି । ସେ ଜନ୍ତୁ ପ୍ରହରୀ ପରି ନିଶ୍ଚଳ ବସିଥାଏ । କୟୋଟିଟୋ ଚେଇଁ ଉଠିବାରୁ ସେ ତା’କୁ ସମ୍ମୁଖରେ ମାଟିରେ ବସାଇଦେଲା । କୟୋଟିଟୋ ହାତଗୋଡ଼ ହଲାଉଥାଏ ଏବଂ ମାଆକୁ ଚାହିଁ ହସୁଥାଏ । ଜୁଆନା ମଧ୍ୟ ହସୁଥାଏ । ସେ ଖଣ୍ଡିଏ ଗ୍ଲେଟ ଡାଳ ତଳୁ ଉଠାଇ କୟୋଟିଟୋକୁ ସଲ୍‌ସଲ କଲା । ସାଙ୍ଗରେ ଥିବା ଲାଉ ତୁମ୍ବାରୁ ସେ ପୁଅକୁ ମୁନ୍ଦାଏ ପାଣି ମଧ୍ୟ ପିଆଇଲା ।

ନିଦ ଘୋରରେ କେନୋ ଗଳାରୁ ଗୋଟାଏ ଅଦ୍ଭୁତ ଶବ୍ଦ ଶୁଣାଗଲା । ଲଢ଼େଇ କରିବା ଭଙ୍ଗୀରେ ସେ ହାତଉଠାଇଲା, ତା’ପରେ ଧଡ଼ଧଡ଼ ହୋଇ ଉଠି ବସିଲା । ଆଖିତରାଟି ଏବଂ ନାକପୁଡ଼ା ଫୁଲାଇ ସେ କାନଡେରିଲା । କେବଳ ହାଡ଼ଭଙ୍ଗା ଖରା ଏବଂ ଦୂରରୁ ସାଇଁ ସାଇଁ ଶବ୍ଦ ଛଡ଼ା ଆଉ କିଛି କୁଆଡେ଼ ନଥାଏ ।

ଜୁଆନା ପଚାରିଲା "କଅଣ କି ?"

କେନୋ ତା’କୁ ଚୁପ୍ କରାଇ ଦେଲାରୁ ଜୁଆନା କହିଲା "ତୁମେ, ସ୍ୱପ୍ନ ଦେଖୁଥିଲ ?" କେନୋ ଜବାବ ଦେଲା, "କିଏ ଜାଣେ ? ହୁଏତ ସ୍ୱପ୍ନ । ସେ ଅସ୍ଥିର ହୋଇ ଉଠିଲା । ଜୁଆନା ତା’କୁ ପୁଟୁଳିରୁ ଖଣ୍ଡେ ରୋଟି ଦେଲାରୁ ସେ ରୋଟି କାମୁଡ଼ୁଛି କି ନାହିଁ ପୁଣି କାନଡେରି ଶୁଣିବାକୁ ଲାଗିଲା ।

Digitized by srujanika@gmail.com

ସେ ବଡ଼ ବ୍ୟସ୍ତ ଏବଂ ଉତ୍ତେଜିତ ହୋଇ ଉଠି ପଛକୁ ଚାହିଁଲା । ତା'ପରେ ବଡ଼ ଛୁରୀଟା ହାତରେ ଧରି ତହିଁର ଧାର ପରୀକ୍ଷା କଲା । କୟୋଟିଟୋ ମାଟିରେ ବସି ପୁଣି ଘଡ଼ଘଡ଼ ଆବାଜ କଲାରୁ କିନୋ ସ୍ତ୍ରୀକୁ ଖୁବ୍ ମୃଦୁ ସ୍ୱରରେ କହିଲା, "ଏହାକୁ ଚୁପ୍ କରାଅ ।"

ଜୁଆନା ଆତଙ୍କରେ ପଚାରି ଉଠିଲା "କଥା କଅଣ ? ତୁମେ ଏମିତି ହେଉଛ କାହିଁକି ?"

ଅନ୍ୟମନସ୍କ ହୋଇ କିନୋ କହିଲା, "ଠିକ୍, ବୁଝି ପାରୁନାହିଁ ।"

କିନୋ ପୁଣି କାନ ଡେରିଲା; ତା' ଚକ୍ଷୁରେ ପଶୁର ପ୍ରଖର ଦୀପ୍ତି । ସେ ନୀରବରେ ଠିଆ ହେଲା, ପରେ ମାଟିରେ ମୁହଁମାଡ଼ି ଗୁ ରୁଣ୍ଡି ଗୁରୁଣ୍ଡି କଣ୍ଟାବୁଦା ଓ ଲତାଗୁଳ୍ମ ଫାଙ୍କରେ ରାସ୍ତା ଆଡ଼କୁ ଆଗେଇଲା, କିନ୍ତୁ ରାସ୍ତାକୁ ବାହାରିଲାନାହିଁ । ସେ ଟଗୋଟିଏ କଣ୍ଟା ଗଛ ଉହାଡ଼ରେ ରହି ଯେଉଁ ପଥରେ ଆସିଥିଲା ସେହି ଆଡ଼କୁ ନିରୀକ୍ଷଣ କଲା ।

ସେ ଦେଖିଲା କେତେଜଣ ଲୋକ ସତକୁ ସତ ଆସୁଛନ୍ତି । ତା'ର ଶରୀର କାଠ ହୋଇଗଲା, ସେ ମୁଣ୍ଡ ତଳକୁ କରି ଖଣ୍ଡିଏ ଭାଙ୍ଗି ପଡ଼ିଥିବା ଡାଳ ସନ୍ଧିରେ ଉଙ୍କି ମାଇଲା । ଦୂରରୁ ତିନିଜଣ ଲୋକ ତା'ଆଖିରେ ପଡ଼ିଲେ । ଦୁଇଜଣ ଚାଲିଚାଲି ଆସୁଛନ୍ତି ଓ ଜଣେ ଘୋଡ଼ାରେ ଚଢ଼ି ଆସୁଛି । ଏମାନେ କିଏ ଏବଂ କି ଉଦ୍ଦେଶ୍ୟରେ ଆସୁଛନ୍ତି କିନୋକୁ ଜଣା । ସେ ଭୟରେ ଛୁନିଆ ହୋଇ ଉଠିଲା । ଏତେ ଦୂରରୁ ମଧ୍ୟ ସେ ବୁଝି ପାରିଲା ଯେ ଚାଲି ଚାଲି ଆସୁଥିବା ଲୋକ ଦୁହେଁ ନଇଁପଡ଼ି କଅଣ ଖୋଜୁଅଛନ୍ତି ଏବଂ ଅତି ଧୀରେ ଧୀରେ ଖୋଜି ଖୋଜି ଆଗଉ ଅଛନ୍ତି । ଏମାନେ ପେଶାଦାର ସନ୍ଧାନିଆ । ପଥର ଉପରେ ସିଂହାଳ ମେଣ୍ଢା ପଦଚିହ୍ନ ମଧ୍ୟ ଏମାନେ ବାରିପାରନ୍ତି । ଡାହାଳ କୁକୁର ପରି ତାଙ୍କର ତୀକ୍ଷ୍ଣ ଓ ତୀବ୍ର ଚହ୍ଲାଳ ଶକ୍ତି । ଯେଉଁଠାରେ ସେ ଓ ଜୁଆନା ହୁଏତ ଶରୀର ଗୁଳା ଛାଡ଼ି ଦେଇଥିବେ, ଏହି ଶିକାରୀ ଓ ସନ୍ଧାନୀ ଲୋକ ଦୁହେଁ ତାହା ନିଶ୍ଚୟ ଜାଣିପାରିବେ । କାଠି କୁଟା କି ଧୂଳି ବାଲିର କ୍ଷୁଦ୍ର ଗଦା ବା ହାଡ଼ରୁ ଏମାନେ ସନ୍ଧାନ କରିପାରନ୍ତି । ଏ ଦୁହିଁଙ୍କ ପଛରେ ଜଣେ କଳା ଲୋକ ଘୋଡ଼ା ଚଢ଼ି ଆସୁଥାଏ । ସେ ଲୋକଟି କମ୍ବଳ ଦେଇ ନାକ ଘୋଡ଼ାଇ

Digitized by srujanika@gmail.com

ଥାଏ ଏବଂ ଘୋଡ଼ା ଜିନ୍ ଉପରେ ଥୋଇଥାଏ ଗୋଟିଏ ରାଇଫଲ ବନ୍ଧୁକ ।

କନୋ କାଠ ଫାଳ ପରି ନିଶ୍ଚଳ ପଡ଼ିରହିଲା । ନିଃଶ୍ୱାସ ସୁଦ୍ଧା ନେବାକୁ ସାହସ କଲାନାହିଁ । ରାସ୍ତାର ଯେଉଁ ଜାଗାରେ ଗଛର ଡାଳ ନେଇ ସେ ପାଦଚିହ୍ନ ଓଳାଇ ଦେଇଥିଲା, ସେଇ ଯାଗାଟି ଉପରେ ତା'ର ଦୃଷ୍ଟି ନିବଦ୍ଧ । ଏପରି ଓଳାଇବା ଚିହ୍ନରୁ ସନ୍ଧାମାମାନେ ଖବର ପାଇପାରନ୍ତି । କନୋ ଗାଁ ଗଣ୍ଡାର ଏହି ଶିକାରୀମାନଙ୍କୁ ଭଲକରି ଜାଣେ । ଯେଉଁ ଦେଶରେ ବଣ୍ୟଜନ୍ତୁ ବିରଳ ସେଠାରେ କେବଳ ଏହି ଭଳି ଶକ୍ତି ଥିବାରୁ ଲୋକେ ଶିକାର କରି ବଞ୍ଚିଥାନ୍ତି । ସେମାନେ ମାଟିରେ ଜନ୍ତୁ ପରି ଆଣ୍ଠେଇ ପଡ଼ି କଅଣ ଗୋଟାଏ ଖୋଜ ପରୀକ୍ଷା କଲେ । ତୃତୀୟ ଜଣଙ୍କ ଘୋଡ଼ାରେ ଅପେକ୍ଷା କରୁଥାଏ ।

ଉତ୍ତେଜିତ କୁକୁର କୌଣସି ଗନ୍ଧ ବାରି ଯେପରି ହୁଏ ସନ୍ଧାମା-ମାନେ ସେମିତି ସଁ ସଁ ଶବ୍ଦ କଲେ । କନୋ ନିଜର ବଡ଼ ଛୁରୀଟା ହାତରେ ଧରି ବ୍ୟବହାର କରିବାକୁ ପ୍ରସ୍ତୁତ ହେଲା । କଅଣ କରିବା ଉଚିତ ସେ କଥା ତା'କୁ ଜଣା । ଯଦି ସନ୍ଧାମାମାନେ ତା'ର ଓଳାଇବା ସ୍ଥାନଟି ଦେଖିପାରନ୍ତି ତେବେ ବିଲମ୍ବ ନ କରି ସେ ଅଶ୍ୱାରୋହୀକୁ ତୀର ବେଗରେ ଆକ୍ରମଣ କରି ମାରି ପକାଇ ରାଇଫଲ ଖଣ୍ଡିକ ହାତେଇବ । ସଂସାରରେ ବଞ୍ଚିବାର ତା' ପାଇଁ ଏହି ଏକ ମାତ୍ର ପନ୍ଥା । ଉକ୍ତ ତିନିଜଣ ଲୋକ ରାସ୍ତାର ନିକଟକୁ ଆସିବାରୁ କନୋ ଗୋଟିଏ ସ୍ଥାନ ନିଜ ଜୋଡ଼ା ଗୋଇଠିରେ ଖୋଳି ଗୋଡ଼ ଜମାଇ ରଖିଲା । ଏମିତି ହେଲେ ସେ ସେମାନଙ୍କୁ ଅବସର ନଦେଇ ତା'ଙ୍କ ଉପରେ ଝାମ୍ପ ଦେଇ ପାରିବ, ତା' ଗୋଡ଼ ଖସିଯିବ ନାହିଁ । ଡାଳ ଉହାଡ଼ରେ ତା'କୁ ଅଳ୍ପ ଦେଖା ଯାଉଥାଏ ।

ଲୁଚିବା ଜାଗାରେ ବସି ଜୁଆନା ଘୋଡ଼ା ଟାପୁ ଆବାଜ୍ ଶୁଣି-ପାରିଲା । କପ୍ୟୋଟିଟୋ ଘଡ଼ ଘଡ଼ କରିବାରୁ ଜୁଆନା ତା'କୁ ମାଟିରୁ କୋଳକୁ ଟେକିନେଇ ଶାଲ ଘୋଡ଼ାଇ ସ୍ତନ୍ୟ ପିଆଇ ଶାନ୍ତ କଲା ।

ସନ୍ଧାମାମାନେ ନିକଟକୁ ଆସିବାରୁ ଡାଳ ଉହାଡ଼ରୁ କନୋ କେବଳ ସେମାନଙ୍କର ଓ ଘୋଡ଼ାର ଗୋଡ଼ ଦେଖିବାକୁ ପାଇଲା । ସେ

Digitized by srujanika@gmail.com

ଲୋକଗୁଡ଼ିକର ଗଣ୍ଠିଆ ଗୋଡ଼ ଓ ଧଳା ଛୁଣ୍ଡା ପାଇଜାମା ଦେଖିଲା, ଚମଡ଼ା ଜିନ୍‌ର ମଚ ମଚ ଏବଂ ଲଗାମର ଝଣ ଝାଣ ଶୁଣିଲା । ସନ୍ଧାନୀମାନେ ସେହି ଓଳା ହୋଇଥିବା ସ୍ଥାନରେ ଅଟକି ତାହା ପରୀକ୍ଷା କଲେ । ଘୋଡ଼ାସବାର ମଧ୍ୟ ଅଟକିଗଲା । ଘୋଡ଼ାଟା ମୁହଁ ଲମ୍ବାଇ ନିଜ ଲଗାମର କଡ଼ାକୁ କାମୁଡୁଥାଏ । ସନ୍ଧାନୀମାନେ ବୁଲିପଡ଼ି ଘୋଡ଼ାର କାନ ହଲାଇବା ଲକ୍ଷ୍ୟ କଲେ ।

କିନୋ ନିଃଶ୍ୱାସ ବନ୍ଦକରି ଏକ ଅବସ୍ଥାରେ ରହି ରହି ଅଣ୍ଟା ପିଠି ଓ ଗୋଡ଼ରେ ଯନ୍ତ୍ରଣା ଅନୁଭବ କଲାଣି । ତା' ମୁଣ୍ଡରୁ ଗମାଗମ ଝାଳ ବହି ଯାଉଥାଏ । ଅନେକ କ୍ଷଣ ଯାଏ ସନ୍ଧାନୀମାନେ ଉକ୍ତ ସ୍ଥାନଟି ପର୍ଯ୍ୟବେକ୍ଷଣ କଲେ । ତା'ପରେ ସେମାନେ ବାଟ ଉପରେ ନଜର ରଖି ଧୀରେ ଧୀରେ ଆଗେଇଲେ । ଟିକେ ଯାଉଥାନ୍ତି, ପୁଣି ଅଟକି ଯାଇ ବୁଲିପଡ଼ି ଦେଖୁଥାନ୍ତି । ଏମିତି ଭାବରେ ସେମାନେ ଆଗକୁ ବଢ଼ିଲେ । କିନୋ ଜାଣିଲା ଯେ ସେମାନେ ଶୀଘ୍ର ଫେରି ଆସିବେ । ସେମାନେ ବୁଲି ବୁଲି ଏ ପାଖ ସେ ପାଖ ଖୋଜି ଶେଷକୁ ତା'ର ଲୁଚିବା ଜାଗାକୁ ଆସିବେ ।

କିନୋ ପଛକୁ ହଟିଗଲା । ଏଥର ପାଦଚିହ୍ନ ଲିଭାଇବା ଚେଷ୍ଟା କଲା ନାହିଁ । କାରଣ ତାଳ ପତ୍ର ମାଟି ଦଳା ଚକଟା, ଛେକା ପଥର ପ୍ରଭୃତି ବହୁ ଚିହ୍ନ ହୋଇଗଲାଣି ; ସେ କେତେ ଲିଭାଇବ ବା ଲିଭାଇ ପାରିବ ? ସେ ଅତ୍ୟନ୍ତ ଭୟାତୁର ହୋଇ ଉଠିଲା । ସନ୍ଧାନୀମାନେ ଯେ ତା'ର ଚିହ୍ନ ଭଣ୍ଡି ତା'କୁ ଧରିବେ ଏହା ନିଃସନ୍ଦେହ । ପଳାଇବା ଛଡ଼ା ଉପାୟ ନାହିଁ । ସେ ରାସ୍ତା କଡ଼ରୁ ନୀରବରେ ଦ୍ରୁତ ଲୁଚିବା ଜାଗାକୁ ଫେରିଗଲା । ତା'କୁ ଦେଖି ଜୁଆନା ଜିଜ୍ଞାସୁ ଦୃଷ୍ଟିରେ ଅନାଇଲା ।

କିନୋ ବ୍ୟାକୁଳ ସ୍ୱରରେ କହିଲା, "ସନ୍ଧାନୀ ଆସିଛନ୍ତି, ଚାଲ, ପଳାଇବା ।" କଥାଟା କହିସାରି ସେ ନୈରାଶ୍ୟ ଓ ଅସହାୟତାରେ ଘାରି ହୋଇ ପଡ଼ିଲା । ତା' ମୁହଁ କଳା ପଡ଼ିଗଲା । ଆଖି ବିଷାଦରେ ଭରି ହୋଇଗଲା । ସେ କହିଲା, "ଭାବୁଛି, ଧରାଦେବି ।"

କ୍ଷିପ୍ରବେଗରେ ଜୁଆନା ଠିଆହୋଇ କିନୋର ବାହୁକୁ ଧରି କାନ୍ଦ କାନ୍ଦ ହୋଇ କହିଲା, "ତୁମ ପାଖରେ ମୁକ୍ତାଟି ଅଛି । ମୁକ୍ତାଟି

Digitized by srujanika@gmail.com

ନେଇ ସେ କଅଣ ତୁମକୁ ଜାଆନ୍ତା ଛାଡ଼ିଦେବେ ? ସେମାନେ ତେବେ ଟେଶରରେ ପଡ଼ିବେ ନାହିଁ କି ? ନା, ସେକଥା ନୁହେଁ ; ତୁମେ ଧୈର୍ଯ୍ୟ ଧର ।”

ମୁକ୍ତାଟି ଯେଉଁସ୍ଥାନରେ ରଖିଥିଲି କିନୋର ହାତ ଆପଣାଛାଏ’ ସେଠିକି ଝୁଲି ପଡ଼ିଲା । ସେ କ୍ଷୀଣକଣ୍ଠରେ କହିଲି “ସେମାନେ ମୁକ୍ତା ଛଡ଼ାଇ ନେବେ ।”

ଜୁଆନା ହାତଧରି ଟାଣି କହିଲି “ଚାଲ ।”

କିନୋ କିଛି ଜବାବ ନ ଦେବାରୁ ପୁଣି କହିଲି, “ତୁମକୁ ଏକା ନୁହେଁ, ମୋତେ ମଧ୍ୟ ମାରି ପକାଇବେ, ଆମ ପୁଅକୁ ମଧ୍ୟ ମାରି ପକାଇବେ ।”

ଜୁଆନାର ପ୍ରବର୍ତ୍ତନା ଶୁଣି କିନୋ ସଜାଗ ହୋଇ ଉଠିଲା । ଦାନ୍ତ କାମୁଡ଼ି ସେ ଭୟଙ୍କର ଚକ୍ଷୁ କରି କହିଲା, “ଚାଲ, ଆଗେ ପାହାଡ଼ ଆଡ଼େ ପଳାଇବା । ହୁଏତ ସେମାନେ ପାହାଡ଼ରେ ଆମକୁ ପାଇବେ ନାହିଁ ।”

ଅତି ଦ୍ରୁତ ଭାବରେ ନିଜର ଲଉ ତୁମ୍ବା ଓ ବୁଜୁଲା ବାନ୍ଧି ପକାଇ କିନୋ ବାଁହାତରେ ଧରିଲା । ଡାହାଣ ହାତରେ ଛୁରୀ ଖଣ୍ଡିକ ଶକ୍ତ ଭାବରେ ଧରି ଆଗେଇଲା । କୟୋଟିଟୋକୁ କାଖେଇ ଜୁଆନା ପଛେ ପଛେ ଗଲା । ସେମାନେ କଣ୍ଟା ଝଣ୍ଟା ବଣ ବୁଦା ଭିତରେ ଦଉଡ଼ି ଦଉଡ଼ି ପଶ୍ଚିମ ଦିଗର ପାହାଡ଼ ଆଡ଼କୁ ଗଲେ । ଏଥର ଆଉ ଲୁଚି ଲୁଚି ପଦଚିହ୍ନ ଲୁଚାଇବାର ଚେଷ୍ଟା କଲେନାହିଁ । ଏ ଯେ ପ୍ରାଣ ନେଇ ଧାଇଁବା ! ଟେକା ପଥର ଡାଳପତ୍ର ଗୋଡ଼ରେ ଠୋକର ମାରି ସେମାନେ ଧାଇଁଲେ । ଖରା ଏତେ ଟାଣ ହୋଇଥାଏ ଯେ ଗଛର ପତ୍ର ସବୁ ଝାଉଁଳି ପଡ଼ିଥାଏ । ସମ୍ମୁଖରେ କିନ୍ତୁ ବୃକ୍ଷହୀନ ଅକାମି ପାହାଡ଼ । ଘାସ ପର୍ଯ୍ୟନ୍ତ ସେଠାରେ କଅଁଳେ ନାହିଁ । ପାହାଡ଼ଟା ବଡ଼ ଖାଖି; ତଥାପି ପ୍ରାଣ ଭୟରେ ପଳାଉଥିବା ଜନ୍ତୁ ପରି ସେମାନେ ପଡ଼ି ଉଠି ଧାଇଁଲେ ।

ଏ ଅଞ୍ଚଳର ମାଟି ଅତି ଶୁଷ୍କ । ଗଛ ବୋଇଲେ ଖାଲି ନାଗଫଣି ବୁଦା । ନାଗଫଣି କାଣ୍ଡରେ ଜଳ ସଞ୍ଚିତ ଥାଏ । ବହୁ ତଳକୁ ଚେର ପୂରାଇ ଏହି ଗଛ ଓଦା ମାଟିରୁ ଅଳ୍ପ ଅଳ୍ପ ଜଳ ଶୋଷଣ କରିଥାଏ ।

Digitized by srujanika@gmail.com

ଅବଶ୍ୟ ଏ ଜାଗାଟା ବଡ଼ ପଥୁରିଆ ଏବଂ ଜଳହୀନ, ପଥର ସନ୍ଧିରେ ବର୍ଷା ପାଣି ଯୋଗୁଁ କେଣ୍ଡାଏ କେଣ୍ଡାଏ ଘାସ ଗଜୁରି ଶୁଖିଗଲିଣି। କଣ୍ଟାଳ ବେଙ୍ଗଗୁଡ଼ାକ ଫାଟ ଭିତରୁ ମୁଣ୍ଡ କାଢ଼ି କନୋ ପରିବାରଙ୍କ ଯିବାର ଦେଖୁଥିଲେ। କାଁ ଭାଁ। ନେପାଳି ମୂଷା ବାହାରି ପୁଣି ପଥର ସନ୍ଧିରେ ପଶି ଯାଉଥାନ୍ତି। ମରୁପ୍ରାନ୍ତରର ଖଇଫୁଟା ଝାଞ୍ଜି ଅପେକ୍ଷା ବରଂ ସେଇ ଲଣ୍ଡା ପାହାଡ଼ ଅଧିକ ଆରାମଦାୟକ।

ପଳାଉ ପଳାଉ କନୋ ଭାବୁଥାଏ, ଏଥର କଅଣ ଘଟିବ। ଅଳ୍ପ ଆଗେଇ ଯାଇ ସନ୍ଧାନୀମାନେ ବୁଝିପାରିବେ ଯେ ସେମାନେ ବାଟବଣା ହୋଇଛନ୍ତି। ସେମାନେ ପୁଣି ଖୋଜି ଖୋଜି, ଚିହ୍ନ ଉଣ୍ଡି ଉଣ୍ଡି, ଅଳ୍ପକ୍ଷଣ ପରେ କନୋ ଲୁଚିଥିବା ଜାଗାର ସନ୍ଧାନ ପାଇବେ। ଏହା ପରେ କାଠି କୁଟା ଡାଳପତ୍ର, ଗୋଡ଼, ବାଲି ଏବଂ ଗୋଡ଼ ଘୋସାରିବା ନିଶାନାରୁ ସହଜରେ ତାଙ୍କ ପିଛା ଧରିବେ। କନୋ କଳ୍ପନା ଚକ୍ଷୁରେ ଦେଖିଲି ଯେ, ସନ୍ଧାନୀ ଦୁଇଜଣ ଚିହ୍ନ ଅନୁସରଣ କରି ଆଗପଛ ହୋଇ, ଖୋଜି ଖୋଜି ଯାଉଛନ୍ତି, ଘୋଡ଼ସବାର ତାଙ୍କ ପଛେ ପଛେ ଚାଲିଛି। ରାଇଫଲ୍ ତା' ହାତରେ। ଶେଷ ମାତ୍ର ତାହାରି। ଶଯ୍ନତାନର ସଙ୍ଗୀତ, ଝାଞ୍ଜିର ସାଇଁ ସାଇଁ ସଙ୍ଗେ ମିଶି ଉଚ୍ଚତର ହୋଇଉଠିଲା। ଶରୀରରେ ଏକ ଗୁପ୍ତ ବିଷ-ଜ୍ୱାଳାର ନିଆଁ ସେ ଅନୁଭବ କଲା, ତା'ଛାତି ଧଡ଼ ଧଡ଼ ହେଲା। ଏମିତି ନାନା ଚିନ୍ତାରେ ସେ ଆଉ ଭାବି ପାରିଲା ନାହିଁ। ଆତଙ୍କରେ ତା' ଶରୀରର ସବୁ ରକ୍ତ ମୁଣ୍ଡକୁ ଉଠିଗଲା ପରି ଅବସ୍ଥା ଘଟିଲା।

ଏଠାରୁ ପଥଟା କ୍ରମଶଃ ଉଠାଣି। ପଥରଗୁଡ଼ାକ ମଧ୍ୟ ପ୍ରକାଣ୍ଡ। କନୋର ମନେହେଲା ସେ ବର୍ତ୍ତମାନ ସନ୍ଧାନୀଙ୍କଠାରୁ ବେଶ କିଛି ଦୂରକୁ ଆସି ଯାଇଅଛି। ସୁତରାଂ ପ୍ରଥମ ଉଠାଣି ପାଖରେ ସେ କିଛିକ୍ଷଣ ବିଶ୍ରାମ ନେଲା। ଗୋଟାଏ ପ୍ରକାଣ୍ଡ ଶିଳା ଉପରେ ପଛ ଆଡ଼କୁ ନିରୀକ୍ଷଣ କରି ସେ ଶତ୍ରୁମାନଙ୍କର ଚିହ୍ନ ଦେଖି ପାରିଲାନାହିଁ। ଘୋଡ଼ସବାର ମଧ୍ୟ ଦେଖାଗଲା ନାହିଁ। ଗୋଟାଏ ବଡ଼ ପଥରର ଛାଇରେ ଜୁଆନା ବସିପଡ଼ି ପାଣି ବୋତଲକୁ କୟୋଟିଟୋ ମୁହଁରେ ଦେଲା। ଅତି ଶୋଷିଲା ଥିବାରୁ ପିଲାଟି ଚାଁ ଚାଁ କରି ପାଣି ପିଇଗଲା। କନୋ ଫେରିବାରୁ, ଜୁଆନା ତାକୁ ଚାହିଁ ଅନ୍ଦାଜ କଲା ଯେ, କନୋ ତା' ବନ୍ଧାଗଣ୍ଠିକୁ ଚାହିଁଅଛି। ଢେଲା

Digitized by srujanika@gmail.com

ପଥର କଣ୍ଟା ଲାଗି ବଳାଗଣ୍ଠି ବହୁତ କ୍ଷତ ବିକ୍ଷତ ହୋଇଥାଏ । ଜୁଆନା ନିଜ ଘାଘରାରେ ତତ୍‌କ୍ଷଣାତ୍ ବଳାଗଣ୍ଠି ଢାଙ୍କି ପକାଇଲା । ସେ କିନୋଙ୍କୁ ପାଣି ବୋତଲ ବଢ଼ାଇଦେଲା, ମାତ୍ର କିନୋ ନାହିଁ କଲା । କ୍ଲାନ୍ତ ହୋଇଥିଲେ ମଧ୍ୟ ଜୁଆନାର ଆଖି ଜ୍ୱଳଜ୍ୱଳ କରୁଥାଏ । କିନୋ ନିଜର ଜିଭରେ ଜିଭ ଭିଜାଇନେଲା ।

କିନୋ କହିଲା, "ଜୁଆନା, ମୁଁ ଯାଉଛି, ତୁମେ ପିଲାଟିକୁ ନେଇ ଏଇଠି କାହିଁ ଲୁଚି ରହ, ମୁଁ ସନ୍ଧାନୀମାନଙ୍କୁ ପାହାଡ଼ ଆଡ଼େ ବାଟ ଭୁଲାଇ ନେଇଯିବି । ଏମିତି ବହୁତ ଦୂର ଗଲାପରେ, ତୁମେ ଉତ୍ତର ଦିଗରେ ଲରେଟୋ କିମ୍ବା ସାନ୍ତା ରୋଜାଲିଆ ସହର ଆଡ଼େ ଚାଲିଯିବ । ମୁଁ ଯଦି ରକ୍ଷାପାଏ, ତେବେ ତୁମ ପାଖକୁ ଫେରିବି । ଆମ ପାଇଁ ଏହାହିଁ ଏକମାତ୍ର ପଥ ।"

ଜୁଆନା କ୍ଷଣକ ପାଇଁ ସ୍ୱାମୀର ଆଖିକୁ ଅନାଇ କହି ଉଠିଲା, "ଏଗୁଡ଼ା କଅଣ ବକୁଛ ? ଏପରି ହୋଇ ନପାରେ । ଆମେ ତୁମ ସାଙ୍ଗରେ ଯିବା ।"

କିନୋ କର୍କଶ ସ୍ୱରରେ କହିଲା, "ଏକୁଟିଆ ମୁଁ ଅଧିକ ଦ୍ରୁତ ଚାଲି ପାରିବି । ମୋ ସହିତ ରହିଲେ ପିଲାଟିର ଅଧିକ ବିପଦ ସମ୍ଭାବନା ।"

"ଏହା ହୋଇ ନପାରେ । ମୁଁ ତୁମକୁ ଛାଡ଼ିଦେବିନାହିଁ । ଆଉ ସେ କଥା ମୁହଁରେ ଧର ନାହିଁ" ଅତି ଆବେଗରେ ଜୁଆନା କହିଲା । କିନୋ କହିଲା, "ଏହା କରିବାକୁ ହେବ । ଏହାହିଁ ସବୁଠାରୁ ଭଲକଥା ଏବଂ ଏହା ମୋର ଇଚ୍ଛା ।" ଜୁଆନାର ସେହି ଏକ ଜବାବ "ନା – ଏହା ହୋଇ ନପାରେ । ଯାହା ଘଟିବାର ଥିବ ସମସ୍ତଙ୍କୁ ଏକାବେଳକେ ଘଟୁ ।"

କିନୋ ଭଲକରି ସ୍ତ୍ରୀ ଆଡ଼କୁ ଚାହିଁଲା । ତା' ମୁହଁରେ ଗୋଟାଏ ଆଶ୍ଚର୍ଯ୍ୟ ରକମର ସୁନ୍ଦର ସୁଦୃଢ଼ ସୌମ୍ୟ ଭାବ । ଡର ଭୟର ଚିହ୍ନ ନାହିଁ ; କେବଳ ସ୍ୱାମୀଙ୍କୁ ଅନୁସରଣ କରିବାର ଦୃଢ଼ ପ୍ରତିଜ୍ଞା ସେହି ମୁହଁରେ ଫୁଟି ଦିଶୁଛି । କିନୋ ଅସହାୟ ଭାବେ କାନ୍ଧ ଝାଙ୍କିଲା, କିନ୍ତୁ ଜୁଆନା କଥାରେ ତା' ମନର ବଳ ଫେରିଆସିଲା । ଏହାପରେ ସେମାନେ ନିର୍ଘଣ୍ଟ ଭାବରେ ଯିବାକୁ ବାହାରିଲେ ।

Digitized by srujanika@gmail.com

ପାହାଡ଼ର ଉଠାଣିଆ ଅଞ୍ଚଳର ଦୃଶ୍ୟ ସ୍ୱତନ୍ତ୍ର । ସେଠାରେ ବଡ଼ ବଡ଼ ଲମ୍ବା ମାଙ୍କଡ଼ା ପଥର ବିକ୍ଷିପ୍ତ । ମଝିରେ ମଝିରେ ବଡ଼ ବଡ଼ ଫାଙ୍କ । କନୋ ସିଧା ସଳଖେ ନ ଯାଇ ଅଙ୍କେଇ ବଙ୍କେଇ ଆଗେଇଲା, ବେଳେ ବେଳେ ଗୋଟାଏ ପଥର ମୁଣ୍ଡାରୁ ଆଉ ଗୋଟାକୁ ଡେଇଁ ଡେଇଁ ଗଲା । ସେ ଜାଣିଥାଏ ଯେ ସନ୍ଧାନୀମାନେ ଯେଉଁଠାରେ ପାଦଚିହ୍ନ ନ ପାଇବେ ସେଠାରୁ ବୁଲପଡ଼ି ପୁଣି ପଛକୁ ହଟିବେ । ପୁଣି ବୃତ୍ତାକାରରେ ସେମାନେ ବୁଲି ବୁଲି ଖୋଜିବେ ; ଏଣୁ କନୋ ନିକଟରେ ପହଞ୍ଚିବାକୁ ବିଳମ୍ବ ହେବ । ଅବଶ୍ୟ ଲମ୍ବା ପଥରରେ ଚିହ୍ନ ରହିବା ସମ୍ଭବ ନୁହେଁ ; ତଥାପି ସେ ଇଚ୍ଛାକରି କାହିଁ କାହିଁ ଚିହ୍ନ ରଖି ଦକ୍ଷିଣକୁ ଖସିଯାଇ ପୁଣି ଉପରକୁ ଉଠିବାକୁ ଲାଗିଲା । ତା'ର ଉଦ୍ଦେଶ୍ୟ ସନ୍ଧାନୀମାନଙ୍କୁ ବାଟବଣା କରାଇବ । ଉଠାଣି କ୍ରମଶଃ ବେଶୀ ତୀଖ ହେବାରୁ ସେ ଧଇଁସଇଁ ହୋଇ ପଡ଼ିଲା ।

ସୂର୍ଯ୍ୟ ମୁଣ୍ଡ ଉପରୁ ତଳକୁ ଖସିଲେ । କନୋ ପାହାଡ଼ରେ ଗୋଟିଏ ଗୁଳ ଅନ୍ଧାରୁଆ ଜାଗା ଦେଖି ସେହି ଆଡ଼କୁ ମୁହାଁଇଲା । ଧୂସର ପାହାଡ଼ ଖୋଲରେ ସେ ଗୋଟିଏ ଝରଣା ଦେଖି ବଡ଼ ଉତ୍ଫୁଲ୍ଲ ହେଲା । ପାଣି ଆଶାରେ ତାଙ୍କର ଶୋଷ ଶତଗୁଣ ବଢ଼ିଗଲା । ହୁଏତ ସେହି ଦରୀ ଭିତର ଦେଇ କୌଣସି ବାଟ ଥାଇପାରେ । ତେବେ ସେଠାରେ ବିପଦ ମଧ୍ୟ ରହିବା ବିଚିତ୍ର ନୁହେଁ । ସେହି ଝରଣା କଥା ସନ୍ଧାନୀମାନେ ମଧ୍ୟ ଜାଣିଥାଇପାରନ୍ତି । ସେ ଯାହା ହେଉ, କନୋର ପାଣି ବୋତଲ ଖାଲି । ପାଣି ସଂଗ୍ରହ ନ କଲେ, ନ ଚଳେ । ସୁତରାଂ ବିପଦ କଥା ନ ଭାବି, କନୋ ସେହି ଆଡ଼େ ଧାଇଁଲା । ସୂର୍ଯ୍ୟାସ୍ତ ବେଳକୁ କନୋ ଆଉ ଜୁଆନା ଅତିଶ୍ରାନ୍ତ କ୍ଳାନ୍ତ ହୋଇ ଉଠାଣିରୁ ସେହି ଖୋଲ ଆଡ଼କୁ ଓହ୍ଲାଇଲେ ।

ଧୂସର ପଥର ପାହାଡ଼ର ଅନେକ ଉଚ୍ଚରେ ଅଥଚ ରୁକ୍ଷ ଶୃଙ୍ଗ ତଳକୁ ଏହି ଶ୍ରେଷ୍ଠ ଦରୀଟି ଅବସ୍ଥିତ । ସେଠାରୁ ପାଣି ପଥର ଉପରେ କଳ କଳ ବହୁଥାଏ । ଖରାଦିନରେ ବରଫ ତରଳିଗଲେ ପାଣି ପାହାଡ଼ ଶୃଙ୍ଗରୁ ଗଡ଼ିଆସେ; ଦରୀଟି ସେଇ ଜଳରେ ପରିପୁଷ୍ଟ । ବେଳେବେଳେ ନିଦାଘ ଖରାରେ ଏହା ଏକାବେଳକେ ମଧ୍ୟ ଶୁଖି ଯାଏ କିନ୍ତୁ ଅଧିକାଂଶ ସମୟରେ ଥଣ୍ଡା, ନିର୍ମଳ ଏବଂ ସୁମିଷ୍ଟ ଜଳ ଏଠାରେ ରହେ । କ୍ୱଚିତ କଦବା ଆଗୁଆଣୀ ବର୍ଷାରେ ଏହା ଟୁମାଟୁମ୍ ପୂର୍ଣ୍ଣ ହୋଇ ତଳକୁ ସ୍ରୋତ

Digitized by srujanika@gmail.com

ଆକାରରେ ମାଡ଼ିଯାଏ । ଅନ୍ୟ ସମୟରେ ଏହା କ୍ଷୁଦ୍ର ଜଳାଧାରଟିଏ ମାତ୍ର । ପ୍ରଥମେ ଗୋଟିଏ ଖାଲରେ ଏହାର ଉତ୍ପତ୍ତି ତା'ପରେ ଶହେଫୁଟ ତଳକୁ ପଡ଼ି ସେଠାରେ ଆଉ ଗୋଟିଏ ଖାଲରେ ଜମା ହୋଇଥାଏ । ସେଠାରୁ ପୁଣି ତଳକୁ ତଳକୁ ଖସି ପାହାଡ଼ର ସମତଳ ଅଂଶକୁ ଗଡ଼ିଆସି ନଷ୍ଟହୁଏ । ଏତେ ଉପରୁ ତଳକୁ ଖସି ଆସୁଥିବାରୁ ପାଣି ବାଷ୍ପ ହୋଇ ପବନରେ ଉଡ଼ି ଯାଉଥାଏ । ବହୁଦୂରରୁ ପଶୁପକ୍ଷୀ ଏଠାକୁ ପାଣି ପିଇବାକୁ ଆସିଥାନ୍ତି—ଛେଳି, ମେଣ୍ଢା, ହରିଣ, ପ୍ରଭୃତି ନାନା ରକମର ପଶୁ ; ପ୍ରତ୍ୟେକର ପାଣିପିଇବା ବେଳ ସ୍ୱତନ୍ତ୍ର । କିଏ ଆସେ ସକାଳେ, କିଏ ଖରାବେଳେ, କିଏ ସଞ୍ଜରେ କିଏ ଅବା ଗଭୀର ରାତିରେ । ପାଣି ବହି ଯାଉ ଯାଉ ଯେଉଁଠି ଟିକିଏ ମାଟିପାଇ ଓଦା କରି ଥାଏ, ସେଠାରେ କେତେ ପ୍ରକାର ବଣୁଆ କୋଳି ଓ ଫଳଗଛ ଜନ୍ମି ଥାନ୍ତି । ପାଣିଖାଲରେ ବେଙ୍ଗ ଓ ଅନ୍ୟାନ୍ୟ ପାଣି ପୋକ ମଧ୍ୟ ରହିଛନ୍ତି । ବଗୁଲିମାନେ ସେହି ପାଣି କୂଳରେ ଲୁଚି ଜୀବଜନ୍ତୁ ମାରି ଖାଇଥାନ୍ତି । ପାଣିପାଇଁ ଜାଗାଟି ଯେପରି ଜୀବନର ; ସେହିପରି ମରଣର ସ୍ଥାନରେ ପରିଣତ ହୋଇଅଛି । ତଳେ କଙ୍କରମୟ ମରୁପ୍ରାନ୍ତରେ ପଡ଼ି ମିଳାଇଯିବା ପୂର୍ବରୁ ପାଣିଧାରଟି ଯେଉଁ ଶେଷ ଖାଲରେ ଜମିଥାଏ ତାହା ଏକ ପଥର ଚଟାଣ ଓ ବାଲିଆ ଜାଗା । ସେ ଖାଲକୁ ଉପର ଖୋଲରୁ ଗୋଟିଏ ଅଙ୍ଗୁଳି ମୋଟର ଧାର ପଡ଼ୁଛି ; ହେଲେ, ସ୍ଥାନଟିକୁ ଶୀତଳ, ସବୁଜ ଓ ଉଦ୍ଭିଦପୂର୍ଣ୍ଣ ରଖିବା ପାଇଁ ସେତିକ ଯଥେଷ୍ଟ । ପାଣି ବେଶୀ ହୋଇ ବହି ଯାଉଥିବାରୁ ଗୋଟିଏ ନାଳ ପରି ହୋଇଯାଇଛି ଏବଂ ଦୁଇପାଖରେ ବାଲିର ବନ୍ଧ ମଧ୍ୟ ଗଢ଼ି ଉଠିଛି । ବନ୍ଧ ଉପରେ ଅସଂଖ୍ୟ ଜଳ ପିପାସୁ ପଶୁପକ୍ଷୀଙ୍କର ପଦଚିହ୍ନ ।

କିନୋ ଓ ଜୁଆନା ନାସିରେ ଥିବା ଜଳାଶୟ ପାଖରେ ପହଞ୍ଚିଲା ବେଳକୁ ସୂର୍ଯ୍ୟ ପାହାଡ଼ ପଛକୁ ଗୁଳିଯାଇଥିଲେ । ସେଠାରୁ ମରୁଭୂମି ଆରମ୍ଭ ଏବଂ ଦୂରରେ ବେଳାଭୂମି ଦେଖାଯାଉଥାଏ । ସେମାନେ ସମ୍ପୂର୍ଣ୍ଣ ପରିଶ୍ରାନ୍ତ ହୋଇ ପାଣିକୂଳରେ ପହଞ୍ଚିଲେ । ଜୁଆନା ଆଣ୍ଠେଇପଡ଼ି ପ୍ରଥମେ କୟୋଟିଟୋର ମୁହଁ ଧୋଇ ପକାଇଲା । ଏହାପରେ ପାଣିବୋତଲ ପୂର୍ଣ୍ଣ କରି ପିଲାକୁ ପିଆଇଲା । ପିଲାଟି ଅତ୍ୟନ୍ତ କ୍ଳାନ୍ତ ଏବଂ କଦଟଖାଉଆ ହୋଇ କାନ୍ଦିବାରୁ ଜୁଆନା ତାଙ୍କୁ ସ୍ତନ୍ୟ ପିଆଇଲା । ପିଲାଟି ଦୁଧ ପିଉ ପିଉ

Digitized by srujanika@gmail.com

ଥରେ ଥରେ ଟଁ ଟଁ ଶବ୍ଦ କରୁଥାଏ । କନୋ ଅତି ତୃଷାର୍ତ୍ତ ଥିବାରୁ ଅନେକ ବେଳଯାଏ ଜଳାଶୟରୁ ଆଞ୍ଜୁଳା ଆଞ୍ଜୁଳା ପାଣି ପିଇଲା । ପିଇସାରି ଖଣ୍ଡେ ପଥର ଉପରେ ପାଣିକୂଳରେ ହାତଗୋଡ଼ ଲମ୍ବାଇ ଶୋଇ କ୍ଷଣକାଳ ଜୁଆନା ପୁଅକୁ ସ୍ତନ୍ୟ ପିଆଇବାର ଦେଖିଲା । ଏହାପରେ ଉଠି ପାଣି ତଳକୁ ପଡୁଥିବା ପଥର ଖଣ୍ଡକ ଧାରକୁ ଯାଇ ଅତି ସତର୍କ ଭାବରେ ଦୂରକୁ ଅନାଇଲା । ଦୂରରେ ଗୋଟାଏ କଅଣ ଦେଖି ସେ ଛନିଆ ହୋଇ ଉଠିଲା । ପାହାଡ଼ ତଳେ ଅନେକ ଦୂରରେ ସେହି ଦୁଇ ସନ୍ଧାନୀ ଆସୁଛନ୍ତି । ଏତେ ଦୂରକୁ ସେ ଦୁହେଁ ପିମ୍ପୁଡ଼ି ପରି ଦିଶୁଛନ୍ତି ଏବଂ ତାଙ୍କ ପଛକୁ ଆଉ ଜଣେ ଜନ୍ଦା ପରି ଦିଶୁଛି ।

ଜୁଆନା, କନୋ ଆଡ଼କୁ ବୁଲିପଡ଼ି କନୋର ମୁଖ ବିକାରରୁ ସବୁ ଜାଣି ପଚାରିଲା, "କେତେ ଦୂରରେ ?"

କନୋ କହିଲା "ସେମାନେ ଏଠାରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିବ ।" ପାହାଡ଼ର ଯେଉଁ ଫାଙ୍କ ଦେଇ ଉପରୁ ପାଣି ଗଡ଼ି ପଡୁଥିଲା ସେହି ଆଡ଼କୁ ଚାହିଁ କନୋ କହିଲା "ଆମେ ପଶ୍ଚିମକୁ ଯିବା ।" ଏହା କହି ସେ ପାହାଡ଼ର ଉପର ଆଡ଼କୁ ଚାହିଁଲା । ଅଳ୍ପଦୂରରେ ସେ ଦେଖିଲା ପାଣିରେ ପଥର ଖାଇଯାଇ କେତେଗୋଟି ଗହ୍ୱର ସୃଷ୍ଟି ହୋଇ ଅଛି । ସେ ଗୋଡ଼ରୁ ଚପଲ ଫିଟାଇ ଗୋଡ଼ ଅଙ୍ଗୁଳି ଠେସି ଦେଇ ଉପରକୁ ଉଠି ସେହି ଅଗଭୀର ଗୁହାକୁ ଅନାଇଲା । ଗୁହା ଗୁଡ଼ିକ ୪।୫ ଫୁଟ ହେବ । ଏଥି ମଧ୍ୟରୁ ଗୋଟାଏ ବଡ଼ ଗୁହାରେ ସେ ପଶିଯାଇ ବୁଝିଲା ଏ ଜାଗାଟି ବାହାରକୁ ଦିଶୁନାହିଁ; ଏଣୁ ଲୁଚିବା ପାଇଁ ଖାସା ଜାଗା । ସେ ଦ୍ରୁତ ଜୁଆନା ପାଖକୁ ଫେରି "କହିଲା ତୁମେ ମଧ୍ୟ ସେଠାକୁ ଚଢ଼ିଯାଅ । ସମ୍ଭବତଃ ସେମାନେ ଆମକୁ ଦେଖି ପାରିବେ ନାହିଁ ।"

ବିନା ପ୍ରଶ୍ନରେ ଜୁଆନା ପାଣି ବୋତଲ ପୂର୍ଣ୍ଣ କରିନେଲା । କନୋ ତାଙ୍କୁ ଗୁହାଭିତରକୁ ଚଢିବା ପାଇଁ ସାହାଯ୍ୟ କଲା । ଏହାପରେ ଲୁଗା ପଟା, ଖାଇବା ବୁଜୁଳା, ସବୁ ତାଙ୍କୁ ବଢ଼ାଇଦେଲା । ଜୁଆନା ଗୁହା ମୁହଁରେ ବସି କନୋକୁ ଦେଖୁଥାଏ । କନୋ ପଦଚିହ୍ନ ଲିଭାଇବା ଚେଷ୍ଟା କରୁନଥିବାର ଜୁଆନା ଦେଖି ପାରିଲା । ପରନ୍ତୁ ପାଣି କୂଳର ଗଛରେ କନୋ ଚଢ଼ି ଡାଳ ପତ୍ର ଭାଙ୍ଗିବା ସେ ଦେଖି ପାରିଲା । ଏହାପରେ କନୋ

Digitized by srujanika@gmail.com

ଶହେଫୁଟ ଦୂରରେ ଆଉ ଗୋଟାଏ ଗଳ୍ପରେ ଚଢି ଓହ୍ଲାଇ ଆସିଲା । ସେ ଖୁବ୍ ସାବଧାନରେ ପର୍ବତର ସେ ବଡ଼ ପଥର ଖଣ୍ଡକୁ ଦେଖି ବୁଝିି ପାରିଲା ଯେ ସେଆଡ଼କୁ ଗୁହାକୁ ଯିବାର କୌଣସି ପଥ ନାହିଁ । ଶେଷକୁ ସେ ଓହ୍ଲାଇ ଆସି ଗୁହା ଭିତରେ ଜୁଆନା ପାଖକୁ ଗଲା ।

ସେ କହିଲା, "ସେମାନେ ଯେତେବେଳେ ଉପର ଆଡ଼କୁ ଯିବେ ସେତେବେଳେ ଆମ୍ଭେମାନେ ତଳକୁ ଓହ୍ଲାଇ ଯିବା । ମୋର ଏକମାତ୍ର ଭୟ କାଳେ ପିଲାଟା କାନ୍ଦି ଉଠିବ । ସେ ଯେପରି ନ କାନ୍ଦେ ତୁମେ ସେତକ ଜଗିଥାଅ ।"

ଜୁଆନା କହିଲା, "ଆମ ପୁଅ ଯେମିତି ସେମିତି ନୁହେ । ସେ ସବୁ ଜାଣେ ।"

କନୋ ଗୁହା ମୁହଁରେ ବସି ରହିଲା । ହାତ ଛକ କରି ସେଥିରେ ଓଠ ରଖି ସେ ପାହାଡ଼ର ନୀଳ ଛାଇ କ୍ରମେ ସମତଳ କଙ୍କର ଭୂମି ଆଡ଼କୁ ହଟି ଯାଉଥିବାର ଦେଖୁଥାଏ । ଛାଇଟା ଶେଷକୁ ଉପସାଗର ଆଡ଼େ ଚାଲିଗଲା ଏବଂ ଗୋଧୂଳି ଆରମ୍ଭ ହେଲା ।

କନୋ ଏମିତି କୌଶଳ କରିଥିଲା ଯେ ସନ୍ଧାନୀମାନେ ବହୁକଷ୍ଟରେ ତାହା ଖୋଜି ଖୋଜି ଝରଣାରେ ପହଞ୍ଚିଲେ । ଜଳାଧାର ପାଖରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ପାହାଡ଼ ତଟି ଚଢ଼ିବା ସମ୍ଭବ ନୁହେ ବୋଲି ଘୋଡ଼ାକୁ ଛାଡ଼ି ଦେଇ ତିନିଜଣଯାକ ଚାଲିଚାଲି ଆସିଲେ । ଦୁଇଜଣ ସନ୍ଧାନୀ ପାଣି ପିଇବା ପୂର୍ବରୁ ଜଳାଶୟ ନିକଟରେ ଏପାଖ ସେପାଖ ଧାଇଁ ବୁଲିଲେ ଏବଂ କନୋ ସେହି ତଟିରେ ଚଢ଼ିବା ଜାଣିପାରିଲେ । ରାଇଫଲ୍ ଧାରୀ ଲୋକଟି ବସିପଡ଼ି ବିଶ୍ରାମ ନେଲା । ଅନ୍ୟ ଦୁଇଜଣ ତା'ପାଖରେ ବସିଲେ । ସନ୍ଧ୍ୟାର ଅନ୍ଧକାରରେ ତାଙ୍କର ସିଗ୍ରେଟ୍ ନିଆଁ ଜଳି ଉଠୁଥାଏ ଓ ଲିଭିଯାଉଥାଏ । ଏହାପରେ ସେମାନେ ବସି ଖାଇବାର କନୋ ଦେଖିଲା । ସେମାନଙ୍କର ମୃଦୁ କଥାବାର୍ତ୍ତାର ଆବାଜ୍ ମଧ୍ୟ କନୋ ଶୁଣି ପାରିଲେ ।

ଏହାପରେ ପାହାଡ଼ ଖୋଲରେ ରାତିର ଅନ୍ଧକାର ଘୋଟିଗଲା । ପାଣି ପିଇବାକୁ ଆସିବାକୁ ଜନ୍ତୁମାନେ ମଣିଷର ଗନ୍ଧପାଇ ସେଠାରୁ ପଳାଇଗଲେ ।

Digitized by srujanika@gmail.com

କନୋ ନିଜ ପଛରେ ଅତି କ୍ଷୀଣ ଆବାଜ୍ ଶୁଣିପାରିଲା । କୟୋଟିଟୋ କାନ୍ଦି ଉଠିବାରୁ ଜୁଆନା ତା'କୁ ଆଦର କରି ଶାନ୍ତ କରାଉଥାଏ । ପିଲାଟି କାଇଁ କାଇଁ ହେଉଥାଏ ବୋଲି ଜୁଆନା ତା'ମୁହଁ ଘୋଡ଼ାଇ ପକାଇଥାଏ ।

ପାଣି କୂଳରେ ଦିଆସିଲି ଜଳିବାରୁ କନୋ ଦେଖିଲା ଦୁଇଜଣ କୁକୁର ପରି ଜାକି ହୋଇ ଶୋଇଛନ୍ତି । ତୃତୀୟ ଲୋକଟି ପହରା ଦେଉଅଛି । ରାଇଫଲ୍ ନଳୀ ଦିଆସିଲି ଆଲୁଅରେ ଚକ୍ ଚକ୍ କରୁଥାଏ । ଏହାପରେ ଦିଆସିଲି କାଠି ଲିଭିଗଲା । କନୋ ସେ ତିନିଜଣଙ୍କର ଅବସ୍ଥିତି ଭଲ ଭାବରେ ବୁଝିନେଲା । ରାଇଫଲ୍‌ଟା ଲୋକଟାର ଆଣ୍ଠୁ ମଧ୍ୟରେ ରହିଥାଏ ।

କନୋ ଧୀରେ ଧୀରେ ଗୁହା ଭିତରକୁ ଫେରିଗଲା । ତାହାର ଆଲୁଅରେ ଜୁଆନାର ଆଖି ଦୁଇଟି ଦାଉଦାଉ ହେଉଥାଏ । କନୋ ଗୁରୁଣ୍ଡିଗୁରୁଣ୍ଡି ଜୁଆନା ପାଖକୁ ଯାଇ, ତା କାନରେ କହିଲା, "ଗୋଟିଏ ମାତ୍ର ବାଟ ଅଛି ।"

"ସେମାନେ ତୁମକୁ ମାରି ପକାଇବେ" ଜୁଆନା କହିଲା । କନୋ ଜବାବ ଦେଲା, "ମୁଁ ଯଦି ପ୍ରଥମେ ରାଇଫଲ୍ ବାଲାକୁ ଧରିପାରେ, ତେବେ ସବୁ ଠିକ୍ ହୋଇଯିବ । ଅନ୍ୟ ଦୁଇଜଣ ଶୋଇ ପଡ଼ିଛନ୍ତି ।" ଜୁଆନା ଓଢ଼ଣୀ ଭିତରୁ ହାତ ବଢ଼ାଇ କନୋର ବାହୁ ଧରି କହିଲା, "ସେମାନେ ତୁମ ଧଳାଲୁଗା ନକ୍ଷତ୍ରାଲୋକରେ ଦେଖି ପାରିବେ ।"

କନୋ କହିଲା "ନା—ଜହ୍ନ ଉଇଁବା ଆଗରୁ ମୁଁ ଯିବି ।" କନୋ କିଛି ସାନ୍ତ୍ୱନାର କଥା ଚିନ୍ତାକଲା, କିନ୍ତୁ ଭାବି ନପାରି କହିଲା, "ସେମାନେ ଯଦି ମୋତେ ମାରିପକାନ୍ତି, ତେବେ ତୁମେ ଏଠାରେ ଚୁପ୍-ଚାପ୍ ପଡ଼ି ରହିବ ଏବଂ ସେମାନେ ଚାଲିଗଲା ପରେ ଲୋରେଟୋକୁ ଯିବ ।" ଜୁଆନାର ହାତ ଥରି ଉଠିଲା । କନୋ ତା'କୁ ବୁଝାଇଲା, "ଡରିଲେ ଚଳିବ ନାହିଁ । ଏହାହିଁ ଏକମାତ୍ର ବାଟ, ଆଉ ବାଟ ନାହିଁ । ସକାଳ ହେଲେ ଆମେ ସମସ୍ତେ ଧରା ପଡ଼ି ମରିବୁ ।"

Digitized by srujanika@gmail.com

ଜୁଆନ ବାଷ୍ପାକୁଳ କଣ୍ଠରେ କହିଲା, "ହେଉ, ଯାଅ, ଭଗବାନ ତୁମକୁ ରକ୍ଷାକରନ୍ତୁ ।"

କନୋ ସ୍ତ୍ରୀକୁ ଭଲକରି ଚାହିଁଲା । ଜୁଆନା ଆଖି ତରାଟି ଅନାଇଥାଏ । ଏହାପରେ କମ୍ପିତ ହସ୍ତରେ ଗଭୀର ସ୍ନେହରେ କନୋ ପୁଅ ମୁଣ୍ଡରେ ହାତ ଥୋଇଲା । ପରେ ଜୁଆନାର ଚିବୁକ ସ୍ପର୍ଶକଲା । ଜୁଆନା ନିଃଶ୍ୱାସ ବନ୍ଦକରି ରହିଥାଏ ।

ଜୁଆନା ଦେଖିଲା ଗୁହା ମୁହଁରେ କନୋ ତା'ର ଧଳା ଲୁଗାପଟା ଫିଟାଉଛି । ଚିରା ମଇଳା ହେଲେ ମଧ୍ୟ ଧଳାଲୁଗାପଟା ଅନ୍ଧାର ରାତିରେ ଜଣାପଡ଼ି ଯାଇପାରେ । ତା'ର ଶ୍ୟାମଳ ବର୍ଣ୍ଣଟା ବରଂ ଅଧିକ ଭାବରେ ସାହାଯ୍ୟ କରିବ । ଏହାପରେ ସେ ବେକ ଡେଉଁରିଆ ଡୋରିଟାକୁ ବଡ଼ ଛୁରୀଟାର ସିଙ୍ଗମୁଠାରେ ବାନ୍ଧି ଛୁରୀଟାକୁ ପଛପଟେ ଝୁଲାଇଲା । ଏଥିରେ ତାହାର ଦୁଇ ହାତ ଖାଲି ରହିଲା । କନୋ ଆଉ ଗୁହା ଭିତରକୁ ଆସିଲା ନାହିଁ । ସେ ଅନ୍ଧାରରେ ନୀରବରେ ବାହାରିଗଲା ।

ଜୁଆନା ଗୁହା ମୁହଁକୁ ଆସି ପେଚା ପରି ବାହାରକୁ ଅନାଇଲା । ତା'ପିଠିରେ କମ୍ବଳ ଘୋଡ଼ି ହୋଇ କୟୋଟିଟୋ ଶୋଇଥାଏ । କୟୋଟିଟୋର ଗାଲ ଜୁଆନାର ବେକ ପାଖରେ ଥାଏ । ପିଲାର ନିଃଶ୍ୱାସ ବାୟୁ ଜୁଆନା ଦେହରେ ଲାଗୁଥାଏ । ଜୁଆନା ମନ୍ତ୍ର ପଢ଼ି ପ୍ରାର୍ଥନା କରୁଥାଏ । ସେ ପବିତ୍ର ମେରୀ ମାତାଙ୍କର କରୁଣା କାମନା କରୁଥାଏ ।

ରାତିର ଅନ୍ଧକାର ଟିକିଏ ଊଣାହୋଇ ଆସୁଛି ବୋଲି ଜୁଆନାର ମନେହେଲା । ପୂର୍ବ ଦିଗରୁ ଥରେ ବିଜୁଳି ଚମକିଲା, ଦିଗ୍‌ବଳୟରେ ଚନ୍ଦ୍ର ଉଇଁବା ଉପରେ । ରାତିକୁ ଅନାଇ ଦେଖିଲା ପହରା ଦେଉଥିବା ଲୋକର ସିଗ୍ରେଟ୍ ନିଆଁ ।

ପାହାଡ଼ ଆଢୁଆଳରେ କନୋ ଝିଟିପିଟି ପରି ଧୀରେ ଧୀରେ ଆଗେଇଲା । ହାତର ଅଙ୍ଗୁଳିମାନ ପ୍ରସାରିତ କରି ଏବଂ ଗୋଡ଼ ଅଙ୍ଗୁଳି ପଥର ଉପରେ ଚାପି, ଛାତିକୁ ପଥର ଦେହରେ ଲଗାଇ, ସେ ଅଗ୍ରସର ହେଲା; ଗୋଟାଏ ଢେଲା ଗଡ଼ିଗଲେ କିମ୍ବା ହାତ ଖସିବା ଆବାଜ ହେଲେ ଲୋକମାନେ ଚେଇଁ ଉଠିବେ । ରାତିର ନିଜସ୍ୱ ଧ୍ୱନି ଛଡ଼ା ଅନ୍ୟ ଯେ କୌଣସି ଧ୍ୱନି ସେମାନଙ୍କୁ ସତର୍କ କରାଇ ଦେବ । ରାତି ଜନ୍ତୁ ବେଙ୍ଗ,

Digitized by srujanika@gmail.com

ଝିଙ୍କାରି, ପକ୍ଷୀ, ଝିଟିପିଟି ପ୍ରଭୃତିଙ୍କର ରବରେ ମୁଖରିତ । କନୋ ମୁଣ୍ଡରେ ଶତ୍ରୁର ସଙ୍ଗୀତ ଅତି କ୍ଷୀଣ ହୋଇଯାଇଛି, କିନ୍ତୁ ବଂଶ ସଙ୍ଗୀତ ଅତି ପ୍ରଖର, ଅତି ତୀବ୍ର, ଅତି ଭୀଷଣ ହୋଇ ଉଠିଛି । ପରିବାରକୁ ରକ୍ଷା କରିବା ପାଇଁ ସେ ଶତ୍ରୁ ଆଡ଼କୁ ଅନ୍ଧକାରରେ ଆଗେଇ ଚାଲିଛି । ଝିଣ୍ଟିକା ଓ କ.ଠ ବେଙ୍ଗର କର୍କଶ ଧ୍ୱନି ତା'କୁ ଅଧିକ ପ୍ରବର୍ତ୍ତନା ଦେଉଥାଏ । ମସୃଣ ପାହାଡ଼ ଉପରେ କନୋ ଘୁଞ୍ଚି ପରି ନିଃଶବ୍ଦରେ ଅଗ୍ରସର ହେଲା । ନିଃଶ୍ୱାସରୁ ଶବ୍ଦ ହେବ ବୋଲି ସେ ମୁହଁବାଟେ ନିଃଶ୍ୱାସ ନେଉଥାଏ । କାରଣ କିଛି ଆବାଜ୍ ପାଇଲାକ୍ଷଣି ପହରା ଦେଉଥିବା ଲୋକଟା ତା' ଆଡ଼କୁ ଅନାଇଲେ ତା'କୁ ଦେଖି ପାରିବା ସ୍ୱାଭାବିକ । ଦୀର୍ଘ ସମୟ ପରେ ସେ ତଳେ ଆସି ପହଞ୍ଚି ଅନୁଚ ତାଳ ଗଛ ପଛରେ ଠିଆ ହେଲା, ତା' ଛାତି ଧୂରୁମୁରୁ ପରି ଧଡ଼୍‌ପଡ଼୍ ହେଉଥାଏ ଏବଂ ହାତ ମୁହଁ ଝାଳରେ ଭିଜି ଯାଇଥାଏ । ସେ କିଛି କ୍ଷଣ ଦମ୍ ନେଇ ନିଜକୁ ଶାନ୍ତ କଲା ।

ଶତ୍ରୁମାନଙ୍କଠାରୁ ତା'ର ବ୍ୟବଧାନ ମୋଟେ କୋଡ଼ିଏ ଫୁଟ । ଏହା ମଧ୍ୟସ୍ଥ ଜମିଟା କପରି, ସେ ମନେ ମନେ ଭାବିନେଲା । ଧାଇଁଲା ବେଳେ ପଥର ଠୋକର ଲାଗିବନାହିଁ ତ ? ତା' ଗୋଡ଼ରେ ଖିଲ ମାରିଯାଇ ଥିବାରୁ ତା'କୁ କିଛି ଚିଡ଼ା ଚିପି କଲା । ତା' ପେଶୀଗୁଡ଼ିକ ବଧିଡ଼ା ପଡ଼ିଯାଇଥାଏ । ଚନ୍ଦ୍ର ଅତିଶୀଘ୍ର ଉଦୟ ହେବ ବୋଲି ସେ ଭୟରେ ପୂର୍ବ ଦିଗକୁ ଅନାଇଲା । ଏହା ପୂର୍ବରୁ ସେ ଆକ୍ରମଣ କରିବ । ଯେଉଁ ଲୋକଟି ବସି ପହରା ଦେଉଥିଲା, ତା'ର ମୂର୍ତ୍ତି ସେ ଦେଖି ପାରିଲା, ମାତ୍ର ଶୋଇଥିବା ଲୋକ ଦୁହିଁଙ୍କୁ ଦେଖି ପାରିଲା ନାହିଁ, ପହରା ଦେବା ଲୋକଟି ହିଁ, ତା'ର ପ୍ରଥମ ଲକ୍ଷ୍ୟ । କନୋ ଛୁରିଟା ଠିକ୍ କରି ଧରିବା ବେଳକୁ ଜହ୍ନ ଉଇଁ ଆସିଲା । କନୋ ପୁଣି ବୁଦା ପଛପଟେ ବସି ପଡ଼ିଲା । ଜହ୍ନର ମ୍ଳାନ ଆଲୋକରେ କନୋ ପହରାଦେବା ଲୋକଙ୍କୁ ସ୍ପଷ୍ଟ ଦେଖିଲା । ଲୋକଟା ଆଉ ଗୋଟାଏ ସିଗ୍ରେଟ୍ ଲଗାଇ ଜହ୍ନ ଆଡ଼କୁ ଅନାଇ ଥାଏ । ଆଉ ଡେରି କଲେ ଚଳିବ ନାହିଁ । ଲୋକଟା ଅନ୍ୟ ଆଡ଼େ ମୁହଁ ବୁଲାଇବା ମାତ୍ରେ କନୋ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇଗଲା । ଏତିକିବେଳେ ପାହାଡ଼ର ଉପର ଆଡ଼ୁ ଗୋଟାଏ ଆବାଜ୍ ଶୁଭିଲା । ପହରା ଦେଲା ବାଲା ଉଠି ଠିଆ ହୋଇ ସେହି ଆଡ଼ୁ କାନ ଡେରିଲା ।

Digitized by srujanika@gmail.com

ଶୋଇଥିବା ଲୋକ ଭିତରୁ ଜଣେ ମଧ୍ୟ ଚେଇଁ ଉଠି 'କଅଣ' ବୋଲି ପଚାରିଲା ।

ପହରା ଦେବା ଲୋକ କହିଲା, "କେମିତି କହିବି ? ପ୍ରାୟ ମଣିଷ ପିଲା କାନ୍ଦଣା ପରି ଗୋଟାଏ ଶବ୍ଦ ଶୁଣିଲି ।"

ଶୋଇଥିବା ଲୋକଟି କହିଲା "କିଛି କହି ହେବ ନାହିଁ । ହେଟା-ଚୁଆ ମଧ୍ୟ ଏମିତି ବୋବାଇ ଥାଆନ୍ତି ।"

ଏଣେ କନୋ ମୁଣ୍ଡରୁ ଗମାଗମ୍ ଝାଳ ବହିଯାଉଥାଏ । ପୁଣିଥରେ ସେହି କାନ୍ଦଣା ଶବ୍ଦ ଶୁଣାଗଲା । ଏଥର ପହରା ଦେବା ଲୋକ ପାହାଡ଼ ଉପର ଆଡ଼େ ଗୁହା ଆଡ଼କୁ ଅନାଇଲା । ସେ କହିଲା,"ହଁ, ହୁଏତ ହେଟା ଚୁଆ ହେବ ।" କନୋ ଶୁଣିଲା ଲୋକଟା ରାଇଫଲ ଘୋଡ଼ଆ ଟେକିଲା ।

ଲୋକଟି କହିଲା, "ଯଦି ହେଟାଚୁଆ ହୋଇଥିବ, ତେବେ ଏଥର ଚୁପ୍ ହୋଇଯିବ ।" ଏହା କହି ବନ୍ଧୁକ ଉଠାଇଲା ।

ବନ୍ଧୁକ ଫୁଟାଇଲା ବେଳକୁ କନୋ ଝାମ୍ପ ମାରି ସାରିଥାଏ । ବନ୍ଧୁକ ନଳୀର ଅଗ୍ନି ତା' ଦୃଷ୍ଟିରେ ପଡ଼ିଲା । ସେ ପ୍ରକାଣ୍ଡ ଛୁରୀଟା ଉଠାଇ ଲୋକଟା ଦେହରେ ଭୁଷି ଦେଇ ତା' ବେକରୁ ଛାତିଯାଏ ଚିରିଦେଲା । କନୋ ଦେହରେ ଦାନବର ପରାକ୍ରମ । ଛୁରୀଟା ଟାଣି ବାହାର କରୁଁ କରୁଁ ସେ ରାଇଫଲ ଖଣ୍ଡିକ ମଧ୍ୟ ଛଡ଼ାଇ ନେଲା । ତା'ର ବଳ, କ୍ଷିପ୍ରତା ଏବଂ ଗତି, ଅବିକଳ ଯନ୍ତ୍ରପରି ପ୍ରବଳ ହୋଇଥିଲା । ସେ ବୁଲିପଡ଼ି ଏକ ଗୋଟରେ ବସିଥିବା ଲୋକର ମୁଣ୍ଡରୁ ଫାଳେ କାଟି ପକାଇଲା । ତୃତୀୟ ଲୋକଟା ଇତ୍ୟବସରେ କଙ୍କଡ଼ା ପରି ଧୁଷୁରି ଧୁଷୁରି ପାଣିରେ ପଶିଗଲା । ଏହାପରେ ସେ ପାଣି ଝରି ପଡ଼ୁଥିବା ପଥର ଧରି ଉପରକୁ ଉଠିବାକୁ କ୍ଷିପ୍ରଭାବରେ ଚେଷ୍ଟା କଲା । ତା'ର ହାତ ଗୋଡ଼ ଲଟାରେ ଛନ୍ଦର ମନ୍ଦର ହୋଇ ଗଲାରୁ ଲୋକଟା ଏକ ପ୍ରକାର ଅସହାୟ ଚିତ୍କାର କରି ଉଠିବାକୁ ଚେଷ୍ଟା କଲା । କନୋ କିନ୍ତୁ ଇସ୍ପାତର ମଣିଷ ହୋଇଯାଇଥାଏ । ସେ ରାଇଫଲର ଘୋଡ଼ଆ ପୁଣି ଟେକି ତା'କୁ ଲକ୍ଷ୍ୟ କଲା । ଲୋକଟା ପାଣିରେ ଧପାସ୍ କରି ପଡ଼ିଗଲା । କନୋ ପାଣି କୂଳକୁ ଯାଇ ଦେଖିଲା ଦୁଇଟି ଭୟାର୍ତ୍ତ ଆଖି ମିଟିମିଟି କରୁଛି । ସେ ତା'କୁ ଲକ୍ଷ୍ୟ କରି ଗୁଳି ମାଇଲା ।

Digitized by srujanika@gmail.com

ଏହାପରେ କନୋ ଅସ୍ଥିରଭାବରେ ଠିଆହେଲା । କିଛି ଗୋଟାଏ ଭୁଲ ହୋଇଯାଇଛି, କିଛି ଗୋଟାଏ ସଙ୍କେତ ତା' ମସ୍ତିଷ୍କରେ ପଶିବାକୁ ଚେଷ୍ଟାକରୁଛି । କାଠବେଙ୍ଗ ଏବଂ ଝିଣ୍ଟିକାମାନେ ବର୍ତ୍ତମାନ ନୀରବ । ଏହାପରେ କନୋ ମଗଜରୁ ରକ୍ତ ସ୍ରୋତ କମି ଗଲାରୁ ସେ ଶୁଣିପାରିଲା ପାହାଡ଼ ପାଖ ଗୁହାରୁ କରୁଣ ସ୍ୱର—ମୃତ୍ୟୁର ଡ଼ାକ ।

ଲାପାଜ୍ ସହରରେ ପ୍ରତ୍ୟେକ ଲୋକ କନୋ ପରିବାରର ଫେରିବା କଥା ମନେ ରଖିଛନ୍ତି । ସେହି ପ୍ରତ୍ୟାବର୍ତ୍ତନ ନିଜ ଆଖିରେ ଦେଖିଥିବା କେତେ ବୁଢ଼ାବୁଢ଼ୀ ମଧ୍ୟ ଏବେଯାଏ ଅଛନ୍ତି । ଯେଉଁମାନଙ୍କର ବାପ ଅଜା ଏହି କାହାଣୀ ପୁଅ ନାତିଙ୍କୁ କହିଥିଲେ, ସେମାନେ ଏବେଯାଏ ଏକଥା ମନେ ରଖିଛନ୍ତି । ସମସ୍ତଙ୍କୁ ସବୁ କଥା ଜଣା ।

ଅପରାହ୍ଣ ଗଡ଼ିଗଲାପରେ ସାନ ସାନ ପିଲାମାନେ ଅତି ଉତ୍ତେଜିତ ଭାବରେ ଦଉଡ଼ି ଦଉଡ଼ି ସହରରେ ପ୍ରଚାର କରିଦେଲେ ଯେ କନୋ ଓ ଜୁଆନା ଫେରି ଆସୁଛନ୍ତି । ସମସ୍ତେ ତା'ଙ୍କୁ ଦେଖିବାକୁ ଧାଇଁଲେ । ସୂର୍ଯ୍ୟ ଅସ୍ତ ବେଳେ ପୂର୍ବଦିଗରେ ପାହାଡ଼ଗୁଡ଼ିକ ଲମ୍ବେଇ ହେଉଥାଏ । ସମ୍ଭବତଃ ଏହାହିଁ ସମସ୍ତଙ୍କର ମନରେ ରେଖାପାତ କରି ଦିନଟିକୁ ସ୍ମରଣୀୟ କରିଦେଲା ।

ସେ ଦୁହେଁ ଶଗଡ଼ଗୁଳା ରାସ୍ତା ଛାଡ଼ି ସହର ରାସ୍ତାକୁ ଆସିଲେ । ଏଥର ଜଣକ ପଛେ ଜଣେ ନହୋଇ ଦୁହେଁ ପାଖାପାଖି ଚାଲୁଥିଲେ । ସୂର୍ଯ୍ୟ ତା'ଙ୍କ ପଛ ପଟେ । ଏଣୁ ସାମନାରେ ପଡ଼ୁଥାଏ ଲମ୍ବା ଛାଇଗଛୁଆ ଗୁଡ଼ିକ, ସତେ ଯେପରି ଅନ୍ଧକାରର ଦୁଇଟି ସ୍ତମ୍ଭ । କନୋ ହାତରେ ଖଣ୍ଡିଏ ରାଇଫଲ ଏବଂ ଜୁଆନା କାନ୍ଧରେ ଲଦିଥାଏ ନିଜର ଓଢ଼ଣା-ଶାଲ । ସେଥିରେ ଗୁଡ଼ା ହୋଇଥାଏ ଗୋଟିଏ ସାନ ବୋକଚ୍ଚ । ଶାଲ ଖଣ୍ଡିକରେ ଶୁଷ୍କ ରକ୍ତର ଦାଗ, କିନ୍ତୁ ବୋକଚ୍ଚଟିରେ କପ୍ୟୋଟିଟୋର ଶବ । ଜୁଆନାର ମୁହଁ କଠିଣ: କ୍ଲାନ୍ତ ଏବଂ ଶୁଷ୍କ; ଦୃଷ୍ଟି ଅନ୍ତର୍ମୁଖୀ । ଜନତା ଭିତରେ ସତେ ସେ ଯେପରି ଏକାକିନୀ । ଦୃଷ୍ଟିକୁ ସହିତ ତା'ର ଯୋଗସୂତ୍ର ସତେ

Digitized by srujanika@gmail.com

ଯେପରି ଛିନ୍ନ ହୋଇଯାଇଛି । କନୋ ସ୍ତବ୍‌ଧଭାବରେ ଦାନ୍ତକାମୁଡ଼ି ଚାଲୁଥାଏ । ମନରେ ତା'ର ଭୟ ଏବଂ ସେ ନିଜେ ମଧ୍ୟ ଝିଙ୍କପରି ଭୟଙ୍କର ଦେଖାଯାଉଥାଏ । ଲୋକେ କହନ୍ତି ସେ ଦୁହେଁ ମଣିଷ ସମାଜରୁ ବହୁଦୂରକୁ ଚାଲିଯାଇଥିଲେ । ନାନା ଯନ୍ତ୍ରଣା ସହ୍ୟକରି ସେମାନେ ଅନ୍ୟ ପାଖରେ ପହଞ୍ଚିଥାଆନ୍ତି । କୌଣସି ଏକ ଦୈବ ଶକ୍ତି ତା'ଙ୍କୁ ରକ୍ଷା କରିଅଛି । ଯେଉଁମାନେ ତାଙ୍କୁ ଦେଖିବାକୁ ଧାଇଁଆସିଥିଲେ ସେମାନେ କଥା କହିବାକୁ ସାହସ ନକରି ପଛକୁ ହଟି ବାଟ ଛାଡ଼ିଦେଲେ ।

କନୋ ଓ ଜୁଆନା ସହର ଭିତରଦେଇ ଏକାନ୍ତ ନିର୍ଲିପ୍ତ ଭାବରେ ଅଗ୍ରସର ହେଲେ । ସେମାନେ ବାଁ ଡାହାଣ କେଉଁ ଆଡ଼କୁ ଅନାଇଲେ ନାହିଁ । ତା'ଙ୍କର ଦୃଷ୍ଟି ଥିଲା କେବଳ ସମ୍ମୁଖକୁ । କାଠ କଣ୍ଢାଇ ଚାଲିଲାପରି ତା'ଙ୍କର ଗୋଡ ଯୋଡ଼ାର ହେଉଥାଏ । ବଡ଼ ରାସ୍ତାରେ ମୁକ୍ତା ବେପାରିମାନଙ୍କର କୋଠା । ତାହା ଭିତରୁ ବେପାରିମାନେ ଓ ତା'ଙ୍କର ଚାକର-ବାକରମାନେ କନୋ ଏବଂ ଜୁଆନାକୁ ଦେଖୁଥିଲେ । ସେମାନେ କୋଠାପୁଞ୍ଜି ରାସ୍ତା ଛାଡି କୁଡ଼ିଆଭରା ବସ୍ତିକୁ ଆସିଲେ । ଦ୍ରୁତବେଶୀମାନେ ତା'ଙ୍କୁ ବାଟଛାଡ଼ି ଆଡ଼େଇ ଗଲେ । ଜୁଆନ୍ ଟମାସ୍ ଭାଇକୁ ଅଭ୍ୟର୍ଥନା କରିବାକୁ ହାତ ଉଠାଇଲା, ମାତ୍ର ମୁହଁ ଫିଟାଇଲା ନାହିଁ ।

କନୋ କାନରେ ବଂଶ ସଙ୍ଗୀତ ଭୀଷଣ ନିନାଦର ରୂପ ଧାରଣ କଲାଣି । କିନ୍ତୁ ତା'କୁ ବିବ୍ରତ କମ୍ପା ହସ୍ତ କରିପାରିବ ନାହିଁ । ବଂଶର ସଙ୍ଗୀତ ବର୍ତ୍ତମାନ ତା'ପକ୍ଷରେ ରଣ-ସଙ୍ଗୀତ । ସେମାନେ ନିଜର ଭସ୍ମୀଭୂତ କୁଡ଼ିଆ ପାଖଦେଇ ଗଲେ, ମାତ୍ର କୁଡ଼ିଆକୁ ଅନାଇଲେନାହିଁ । ସେମାନେ କଣ୍ଟିବୁଦା ଟପି ସମୁଦ୍ରକୂଳକୁ ଗଲେ । ସେଠି ମଧ୍ୟ କନୋର ଫୁଟା ପୋଡ଼ଉଳୁ ଚାହିଁଲେନାହିଁ ।

କେଉଁଠି କ୍ଷଣକପାଇଁ ଠିଆ ନହୋଇ କନୋ ଓ ଜୁଆନା ସମୁଦ୍ର ପାଣି ପାଖକୁ ଆସିଲେ । ଭଲକରି ଚାହିଁ ଦେଖିଲେ ସାଗରର ବିଶାଳ ଜଳରାଶି । ଏହାପରେ କନୋ ରାଇଫଲ ତଳେ ଥୋଇ ଦେଇ ନିଜ କୁରୁତା ପକେଟରୁ ସେହି ବିରାଟ ମୁକ୍ତାଟି କାଢ଼ିଲା । ସେ ତା'କୁ କ୍ଷଣକାଳ

Digitized by srujanika@gmail.com

ଚାହିଁଲା । ମୁକ୍ତାଟି ତା'କୁ ଅତି ଷଡମପୂ, କୁତ୍ସିତ ଦିଶିଲା । ମୁକ୍ତା ଭିତରେ ସୁଖସ୍ୱପ୍ନର ଛାୟା ନାହିଁ, ତା'ବଦଳରେ ରହିଛି ଜଳରେ ନିମଜ୍ଜମାନ ସନ୍ଧାମୀ ଲୋକଟିର ବ୍ୟାକୁଳ ଆଖି ; ତା'କୁ ଦିଶିଲା ଗୁମ୍ଫା ଭିତରେ ଗୁଳି ମାଡ଼ରେ ନିହତ କପ୍ଲୋଟିନୋର ଶବ — ତା' ମୁଣ୍ଡର ଖପୁରି ଉଡ଼ିଯାଇଛି । ମୁକ୍ତାର ଚାକଚକ୍ୟ ନାହିଁ, ବଡ଼ କୁତ୍ସିତ । ସେ ମୁକ୍ତାର ସେହି ଖଣ୍ଡିତ ଓ ବିକୃତ ସଙ୍ଗୀତ ଶୁଣିଥିଲା । କିନୋର ହାତ ଥରି ଉଠିଲା । ସେ ଜୁଆନା ଆଡ଼କୁ ମୁକ୍ତାଟି ବଢ଼ାଇଲା । ଜୁଆନା ପୁଅର ଶବ ବୋକଚୁଟି ଧରି ସ୍ୱାମୀ ପାଖରେ ଠିଆ ହୋଇଥାଏ । ଜୁଆନା ମୁକ୍ତାଟିକୁ ଥରେ ଚାହିଁଲା । ତା'ପରେ ସ୍ୱାମୀକୁ କହିଲା, "ନା, ତୁମେ ।"

କିନୋ ହାତ ସଙ୍କୁଚନ କରି ପାରୁପର୍ଯ୍ୟନ୍ତ ବଳରେ ମୁକ୍ତାଟିକୁ ସମୁଦ୍ର ପାଣିକୁ ଫିଙ୍ଗିଦେଲା । ଦୁହେଁ ମୁକ୍ତାଟି ପାଣିରେ ବୁଡ଼ିଯିବା ଦେଖିଲେ । ମୁକ୍ତାଟି ପାଣିରେ ପଡ଼ି ଯେଉଁଠି ଜଳୋଚ୍ଛ୍ୱାସ ଉଠାଇଲା, ସେ ସ୍ଥାନଟିକୁ ଦୁହେଁ କିଛିକ୍ଷଣ ଚାହିଁ ରହିଲେ ।

ମୁକ୍ତାଟି ସବୁଜ ପାଣି କାଟି କାଟି ସାଗରର ଅତଳ ତଳେ ଲୁଚି ଗଲା. ଏବଂ ସଙ୍ଗେ ସଙ୍ଗେ କ୍ଷୀଣରୁ କ୍ଷୀଣତର ହୋଇ ମୁକ୍ତାର ସଙ୍ଗୀତ ପବନରେ ବିଲୀନ ହୋଇଗଲା ।

Digitized by srujanika@gmail.com

-ମୁକ୍ତି-

ଓଁ ଓପର ଜଗନ୍ନାଥଙ୍କର ମନ୍ତ୍ର-ଯନ୍ତ୍ର-ତନ୍ତ୍ରମାନ ଯାହାଙ୍କ
ସ୍ଥାନ ଆଉ ନାହିଁ। କାହାଁକି ସଂସାର, ସୁନ୍ଦର ସୃଷ୍ଟିରେ, ମାନବ
ବିଧାନର ଧାର ବଦଳି ଯାଉଛି।

ମନୁଷ୍ୟ ମାତ୍ରେ କରେ ମୁକ୍ତି-କାମନା ଜୀବନ। ସେ ଯାହାକୁ
ଚାହିଁଛି ଆସୁଥିଲା ମୁକ୍ତି - ସଂସାରର ସର୍ବାଙ୍ଗସୁନ୍ଦର ମୁକ୍ତି।
ସେ ମନେ କରେ ଯେ ମୁକ୍ତିରେ ମିଳିଯାଏ ସେ
ଯାହା ଶାନ୍ତି ଓ ସୁଖ - ସ୍ତ୍ରୀ ଓ ସନ୍ତାନ ପ୍ରତିଷ୍ଠିତ ଧନ
ସମ୍ପନ୍ନ ସୁନ୍ଦର ସଂସାର।

କିନ୍ତୁ ସେଥିରେ କଣ? ସେ ଜାଣେ ବୁଝିନି,
ସଂସାରରେ ସୁଖ ଓ ଶାନ୍ତି ଧନ ବଳିଯାଏରେ
ମିଳେ ନାହିଁ। ସୁଖ ଶାନ୍ତି ଓପର ମୁକ୍ତି,
ଓପର ସର୍ବୋଚ୍ଚ ଆତ୍ମାର ମୁକ୍ତିଟିକରେ
ନଷ୍ଟେହେ କରିଥାଏ ଯାହେବ ନାହିଁ।

'ମୁକ୍ତି' ବୁଝିବାକୁ ଥିଲେ ଯଦି ଚାହୁଁଛ
ତେବେ ହେବ ନାହିଁ, ଓହ୍ଲାଇ ମାନ୍ୟତାର
ପାଇବାକୁ ହେବ ଓ ଓହ୍ଲାଇ ଦେବ
ଆତ୍ମିକ ମନରେ ଧାରଣ ରହିବାକୁ
ହେବ।

Digitized by srujanika@gmail.com